

ମିସ୍ ୟୁନିଭର୍ସ ଇଣ୍ଡିଆ ହେଲେ ମନିକା ବିଶ୍ୱକର୍ମା
ପୃଷ୍ଠା ୫

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 149 | ଭାଗ ୩୩ | ସଂଖ୍ୟା ୧୪୯ | Wednesday 20 August 2025 | Page 8 Rs. 5.00 | ● ଭୁବନେଶ୍ୱର ବୁଧବାର ୨୦ ଅଗଷ୍ଟ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


ଓଡ଼ିଶାକୁ ମୋଦିଙ୍କ ବଡ଼ ଉପହାର

# କ୍ୟାପିଟାଲ୍ ରିଙ୍ଗରୋଡ୍‌କୁ ମଞ୍ଜୁରୀ



## ୮୩୦୮ କୋଟି ଟଙ୍କାର ବଜେଟ୍

## ଓଡ଼ିଶା ହେବ 'ପୂର୍ବୋଦୟ' ଚେହେରା

## କୋଟା-ବୁନ୍ଦିରେ ଗ୍ରୀନ୍‌ଫିଲ୍ଡ ବିମାନବନ୍ଦରକୁ ଅନୁମତି

ନୂଆଦିଲ୍ଲୀ,୧୯।୮:ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏଥି ମଧ୍ୟରୁ ଗୋଟିଏ ଭୁବନେଶ୍ୱର-କଟକରେ ପ୍ରସ୍ତାବିତ ରିଙ୍ଗ୍ ରୋଡ୍‌କୁ ମଞ୍ଜୁରୀ ଅନ୍ୟତମ। ଏହାଦ୍ୱାରା ଦେଶର ଭିତ୍ତିଭୂମି ଓ ସଂଯୋଗୀକରଣକୁ ନୂଆ ଦିଗଦର୍ଶନ ମିଳିବ। ରାଜସ୍ଥାନର କୋଟା-ବୁନ୍ଦି ଜିଲ୍ଲାରେ ଏକ ନୂତନ ବିମାନବନ୍ଦର ନିର୍ମାଣ ପାଇଁ ପ୍ରସ୍ତାବକୁ ମଞ୍ଜୁରୀ ମିଳିଥିବା ବେଳେ ଏ ବାବଦରେ ମୋଟ ୧,୫୦୭ କୋଟି ଟଙ୍କା ଖର୍ଚ୍ଚ ହେବ। ଏହା କୋଟା ଓ ବୁନ୍ଦି ମଧ୍ୟରେ ଯାତ୍ରାକୁ ସହଜ କରିବା ସହ ରାଜସ୍ଥାନରେ ବିମାନ ସଂଯୋଗକୁ ମଧ୍ୟ ସୁଦୃଢ଼ ➪ପୃଷ୍ଠା-୬

## ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ଭୁବନେଶ୍ୱରରେ ରିଙ୍ଗ ରୋଡକୁ ଆଜି କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ଦେଇଥିବା ବେଳେ ଏଥିସକାଶେ ରାଜ୍ୟ ସରକାରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଓଡ଼ିଶାବାସୀ ବିଶେଷକରି ଭୁବନେଶ୍ୱର ଓ ଆଖପାଖ ଅଞ୍ଚଳବାସୀ ଏହି ପ୍ରକଳ୍ପର ସୁଫଳ ପାଇବେ ବୋଲି ପ୍ରଧାନମନ୍ତ୍ରୀ ଆଶା ବ୍ୟକ୍ତ କରି ସେମାନଙ୍କୁ ମଧ୍ୟ ଶୁଭେଚ୍ଛା ଦେଇଛନ୍ତି। ଏହି ପ୍ରକଳ୍ପ ସ୍ଥାନୀୟ ବାସିନ୍ଦାଙ୍କ ଜୀବନଶୈଳୀକୁ ସୁଗମ କରିବ ବୋଲି ମଧ୍ୟ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି 'ଏକ୍ସ'ରେ ଏକ ପୋଷ୍ଟ ମାଧ୍ୟମରେ ଆଶା ପ୍ରକଟ କରିଛନ୍ତି।

## ଧନ୍ୟବାଦ ଦେଲେ ମୋହନ



କେନ୍ଦ୍ର କ୍ୟାବିନେଟ୍ ଆଜି ଓଡ଼ିଶା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ ଅନୁମୋଦନ ଦେଇଥିବାରୁ ଏଥିସକାଶେ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି। ସେ ସୋସିଆଲ୍ ମିଡିଆ 'ଏକ୍ସ'ରେ ଏକ ପୋଷ୍ଟ ମାଧ୍ୟମରେ କହିଛନ୍ତି ଯେ ୮୩୦୭.୭୪ କୋଟି ଟଙ୍କାର ଭୁବନେଶ୍ୱର-କଟକ ରିଙ୍ଗ୍ ରୋଡ୍ ପ୍ରକଳ୍ପ ମଞ୍ଜୁର ହେବା ଫଳରେ ଏହି ରିଙ୍ଗ ରୋଡ୍ ଯୋଡ଼ିବାକୁ ଥିବା ସହରାଞ୍ଚଳର ଟ୍ରାଫିକ୍ ସମସ୍ୟାର ସମାଧାନ ➪ପୃଷ୍ଠା-୬

## ସଡ଼କ ଭିତ୍ତିଭୂମି ସୁଦୃଢ଼ରେ ଗେମ୍ ଚେଞ୍ଜର ହେବ: ଧର୍ମେନ୍ଦ୍ର



କେନ୍ଦ୍ର କ୍ୟାବିନେଟ୍ ବୈଠକରେ ୬ ଲେନ୍ ବିଶିଷ୍ଟ କଣ୍ଟ୍ରୋଲଡ୍ ଗ୍ରୀନଫିଲ୍ଡ କ୍ୟାପିଟାଲ ରିଜିଅନ ରିଙ୍ଗ୍ ରୋଡ୍ ପ୍ରକଳ୍ପ ନିର୍ମାଣକୁ ମଞ୍ଜୁର ମିଳିଥିବାରୁ ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପ୍ରଧାନ କହିଛନ୍ତି, ପ୍ରାୟ ୮,୩୦୭ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ ➪ପୃଷ୍ଠା-୬

# ସୁଦର୍ଶନ ରେଡ୍ଡୀ ଇଣ୍ଡି ମେଣ୍ଟର ଉପରାଷ୍ଟ୍ରପତି ପ୍ରାର୍ଥୀ



## ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ତଥା ଗୋଆର ପ୍ରଥମ ଲୋକାୟୁକ୍ତ ଥିଲେ

ନୂଆଦିଲ୍ଲୀ, ୧୯।୮: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିରୋଧୀଙ୍କୁ ଉପ ରାଷ୍ଟ୍ରପତି ନିର୍ବାଚନରେ ଏନଡିଏ ପ୍ରାର୍ଥୀ ସିପି ରାଧାକ୍ରିଷ୍ଣନଙ୍କୁ ସମର୍ଥନ କରିବାକୁ ଆହ୍ୱାନ କରିଥିଲେ ହେଁ ଇଣ୍ଡି ମେଣ୍ଟ ପକ୍ଷରୁ ଆଜି ବଡ଼ ଘୋଷଣା କରାଯାଇଛି। ସେପ୍ଟେମ୍ବର ୯ରେ ହେବାକୁ ଥିବା ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ବିରୋଧୀ ମେଣ୍ଟ ଇଣ୍ଡିଆ ପକ୍ଷରୁ ପ୍ରାର୍ଥୀଙ୍କ ନାଁ ଘୋଷଣା କରାଯାଇଛି। ବିରୋଧୀ ମେଣ୍ଟର ଉପରାଷ୍ଟ୍ରପତି ପ୍ରାର୍ଥୀ ହୋଇଛନ୍ତି ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ତଥା ଗୋଆର ପ୍ରଥମ ଲୋକାୟୁକ୍ତ ଜଷ୍ଟିସ ବି ସୁଦର୍ଶନ ରେଡ୍ଡୀ। ସରକାର ଓ ବିରୋଧୀଙ୍କ ପକ୍ଷରୁ ଉପରାଷ୍ଟ୍ରପତି ପ୍ରାର୍ଥୀ ଚୟନ କରାଯିବା ପରେ ଏବେ ଏହି ନିର୍ବାଚନ ରୋଚକ ହୋଇପଡ଼ିଛି। ସଂଖ୍ୟା ଖେଳରେ ଏନଡିଏ ବହୁ ଆଗରେ ରହିଥିବା ବେଳେ ବିରୋଧୀଙ୍କ ଗୋଟିଚାଳନା ଭିନ୍ନ ସଂକେତ ଦେଉଛି।

ଇଣ୍ଡି ମେଣ୍ଟ ଜଷ୍ଟିସ ରେଡ୍ଡୀଙ୍କୁ ପ୍ରାର୍ଥୀ କରିଥିବା ବେଳେ ତାଙ୍କର ଲଢ଼େଇ ଏନଡିପି ପ୍ରାର୍ଥୀ ତଥା ମହାରାଷ୍ଟ୍ରର ରାଜ୍ୟପାଳ ସିପି ରାଧାକ୍ରିଷ୍ଣନଙ୍କ ସହ ହେବ।

ଆନ୍ଧ୍ର ପ୍ରଦେଶର ରଙ୍ଗାରେଡ୍ଡୀ ଜିଲ୍ଲାରେ ଜନ୍ମ ଗ୍ରହଣ କରିଥିବା ଜଷ୍ଟିସ ରେଡ୍ଡୀ ୧୯୭୧ରେ ଆଇନଜୀବୀ ଭାବେ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ। ୧୯୪୬ ମସିହା ଜୁଲାଇ ୮ରେ ଜନ୍ମ ହୋଇଥିବା ଜଷ୍ଟିସ ରେଡ୍ଡୀ ଆନ୍ଧ୍ର ପ୍ରଦେଶ ହାଇକୋର୍ଟରେ ଆଇନଜୀବୀ ଭାବେ ପ୍ରଥମେ କାମ କରିଥିଲେ। ୧୯୯୫ରେ ତାଙ୍କୁ ପ୍ରଥମଥର ପାଇଁ ଆନ୍ଧ୍ର ହାଇକୋର୍ଟର ବିଚାରପତି ଭାବେ ➪ପୃଷ୍ଠା-୬

ପଟ୍ଟାମୁଣ୍ଡାଇ ଛାତ୍ରୀ ଆତ୍ମାହୁତି ଘଟଣା

# ଭିସେରା ରିପୋର୍ଟରୁ ପୋଡ଼ିହୋଇ ମୃତ୍ୟୁ ସ୍ପଷ୍ଟ



**କେନ୍ଦ୍ରାପଡ଼ା/ପଟ୍ଟାମୁଣ୍ଡାଇ,୧୯।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନ କାଠିଆପଡ଼ା କଲେଜ ଛାତ୍ରୀଙ୍କ ସନ୍ଦିଗ୍ଧ ଆତ୍ମାହୁତି ମାମଲାରେ ବହୁ ପ୍ରତୀକ୍ଷିତ ଏଫ୍‌ଏସ୍‌ଟି ଓ ଭିସେରା ରିପୋର୍ଟ ପୁଲିସକୁ ମିଳିଛି। ଛାତ୍ରୀଙ୍କ ମୃତ୍ୟୁର କାରଣକୁ ନେଇ ବିଭିନ୍ନ ଦିଗ ଆଡ଼କୁ ଅଙ୍ଗୁଳି ଉଠୁଥିବା ବେଳେ ମୃତ୍ୟୁର ପ୍ରାୟ ୧୩ ଦିନ ପରେ ପୁଲିସ ଏହାର କାରଣ, କେମିତି ଓ କେଉଁ ପରିସ୍ଥିତିରେ ଅଘଟଣ ହୋଇଥିଲା ତାହା ରିପୋର୍ଟରୁ ସ୍ପଷ୍ଟ ହୋଇଛି । ଛାତ୍ରୀ ଜଣଙ୍କ ଆତ୍ମହତ୍ୟା କରିଥିବା ଜଣାପଡିଛି। ଏନେଇ କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କଟାରିଆ ସୂଚନା ଦେଇଛନ୍ତି।

ପୁଲିସର କହିବା କଥା, ଛାତ୍ରୀଙ୍କ ମୃତ୍ୟୁର କାରଣ ଅଗ୍ନିକାଣ୍ଡଜନିତ ଆଘାତ। ତାଙ୍କ ଶରୀରରେ ସେ ପେଟ୍ରୋଲ ଢାଳି ନିଆଁ ଲଗାଇବା ଯୋଗୁଁ ମୃତ୍ୟୁ ହୋଇଛି । ନିଆଁ ଲାଗିବା ଯୋଗୁଁ ତାଙ୍କ ଶରୀରର ପ୍ରାୟ ୯୫% ପୋଡ଼ି ଯାଇଥିଲା। ତାଙ୍କ ଶ୍ୱସନୀ ଓ ଶ୍ୱାସନଳୀରେ କାର୍ବନ କଣିକା ମିଳିଛି, ଯାହା ମୃତ୍ୟୁର କାରଣ ଅଗ୍ନିକାଣ୍ଡ ବୋଲି ସୂଚାଉଛି। ଅଗ୍ନିରେ ଦାହ ଜନିତ ମୃତ୍ୟୁରେ ଏପରି ଶ୍ୱାସନଳୀରେ କାର୍ବନ କଣିକା ଦେଖିବାକୁ ମିଳିଥାଏ। ସେହିପରି ମୃତ୍ୟୁ ପୂର୍ବରୁ ସେ ନିଆଁ ଯୋଗୁଁ ଆଘାତପ୍ରାପ୍ତ ହୋଇଥିଲେ। ଯାହା ମୃତ୍ୟୁ ପୂର୍ବରୁ ଲାଗିଥିବା ଆଘାତଜନିତ ତଥ୍ୟ (ଆଣ୍ଟି ମୋର୍ଟମ ରିପୋର୍ଟ)ରେ ସ୍ପଷ୍ଟ ହୋଇଛି। ଅର୍ଥାତ ଅନ୍ୟ କୌଣସି କାରଣ ପାଇଁ ତାଙ୍କର ମୃତ୍ୟୁ ହୋଇନାହିଁ ଓ ଏକମାତ୍ର କାରଣ ଆତ୍ମାହୁତି ବୋଲି ପୁଲିସ କହିଛି। ସେହିପରି ଭିସେରା ରିପୋର୍ଟରେ ମଧ୍ୟ କିଛି ସୁରାକ୍ ମିଳିନାହିଁ। ବିଷକ୍ରିୟାଜନିତ ମୃତ୍ୟୁ ନେଇ କୌଣସି କାରଣ ନଥିବା ରିପୋର୍ଟରେ ଦର୍ଶାଯାଇଛି। ଦୁଇଟିଯାକ ରିପୋର୍ଟ ମିଳାଇବା ପରେ ପୁଲିସ ଛାତ୍ରୀଙ୍କ ମୃତ୍ୟୁ ଦାହଜନିତ ଥିବା ସିଦ୍ଧାନ୍ତରେ ପହଞ୍ଚିଛି। ଅନ୍ୟପକ୍ଷରେ ଘଟଣାରେ ଛାତ୍ରୀଙ୍କୁ ବ୍ଲାକ୍‌ମେଲ୍ କରିବା, ତାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ୍ କରିବା ତଥା ତାଙ୍କର ମୃତ୍ୟୁ ପାଇଁ ପୂର୍ବତନ ପ୍ରେମିକ ପ୍ରମୋଦ ➪ପୃଷ୍ଠା-୬

# କେବେ ବନ୍ଧା ହେବେ ମୁକ୍ତିକାନ୍ତ ?

ଭୁବନେଶ୍ୱର,୧୯।୮(ସଂଚାର ବ୍ୟୁରୋ): ରାଜ୍ୟ ବିଜେପିର କୁଜି ନେତା ମୁକ୍ତିକାନ୍ତ ମହାପାତ୍ରଙ୍କୁ କିଏ ଦେଉଛି ସୁରକ୍ଷା? ତାଙ୍କ ବିରୋଧରେ ଜଣେ ସାମ୍ବାଦିକ ଖାରବେଳ ନଗର ଥାନାରେ ଏଫଆଇଆର ରୁଜୁ କରିବାର ୨୪ ଘଣ୍ଟା ପରେ ବି ପୁଲିସ କାହିଁକି ଚୁପ? ବିଜେପି ନେତାଙ୍କ ପ୍ରତି ପୁଲିସର ଏଭଳି

## ଏତଲାର ୨୪ ଘଣ୍ଟା ପରେ ବି ପୁଲିସ ଚୁପ

ନରମ ମନୋଭାବକୁ ନେଇ ଉଠିଛି ପ୍ରଶ୍ନ। ସେପଟେ ସରକାରୀ ଦଳର କୁଜି ନେତାଙ୍କୁ ସୁରକ୍ଷା ଦେବାକୁ ଯାଇ ପୁଲିସ ଖୋଦ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶର ଅବମାନନା କରୁଥିବା ଅଭିଯୋଗ ହୋଇଛି।

ସାମ୍ବାଦିକଙ୍କ ସୁରକ୍ଷା ଓ ସେମାନଙ୍କୁ ସାମାଜିକ ନ୍ୟାୟ ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ୪୮ ଘଣ୍ଟା ବି ପୂରିନି। ପୁଲିସ କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଫୁଁ' କରିଦେଇଛି। ମୁକ୍ତିକାନ୍ତ ଜଣେ ବରିଷ୍ଠ ସାମ୍ବାଦିକଙ୍କୁ ଗୁଳି କରି ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ।



ଏନେଇ ବରିଷ୍ଠ ସାମ୍ବାଦିକ ସୁବୋଧ କାନୁନଗୋ ଗତକାଲି ଖାରବେଳ ନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କିନ୍ତୁ ପୁଲିସ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହିଁ। ସେପଟେ ବିଜେପି ନାଁ କହି ରାସ୍ତାରେ ଛାତିପିଟି ବୁଲୁଛନ୍ତି ଏହି କୁଜି ନେତା ଜଣଙ୍କ।

ଖାରବେଳ ନଗର ଥାନାରେ ସୁବୋଧ କାନୁନଗୋ କରିଥିବା ଅଭିଯୋଗ ଅନୁଯାୟୀ, ସେ ଗତ ତିନି ଦଶନ୍ଧି ଧରି ସାମ୍ବାଦିକତା ବୃତ୍ତି ସହ ଅଛନ୍ତି। ବିଭିନ୍ନ ସମୟରେ ସେ ଭିନ୍ନ ଭିନ୍ନ ପ୍ରସଙ୍ଗରେ ଗଣମାଧ୍ୟମରେ ନିଜ ମତ ରଖିଥାନ୍ତି। ଏହି କ୍ରମରେ ନିକଟରେ ସେ ଏକ ଦୁର୍ନୀତି ପ୍ରସଙ୍ଗରେ ଏକ ଗଣମାଧ୍ୟମରେ ନିଜର ମତାମତ ରଖିଥିଲେ। କିନ୍ତୁ ତାଙ୍କର ଏହି ମତକୁ ନେଇ ମୁକ୍ତିକାନ୍ତ ତାଙ୍କୁ ଗୁଳି କରି ମାରିଦେବାକୁ ଧମକ ଦେଇଥିବା ସେ ଅଭିଯୋଗ କରିଛନ୍ତି। ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ମୁକ୍ତିକାନ୍ତ ତାଙ୍କୁ କୌଣସି ଗଣମାଧ୍ୟମରେ ମୁହଁ ନ ଖୋଲିବାକୁ ଧମକ ଦେଇଛନ୍ତି। 'ଆଉ କେଉଁଠି ଗଣମାଧ୍ୟମରେ ଯଦି ମୁହଁ ଖୋଲୁ, ତୋ ଅବସ୍ଥା ବାରଣ୍ଡା ଦି' କଡ଼ା କରିଦେବି। ଯଦି ଦରକାର ପଡ଼େ ତୋ ଲାଶ୍‌ଟା ମୁଁ ଘରକୁ ପଠେଇଦେବି' ବୋଲି ମୁକ୍ତିକାନ୍ତ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ତାଙ୍କ ଜୀବନ ପ୍ରତି ବିପଦ ଥିବା ମଧ୍ୟ ଶ୍ରୀ କାନୁନ୍‌ଗୋ ଏତଲାରେ ଦର୍ଶାଇଛନ୍ତି। ତଥାପି ପୁଲିସ ତାଙ୍କୁ କାହିଁକି ସୁରକ୍ଷା ଦେଉନି, ସେନେଇ ପ୍ରଶ୍ନ ଉଠେଇଛନ୍ତି ସୁବୋଧ। ଯଦି ଜଗନ୍ନାଥ ପ୍ରଧାନ ନିଜେ କୌଣସି ସରକାରୀ ଅଧିକାରୀଙ୍କ ଆକ୍ରମଣ ନ କରି ଗିରଫ ➪ପୃଷ୍ଠା-୬

# ଶିଶୁ ବାଟିକା ଛାତ୍ରଛାତ୍ରୀଙ୍କୁ ମିଳିବ ମାଗଣା ୟୁନିଫର୍ମ

ଭୁବନେଶ୍ୱର,୧୯।୮(ସଂଚାର ବ୍ୟୁରୋ): ରାଜ୍ୟ ସାରା ସ୍କୁଲରେ ଶିଶୁ ବାଟିକାର ଛାତ୍ରଛାତ୍ରୀମାନଙ୍କୁ ମାଗଣା ୟୁନିଫର୍ମ ଓ ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଇବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ମିଳିଥିବା ସୂଚନାନୁଯାୟୀ, ଚଳିତ ବର୍ଷ ୩ ଲକ୍ଷ ୧୦ ହଜାର ୮୩୯ ଜଣ ଶିଶୁ ନାମ ଲେଖାଇଥିବା ବେଳେ ସେମାନଙ୍କୁ ୟୁନିଫର୍ମ, ଜୋତା, ମୋଜା, ଟି-ଶାର୍ଟ, ଟ୍ରାକ୍ ପ୍ୟାଣ୍ଟ, କ୍ୟାପ୍ ଓ ପରିଚୟପତ୍ର ପ୍ରଦାନ କରାଯିବ। ଏଥିସକାଶେ ସରକାରଙ୍କୁ ରାଜ୍ୟ ରାଜକୋଷରୁ ଅତିରିକ୍ତ ଭାବେ ୩.୧୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ତଦନୁସାରେ ଓସେପା ପକ୍ଷରୁ ସ୍କୁଲ ଓ ଗଣଶିକ୍ଷା ବିଭାଗକୁ ଚିଠି ଲେଖାଯାଇଛି। ଏଥିରେ ପ୍ରତି ପିଲାଙ୍କ ପାଇଁ ଏକ ➪ପୃଷ୍ଠା-୬

ମୋଦି-ୱାଙ୍ଗ ୟି' ଦ୍ୱିପାକ୍ଷିକ ଆଲୋଚନା

# ସୀମାରେ ଶାନ୍ତି ଓ ସ୍ଥିରତା ଉପରେ ଗୁରୁତ୍ୱ

ନୂଆଦିଲ୍ଲୀ,୧୯।୮: ଚୀନ କମ୍ୟୁନିଷ୍ଟ ପାର୍ଟିର ପଲିଟ୍ ବ୍ୟୁରୋ ସଦସ୍ୟ ତଥା ବିଦେଶ ମନ୍ତ୍ରୀ ୱାଙ୍ଗ ୟି' ସମ୍ପ୍ରତି ଭାରତ ଗସ୍ତରେ ଥିବା ବେଳେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ଉଭୟଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହୋଇଥିବା ବେଳେ ଏଥିରେ ସୀମାରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏଥିସହ ଶ୍ରୀ ୟି' ତିଆନଜିନରେ ଅନୁଷ୍ଠିତ ହେବାକୁ ଥିବା ଏସସିଓ ଶିଖର ସମ୍ମିଳନୀରେ ଯୋଗଦେବା ସକାଶେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କୁ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗ ଦେଇଥିବା ବାର୍ତ୍ତା ଓ ନିମନ୍ତ୍ରଣ ସଂକ୍ରାନ୍ତରେ ଅବଗତ କରାଇଛନ୍ତି।

## ଜିନପିଙ୍ଗଙ୍କ ନିମନ୍ତ୍ରଣ ଗ୍ରହଣ କଲେ ମୋଦି

ଏହାକୁ ମଧ୍ୟ ଶ୍ରୀ ମୋଦି ଗ୍ରହଣ କରିଛନ୍ତି। ଚୀନ ବିଦେଶ ମନ୍ତ୍ରୀ ତାଙ୍କ ଭାରତ ଗସ୍ତ ସମୟରେ ବିଦେଶ ମନ୍ତ୍ରୀ ଡକ୍ଟର ଏସ. ଜୟଶଙ୍କରଙ୍କ ସହ ଦ୍ୱିପାକ୍ଷିକ ବୈଠକ ଓ ଜାତୀୟ ନିରାପତ୍ତା ➪ପୃଷ୍ଠା-୬



# ରେଳବାଇ ଲାଗୁ କରିବ ଲଗେଜ୍ ନିୟମ

## ସର୍ବାଧିକ ଲଗେଜ୍ ଓଜନ ୭୦ କିଗ୍ରା ରହିବ

## ଯାତ୍ରୀଙ୍କ ସୁରକ୍ଷା ଓ ସୁବିଧା ପାଇଁ ସ୍ୱତନ୍ତ୍ର ପଦକ୍ଷେପ

ନୂଆଦିଲ୍ଲୀ,୧୯।୮: ଯାତ୍ରୀଙ୍କ ସୁରକ୍ଷା ଓ ସୁବିଧା ପାଇଁ ବଡ଼ ପଦକ୍ଷେପ ନେଇଛି ଭାରତୀୟ ରେଳ। ଭାରତୀୟ ରେଳବାଇ ଏବେ ଏୟାରଲାଇନ୍ସ କମ୍ପାନୀ ଭଳି ଲଗେଜ ନିୟମ ଲାଗୁ କରିବ। ଏହି ନିୟମ ଅନୁସାରେ ଏଣିକି ଆଉ ଯାତ୍ରୀମାନେ ଟ୍ରେନରେ ମନଇଚ୍ଛା ଲଗେଜ ନେଇପାରିବେନି। ବ୍ୟାଗର ଓଜନ ଅଧିକ ହେଲେ ସେମାନଙ୍କୁ ଜରିମାନା ବି ଦେବାକୁ ପଡ଼ିବ। ବିମାନ ଯାତ୍ରୀଙ୍କ ପରି ଟ୍ରେନରେ ମଧ୍ୟ ସମାନ ନିୟମ ଲାଗୁ ହେବ। ଏବେ ଯାତ୍ରୀମାନେ କେବଳ ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ଟ୍ରେନରେ ଯାତ୍ରା କରିବା ସମୟରେ ଲଗେଜ ବହନ କରିପାରିବେ। ଦେଶର କେତେକ ପ୍ରମୁଖ ରେଳ ଷ୍ଟେସନରେ ଲଗେଜ ଓଜନ ଉପରେ ଉଲ୍ଲେଖ ସୀମାକୁ କଡ଼ାକଡ଼ି ଭାବେ ଲାଗୁ କରାଯିବ। ବିମାନ କମ୍ପାନୀ ପରି ଟ୍ରେନ୍ ଯାତ୍ରା ପାଇଁ ଏହି ➪ପୃଷ୍ଠା-୬



## କାନ ଡେରିଆ

ବିଜେଡିରେ ଏବେ ମାଲିକାନା ପାଇଁ
ନେତା ଏଠି ପିଟାପିଟି
ଏତେ ବରଷର ନବୀନ ସପନ
ହେବକି ସମ୍ପୂର୍ଣ୍ଣ ମାଟି
ପାଣ୍ଡିଆନ ଖେଳେ ଗୋଟି...
କିଛି ଦିନ ପରେ ଏବେ ସେ
ତେଜିଲା
ଖେଳିବ ପୁରା କବାଡି ।

■ ଦେବାଶିଷ

# ବିଜେଡିକୁ ବଦନାମ ପାଇଁ ମୀର୍ ଜାଫରମାନେ ସକ୍ରିୟ

ଭୁବନେଶ୍ୱର,୧୯।୮(ସଂଚାର ବ୍ୟୁରୋ): ବିଜେଡି ମୁଖ୍ୟ ନବୀନ ପଟ୍ଟନାୟକ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି ହେବା ପରଠାରୁ ଦଳରେ ମୀର୍ ଜାଫରମାନେ ସକ୍ରିୟ ହେବା ସହ ଚକ୍ରବ୍ୟୂହ ରଚିଛନ୍ତି। ଦଳକୁ ବଦନାମ କରିବା ପାଇଁ ଏବେ ନବୀନଙ୍କ ନାଁରେ ମିଛ ଖବର ଛାଡ଼ିବାକୁ ବିରୋଧୀ ସହ ହାତ ମିଳାଇଥିବା ଆଲୋଚନା ହେଉଛି। ଦିନେ କାଳେ ଯେଉଁମାନେ ନବୀନଙ୍କ ଭଲ ମନ୍ଦ ବୁଝୁନଥିଲେ, ସେମାନେ ଏବେ ନବୀନଙ୍କ ନିଜର ବୋଲି ଦେଖାଇହେବାକୁ ଧାଡ଼ି ଲଗାଇଛନ୍ତି।

ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ରାଜ୍ୟବାସୀ ଚିନ୍ତିତ ଥିବା ବେଳେ ବିଜେଡିରେ କିନ୍ତୁ ଅନ୍ୟକୁ ବଦନାମ କରିବାକୁ ଏବେ ପ୍ରତିଯୋଗିତା ଚାଲିଛି। ବିଶେଷକରି ନବୀନଙ୍କ ଭଲମନ୍ଦରେ ତାଙ୍କ ପାଖେ ପାଖେ ରହି ପୁଅ ଭଳି ସେବା କରୁଥିବା ପାଣ୍ଡିଆନଙ୍କୁ ବଦନାମ ପାଇଁ ମାମଲତକାରମାନେ ଲାଗି ପଡ଼ିଛନ୍ତି। ନିଜ ନିଜ ଚେଲାଚାମୁଣ୍ଡାଙ୍କୁ ଏଥିପାଇଁ କାମରେ ଲଗାଇ ଦେଇଛନ୍ତି। ସେମାନଙ୍କ ମାଧ୍ୟମରେ ମିଛ ଖବର ଛାଡ଼ିବାରେ ଲାଗିଛନ୍ତି। ଡାକ୍ତରଖାନାରେ ନିଜର ପତିଆରା




## ବିରୋଧୀଙ୍କ ସହିତ ମିଳାଇଛନ୍ତି ହାତ

## ମିଛ ଖବର ବିରୁଦ୍ଧରେ ମୁହଁ ଖୋଲୁନାହାନ୍ତି

ଦେଖାଇବା ପାଇଁ ପାଣ୍ଡିଆନ କାହାରିକୁ ସେଠାରେ ପୂରାଇ ଦେଉନାହାନ୍ତି ବୋଲି ଅତି ଚତୁରତା ସହ ଖବର ଛାଡୁଛନ୍ତି। ତେବେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସଫେଇ ପରେ ଏମାନଙ୍କ ଗାଲରେ ଏକପ୍ରକାର ସରୁ ଚଟକଣି ବାଜିଛି।

ବିଜେଡି କର୍ମୀଙ୍କ ଆଲୋଚନା ଅନୁଯାୟୀ, ନବୀନଙ୍କ ସହ ଥିବା ଜଣେ ଦୁଇ ଜଣଙ୍କୁ ବାଦ୍ ଦେଲେ ଅନ୍ୟମାନେ ପ୍ରାୟତଃ ତାଙ୍କ ଭଲମନ୍ଦରେ କଦାପି ଭାଗୀଦାର ହୋଇନାହାନ୍ତି। ସମସ୍ତଙ୍କ ମତଲବ କ୍ଷମତାରେ। ପାଣ୍ଡିଆନ ନବୀନଙ୍କ ନିକଟତର ହେବା ପୂର୍ବରୁ ବି ଏଭଳି ଅବସ୍ଥା ଥିଲା। ତେବେ ଜଣେ ଅଣଓଡ଼ିଆ ହୋଇ ପାଣ୍ଡିଆନ ନବୀନଙ୍କ ଭଲ ମନ୍ଦ ବୁଝିବା ଏବେ ଅନେକଙ୍କ ପାଇଁ ଗାତ୍ରଦାହର କାରଣ ପାଲଟିଛି। ପ୍ରଥମେ ସେମାନେ ପାଣ୍ଡିଆନଙ୍କୁ କ୍ଷମତାଲୋଭୀ ବୋଲି କହି ଅପପ୍ରଚାର କଲେ। ହେଲେ ଯେତେବେଳେ ପାଣ୍ଡିଆନ ରାଜନୀତିରୁ ସନ୍ୟାସ ନେବା କଥା ଘୋଷଣା କଲେ, ସେତେବେଳେ ତାଙ୍କୁ ପାନେ ଦେବା ପାଇଁ ସେମାନେ ସୁଯୋଗ ଖୋଜୁଥିଲେ।

ଏବେ ନବୀନଙ୍କ ଅସୁସ୍ଥତା ମୀର୍ ଜାଫରମାନଙ୍କୁ ସେହି ସୁଯୋଗ ଆଣିଦେଇଛି। ନବୀନ କିଭଳି ସୁସ୍ଥ ହେବେ ତାହା ବୁଝିବା ବଦଳରେ ଡାକ୍ତରଖାନାକୁ କେଉଁମାନେ ଆସିବେ ଓ ପାଣ୍ଡିଆନ ଏବଂ ବିଜେଡି ବିରୁଦ୍ଧରେ କିଭଳି ଖବର ପ୍ରସାରିତ ତାହା ଉପରେ ସର୍ତ୍ତକତାର ସହ ଜୋର ଦେଉଛନ୍ତି। ଅବସ୍ଥା ଏଭଳି ହୋଇଛି ଯେ ମିଛ ଖବରରେ ବ୍ରେକ୍ ଲଗାଇବା ପାଇଁ ଖୋଦ୍ ନବୀନଙ୍କୁ ଡାକ୍ତରଖାନା ଶଯ୍ୟାରୁ ଭିଡିଓ ଜାରି କରିବାକୁ ପଡ଼ିଲା। ଭକ୍ତ ମୁହଁ ଖୋଲି ତାଙ୍କୁ ନେଇ ପ୍ରଚାରିତ ହେଉଥିବା ଖବରରେ ସତ୍ୟତା ନାହିଁ ବୋଲି ସ୍ପଷ୍ଟ କରିଥିବା ବେଳେ ବିଜେଡିର ଜଣେ ହେଲେ ଆଗଧାଡ଼ିର ନେତା ଏଭଳି ଗୁଜବ ଖବରକୁ ଖଣ୍ଡନ ନ କରିବା ଏବେ ଅନେକଙ୍କୁ ➪ପୃଷ୍ଠା-୬

# କୁମ୍ଭୀର ସହ ଲଢ଼େଇ କରି ଜୀବନ ବଞ୍ଚାଇଲା ନାବାଳକ



**ରାଜକନିକା,୧୯।୮ (ସଂଚାର ବ୍ୟୁରୋ):** କୁମ୍ଭୀର ସହିତ ନାବାଳକ ଲଢ଼ିଛି। ଦୀର୍ଘ ସମୟ ପର୍ଯ୍ୟନ୍ତ କୁମ୍ଭୀର ସହିତ ଲଢ଼େଇ କରି ନିଜକୁ ବଞ୍ଚାଇ ପାରିଛି। ଟାଣିନେବା ପାଇଁ କୁମ୍ଭୀର ଶତଚେଷ୍ଟା କରିଥିଲେ ମଧ ଏଥିରେ ବିଫଳ ହୋଇଛି। କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ ଜୟନଗର ପଞ୍ଚାୟତର ଖୁଣ୍ଟା ଗାଁ ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀକୂଳରେ ଆଜି ଏହି ଭଳି ଅଭାବନୀୟ ଘଟଣା ଘଟିଛି। ଉପକୂଳବର୍ତ୍ତୀ ଅଞ୍ଚଳରେ କୁମ୍ଭୀର ଆକ୍ରମଣ ଘଟଣା ବାରମ୍ବାର ଘଟୁଛି। କୁମ୍ଭୀରମାନେ ନଦୀର ଜଳସ୍ତର ଭିତରେ ଉପରମୁଣ୍ଡକୁ ମଧ ଯାଇ ପଶିଯାଉଛନ୍ତି। ସୂଚନା ଅନୁସାରେ ଖୁଣ୍ଟା ଗାଁର ରତ୍ନାକର ମଲ୍ଲିକ ବିଲରେ ଚାଷ କାମ କରୁଥିଲେ। ରାକେଶ ବାପାଙ୍କ ଲାଗି ବିଲକୁ ଖାଇବାକୁ ନେଇ ଯାଇଥିଲେ। ବାପାଙ୍କୁ ପାଣି ଦରକାର ପଡ଼ିଲା। ବ୍ରାହ୍ମଣୀ ନଦୀକୁ ଲାଗିଥିବା ଖୁଣ୍ଟା ଜୋରକୁ ପୁଅ ରାକେଶ ବାପାଙ୍କ ଲାଗି ପାଣି ଆଣିବାକୁ ଯାଇଥିବା ବେଳେ କୁମ୍ଭୀର ଆକ୍ରମଣ କରିଥିଲା। ରାକେଶକୁ କୁମ୍ଭୀର ଟାଣି ନେବାକୁ ଉଦ୍ୟମ କରିଥିଲା। କିନ୍ତୁ ରାକେଶ ନଦୀକୂଳରେ ଲାଗିଥିବା କେଉଟି ଗଛକୁ ଧରି ଜୀବନ ବଞ୍ଚାଇ ଥିଲା। ପୁଅର ଚିତ୍କାର ଶୁଣି ବାପା ରତ୍ନାକର ପହଞ୍ଚି ପୁଅକୁ ଗୁରୁତର ଅବସ୍ଥାରେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ପରେ କଟକ ସ୍ଥାନାନ୍ତରିତ କରାଯାଇଛି।

## ନଦୀ କୂଳରୁ ବୃଦ୍ଧଙ୍କୁ ଝାମ୍ପିନେଲା କୁମ୍ଭୀର



**ଆଳି,୧୯।୮ (ସଂଚାର ବ୍ୟୁରୋ):** ଆଳି ବ୍ଲକ୍ ଅନ୍ତର୍ଗତ ମାଣିକପାଟଣା ପଞ୍ଚାୟତର ବିଲଦାଣ୍ଡି ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି ପଞ୍ଚାନନ ଦାସ(୬୫) ବ୍ରାହ୍ମଣୀ ନଦୀ କୂଳର ମାଣିକପାଟଣା ପାଳକୁ ଗାଈ ଚରାଇବାକୁ ଯାଇଥିଲେ। ଗାଈ ଚରାଇ ସାରି ମଧାହ୍ନ ୨ଘଟିକା ୩୦ମିନିଟ୍ ସମୟରେ ନଗଡ ଘାଟ ନିକଟ ତୁଠରେ ଗାଧୋଇବା ସମୟରେ ପଞ୍ଚାନନ ଦାସଙ୍କୁ କୁମ୍ଭୀର ଝାମ୍ପି ନଦୀ ମଝିକୁ ନେଇଗଲା। ନଦୀ ତୁଠରେ ଗାମୁଛା ଓ ଚପଲ ଥୁଆ ହୋଇଥିବାର ଦେଖି ସ୍ଥାନୀୟ ଲୋକଙ୍କର ସନ୍ଦେହ ହେବାରୁ ଲୋକ ନଦୀରେ ଡଙ୍ଗା ଦ୍ୱାରା ଖୋଜାଖୋଜି କରିବା ପରେ ନଦୀରେ କିଛି ଭାସୁଥିବା ଦୃଶ୍ୟ ଦେଖି ଦମକଳ ବାହିନୀକୁ ଜଣାଇଥିଲେ। ଘଟଣାସ୍ଥଳରେ ଦମକଳ ବାହିନୀ ତୁରନ୍ତ ପହଞ୍ଚି ବହୁ ଖୋଜାଖୋଜି ପରେ ବ୍ରାହ୍ମଣୀନଦୀ ପଠାରୁ ପଞ୍ଚାନନଙ୍କ ମୃତ ଦେହ କ୍ଷତ ଅବସ୍ଥାରେ ଉଦ୍ଧାର କରାଯାଇଛି ।

## ମଦ ଦୋକାନ ସଟର ଓ ଗ୍ରୀଲ୍ ଭାଙ୍ଗି ଲୁଟ୍, ପୁଲିସର ତଦନ୍ତ ଆରମ୍ଭ



**ସାଲେପୁର,୧୯।୮(ସଂଚାର ବ୍ୟୁରୋ):** ଗତକାଲି ବିଳମ୍ବିତ ରାତ୍ରିରେ ଏକ ସରକାରୀ ସ୍ୱୀକୃତିପ୍ରାପ୍ତ ବିଦେଶୀ ମଦ ଦୋକାନର ସଟର ଭାଙ୍ଗି କେହି ଦୁର୍ବୃତ୍ତ ଦୋକାନ ଡ୍ରରେ ଥିବା ୩ଲକ୍ଷରୁ ଊର୍ଦ୍ଧ୍ୱ ନଗଦ ଟଙ୍କା ଓ ବହୁ ବିଦେଶୀ ମଦ ଚୋରି କରି ନେଇଥିବା ନେଇ ଅଭିଯୋଗ ହୋଇଛି। ପୁଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି। ଖବରରୁ ପ୍ରକାଶ ଯେ ଗତକାଲି ବିଳମ୍ବିତ ରାତ୍ରିରେ କଟକ-ସାଲେପୁର ରାସ୍ତାର ସାଲେପୁର ଷ୍ଟେଟ୍ ବ୍ୟାଙ୍କ୍ ନିକଟରେ ଥିବା ସରକାରୀ ସ୍ୱୀକୃତିପ୍ରାପ୍ତ ମଦ ଦୋକାନର ସଟର ଭାଙ୍ଗି କେହି ଦୁର୍ବୃତ୍ତ ଦୋକାନ ଭିତରେ ପ୍ରବେଶ କରି ଡ୍ରରେ ଥିବା ପ୍ରାୟ ୩ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟିନେଇଥିବାବେଳେ ମୂଲ୍ୟବାନ୍ ମଦ ମଧ ଚୋରି କରି ନେଇଥିବା ସାଲେପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ସାଲେପୁର ପୁଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସି.ସି.ଟି.ଭି. ଫୁଟେଜ୍‌ରୁ ଆଧାର କରି ପୁଲିସ ତଦନ୍ତ ଚଳାଇଛି। ଖୁବ୍ ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ସାଲେପୁର ଥାନା ଆଇ.ଆଇ.ସି. ଅନିତା ସାହୁ ପ୍ରକାଶ କରିଛନ୍ତି। ସି.ସି.ଟି.ଭି.ରୁ ଜଣାଯାଉଛି ଯେ ଏହି ଘଟଣାରେ ୩ଜଣ ଅପରାଧୀ ସମ୍ପୃକ୍ତ ଥିବାବେଳେ ସମସ୍ତେ ମୁହଁରେ କପଡ଼ା ବାନ୍ଧି ଏହି କାଣ୍ଡ ଭିଆଇଥିବା ଜଣାଯାଇଛି।

## ବେକରେ ରଶି ଲଗାଇ ଯୁବକର ଆତ୍ମହତ୍ୟା

**ସାଲେପୁର,୧୯।୮(ସଂଚାର ବ୍ୟୁରୋ):** ପାରିବାରିକ ଅଶାନ୍ତି କାରଣରୁ ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ଖବରରୁ ପ୍ରକାଶ ଯେ ସାଲେପୁର ବ୍ଲକ ଅନ୍ତର୍ଗତ କିଶୋରନଗର ଥାନା ଅଧିନ ଦ୍ୱୀପାଞ୍ଚଳରେ ଥିବା ତରିତୋ ପଞ୍ଚାୟତ ମୁର୍କୁଣ୍ଡି ଗ୍ରାମର ଅନନ୍ତ ସୂତାରଙ୍କ ପୁଅ ମୃତ୍ୟୁଞ୍ଜୟ ସୂତାର ଗତକାଲି ରାତିରେ ନିଜ ଶୋଇବା ଘରେ ବେକରେ ରଶି ଲଗାଇଦେଇଥିଲେ। ସ୍ଥାନୀୟ ଲୋକେ କବାଟ ଭାଙ୍ଗି ତାଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିବାବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପରକ୍ରିୟା ପ୍ରୀତି ପାଇଁ ତାଙ୍କ ପରିବାରରେ ଅଶାନ୍ତି ଲାଗିରହିଥିବାରୁ ସେ ଏପରି କାଣ୍ଡ ଘଟାଇଥିବା ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି। କିଶୋରନଗର ପୁଲିସ ଖବର ପାଇ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ପଠାଇଥିବା ଜଣାଯାଇଛି। ଏଠାରେ ପ୍ରକାଶ ଯୋଗ୍ୟ ଯେ ମୃତ ଯୁବକର ଜଣେ ବିବାହିତା ମହିଳାଙ୍କ ସହ ଅନୈତିକ ସମ୍ପର୍କ ଥିଲା। ଏହି ଘଟଣାକୁ ନେଇ ଯୁବକ ଓ ତାଙ୍କ ପତ୍ନୀଙ୍କ ମଧରେ ଅଧିକାଂଶ ସମୟ ଝଗଡ଼ା ଲାଗିରହୁଥିଲା। ତେଣୁ ଯୁବକ ଜଣକ ଶେଷରେ ଏଭଳି ପଦକ୍ଷେପ ନେଇଥିବା ଗ୍ରାମବାସୀମାନଙ୍କ ଠାରୁ ଶୁଣିବାକୁ ମିଳିଛି।

### କେନ୍ଦ୍ରାପଡା ପୌର ପରିଷଦ ବୈଠକ

## ଆଗକୁ ଆସୁଛି ପାର୍ବଣ, ଜରୁରୀକାଳୀନ ଭିତ୍ତିରେ ରାସ୍ତାଘାଟ ଓ ଲାଇଟ ମରାମତି ଉପରେ ଗୁରୁତ୍ୱ

**କେନ୍ଦ୍ରାପଡା,୧୯।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌର ପରିଷଦ ବୈଠକ ପୌରସଂସ୍ଥା ସମ୍ମିଳନୀ କକ୍ଷରେ ପୌର ଅଧକ୍ଷା ସରିତା ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଉପାଧକ୍ଷା ଆକବରୀ ଖାତୁନ, ସାଂସଦଙ୍କ ପ୍ରତିନିଧି ମହମ୍ମଦ ସଲିମ ଖାନ, ପୌର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରିଙ୍କ ସମେତ ସମସ୍ତ କାଉନସିଲର ଅଂଶ ଗ୍ରହଣ କରି ଆଲୋଚନା ରେ ଭାଗ ନେଇଥିଲେ । ଆଗାମୀ ଦଶହରା ଓ ଗଣପର୍ବ ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ପୌରାଂଚଳ ମଧରେ ଥିବା ରାସ୍ତାଘାଟ ର ତରନ୍ତ ମରାମତି ଉପରେ ଗୁରୁତ୍ୱ ଦିଆଯିବା ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମାନଙ୍କରେ ଥିବା ଅଚଳ ଷ୍ଟ୍ରିଟ୍ ଲାଇଟ୍ ଗୁଡିକୁ ମରାମତି କରାଯିବା ଓ ପୂର୍ବତନ ସାଂସଦଙ୍କ ଉନ୍ନୟନ ପାଣ୍ଠିରୁ ଦିଆଯାଇ ଥିବା ମିନି ହାଇମାକ୍ସ ଲାଇଟ୍ କୁ ସଂଯୋଗ କରାଯିବା ବିଷୟରେ ଆଲୋଚନା କରା ଯାଇଥିଲା । ଏହା ସହ ସାନ୍ତସାହି ପୋଲ ହନୁମାନ ମନ୍ଦିର ପାଖରେ ରାସ୍ତାକୁ ଜବରଦଖଲ କରି ବସି କ୍ଷୁଦ୍ର ପରିବା ବ୍ୟବସାୟୀଙ୍କୁ ସ୍ଥାନାନ୍ତର କରାଯାଇ କେନାଲ କୂଳରେ ବସାଇବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ । ଏହା ସହ ଅଚଳ ହୋଇ ପଡିଥିବା ଡ୍ରେନ ଗୁଡିକୁ ମରାମତି, ରାଜ୍ୟସଭା ସାଂସଦ ଦେଇଥିବା ସୋଲାର ଲାଇଟ୍‌ର ଉପଯୋଗ କରାଯିବା ଉପରେ ଆଲୋଚନା କରା ଯାଇଥିଲା । ଆୟୋଜିତ ଏହି ବୈଠକରେ ସମସ୍ତ ବିଭାଗୀୟ କର୍ମଚାରୀ ମାନେ ଉପସ୍ଥିତ ରହି ସହାୟତା କରିଥିଲେ ।

# ରାସ୍ତା ସାରା ଖାଲଖମା, ଲୋକେ ହନ୍ତସନ୍ତ



**ମହାକାଳପଡ଼ା,୧୯।୮ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ ଦଶମଉଜି ସେତୁ ନିକଟରୁ ବଡକୁଳ ମାଉଣ୍ଟ ପର୍ଯ୍ୟନ୍ତ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାର ବଡକୁଳ ମାଉଣ୍ଟ ନିକଟରେ ପ୍ରାୟ ୫୦ ମିଟର ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି।

ବିଭାଗୀୟ ଅଧିକାରୀଙ୍କ ସୂଚନା ମୁତାବକ ଏହି ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ହେଉଥିବା ବେଳେ ଏହି ୫୦ ମିଟର ରାସ୍ତାର ଜମି ଅଧିଗ୍ରହଣ ସମସ୍ୟା ଯୋଗୁ କାମ ହୋଇପାରିନଥିଲା। ଫଳରେ ଏବେ ବଡ ବଡ ଖାଲଖମା ସୃଷ୍ଟି ହୋଇ ବର୍ଷା ପାଣି ଜମି ରହି ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କ ଯାତାୟତରେ ସମସ୍ୟା ସୃଷ୍ଟି କରୁଛି। ପ୍ରତିଦିନ ଏହି ରାସ୍ତା ଦେଇ ବହୁତ ସଂଖ୍ୟାରେ ଲୋକେ ଯିବାଆସିବା କରିବା ସହିତ ଯାତ୍ରୀବାହୀ ବସ ମଧ ଯାତାୟତ କରିଥାଏ। ବିପର୍ଯ୍ୟସ୍ତ ହୋଇପଡିଥିବା ଏହି ରାସ୍ତାର ତୁରନ୍ତ ମରାମତି କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## 'ସଂଚାର' ପ୍ରଭାବ ନଷ୍ଟ ନଳକୂପର ମରାମତି ଆରମ୍ଭ



**ମହାକାଳପଡ଼ା,୧୯।୮ (ସଂଚାର ବ୍ୟୁରୋ):** 'ସଂଚାର'ରେ ଖବର ପ୍ରକାଶ ପରେ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ନଳକୂପର ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ନଳକୂପର ଶରୀର ଯାହା ଜରି ଅଖା ଗୁଡ଼ା ହୋଇଥିଲା ତାହାକୁ କଢ଼ା ଯାଇ ନୂଆ ସରଞ୍ଜାମ ଲଗାଯାଇଛି।

ମହାକାଳପଡ଼ା ବ୍ଲକ ଅଧୀନ ଦେଉଳ ପଡ଼ା ପଞ୍ଚାୟତ ଅନ୍ତର୍ଗତ ଦେଉଳ ପଡା ଗ୍ରାମର ପଣ୍ଡା ସାହି ନିକଟରେ ଏହି ନଳକୂପ ବିପର୍ଯ୍ୟସ୍ତ ହୋଇପଡିଥିଲା। ଦେହସାରା କଳଙ୍କି ଲାଗିବା ସହିତ ଜରି ଅଖା ବସ୍ତାରେ ନଳକୂପ କୁ ବନ୍ଧା ଯାଇଥିଲା। ଏମିତି ପରିସ୍ଥିତିରେ ଲୋକେ ଏହି ନଳକୂପରୁ ପାଣି ସଂଗ୍ରହ କରୁଥିଲେ। ଯାହା ସେମାନଙ୍କ ସ୍ୱାସ୍ଥ୍ୟକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି ବୋଲି ଲୋକେ ଅଭିଯୋଗ କରିଥିଲେ। ଏନେଇ ଅଗଷ୍ଟ ୧୮ ରେ "ବିପର୍ଯ୍ୟସ୍ତ ହୋଇପଡିଛି ନଳକୂପ" ଶୀର୍ଷକ ଖବର ଦୈନିକ ଖବରକାଗଜ ସଂଚାର ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ବିଭାଗୀୟ ତତ୍ପରତା ପ୍ରକାଶ ପାଇଛି। ବିଭାଗ ତରଫରୁ ସରପଞ୍ଚଙ୍କୁ ନଳକୂପ ମରାମତି ପାଇଁ ନିର୍ଦ୍ଦେଶ ମିଳିବା ପରେ ନଳକୂପର ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ପୁରୁଣା ନଳକୂପ ଶରୀରକୁ କଢ଼ା ଯାଇ ନୂତନ ସରଞ୍ଜାମ ଲଗାଯାଇଛି।

### ଯୁବକଙ୍କୁ ପିଟି ପିଟି ମାରିଦେଲେ

## ଥାନା ସମ୍ମୁଖରେ ଶବ ରଖି ଧାରଣା ଦେଲେ ପରିବାର



**କେନ୍ଦ୍ରାପଡ଼ା,୧୯।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ନିକିରାଇ ଥାନା ଅନ୍ତର୍ଗତ ନହଙ୍ଗ ଗ୍ରାମପାୟତର ଜଗନ୍ନାଥପୁର ଗ୍ରାମରେ ଜଣେ ଯୁବକଙ୍କୁ ପିଟିପିଟି ହତ୍ୟା କରାଯାଇଛି। ହତ୍ୟାର ଶିକାର ଯୁବକଙ୍କ ନାମ ହେଉଛି ନୃସିଂହ ସେଠୀ । ନୃସିଂହଙ୍କୁ ସଂଘବଦ୍ଧ ଭାବେ ଲୁହା ରଡ ଓ କାଠ ଫାଳିଆରେ ଆକ୍ରମଣ କରାଯାଇଛି । ପୂର୍ବ ଶତ୍ରୁତାରୁ ଏହି ହତ୍ୟା ଘଟଣା ଘଟିଥିବା ପୁଲିସ ସୂଚନା ଦେଇଛି । ନୃସିଂହଙ୍କ ପରିବାର ଲୋକେ ନିକିରାଇ ଥାନା ସମ୍ମୁଖରେ ମୃତଦେହ ରଖି ଅପରାଧୀମାନଙ୍କୁ ଗିରଫ କରିବା ପାଇଁ ଦାବି କରିଥିଲେ । ପୁଲିସ ଜଗନ୍ନାଥପୁର ଗ୍ରାମରେ ଚଢ଼ଉ କରି ୮/୧୦ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି । ଏହି ଘଟଣା ପରେ ଜଗନ୍ନାଥପୁର ଗ୍ରାମ ଏବେ ପୁରୁଷ ଶୂନ୍ୟ ହୋଇଯାଇଛି । ନୃସିଂହଙ୍କ ପତ୍ନୀ ଉର୍ମିଳା ଏତଲାରେ ଦର୍ଶାଇଛନ୍ତି ତାଙ୍କ ସ୍ୱାମୀ ବଜାରରୁ ଘରକୁ ଫେରିବା ସମୟରେ ସେହି ଗ୍ରାମର ନିରଞ୍ଜନ ସେଠୀ, ଲିପୁନା ସେଠୀ, ଭିକାରୀ ସେଠୀ, କ୍ଷୀରୋଦ ସେଠୀ, ମେଘନାଦ ସେଠୀ ପ୍ରମୁଖ ଲୁହା ରଡ ଓ କାଠ ଫାଳିଆରେ ଆକ୍ରମଣ କରିଥିଲେ । ଏହାପରେ ମାନସୀ ସେଠୀ, ଦିପ୍ତିମୟୀ ସେଠୀ, କବିତା ସେଠୀ, ଅନିତା ସେଠୀ, ସକୁନ୍ତଳା ସେଠୀ, ଅରୁଣୀବାଳା ସେଠୀ, ବିଜୁଳି ସେଠୀ, ସୁଷମା ସେଠୀ ପ୍ରମୁଖ ତାଙ୍କ ଉପରେ ଲଙ୍କାଗୁଣ୍ଡ ପାଣି ଢାଳିଥିଲେ । ଫଳରେ ସେ ଗୁରୁତର ହୋଇ ପଡିଥିଲେ। ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ସ୍ୱାସ୍ଥାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି । ମୃତ୍ୟୁ ପରେ ପରିବାର ଲୋକେ ନୃସିଂହଙ୍କ ଶବକୁ ଥାନା ସମ୍ମୁଖକୁ ଆଣି ଧାରଣା ଦେଇଥିଲେ ।

## ରାଜକନିକା ବ୍ଲକରେ ଜିଏସ୍‌ଟି ଠକେଇ

**ରାଜକନିକା,୧୯।୮(ସଂଚାର ବ୍ୟୁରୋ):** ରାଜ୍ୟ ସରକାର ପ୍ରତ୍ୟେକ ଦିନ ସାଧାରଣ ଲୋକଙ୍କ ପାଇଁ ଅନେକ ଯୋଜନାମାନ କରୁଥିବା ବେଳେ ଟିକସକୁ ସରଳ କରି ଜିଏସଟି ଲାଗୁ କରି ଆର୍ଥିକ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବାକୁ ଆପ୍ରାଣ ଚେଷ୍ଟା କରୁଥିବା ବେଳେ ରାଜକନିକା ବ୍ଲକ ପ୍ରଶାସନ କିନ୍ତୁ ଏହି ନିୟମର ଗଳା ବାଟ ଦେଇ ବଡ଼ ଧରଣର ଠକେଇ କରିଥିବା ସୂଚନା ଅଧିକାର ଆଇନ ବଳରେ ମିଳିଥିବା କେତେକ ଉନ୍ନୟନ କାମ ବିଲର ସାମଗ୍ରୀ କିଣା ରସିଦରେ ସ୍ପଷ୍ଟ ହୋଇଛି । ଦୁର୍ଭାଗ୍ୟ କଥା ହେଉଛି ରାଜକନିକା ବ୍ଲକର ଦାନା ବାତ୍ୟା ମରାମତି, ୫ଟି ଏବଂ ବିକଶିତ ଗାଁ ବିକଶିତ ଓଡିଶା ଯୋଜନାର ବିଭିନ୍ନ ପ୍ରକଳ୍ପ ଜିଏସଟି ବିଲ ରେ ବଡ଼ ଧରଣର ଠକେଇ ସାମ୍ନାକୁ ଆସୁଛି । ସୂଚନାଯୋଗ୍ୟ ଯେ ବ୍ଲକର ବିଭିନ୍ନ ଉନ୍ନତି ପାଇଁ ଯେଉଁ କାମ ଗୁଡିକ କରାଯାଇଛି, ତାହାର କାର୍ଯ୍ୟାଦେଶ ଯନ୍ତ୍ରୀ ମାନଙ୍କ ନାମରେ ରହିଥିବା ବେଳେ ଏହି କାମ ଗୁଡିକ ପ୍ରକୃତରେ ଦଳୀୟ ତଥାକଥିତ ଭୋଟ ସଂଗ୍ରହକାରୀ ଏଜେଣ୍ଟ ରୂପକ ଠିକାଦାର ମାନଙ୍କ ଦ୍ୱାରା କରାଯାଉଛି । ହେଲେ ଏହି ସବୁ କାମରେ କନିଷ୍ଠ ଯନ୍ତ୍ରୀମାନେ ସେ ସବୁ କାର୍ଯ୍ୟ କରୁଥିବା ବେଳେ ଏବଂ ସେହି କାର୍ଯ୍ୟକୁ ତଦାରଖ କରୁଛନ୍ତି ବ୍ଲକର ସହକାରୀ ଯନ୍ତ୍ରୀ । ହେଲେ ରାଜକନିକା ବ୍ଲକରେ ଉପରୋକ୍ତ ଯୋଜନାରେ କୋଟି କୋଟି ଟଙ୍କାରେ କାର୍ଯ୍ୟ ହୋଇଥିଲେ ମଧ ସରକାର ନିୟମ ମୁତାବକ ଏହି ସବୁ କାମରେ ବ୍ୟବହୃତ ସାମଗ୍ରୀ କିଣା ଯାଇଥିବା ଏଜେନ୍ସି, ଦୋକାନ ଗୁଡିକର ନାଁ ଏବଂ ଜିଏସଟି ନମ୍ବର ଦେଇ ମିଥ୍ୟା ବିଲ ଦେଇଥିବା ଜଣାପଡୁଛି। ତେବେ ରାଜକନିକା ବ୍ଲକର ଅଧିକାଂଶ କାମରେ ପ୍ରଦାନ କରାଯାଇଥିବା ଜିଏସଟି ବିଲରୁ ସମସ୍ତ ସରକାରୀ ଯୋଜନାର ଅସଲ ରୂପକୁ ପଦାରେ ପକାଇଛି ।

## ନାର୍ବାଡ ଦ୍ୱାରା ଚାଷୀଙ୍କୁ ସଚେତନତା କାର୍ଯ୍ୟକ୍ରମ

**କେନ୍ଦ୍ରାପଡା,୧୯।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ନାର୍ବାଡ ଦ୍ୱାରା କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ଅଧିନରେ ଥିବ କେନ୍ଦ୍ରାପଡା ଓ ଡେରାବିଶ ବ୍ଲକର ସମସ୍ତ ସଂପାଦକ ଓ ଚାଷୀ ମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ନାର୍ବାଡ ଅଧିକାରୀ ଡ଼ଃ ସ୍ମିତା ବଡଜେନାଙ୍କ ଅଧକ୍ଷତା ରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶରତ ମଲିକ, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ଼ଃ ଅରବିନ୍ଦ ଦାସ, କୃଷି ଉଦ୍ୟାନ ସହକାରୀ ଉପ ନିର୍ଦ୍ଦେଶକ ଦେବଦାସ ଦତ, ଏଲଡିଏମ୍ କମଳାକାନ୍ତ ମାଝି, କଟକ କେନ୍ଦ୍ର କୋ-ଅପରେଟିଭ ବ୍ୟାଙ୍କର ପରିଚାଳକ ତାପସ ପ୍ରସାଦ ସିଂହ, ପ୍ରଦିପ୍ତ ରଂଜନ ସାହୁ ପ୍ରମୁଖ ଉପସ୍ଥିତ ରହି ଚାଷୀ ମାନଙ୍କୁ ବାୟୋ ଭିଲେଜ, ନାଚୁରାଲ ଫାର୍ମି, ଅରଗାନିକ ଫାର୍ମି, ହର୍ଟିକଲଚର କର୍ପ, ଜଳବାୟୁ ପରିବର୍ତନ ଚାଷ ସମ୍ବନ୍ଧୀୟ ପ୍ରଶିକ୍ଷଣ ପ୍ରଦାନ କରାଯାଇ ଥିଲା । କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଚାଷୀ ଓ ସୋସାଇଟ୍ ସଂପାଦକ ପ୍ରମୁଖ ଉପସ୍ଥିତ ଥିଲେ ।

### ତେର ଗାଁ ଘାଟରେ ମଦ୍ୟପଙ୍କ ଉପଦ୍ରବ ଘଟଣା

## ପଦକ୍ଷେପ ନେବାକୁ ଏସ୍‌ପିଙ୍କୁ ଗୃହ ବିଭାଗର ନିର୍ଦ୍ଦେଶ



**ମହାକାଳପଡ଼ା,୧୯।୮(ସଂଚାର ବ୍ୟୁରୋ):** ତେର ଗାଁ ଫେରିଘାଟରେ ମଦୁଆଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ଯାହାଫଳରେ ଯାତ୍ରୀ ନିଜକୁ ଅସୁରକ୍ଷିତ ମଣୁଛନ୍ତି। କଲେଜ ପଢୁଆ ଝିଅ ମଧ ବାଦ୍ ପଡୁ ନାହାଁନ୍ତି। ଭରା ନଦୀରେ ବିପଦପୂର୍ଣ୍ଣ ଭାବେ ଘାଟିଆ ଲୋକଙ୍କୁ ନଦୀ ପାର୍ କରୁଛନ୍ତି। ଯାହାଫଳରେ ଲୋକଙ୍କ ଜନଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ଏମିତି ଏକ ସମ୍ବେଦନଶୀଳ ଘଟଣା ଗତ ୧୩ ଅଗଷ୍ଟ ବୁଧବାର ଦିନ ମହାକାଳପଡ଼ା - ତେର ଗାଁ ଘାଟରେ ଦେଖିବାକୁ ମିଳିଥିଲା। ମହାକାଳପଡ଼ା ପଟରୁ ତେର ଗାଁ ଘାଟକୁ ଡଙ୍ଗା ଯାଉଥିବା ସମୟରେ କିଛି ମଦ୍ୟପ ବ୍ୟକ୍ତି ଜଘନ୍ୟ କାଣ୍ଡ ଘଟାଇଥିଲା। ମଦ୍ୟପ ଡଙ୍ଗାର ଇଞ୍ଜିନ ନିୟନ୍ତ୍ରଣ କରିବାକୁ ଥିବା ହ୍ୟାଣ୍ଡେଲକୁ ମୋଡ଼ିବା ସହିତ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବାରୁ ମଝି ନଈରେ ଡଙ୍ଗା ଦୋହଲିବାକୁ ଲାଗିଥିଲା। ଘଟଣା ପ୍ରସାରିତ ହେବା ପରେ ମହାକାଳପଡ଼ା ବିଡ଼ିଓ ତେର ଗାଁ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ତଦନ୍ତ କରି ଫେରି ଘାଟ ନିଲାମ ଆଇନ ଉଲଙ୍ଘନ ଓ ବିନା ଲାଇଫ ଜ୍ୟାକେଟରେ ଘାଟ ଚଳାଇବା ପାଇଁ ନିଲାମ କାରୀଙ୍କୁ ମୋଟା ଅଙ୍କର ଆର୍ଥିକ ଦଣ୍ଡରେ ଦଣ୍ଡିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ପ୍ରକାଶିତ ଖବରକୁ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ସଦସ୍ୟ ସୁବ୍ରତ ସେଠୀ "X" ଜରିଆରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଗୁରୁତର ସହ ନେଇ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବାକୁ କେନ୍ଦ୍ରାପଡ଼ା ଆରକ୍ଷୀ ଅଧିକ୍ଷକଙ୍କୁ ଗୃହ ବିଭାଗ ତରଫରୁ ନିର୍ଦ୍ଦେଶ ଦିଆଯାଇଛି। ଘଟଣାରେ କେନ୍ଦ୍ରାପଡ଼ା ଏସ୍ପି କଣ ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

## ବିଜେଡି ପକ୍ଷରୁ ୮ଘଣ୍ଟିଆ ସାଲେପୁର ବନ୍ଦ




**ସାଲେପୁର,୧୯।୮(ସଂଚାର ବ୍ୟୁରୋ):** ଆଜି ସାଲେପୁରକୁ ଏନ୍.ଏ.ସି. ମାନ୍ୟତା ପ୍ରଦାନ କରାନଯିବା ପ୍ରତିବାଦରେ ସାଲେପୁର ବିଜେଡି ପକ୍ଷରୁ ସାଲେପୁର ବନ୍ଦ ଡାକରା ଦିଆଯାଇଥିଲା। ଏହି ୮ଘଣ୍ଟିଆ ବନ୍ଦ ଡାକରା ପରିପ୍ରେକ୍ଷୀରେ ସାଲେପୁର ଅଞ୍ଚଳରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଥିବାବେଳେ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ କଲେଜ ବ୍ୟାଙ୍କ୍ ବନ୍ଦ ହେବା ସହ ଦୋକାନ ବଜାର ବନ୍ଦ କରାଯାଇଥିଲା। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ଆଜି ଶତାଧିକ ବିଜେଡି କର୍ମୀ କଟକ -ସାଲେପୁର ରାସ୍ତାର କୁଆଁପାଳ ଛକ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ନାରାବାଜୀ କରିଥିଲେ। ଯଦି ସରକାର ତୁରନ୍ତ ସାଲେପୁର ଅଞ୍ଚଳକୁ ଏନ୍.ଏ.ସି. ମାନ୍ୟତା ପ୍ରଦାନ ନକରନ୍ତି, ତେବେ ଆଗାମୀଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସାଲେପୁର ବିଧାୟକ କହିଥିଲେ।

## ଉନ୍ନୟନ ମୂଳକ ବୃହତ ଯୋଜନା ଅଗ୍ରଗତିର ସମୀକ୍ଷା

**କେନ୍ଦ୍ରାପଡା,୧୯।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାରେ ଚାଲିଥିବା ବୃହତ ଯୋଜନା ଗୁଡିକର ଅଗ୍ରଗତି ସଂପର୍କରେ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସହ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ତାଙ୍କ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଗୁଡିକ ସଂପର୍କରେ ଆଲୋଚନା କରିଥିଲେ। ଯେଉଁ ପ୍ରକଳ୍ପ ଗୁଡିକର କାର୍ଯ୍ୟ ମନ୍ଥର ଗତିରେ ଚାଲିଛି ସେଥିରେ ରାଜସ୍ୱ ବିଭାଗ, ପୁଲିସ ବିଭାଗ ଓ ଖଣି ବିଭାଗର ସହଯୋଗ ଆବଶ୍ୟକ ଥିବା ଦର୍ଶାଇ ଜିଲ୍ଲାପାଳ ଉପସ୍ଥିତ ଅଧିକାରୀ ମାନଙ୍କୁ ଆବଶ୍ୟକୀୟ ସହଯୋଗ କରିବାକୁ ଗୁରୁତ୍ୱାରୋପ କରିଥିଲେ। ପ୍ରକଳ୍ପ ଗୁଡିକ ଧାର୍ଯ୍ୟ ସମୟରେ ସଂପୂର୍ଣ୍ଣ କରିବା ପାଇଁ ସମସ୍ୟାରେ ମିଳିତ ସମାଧାନ ସମସ୍ତ ଅଧିକାରୀ ସହଯୋଗ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯଥା-ଅଧିକୃତ ଜମିର ମାପ ଅବରୋଧ ମୁକ୍ତ କରିବା, ଅତ୍ୟାବଶ୍ୟକୀୟ ସେବା ବିଦ୍ୟୁତ୍, ପାନୀୟ ଜଳ ଯୋଗାଣ ଏବଂ ମାଟି ତଳେ ଯାଇଥିବା ଆବଶ୍ୟକୀୟ କେବୁଲ ଗୁଡିକୁ କାର୍ଯ୍ୟ ସମୟରେ ଯେପରି କୌଣସି କ୍ଷତି ନ ପହଁଚେ ସେଥିପ୍ରତି ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।

### ଆଳି ଏକମାଣିଆରେ ମଇଁଷି ମୃତ୍ୟୁ ଘଟଣା

## ଜିଲ୍ଲାପାଳଙ୍କୁ ଭେଟିଲେ ଯାଦବ ମହାସଭା ନେତୃମଣ୍ଡଳୀ



**କେନ୍ଦ୍ରାପଡ଼ା,୧୯।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ଏକମାଣିଆରେ ବ୍ରାହ୍ମଣୀ ନଦୀର ଏକ ଶାଖା ପାଟନାଳିରେ ପାର ହୋଇ ଅପରପାର୍ଶ୍ୱକୁ ଯାଉଥିବା ସମୟରେ ଏକା ସାଙ୍ଗରେ ୭୩ ରୁ ଊର୍ଦ୍ଧ୍ୱ ମଇଁଷିଙ୍କର ମୃତ୍ୟୁ ଘଟିଛି। ଘଟଣାକୁ ତିନିଦିନ ହୋଇଯାଇଥିଲେ ମଧ ଏପର୍ଯ୍ୟନ୍ତ କେମିତି ଏତେ ସଂଖ୍ୟକ ମଇଁଷିଙ୍କର ମୃତ୍ୟୁ ଘଟିଲା ସେ ଉପରେ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ଆସିପାରୁ ନାହିଁ। ତେଣୁ ଜଙ୍ଗଲ ବିଭାଗ, ପଶୁ ସମ୍ପଦ ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ କମିଟି ଗଠନ କରାଯାଇ ଏଇ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉ ବୋଲି ସର୍ବଭାରତୀୟ ଯାଦବ ମହାସଭା ଯୁବ ସଭାପତି ଇଂ ପ୍ରଦୀପ ବେହେରା, ଉତ୍କଳ ଯାଦବ ମହାସଭା ଯୁବ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ଦାସ, ଉତ୍କଳ ଯାଦବ ମହାସଭା ଯୁବ ସଭାପତି ଅମର ନାୟକ, କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ପ୍ରଭାକର ପଲାଇ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ମନୋଜ ପରିଡ଼ା, ଧିରେନ୍ଦ୍ର ପୃଷ୍ଟି, ଜିଲ୍ଲା ସାଧରଣ ସମ୍ପାଦକ ଚିନ୍ମୟ ଦାସ, ଜିଲ୍ଲା ମହିଳା ସଭାନେତ୍ରୀ ମିନତୀ ଦାସ, ଜିଲ୍ଲା ଯୁବ ସାଧରଣ ସମ୍ପାଦକ ଲୋକନାଥ ଦାସ, କେନ୍ଦ୍ରାପଡ଼ା ବ୍ଲକ ସଭାନେତ୍ରୀ ରୀନାରାଣୀ ଦାସ, ଯୁବ କାର୍ଯ୍ୟକାରୀ ସଭାପତି ଧିରେନ ଦାସଙ୍କ ସମେତ ଜିଲ୍ଲା ଯାଦବ ମହାସଭାର ଶତାଧିକ ସଦସ୍ୟ ସଦସ୍ୟା ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିବା ସହ ଯେଉଁ ଚାଷୀମାନେ ସେମାନଙ୍କ ମଇଁଷିଙ୍କୁ ହରାଇଛନ୍ତି ସେମାନଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୫୦ ଲକ୍ଷ୍ୟ ଟଙ୍କାର ସହାୟତା ପ୍ରଦାନ କରାଯିବାକୁ ଦାବି କରିଛନ୍ତି।

## ଶିକ୍ଷକଙ୍କ ବିରୁଦ୍ଧରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ

- କାର୍ଯ୍ୟାନୁଷ୍ଠାନ ନିଅ, ନଚେତ ୨୬ରୁ ଅନଶନ

**ରାଜନଗର,୧୯।୮(ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ବଗପାଟିଆସ୍ଥିତ ପଞ୍ଚୁବରାହୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଉପେନ୍ଦ୍ର କୁମାର ସାହୁ ସାତଭାୟା ଗ୍ରାମ୍ୟ କମିଟିର ମୁରବି ମାନଙ୍କୁ ଦୁର୍ବ୍ୟବହାର କରିଥିବାର ଅଭିଯୋଗ ହୋଇଛି। ଆଜି ବଗପାଟିଆଠାରେ ବିସ୍ଥାପିତ ସାତଭାୟା ଗ୍ରାମପଞ୍ଚାୟତର ଅଭିଭାବକ ମାନେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇବା ସହିତ ୭ ଦିନ ଭିତରେ କାର୍ଯ୍ୟନୁଷ୍ଠାନ ନନେଲେ ୨୬ ତାରିଖ ଦିନ ବିଦ୍ୟାଳୟ ସମୁଖରେ ଅନଶନରେ ବସିବେ ବୋଲି ଜଣାଇଛନ୍ତି। ଅଭିଯୋଗ ମୁତାବକ ଚଳିତ ମାସ ୧୫ ତାରିଖ ଦିନ ସ୍ୱାଧୀନତା ଦିବସ ପାଳନ ପୂର୍ବରୁ ବିଦ୍ୟାଳୟରେ ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଉପସ୍ଥିତିରେ ସାତଭାୟା ଗ୍ରାମ୍ୟ କମିଟିର ମୁରବି ମାନଙ୍କୁ ଅରୁଚିକର ମନ୍ତବ୍ୟ ଦେବା ସହିତ ମାଡ ମାରିବାର ଧମକ ଦେଇଛନ୍ତି। ଏଠି ସହିତ ଶିକ୍ଷକ ଜଣକ ବିଦ୍ୟାଳୟରେ ପାଠ ନପଢାଇ ରାଜନୀତି କରିବା, ବିଦ୍ୟାଳୟକୁ ମଦ୍ୟପାନ କରି ଆସିବା ଏପରିକି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ କଟୁ ସମାଲୋଚନା କରିଥାନ୍ତି ବୋଲି ଗାଁର ସୁଦର୍ଶନ ରାଉତ, ମଙ୍ଗୁଳି ଚରଣ ଦାସ, ନିରଞ୍ଜନ ସ୍ୱାଇଁ, କରୁଣାକର ସ୍ୱାଇଁ, ନଳିନୀକାନ୍ତ ବେହେରା ପ୍ରମୁଖ ୬୦ରୁ ଊର୍ଦ୍ଧ୍ୱ ଅଭିଭାବକ ଓ ଗ୍ରାମବାସୀ ଲିଖିତ ଭାବେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଛନ୍ତି। ଏଥିସହିତ କେନ୍ଦ୍ରାପଡା ଜିଲାପାଳ, ଜିଲ୍ଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

### ଗୋଟିଏ ପରିବାରକୁ ନାକାବନ୍ଦି କରିବା ଘଟଣା

## ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଏସ୍‌ପିଙ୍କୁ ଗୃହ ବିଭାଗର ନିର୍ଦ୍ଦେଶ

**କେନ୍ଦ୍ରାପଡା,୧୯।୮(ସଂଚାର ବ୍ୟୁରୋ):** ଗୋଟିଏ ପରିବାର ବର୍ଷେରୁ ଊର୍ଦ୍ଧ୍ୱ ସମୟ ହେବ ପଡ଼ୋଶୀର ଅତ୍ୟାଚାର ଏବଂ ଘର ସମ୍ମୁଖରେ ଜୋର ଜବରଦସ୍ତ ପୁଣି ସରକାରୀ ଜମିକୁ ଜବରଦଖଲ କରି ରଖିବା ଘଟଣା ଏବେ କେନ୍ଦ୍ରାପଡା ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ସରକାରୀ ବିଧି ବ୍ୟବସ୍ଥା ଥାଇ ମଧ କିଭଳି ଓ କେଉଁ ଉପାୟରେ ଉକ୍ତ ସ୍ଥାନକୁ ନିଜର ବୋଲି ଦାବୀ କରି ବାଡ଼ ପୋତି ଅକ୍ତିଆର କଲେ ତାହା ମଧ ସନ୍ଦେହ ଘେରକୁ ଆସିଛି। ଏହି ସମ୍ପର୍କରେ ଗତ ୧୭ ତାରିଖରେ ଦୈନିକ ଖବର କାଗଜ ସଂଚାରରେ ଖବର ପ୍ରକାଶ ପାଇବା ପରେ କେନ୍ଦ୍ରାପଡା ଜିଲ୍ଲାର ସାମାଜିକ କର୍ମୀ ତଥା ଯୁବ ସାମ୍ବାଦିକ ପ୍ରଭାତ କୁମାର ଜେନା ରାଜ୍ୟ ଗୃହ ବିଭାଗ, ରାଜସ୍ୱ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଏକ୍ସ ମାଧମରେ ଅଭିଯୋଗ ଜଣାଇଥିଲେ। ଉକ୍ତ ଘଟଣାକୁ ରାଜ୍ୟ ଗୃହ ବିଭାଗ ଗୁରୁତର ଭାବେ ଗ୍ରହଣ କରି ଗତ ୧୮ ତାରିଖ ବୁଧବାର ଦିନ କେନ୍ଦ୍ରାପଡା ଏସପିଙ୍କୁ ତୁରନ୍ତ ଆଇନ୍ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ବୁଧବାର ପୂର୍ବାହ୍ନ ସମୟରେ କେନ୍ଦ୍ରାପଡାର ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ ଏବଂ ଗରଦପୁର ତହସିଲଦାର ତୃପ୍ତି ଦାଶ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ପରଖିବା ସହ ତଦନ୍ତ କରିଛନ୍ତି । ଅଭିଯୋଗ ଅନୁଯାୟୀ କେନ୍ଦ୍ରାପଡା ଜିଲ୍ଲା ଗରଦପୁର ତହସିଲ ଅଧୀନ ପାଟସୁରା ଗ୍ରାମର ନିହାର ରଞ୍ଜନ ପଟ୍ଟନାୟକଙ୍କ ଘର ସମ୍ମୁଖରେ ପଡ଼ୋଶୀ ବାଡ଼ ପୋତିବା ଫଳରେ ଘରୁ ସେହି ପରିବାରଟି ପଦାକୁ ଆସିବା ସମ୍ପୂର୍ଣ୍ଣ ବନ୍ଦ ହୋଇପଡ଼ିଛି। ନ୍ୟାୟ ପାଇଁ ସବୁଆଡୁ ବିଫଳ ହେବା ପରେ ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ନିହାର ରଞ୍ଜନଙ୍କ ମାଆ ଫୁଲରାଣି ନାୟକ ଗତ ୩ ମାର୍ଚ୍ଚ ୨୦୨୫ରେ ଅଭିଯୋଗ ମାଧମରେ ଜଣାଇଥିଲେ । କେହି ନସୁଣିବାରୁ ନିଜକୁ ଆତ୍ମାହୁତି ଦେବାକୁ ଚେତାବନୀ ଦେଇଥିଲେ ।

# ଦାରା ମୁକ୍ତି ଆଶା ଘୁଞ୍ଚି ଘୁଞ୍ଚି ଯାଉଛି

ଭୁବନେଶ୍ୱର,୧୯।୮: ପଦ୍ମ ଘୁଞ୍ଚି ଘୁଞ୍ଚି ଯିବାଭଳି କାରାଗାରର କାଳକୋଠରୀରେ ପ୍ରାୟ ୨୫ବର୍ଷ ଧରି ସମୟ କାଟୁଥିବା ଦାରା ସିଂର ମୁକ୍ତି ଆଶା ବି ଘୁଞ୍ଚି ଘୁଞ୍ଚି ଯାଉଛି । ୧୯୯୯ ଜାନୁଆରୀ ୨୧ତାରିଖ ରାତିରେ ରବୀନ୍ଦ୍ର ପାଲ ଓରଫ ଦାରା ସିଂ ଓ ତାହାର ସହଯୋଗୀମାନେ କେନ୍ଦୁଝର ଜିଲ୍ଲାର ମନୋହରପୁର ଠାରେ ଅଷ୍ଟ୍ରେଲୀୟ ମିଶନାରୀ ଗ୍ରାହାମ ଷ୍ଟେନ ଏବଂ ତାଙ୍କ ଦୁଇ ନାବାଳକ ଶିଶୁପୁତ୍ର ଫିଲିପ୍ ଓ ତିମୋଥିଙ୍କୁ ଜୀଅନ୍ତା ପୋଡି ହତ୍ୟା କରିଥିଲେ । ଏହି ଭୟଙ୍କର ଅପରାଧରେ ମୁଖ୍ୟ ଅଭିଯୁକ୍ତ ଦାରା ୨୦୦୦ ଜାନୁଆରୀରେ ପୁଲିସ୍ ହାତରେ ଧରାପଡିଥିଲା ।
ଏହାଛଡା ଉକ୍ତ ହତ୍ୟାକାଣ୍ଡରେ ସମ୍ପୃକ୍ତ ଆଉ କେତେକ ବ୍ୟକ୍ତି ମଧ୍ୟ ଗିରଫ ହୋଇଥିଲେ ।

୨୦୦୩ ସେପ୍ଟେମ୍ବର ମାସରେ ଭୁବନେଶ୍ୱର ସ୍ଥିତ ସିବିଆଇର ସ୍ୱତନ୍ତ୍ର ଅଦାଲତ ଦାରାକୁ ମୃତ୍ୟୁ ଦଣ୍ଡାଦେଶରେ ଦଣ୍ଡିତ କରିବା ସହିତ ଆଉ ୧୨ଜଣଙ୍କୁ ଆଜୀବନ କାରାଦଣ୍ଡ ପ୍ରଦାନ କରିଥିଲେ । ତେବେ ପରବର୍ତ୍ତୀ ସମୟରେ ୨୦୦୫ ମସିହାରେ ଓଡିଶା ହାଇକୋର୍ଟ ଦାରା ସିଂର ମୃତ୍ୟୁ ଦଣ୍ଡକୁ ଆଜୀବନ କାରାଦଣ୍ଡରେ ବଦଳାଇଥିଲେ। ଏହାଛଡା ଆଜୀବନ କାରାଦଣ୍ଡ ପାଇଥିବା ଅନ୍ୟ ୧୨ଜଣଙ୍କ ମଧ୍ୟରୁ ୧୧ଜଣଙ୍କୁ ଖଲାସ କରିଦେବା ସହିତ କେବଳ ଅନ୍ୟତମ ଦୋଷୀ ମହେନ୍ଦ୍ର ହେମ୍ବ୍ରମଙ୍କ ଆଜୀବନ କାରାଦଣ୍ଡାଦେଶକୁ ଉଚ୍ଚ ନ୍ୟାୟାଳୟ କାଏମ ରଖିଥିଲେ ।

ଇତି ମଧ୍ୟରେ ଓଡିଶା ସରକାରଙ୍କ ନିଷ୍ପତ୍ତି ମୁତାବକ ମହେନ୍ଦ୍ର ହେମ୍ବ୍ରମକୁ କାରାମୁକ୍ତ କରାଯାଇଛି ।

ତେବେ ମୁଖ୍ୟ ଅଭିଯୁକ୍ତ ଦାରା ସିଂ ଏବେ ବି କାରାମୁକ୍ତ ହୋଇପାରୁ ନାହାନ୍ତି । ତାଙ୍କ ଗୁହାରି ଗତ ସରକାର ସମୟରେ ଶୁଣାଯାଇ ନଥିଲା । ତେଣୁ ସେ ୨୦୨୪ ଜୁଲାଇରେ ତାଙ୍କ ମୁକ୍ତି ପାଇଁ ସୁପ୍ରିମକୋର୍ଟରେ ଏକ ମାମଲା ରୁଜୁ କରିଛନ୍ତି । ଏ ସଂକ୍ରାନ୍ତରେ ରାଜ୍ୟ ସରକାର ମାପି ଚୁପି ନିଷ୍ପତ୍ତି ନେବାର ସମ୍ଭାବନା ଥିବାରୁ ଦାରା ମୁକ୍ତ ହେବ କି ନାହିଁ ତାହା ଏବେ ପ୍ରଶ୍ନବାଚୀ । (ତଥ୍ୟ)

### ସୁରେଖାଙ୍କ ପ୍ରେରଣାଦାୟୀ ଯାତ୍ରା

# ଚୁଡ଼ି ବିକାଳିରୁ ରାଷ୍ଟ୍ରପତି ଭବନର ଅତିଥି

ଭୁବନେଶ୍ୱର,୧୯।୮(ସଂଚାର ବ୍ୟୁରୋ): ବଲାଙ୍ଗୀର ଜିଲ୍ଲା ବିନିକାର ରାସ୍ତା କଡରେ ଚୁଡ଼ି ବିକୁଥିବା ସୁରେଖା ମଲ୍ଲିକଙ୍କୁ ଯେତେବେଳେ ରାଷ୍ଟ୍ରପତିଙ୍କ ନିକଟରୁ ନିମନ୍ତ୍ରଣପତ୍ର ଆସିଲା ସେତେବେଳେ କେବଳ ସୁରେଖା ଆଶ୍ଚର୍ଯ୍ୟ ହେଲେ ନାହିଁ, ସମଗ୍ର ଓଡ଼ିଶା ଆଶ୍ଚର୍ଯ୍ୟଚକିତ ହୋଇଯାଇଥିଲା। ବଲାଙ୍ଗିରର ରାସ୍ତାକଡ଼ରୁ ଦିଲ୍ଲୀର ରାଷ୍ଟ୍ରପତି ଭବନ ପର୍ଯ୍ୟନ୍ତ ସୁରେଖାଙ୍କ ଏହି ଯାତ୍ରା ଯେତିକି ଆଶ୍ଚର୍ଯ୍ୟଚକିତ କରିବା ଭଳି, ସେତିକି ପ୍ରେରଣାଦାୟୀ ମଧ୍ୟ। ସୁରେଖାଙ୍କ ପାଇଁ ଜୀବନ କେବେବି ସହଜ ନଥିଲା। ଏକ ବିରଳ ଶ୍ୱାସକ୍ରିୟା ରୋଗରେ ପୀଡିତ ସ୍ୱାମୀ ବର୍ଷ ବର୍ଷ ଧରି ଶଯ୍ୟାଶାୟୀ ଥିଲେ। ସ୍ୱାମୀଙ୍କ ଯତ୍ନ ସହ ପରିବାର ଚଳାଇବା ପାଇଁ ସୁରେଖାଙ୍କୁ ରୋଜଗାର ବି କରିବାକୁ ପଡୁଛି। ଏକ ଛୋଟ ଚାଳ ଘରେ ସେ ତାଙ୍କ ପିଲାମାନଙ୍କୁ ପାଳିବାକୁ କରିଆସୁଛନ୍ତି ସଂଘର୍ଷ। ସେ ପ୍ରାୟତଃ ଚୁଡ଼ି ବିକି ଯାହା କିଛି ଆୟ କରନ୍ତି, ତାକୁ ନେଇ ପରିବାର ଚଳାଇଆସୁଛନ୍ତି।

ଗତ ୨୦୧୯ରେ ଏକ ସମୟ ଆସିଥିଲା ଯେତେବେଳେ ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ଅଧୀନରେ ସହାୟତା ମିଳିଥିଲା। ଆର୍ଥିକ ସହାୟତା ସହ ସେ ଦୁଇଟି କୋଠରୀବିଶିଷ୍ଟ ପକ୍କା ଘରଟିଏ ନିର୍ମାଣ କରିଥିଲେ। ଗୋଟିଏ ତାଙ୍କ ଅସୁସ୍ଥ ସ୍ୱାମୀଙ୍କର ଯତ୍ନ ନେବା ପାଇଁ ଏବଂ ଅନ୍ୟଟି ତାଙ୍କ ପିଲାମାନଙ୍କ ପାଇଁ ସୁରକ୍ଷିତ ଆଶ୍ରୟସ୍ଥଳ ଭାବରେ ସୁରେଖା ବ୍ୟବହାର କରୁଥିଲେ। ଯଦିଓ ସେ ଚଳିତ ବର୍ଷ ଆରମ୍ଭରେ ତାଙ୍କ ସ୍ୱାମୀଙ୍କୁ ହରାଇଛନ୍ତି, କିନ୍ତୁ ଆଜି ଏହି ଘର ତାଙ୍କ ପରିବାର ପାଇଁ ସୁରକ୍ଷା ଏବଂ ଶକ୍ତିର ଏକ କବଚ ଭାବେ ଠିଆ ହୋଇଛି।



ତାଙ୍କର ପ୍ରେରଣାଦାୟକ ଯାତ୍ରାକୁ ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ସ୍ତରରେ ସ୍ୱୀକୃତି ଦିଆଯାଇଛି। ଓଡ଼ିଶାର ପ୍ରତିନିଧିତ୍ୱ କରିବା ପାଇଁ ମନୋନୀତ ହେବା ପରେ ତାଙ୍କୁ ରାଷ୍ଟ୍ରପତି ଭବନରେ ଗତ ୭୯ତମ ସ୍ୱାଧୀନତା ଦିବସ ସମାରୋହରେ ଯୋଗଦେବା ପାଇଁ ଭାରତର ରାଷ୍ଟ୍ରପତି ନିମନ୍ତ୍ରଣ କରିଥିଲେ। ଓଡ଼ିଶା ସହରାଞ୍ଚଳ ଗୃହ ମିଶନର ଅଧିକାରୀମାନେ ତାଙ୍କୁ ନୂଆଦିଲ୍ଲୀ ଗସ୍ତରେ ଯିବା ପାଇଁ ସାହାଯ୍ୟ କରିଥିଲେ। ସେଠାକୁ ସେ ପୁଅ ଆଲୋକଙ୍କ ସହ ଯାଇଥିଲେ। ୧୫ ଅଗଷ୍ଟରେ ସେ ରାଷ୍ଟ୍ରପତିଙ୍କ ଦ୍ୱାରା ଆୟୋଜିତ ମର୍ଯ୍ୟାଦାଜନକ ଆଟ୍ ହୋମ୍ ସମାରୋହରେ ବି ଯୋଗଦେଇଥିଲେ।

ଭାବପ୍ରବଣତାର ସହ ସୁରେଖା କହିଥିଲେ ଯେ ଏହି ସମ୍ମାନ କେବଳ ମୋର ନୁହେଁ। ଏହା ପ୍ରତ୍ୟେକ ପରିବାରର ଯେଉଁମାନେ ଘର ମାଲିକାନା ହାସଲ କରି ମର୍ଯ୍ୟାଦା ଓ ସାହସ ପାଇଛନ୍ତି। ମୁଁ ପିଏମଏୱାଇ (ସହରାଞ୍ଚଳ) ପାଇଁ ପ୍ରଧାନମନ୍ତ୍ରୀଙ୍କ ପ୍ରତି ଗଭୀର କୃତଜ୍ଞ, ଯିଏ ଆମକୁ ଆଶ୍ରୟ ଅପେକ୍ଷା ଅଧିକ କିଛି ଦେଇଛନ୍ତି- ଏହା ଆମକୁ ଆଶା ଦେଇଛି ବୋଲି ସେ କହିଥିଲେ। ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ସୁରେଖାଙ୍କ କାହାଣୀକୁ ପ୍ରେରଣାଦାୟକ ବୋଲି କହି ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ ସୁରେଖାଙ୍କ ଜୀବନ ପ୍ରମାଣିତ କରିଛି ଯେ ଏକ ଘରକୁ ଭବନରେ ପରିବର୍ତ୍ତନ କରାଯାଇପାରିବ। ଏହା ଓଡ଼ିଶା ପାଇଁ ଗର୍ବର ବିଷୟ ଓ ସଫଳ କେନ୍ଦ୍ରୀୟ ଯୋଜନାର ଏକ ଉଜ୍ଜ୍ୱଳ ଉଦାହରଣ। ରାଜ୍ୟ ସରକାର ପ୍ରତ୍ୟେକ ଯୋଗ୍ୟ ପରିବାରର ମୁଣ୍ଡ ଉପରେ ଛାତ ଓ ଏକ ଉନ୍ନତ ଭବିଷ୍ୟତ ପାଇଁ ମୂଳଦୁଆ ନିଶ୍ଚିତ କରିବା ପାଇଁ ପ୍ରତିବଦ୍ଧ। ବିନିକାର ରାସ୍ତା କଡରୁ ରାଷ୍ଟ୍ରପତି ଭବନର ଲନ୍ ପର୍ଯ୍ୟନ୍ତ ସୁରେଖାଙ୍କ ସଫଳତା ବ୍ୟକ୍ତିଗତ ନୁହେଁ, ଏହା ଓଡ଼ିଶା ପାଇଁ ଗର୍ବ ଏବଂ ଭାରତ ପାଇଁ ପ୍ରେରଣା ବୋଲି କୁହାଯାଇପାରେ।

# ପାର୍ବଣରେ ଦାଦାବଟିକୁ ନା’

## ବିଶୃଙ୍ଖଳା କଲେ ପୁଲିସ୍ କାର୍ଯ୍ୟାନୁଷ୍ଠାନ ଚେତାବନୀ

କଟକ,୧୯।୮(ସଂଚାର ବ୍ୟୁରୋ): ପାର୍ବଣରେ ଦାଦାବଟିକୁ ନା’। ଆଗାମୀ ପାର୍ବଣ ସମୟରେ କେହି ବି ଜୋରଜବରଦସ୍ତି ଚାନ୍ଦା ଆଦାୟ କରିପାରିବେନି। କୌଣସି ପ୍ରକାର ବିଶୃଙ୍ଖଳା ସୃଷ୍ଟି କଲେ, ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। କଟକ ଶାରଳା ଭବନରେ ଗଣେଶ ପୂଜା ପ୍ରସ୍ତୁତି ବୈଠକରେ ଏହି ସୂଚନା ଦେଇଛନ୍ତି କଟକ କମିଶନରେଟ ପୁଲିସ। ଚଳିତ ବର୍ଷ ସହରରେ ପ୍ରାୟ ୧୨ ଶହ ମଣ୍ଡପରେ ବିଘ୍ନ ବିନାଶକଙ୍କ ପୂଜା ଆୟୋଜିତ ହେବ। ଭସାଣ ଉତ୍ସବକୁ ୩ଟି ପର୍ଯ୍ୟାୟରେ କରିବା ପାଇଁ କମିଶନରେଟ୍ ପୁଲିସ୍ ଓ ମହାନଗର ନିଗମ ନିଷ୍ପତ୍ତି ନେଇଛନ୍ତି। ଅଗଷ୍ଟ ୩୧, ସେପ୍ଟେମ୍ବର ୭ ଏବଂ ୧୪ତାରିଖରେ ସହରରେ ଗଣେଶ ପୂଜା ଭସାଣି କରାଯିବ । ବୁଢ଼ା ଗଣେଶଙ୍କ ଭସାଣି ଅନ୍ୟ ଦିନରେ କରାଯିବ ବୋଲି ବୈଠକ ନିଷ୍ପତ୍ତି ନିଆଯାଇଛି । ପୂଜା ପୂର୍ବରୁ ସହରର ରାସ୍ତା ଘାଟ,ଷ୍ଟ୍ରିଟ୍ ଲାଇଟ, ପାନୀୟ ଜଳ ଯୋଗାଣ ଓ ଭସାଣି ପାଇଁ ଉନ୍ନତ ମାନର କୃତ୍ରିମ ପୁଷ୍କରିଣୀ ବ୍ୟବସ୍ଥା କରିବା ପାଇଁ ପୂଜା କମିଟି ଓ ଶାନ୍ତି କମିଟି ପକ୍ଷରୁ ସିଏମସିକୁ ପରାମର୍ଶ ଦିଆଯାଇଛି ।

# ‘ଅବ୍‌ସ୍କୁରା ୨୦୨୫’ରେ ବିଶ୍ୱ ଫଟୋଗ୍ରାଫି ଦିବସର ପ୍ରତିବିମ୍ବ



ଭୁବନେଶ୍ୱର, ୧୯।୮(ସଂଚାର ବ୍ୟୁରୋ): ଭୁବନେଶ୍ୱରସ୍ଥିତ ଓଡ଼ିଶାର ଅଗ୍ରଣୀ କଳା ଓ ସଂସ୍କୃତି ଅନୁଷ୍ଠାନ କେତକୀ ଫାଉଣ୍ଡେସନ୍ ଟ୍ରଷ୍ଟ ପକ୍ଷରୁ ସିଲିକନ ବିଶ୍ୱବିଦ୍ୟାଳୟ ଓ ସିଲିକନ୍ ଫଟୋଗ୍ରାଫି କ୍ଲବର ମିଳିତ ସହଯୋଗରେ ବିଶ୍ୱବିଦ୍ୟାଳୟ ପରିସରରେ ବିଶ୍ୱ ଫଟୋଗ୍ରାଫି ଦିବସ ପାଳନ କରାଯାଇଛି। ଏହି ଅବସରରେ ଫଟୋଗ୍ରାଫି ସମ୍ପର୍କରେ ଆଲୋଚନା ଓ ଫଟୋ ପ୍ରଦର୍ଶନ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କର ଏକ ଫଟୋ ପ୍ରଦର୍ଶନୀ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା। କେତକୀ ଫାଉଣ୍ଡେସନ୍ ଟ୍ରଷ୍ଟର ଟ୍ରଷ୍ଟି ସତ୍ୟଭୂଷଣ ହୋତାଙ୍କ ସ୍ୱାଗତ ଅଭିଭାଷଣ ସହ ବିଶ୍ୱ ଫଟୋଗ୍ରାଫି ଦିବସ ପାଳନର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ସିଲିକନ୍ ବିଶ୍ୱବିଦ୍ୟାଳୟର କୁଳପତି ଡଃ ଜୟଦୀପ ତାଲୁକଦାର ଉପସ୍ଥିତ ଥିଲେ। ବକ୍ତା ରୂପେ ଯୋଗଦେଇଥିବା ବିଶିଷ୍ଟ ଫଟୋଗ୍ରାଫର ଡ଼ି. କେ. ପଟ୍ଟନାୟକ ‘ଟ୍ରେଣ୍ଡସ ଇନ ଫୋଟୋଗ୍ରାଫି ’ ସମ୍ପର୍କରେ ତାଙ୍କର ପର୍ଯ୍ୟାଲୋଚନାମୂଳକ ଅଭିଭାଷଣ ଦେଇଥିଲେ। ବିଶିଷ୍ଟ ଫଟୋଗ୍ରାଫର ତଥା ଲେଖକ ପ୍ରମୋଦ ଧଳ ତାଙ୍କର ନିଜସ୍ୱ ଫଟୋସମୂହରୁ ପ୍ରକୃତି ଓ ପଶୁପକ୍ଷୀଙ୍କ ଆଧାରରେ ଉଠାଇଥିବା ବଛାବଛା ଫୋଟୋଗ୍ରାଫ ଗୁଡିକୁ ପ୍ରଦର୍ଶନ କରିଥିଲେ। ଫଟୋ ପ୍ରଦର୍ଶନୀରେ ଯୋଗ ଦେଇଥିବା ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ କେତକୀ ଫାଉଣ୍ଡେସନ୍ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଜ୍ୟୋତିରଞ୍ଜନ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

### ବିଶ୍ୱ ଦକ୍ଷତା କେନ୍ଦ୍ରରେ ନାମଲେଖା

# ଅନ୍‌ଲାଇନ୍ ଆବେଦନର ଶେଷ ତାରିଖ ୧ ସେପ୍ଟେମ୍ବର

ଭୁବନେଶ୍ୱର, ୧୯।୯(ସଂଚାର ବ୍ୟୁରୋ): ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରରେ ୨୦୨୫-୨୬ ସେପ୍ଟେମ୍ବର ସେସନରେ ନାମଲେଖା ପାଇଁ ଅନ୍‌ଲାଇନ୍ ଆବେଦନ ପ୍ରକ୍ରିୟା ଜାରି ରହିଛି । ବିଭିନ୍ନ ବୃତ୍ତିଗତ ପାଠ୍ୟକ୍ରମରେ ତାଲିମ ନେବା ଲାଗି ଆଗ୍ରହୀ ପ୍ରାର୍ଥୀମାନେ ୨୦୨୫ ସେପେଟମ୍ବର ୧ ତାରିଖ ସୁଦ୍ଧା ଆବେଦନ କରିବାକୁ ବିଶ୍ୱ ଦକ୍ଷତା କେନ୍ଦ୍ର ପକ୍ଷରୁ ଅନ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରାଯାଉଛି ।



ଆଗ୍ରହୀ ପ୍ରାର୍ଥୀମାନେ ବିଶ୍ୱ ଦକ୍ଷତା କେନ୍ଦ୍ରର ୱେବସାଇଟ www.worldskillcenter.org ମାଧ୍ୟମରେ ଆବେଦନ କରିପାରିବେ। ଏ ବିଷୟରେ ଅଧିକ ଜାଣିବା ପାଇଁ ୧୮୦୦ ୨୬୬ ୬୦୦୨ ଟୋଲ ଫ୍ରି ନମ୍ବରରେ ଯୋଗାଯୋଗ କରିବାକୁ ବିଶ୍ୱ ଦକ୍ଷତା କେନ୍ଦ୍ର ପକ୍ଷରୁ ଅନୁରୋଧ କରାଯାଇଛି ।

ବିଶ୍ୱ ଦକ୍ଷତା କେନ୍ଦ୍ର ହେଉଛି ଭାରତର ଏକ ପ୍ରମୁଖ ଦକ୍ଷତା ବିକାଶ କେନ୍ଦ୍ର । ଓଡ଼ିଶା ଦକ୍ଷତା ବିକାଶ ପ୍ରାଧୀକରଣଙ୍କ ଦ୍ୱାରା ପରିଚାଳିତ ସ୍କିଲ୍ ଇନ ଓଡ଼ିଶା କାର୍ଯ୍ୟକ୍ରମ ତଥା ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅଧୀନରେ ଏହି କେନ୍ଦ୍ର ସ୍ଥାପନ କରାଯାଇଛି । ଏଠାରେ ‘ସ୍କୁଲ ଅଫ୍ ଇଞ୍ଜିନିୟରିଂ’ ଓ ‘ସ୍କୁଲ ଅଫ୍ ସର୍ଭିସେସ୍’ ବିଭାଗ ଅଧୀନରେ ମୋଟ ୭ଟି ବୃତ୍ତିଗତ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଫିନିସିଂ ସ୍କୁଲ ଢାଞ୍ଚାରେ ତାଲିମ ଦିଆଯାଇ ଦେଶ ବିଦେଶର ଶିଳ୍ପ କ୍ଷେତରେ ନିଯୁକ୍ତି ଲାଗି ପ୍ରସ୍ତୁତ କରାଯାଉଛି । ଏହି ପାଠ୍ୟକ୍ରମର ଅବଧି ୧ ବର୍ଷ ରହିଛି ।

ସ୍କୁଲ ଅଫ୍ ଇଞ୍ଜିନିୟରିଂ ବିଭାଗ ଅଧୀନରେ ମେକାଟ୍ରୋନିକ୍ସ,ଇଲେକଟ୍ରିକାଲ ଟେକ୍ନୋଲୋଜି, ମେକାନିକାଲ ଆଣ୍ଡ୍ ଇଲେକଟ୍ରିକାଲ ସର୍ଭିସେସ, ଏୟାର କଣ୍ଡିସନିଂ ଆଣ୍ଡ୍ ରେଫ୍ରିଜରେସନ, ଭର୍ଟିକାଲ ଟ୍ରାନ୍ସପୋର୍ଟେସନ ଏବଂ ପ୍ରିସିସନ ଇଞ୍ଜିନିୟରିଂ ଭଳି ୫ଟି ବୃତ୍ତିଗତ ପାଠ୍ୟକ୍ରମରେ ନାମଲେଖା ପାଇଁ ଆବେଦନ ଗ୍ରହଣ କରାଯାଉଛି । ସେହିପରି ଛାତ୍ରଛାତ୍ରୀଙ୍କ ରହିବା ଲାଗି ହଷ୍ଟେଲ, ଖାଇବା ବ୍ୟବସ୍ଥା, ୟୁନିଫର୍ମ ଏବଂ ଯିବା ଆସିବା ଲାଗି ବସ୍ ସୁବିଧା ଆଦି ମାଗଣାରେ ଦିଆଯାଉଛି । ଶିକ୍ଷା ଓ ତାଲିମ ଶେଷ ହେବା ପରେ ଛାତ୍ରଛାତ୍ରୀମାନେ କିପରି ଦେଶ ବିଦେଶର ବିଭିନ୍ନ ପ୍ରମୁଖ ସଂସ୍ଥାରେ ନିଯୁକ୍ତି ପାଇପାରିବେ ସେଥିପାଇଁ ‘ପ୍ଲେସମେଣ୍ଟ’ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି ।

### ନିର୍ବାଚନ କମିସନରେ ସତ୍ୟପାଠ ଦାଖଲ ପ୍ରସଙ୍ଗ

# ସତ୍ୟପାଠ ଦାବି କରିନାହାନ୍ତି: ବିଜେଡି

ଭୁବନେଶ୍ୱର, ୧୯।୮(ସଂଚାର ବ୍ୟୁରୋ): ଗତ ନିର୍ବାଚନରେ ପରିଲକ୍ଷିତ ହୋଇଥିବା କିଛି ଅସଙ୍ଗତିକୁ ନେଇ ବିଜୁ ଜନତା ଦଳ ନିର୍ବାଚନ କମିସନଙ୍କ ସମ୍ମୁଖରେ ଉଠାଇଥିବା ପ୍ରସଙ୍ଗରେ ଦଳ ସତ୍ୟପାଠ ଦାଖଲ ନକରି କେବଳ ଉପର ଠାଉରିଆ ଭାବେ ଅଭିଯୋଗ କରିଛି ବୋଲି ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ବିଜୁ ଜନତା ଦଳ ପ୍ରତିକ୍ରିୟା ଦେଇ ଏହି ଖବରକୁ ଖଣ୍ଡନ କରିଛି । ଶଙ୍ଖ ଭବନଠାରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଶ୍ରୀ ମିହିର ରାୟ ଓ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ଼ ଲେନିନ ମହାନ୍ତି ଗୋଟିଏ ଦାୟିତ୍ୱ ସମ୍ପନ୍ନ ରାଜନୈତିକ ଦଳ ଭାବେ ଗତ ନିର୍ବାଚନରେ ପରିଲକ୍ଷିତ ହୋଇଥିବା ଅସଙ୍ଗତିକୁ ନେଇ ଲିଖିତ ଭାବେ ନିର୍ବାଚନ କମିସନରଙ୍କ ଦୃଷ୍ଟି ଆକର୍ଷଣ କରିଛି । ନିର୍ବାଚନ କମିସନଙ୍କ ତରଫରୁ କୌଣସି ସମୟରେ ବିଜେଡିକୁ ସତ୍ୟପାଠ ମଗାଯାଇ ନାହିଁ, ତେଣୁ ଏହି ସତ୍ୟପାଠ ଦେବାର ଆବଶ୍ୟକତା ନାହିଁ । ଶ୍ରୀ ମିହିର ରାୟ କହିଥିଲେ, ରାଜ୍ୟର ବିଭିନ୍ନ ନିର୍ବାଚନ ମଣ୍ଡଳୀର ଫଳାଫଳକୁ ଅନୁଶୀଳନ କରିବା ପରେ, ଅନେକ ଅସଙ୍ଗତି ପରିଲକ୍ଷିତ ହୋଇଥିଲା। ଏହି ଅସଙ୍ଗତି ଗୁଡ଼ିକର ତଥ୍ୟ ଦେଇ ବିଜୁ ଜନତା ଦଳ ଲିଖିତ ଭାବେ ନିର୍ବାଚନ କମିସନଙ୍କୁ ପତ୍ର ମାଧ୍ୟମରେ ଜଣାଇ ଏହାର ସ୍ପଷ୍ଟୀକରଣ ଚାହିଁଥିଲା। ବିଜେଡି ପତ୍ରର ଉତ୍ତରରେ, ନିର୍ବାଚନ କମିସନଙ୍କ ତରଫରୁ ୧୦ ମାର୍ଚ୍ଚ ୨୦୨୫ ତାରିଖରେ ଉତ୍ତର ଦିଆଯାଇଥିଲା। ଏହି ଉତ୍ତର ସନ୍ତୋଷଜନକ ହୋଇ ନଥିବାରୁ, ବିଜେଡି ତରଫରୁ ଏପ୍ରିଲ ମାସରେ ଆଉ ଏକ ଚିଠି ପ୍ରଦାନ କରାଯାଇଥିଲା। ଏହାପରେ ନିର୍ବାଚନ କମିସନଙ୍କ ନିମନ୍ତ୍ରଣ କ୍ରମେ, ଆଜି ନିଜେଡିର ଏକ ବରିଷ୍ଠ ପ୍ରତିନିଧି ମଣ୍ଡଳୀ ଦିଲ୍ଲୀରେ ନିର୍ବାଚନ କମିସନଙ୍କୁ ଭେଟିଛନ୍ତି। ତେଣୁ, ନିର୍ବାଚନ କମିସନଙ୍କ ଚିଠିର ଉତ୍ତର ବିଜେଡି ଦେଉନାହିଁ ବା ସତ୍ୟପାଠ ଦାଖଲ କରିବା ପାଇଁ ବିଜେଡି ପଛଘୁଞ୍ଚା ଦେଉଛି ବୋଲି କରାଯାଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ଅମୂଳକ ଓ ଭିତ୍ତିହୀନ ।

# ଲିଙ୍ଗ ପ୍ରତ୍ୟାରୋପଣ ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀ




ଭୁବନେଶ୍ୱର, ୧୯।୮(ସଂଚାର ବ୍ୟୁରୋ): ବିଭିନ୍ନ ପ୍ରକାର ସମସ୍ୟା ଏବେ ରୋଗ ଆକାରରେ ମଣିଷ ଶରୀରରେ ଦେଖା ଦେଉଛି। ସେଥିରୁ ଯୌନ ସମସ୍ୟା ଅନ୍ୟତମ। ଏଭଳି କେତେକ ସମସ୍ୟାର ସମାଧାନ ପାଇଁ ଏବେ ଲିଙ୍ଗ ପ୍ରତ୍ୟାରୋପଣର ଅବଶକ୍ୟତା ପଡୁଛି ବୋଲି ବରିଷ୍ଠ ମୂତ୍ରାଶଲ୍ୟ ଚିକିତ୍ସକ ଡାକ୍ତର ବିଶ୍ୱଜିତ ନନ୍ଦ ଏବଂ ଡାକ୍ତର ସରୋଜ କୁମାର ପଣ୍ଡା ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ପୁରୁଷଙ୍କ ଯୌନ ଦୃଷ୍ଟିର ଅସମର୍ଥତା ହେଉଛି ଏକ ସାଧାରଣ କିନ୍ତୁ ଗୁରୁତର ସମସ୍ୟା। ଯାହା ଦୁନିଆରେ ପ୍ରତି ୧୦ ଜଣ ପୁରୁଷ ମଧ୍ୟରୁ ୩ ଜଣଙ୍କୁ ପୀଡା ଦେଇଥାଏ। ମଧୁମେହ, ହର୍ମୋନ ଅସନ୍ତୁଳତା, ବୟସ, ଔଷଧ ଏବଂ ଡିକିପିଡିମିଆ ଏହି ରୋଗର ମୁଖ୍ୟ କାରଣ। ଅନେକ କ୍ଷେତ୍ର ରେ ଏହାର ଚିକିତ୍ସା ଔଷଧ ଏବଂ ଇଞ୍ଜେକ୍ସନ ମାଧ୍ୟମରେ କରା ଯାଇଥାଏ । କିନ୍ତୁ କେତେକ ରୋଗୀ ଉପୋରକ୍ତ ଚିକିତ୍ସାକୁ ଆପଣାଇ ନଥାନ୍ତି ଏବଂ କିଛି ମଧ୍ୟ ଏହାଦ୍ୱାରା ଠିକ ହୋଇ ନଥାନ୍ତି । ଏହି ଭଳି ସମସ୍ୟାର ସମାଧାନ ଆଧୁନିକ ଚିକିତ୍ସା ପ୍ରଣାଳୀରେ ସମ୍ଭବ। ଯେଉଁଥିରେ ଏକ ପ୍ରକାର କୃତ୍ରିମ ଯନ୍ତ୍ରକୁ ଲିଙ୍ଗ ମଧ୍ୟରେ ଅସ୍ତ୍ରୋପଚାର ଦ୍ୱାରା ସ୍ଥାପିତ କରାଯାଇଥାଏ । ଏଇ ଅସ୍ତ୍ରୋପଚାର ପାଇଁ ରୋଗୀ ଡାକ୍ତରଖାନାରେ ୩ ଦିନ ରହିବାକୁ ପଡିଥାଏ। ଅପରେସନ ପରେ ରୋଗୀ ୭ ଦିନ ମଧ୍ୟରେ ସ୍ୱାଭାବିକ ଅବସ୍ଥାକୁ ଆସିଯାଇଥାନ୍ତି। ରୋଗୀ ୬ ସପ୍ତାହ ପରେ ସହବାସ କରି ପାରିବେ। ଏହି ଅପରେସନ ଦ୍ୱାରା ଲିଙ୍ଗ ଉପରେ କୌଣସି ଦାଗ ରହେ ନାହିଁ । ପୁରୁଷଙ୍କ ଯୌନ ସମସ୍ୟା ଦୂରକରିବା ପାଇଁ ପେନସିଲ ଇନପ୍ଲାଣ୍ଟ ସର୍ଜରି ରାଜ୍ୟରେ ପ୍ରଥମ ଥର ପାଇଁ ୟୁରୋ କିଡନୀ କେୟାରରେ ସଫଳତାର ସହିତ କରାଯାଇଛି।

# ବଲଙ୍ଗା ଦିବଙ୍ଗତାଙ୍କୁ ନ୍ୟାୟ ନ ମିଳିବା ଯାଏ କଂଗ୍ରେସ ଛାଡ଼ିବ ନାହିଁ




## ସାମ୍ବାଦିକ ସମ୍ମିଳନୀରେ ପିସିସିର ଦୃଢ଼ୋକ୍ତି

ଭୁବନେଶ୍ୱର,୧୯।୮(ସଂଚାର ବ୍ୟୁରୋ): ଅଧିକାଂଶ ନାରୀ ନିର୍ଯାତନା ମାମଲାରେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ କରୁ ନ ଥିବାରୁ ଅପରାଧୀମାନେ ଅଧିକରୁ ଅଧିକ ଅପରାଧ କରିବାକୁ ପ୍ରୋତ୍ସାହିତ ହେଉଛନ୍ତି। ବଲଙ୍ଗା ଛାତ୍ରୀପୋଡ଼ି ଘଟଣା ହେଉଛି ତାର ଏକ ବଡ଼ ଉଦାହରଣ। ତିନିଜଣ ଦୁର୍ବୃତ୍ତ ଟେକିନେଇ ଜାଳିଦେଇଥିବା କଥା ଛାତ୍ରୀଜଣଙ୍କ ନିଜ ମୃତ୍ୟୁକାଳୀନ ଜମାନବନ୍ଦୀରେ କହିଥିଲେ ସୁଦ୍ଧା ମାସେ ହୋଇଗଲା ପଛେ, ପୁଲିସ ଅପରାଧୀଙ୍କୁ ଗିରଫ ନ କରିବା ଅତ୍ୟନ୍ତ ପରିତାପର ବିଷୟ । କିନ୍ତୁ କଂଗ୍ରେସ ନାରୀନ୍ୟାୟ କ୍ଷେତ୍ରରେ କୌଣସି ସାଲିସ କରିବ ନାହିଁ, ସଂଗ୍ରାମ ଜାରି ରହିବ ବୋଲି ପିସିସି ଗଣମାଧ୍ୟମ ବିଭାଗ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ ପ୍ରକାଶ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ବୟାନ ଭିଡିଓ ସତ କି ନୁହେଁ; ଯଦି ସତ, ସେଇ ଭିଡିଓରେ ଦୁର୍ବୃତ୍ତଙ୍କୁ ଗିରଫ କରିବା ଦିଗରେ ପୁଲିସ କାର୍ଯ୍ୟାନୁଷ୍ଠାନ କରିବ କି ନାହିଁ, ସେ ନେଇ କୌଣସି ସୂଚନା ନ ଦେଇ ଭିଡିଓ ଭାଇରାଲ କରିଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସୂଚନା ଦେଇ ଖସିଯିବାକୁ ଉଦ୍ୟମ କରୁଛନ୍ତି। ବଲଙ୍ଗା ଦିବଙ୍ଗତାଙ୍କୁ ନ୍ୟାୟ ମିଳିବା ଯାଏ କଂଗ୍ରେସର ସଂଗ୍ରାମ ଅବ୍ୟାହତ ରହିବ ବୋଲି ସେ କହିଥିଲେ।

ବଲଙ୍ଗା ଘଟଣାକୁ ନେଇ ମୁଖପାତ୍ର ନିଶିକାନ୍ତ ମିଶ୍ର ଆଇନଗତ ଦିଗ ତର୍ଜମା କରି କହିଛନ୍ତି, ଭାରତୀୟ ସାକ୍ଷ୍ୟ ବିଧି ଆଇନ ଉପଧାରା ୨୬(କ) ଅନୁଯାୟୀ ମୃତ୍ୟୁକାଳୀନ ଜମାନବନ୍ଦୀ ବା ବୟାନକୁ ପ୍ରାୟତଃ ସତ୍ୟ ଭାବରେ ଗ୍ରହଣ କରାଯାଇ ଥାଏ । ଭାଇରାଲ ହୋଇଥିବା ଭିଡିଓରେ ପୀଡ଼ିତା ତିନିଜଣ ଦୁର୍ବୃତ୍ତଙ୍କୁ ଇସାରା ଉଲ୍ଲେଖ କରିଥିବା ସ୍ପଷ୍ଟ ଜଣାପଡୁଛି।

# ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ରାଜଧାନୀ ଏକ୍ସପ୍ରେସ୍ ଏବଂ ଭଦ୍ରକ ରେଳ ଷ୍ଟେସନ୍ ଯାଞ୍ଚ



ଭୁବନେଶ୍ୱର, ୧୯।୮(ସଂଚାର ବ୍ୟୁରୋ): ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଆଜି ଟ୍ରେନ୍ ନଂ. ୨୨୮୨୩ ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସରେ ଅନ-ବୋର୍ଡ ଯାଞ୍ଚ କରିଛନ୍ତି। ସମସ୍ତ ଯାତ୍ରୀଙ୍କ ପାଇଁ ଏକ ଆରାମଦାୟକ ଏବଂ ସୁଗମ ଯାତ୍ରା ଅଭିଜ୍ଞତା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଯାତ୍ରୀଙ୍କ ସୁବିଧା, ପରିଷ୍କାର ପରିଚ୍ଛନ୍ନତା, ସୁରକ୍ଷା ବ୍ୟବସ୍ଥା ଏବଂ ସେବା ଗୁଣବତ୍ତା ଉପରେ ତାଙ୍କର ଯାଞ୍ଚ କେନ୍ଦ୍ରିତ ଥିଲା। ଏଥିସହିତ ମହାପ୍ରବନ୍ଧକ ଭଦ୍ରକ ରେଳ ଷ୍ଟେସନ୍ ନିରୀକ୍ଷଣ କରିଥିଲେ, ଯାତ୍ରୀଙ୍କ ସୁବିଧା, କ୍ରିୟୁ ଲବି ଏବଂ ଷ୍ଟେସନ୍ ୟାର୍ଡର ସମୀକ୍ଷା କରିଥିଲେ। ସେ ସ୍ୱଚ୍ଛତାର ଉଚ୍ଚ ମାନଦଣ୍ଡ ବଜାୟ ରଖିବା, ସୁରକ୍ଷା ପ୍ରୋଟୋକଲ୍ ଲାଗୁ କରିବା ଏବଂ ଷ୍ଟେସନ୍ ପରିଚାଳନାର ସାମଗ୍ରିକ ଦକ୍ଷତା ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ତାଙ୍କର ଗସ୍ତ କର୍ମଚାରୀ ଏବଂ ପର୍ଯ୍ୟବେକ୍ଷକଙ୍କ ମନୋବଳକୁ ବୃଦ୍ଧି କରିବାରେ ସାହାଯ୍ୟ କରିବ। ଶ୍ରୀ ଫୁଙ୍କୱାଲ ଅଧିକାରୀମାନଙ୍କୁ ସମଗ୍ର ଜୋନରେ ନିରାପଦ, ପରିଷ୍କାର ପରିଚ୍ଛନ୍ନତା ଏବଂ ଯାତ୍ରୀ-ଅନୁକୂଳ ସେବା ପ୍ରଦାନ କରିବା ପାଇଁ ସମର୍ପିତ ରହିବାକୁ ଉତ୍ସାହିତ କରିଥିଲେ।

# ଚିକିତ୍ସା ଅବହେଳାରୁ ଛାତ୍ର ମୃତ୍ୟୁ

ଚମ୍ପୁଆ, ୧୯।୮(ସଂଚାର ବ୍ୟୁରୋ): ଚମ୍ପୁଆ ଉପଖଣ୍ଡ ମୁଖ୍ୟାଳୟଠାରେ ଓଡ଼ିଶା ଷ୍ଟେଟ ବ୍ରିଗେଡ ସ୍କୁଲର ଚତୁର୍ଥ ଶ୍ରେଣୀ ଛାତ୍ର ରାଜ କୁମାର ମୁଣ୍ଡା (୧୧)ଙ୍କ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟଠାରେ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ମିଳିଥିବା ସୂଚନା ଅନୁସାରେ ରାଜକୁମାର ଚତୁର୍ଥ ଶ୍ରେଣୀରେ ପାଠ ପଢୁଥିଲା। ତେବେ ଛାତ୍ର ଜଣକ ଆଜି ଅସୁସ୍ଥ ହେବାରୁ ୧୦ ଘ.୪୩ ମିନିଟ ସମୟରେ ଦେହ ଦେଖାଇବାକୁ ଚମ୍ପୁଆ ଡାକ୍ତରଖାନାକୁ ଆଣିଥିଲେ। ଶିଶୁ ରୋଗ ବିଶେଷଜ୍ଞ ଡଃ ଦାସ ଆଡମିଶନ କରିବାକୁ କହିଥିଲେ। ମାତ୍ର ତା’ର ଅଭିଭାବକ ଆସି ନଥିବାରୁ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ପୁଣି ବିଦ୍ୟାଳୟକୁ ନେଇଯାଇଥିଲେ। ପୁଣି ଦେହ ଅସୁସ୍ଥ ହେବାରୁ ୧୨ଘ.୩୦ ମିନିଟ ସମୟରେ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାୟ ୨ଘ.୧୬ମିନିଟ ସମୟରେ ଛାତ୍ର ଜଣକର ମୃତ୍ୟୁ ଘଟିଥିଲା। ତେବେ ଛାତ୍ର ଜଣକର ପୂର୍ବରୁ ଦେହ ଅସୁସ୍ଥ ଥିବା କଥା ଜଣା ପଡ଼ିଥିଲା। ତେବେ ଏଥିରେ ଛାତ୍ର ଜଣକର ଅସୁସ୍ଥତା କାରଣରୁ ମୃତ୍ୟୁ ଘଟିଥିବା ସ୍ପଷ୍ଟ ଜଣା ପଡୁଛି। ଚମ୍ପୁଆ ଥାନାରେ ଛାତ୍ର ପରିବାର ପକ୍ଷରୁ ଏ ସମ୍ବନ୍ଧରେ ଏକ ଲିଖିତ ଜଣାଇଛନ୍ତି। ଚମ୍ପୁଆ ପୁଲିସ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

# ବିଜେବି କଲେଜରେ ରାଗିଂ ଅଭିଯୋଗ

ଭୁବନେଶ୍ୱର, ୧୯।୮(ସଂଚାର ବ୍ୟୁରୋ): ବିଜେବି କଲେଜରେ ରାଗିଂ ଅଭିଯୋଗ ହୋଇଛି। କ୍ୟାମ୍ପସରେ ଆୟୋଜିତ ରାଲିକୁ ନଯିବାରୁ +୩ ପ୍ରଥମ ବର୍ଷ ବାଣିଜ୍ୟ ଛାତ୍ର ଆୟୁଷ୍ମାନ ପତିଙ୍କୁ ବିଜେବି କଲେଜର ଛାତ୍ରଙ୍କ ସହ କିଛି ଅଣଛାତ୍ର ରାଗିଂ କରିଥିବା ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ଆଣ୍ଟିଂ ରାଗିଂ କମିଟିରେ ଜଣେଇବା ପରେ କୌଣସି ସମାଧାନ ହେଉନାହିଁ। ଓଲଟା ରାଗିଂ କରିଥିବା ଛାତ୍ରଙ୍କ ପାୱାର ଅଧିକ କହି ପରୋକ୍ଷରେ କମିଟି ଡ଼ରାଉଥିବା ଅଭିଯୋଗ କରିଛନ୍ତି ଛାତ୍ର। ଘଟଣା ନେଇ ଆଜି କଲେଜରେ ଆଣ୍ଟି ରାଗିଂ କମିଟି ବୈଠକ ବସିଥିଲା। କ୍ୟାମ୍ପସରେ ପୋଲିସ ମଧ୍ୟ ପହଞ୍ଚିଥିଲା ହେଲେ କୌଣସି ସମାଧାନ ହୋଇନଥିବା ସୂଚନା ମିଳିଛି।

# ନୂଆଁଖାଇ ପାଇଁ ତିନି ଦିନ ସରକାରୀ ଛୁଟି ଘୋଷଣା ଦାବି

ବଲାଙ୍ଗିର,୧୯।୮(ସଂଚାର ବ୍ୟୁରୋ): ବଲାଙ୍ଗିର ଜିଲ୍ଲାର ସମସ୍ତ ସାମାଜିକ ଅନୁଷ୍ଠାନମାନେ ନୂଆଁଖାଇ ଛୁଟି ତିନି ଦିନ କରିବା ପାଇଁ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲାପାଳ ବଲାଙ୍ଗିରଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବିଭିନ୍ନ ଅଞ୍ଚଳରେ ବସବାସ କରୁଥିବା ବା ଚାକିରି କରୁଥିବା ଲୋକ ଗୋଟିଏ ଦିନ ଛୁଟି ଦେଲେ କେହି ଘରକୁ ଆସି ନିଜ ପରିବାର ସହ ନବାନ୍ନ ଖାଇବାରେ ଅନେକ ଅସୁବିଧା ହେଉଛି ଏବଂ ଏହି ତିନି ଦିନ ପର୍ଯ୍ୟନ୍ତ ନୂଆଁଖାଇର ପ୍ରଭାବ ଅଞ୍ଚଳରେ ଥାଏ। ସେଥିପାଇଁ ଛାତ୍ର ଛାତ୍ରୀମାନେ ସ୍କୁଲ କଲେଜ ମଧ୍ୟ ଯାଆନ୍ତି ନାହିଁ ତେଣୁ ଏହି ତିନି ଦିନ ଛୁଟି ଘୋଷଣା କରି ପଶ୍ଚିମ ଓଡ଼ିଶାବାସୀଙ୍କୁ ସାଂସ୍କୃତିକ ଓ ଐତିହ୍ୟକୁ ସମ୍ମାନ ଦେଇ ଓଡ଼ିଶାର ଅସ୍ମିତାକୁ ବଞ୍ଚାଇବାକୁ ଦାବି କରୁଛୁ। ଯଦି ଦାବୀ ପୁରଣ ନ ହୁଏ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ବିନୋଦ କୁମାର କାଲସାଏ, ଥବିର କର୍ମୀ, ଗୋବିନ୍ଦ ଶତପଥି, ବିକାଶ ସା, ପ୍ରଦିପ ଜୁଏଡ, ରାମ ଶଙ୍କର ଶତପଥୀ, ସତ୍ୟ ହୋତା, ରବୀନ୍ଦ୍ର ପ୍ରଧାନ, କନ୍ଦର୍ପ ରଣା, ସୁରେଶ କମ୍ପ, ଦେବରାଜ ନାଗ, କାହ୍ନା ଶତପଥି, ସୁବ୍ରତ ନିଆଲ, ରାଜେଶ ସାହୁ, ରମାକାନ୍ତ ମେଶବା ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ବଲପୁରରେ ଏନକାଉଣ୍ଟର

ସମ୍ବଲପୁର,୧୯।୮(ସଂଚାର ବ୍ୟୁରୋ): ସମ୍ବଲପୁର ସହର ସନ୍ନିକଟ ଖଣ୍ଡୁଆଳ ଅଞ୍ଚଳରେ ଏନକାଉଣ୍ଟର କରାଯାଇଛି। ଆଜି ସକାଳେ ପୋଲିସ ଏକ ହତ୍ୟା ଘଟଣାର ଅଭିଯୁକ୍ତକୁ ସହର ସନ୍ନିକଟ ଖଣ୍ଡୁଆଳରେ ଦେଖି ଧରିବାକୁ ଯାଇଥିଲା। ମାତ୍ର ଘଟଣାସ୍ଥଳରେ ଅଭିଯୁକ୍ତ ମହମ୍ମଦ ସମାଦ୍ ପୋଲିସ ଗିରଫଦାରୀକୁ ଏଡାଇବାକୁ ଯାଇ ପୋଲିସ ଉପରକୁ ୨ ରାଉଣ୍ଡ ଗୁଳି ଚଳାଇଥିଲା। ପୋଲିସର ପାଲଟା ଜବାବରେ ସମାଦ୍ ର ବାମ ଗୋଡ଼ରେ ଗୁଳି ବାଜିଥିଲା। ସେ ଗୁରୁତର ହୋଇପଡ଼ିଥିଲା। ପୋଲିସ ତା’ ନିକଟରୁ ଏକ ୭.୬ ଏମଏମ ପିସ୍ତଲ, ଗୋଟିଏ କଳା ରଙ୍ଗର ଟିଭିଏସ୍ ଆପାଚି ବାଇକ୍ କୁ ଜବତ କରିଛି। ଗୁରୁତର ସମାଦ୍ କୁ ତୁରନ୍ତ ଚିକିତ୍ସା ନିମନ୍ତେ ଭୀମସାରରେ ଭର୍ତ୍ତି କରିଛି। ସୂଚନାଯୋଗ୍ୟ, ଗତକାଲି ବିଳମ୍ବିତ ରାତିରେ ସମ୍ବଲପୁର ମୋତିଝରଣ ଅଞ୍ଚଳର ମହମ୍ମଦ ସମାଦ୍ ଓ ତା’ର ଭାଇ ମହମ୍ମଦ ୱାସିମ୍ ବୁଟଲି ଅଞ୍ଚଳର ଆସଫ ଖାନକୁ ଛୁରୀ ଭୁସି ହତ୍ୟା କରି ଫେରାର୍ ହୋଇଯାଇଥିଲେ। ଏହି ହତ୍ୟା ସମ୍ପର୍କରେ ଧନୁପାଲି ଥାନାରେ ଏକ ହତ୍ୟା ମାମଲା ରୁଜୁ ହେବା ସହ ଅଭିଯୁକ୍ତକୁ ଗିରଫ କରିବା ପାଇଁ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ନିୟୋଜିତ ହୋଇଥିଲା। ଏହି ସ୍କ୍ୱାଡ୍ ଆଜି ସକାଳେ ମୁଖ୍ୟ ଅଭିଯୁକ୍ତକୁ ଧରିବାରେ ସଫଳ ହୋଇଛି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR ସଂଚାର

୪ | ବୁଧବାର ୨୦ ଅଗଷ୍ଟ ୨୦୨୫, ଭୁବନେଶ୍ୱର | Wednesday 20 August 2025, Bhubaneswar


# ଆୟୁଷ୍ମାନ୍ ଭାରତ ଏକ ବିପ୍ଲବୀ ପଦକ୍ଷେପ

ଭାରତର ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ଐତିହାସିକ ପରିବର୍ତ୍ତନ ଆଣିଛି ଆୟୁଷ୍ମାନ୍ ଭାରତ ଯୋଜନା। ୨୦୧୮ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି ଯୋଜନା, ଯାହାକୁ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ପିଏମ୍-ଜେଏୱାଇ) ବୋଲି ମଧ କୁହାଯାଏ, ଦେଶର ଗରିବ ଓ ଅଭାବଗ୍ରସ୍ତ ପରିବାରଗୁଡ଼ିକୁ ବାର୍ଷିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଯୋଗାଇ ଦେଉଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସାର୍ବଜନୀନ ସ୍ୱାସ୍ଥ୍ୟ ସୁରକ୍ଷା ପ୍ରଦାନ କରିବା ଏବଂ ଦାରିଦ୍ର୍ୟରୁ ମୁକ୍ତି ପାଇଁ ସ୍ୱାସ୍ଥ୍ୟ ଖର୍ଚ୍ଚକୁ ହ୍ରାସ କରିବା। ୨୦୨୫ ଅଗଷ୍ଟ ସୁଦ୍ଧା, ଏହି ଯୋଜନାର ସଫଳତା ଏବଂ ପ୍ରଭାବ ସମ୍ପର୍କରେ ଚର୍ଚ୍ଚା କରିବା ଆବଶ୍ୟକ, କାରଣ ଏହା ଭାରତର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ନୂତନ ଦିଗନ୍ତ ପ୍ରଦାନ କରିଛି। ଆୟୁଷ୍ମାନ୍ ଭାରତର ସଫଳତା ଅନେକ ଦିଗରେ ପ୍ରତୀୟମାନ। ସରକାରୀ ତଥ୍ୟ ଅନୁଯାୟୀ, ଏହି ଯୋଜନା ଅଧୀନରେ ପ୍ରାୟ ୫୦ କୋଟିରୁ ଅଧିକ ଲୋକ ଉପକୃତ ହୋଇଛନ୍ତି। ୨୦୨୫ରେ ହିଁ ଦିଲ୍ଲୀରେ ଏହାର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହୋଇଛି, ଯାହା ରାଜଧାନୀର ଗରିବ ପରିବାରଗୁଡ଼ିକୁ ଉପକାର ପହଞ୍ଚାଇବ। ସେପ୍ଟେମ୍ବର ୨୦୨୪ରେ କ୍ୟାବିନେଟ୍ ଦ୍ୱାରା ଅନୁମୋଦିତ ବିସ୍ତାର ଯୋଜନା ଅନୁଯାୟୀ, ବରିଷ୍ଠ ନାଗରିକମାନଙ୍କୁ ଅଧିକ ସୁରକ୍ଷା ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ ମୋଦୀ ନିକଟରେ ଏହି ଯୋଜନାର ପ୍ରଶଂସା କରିଛନ୍ତି, କହିଛନ୍ତି ଯେ ଏହା ସ୍ୱାସ୍ଥ୍ୟ ସେବାର ପ୍ରବେଶକୁ ବଢ଼ାଇଛି। ତଥ୍ୟ ଦର୍ଶାଉଛି ଯେ ୫୧% ଉପକାରୀ ୪୫ ବର୍ଷରୁ ଅଧିକ ବୟସର, ଯାହା ବୟସ୍କମାନଙ୍କ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ କରୁଛି। ଏହା ଛଡ଼ା, ଆୟୁଷ୍ମାନ୍ ଭାରତ ଡିଜିଟାଲ୍ ମିଶନ୍ (ଏବିଡିଏମ୍) ମାଧମରେ ଡିଜିଟାଲ୍ ସ୍ୱାସ୍ଥ୍ୟ ଅବସଂରଚନା ବିକଶିତ ହୋଇଛି, ଯାହା ରୋଗୀମାନଙ୍କର ରେକର୍ଡକୁ ସହଜରେ ଉପଲବ୍ଧ କରାଉଛି।

ଏହି ଯୋଜନାର ପ୍ରଭାବ ବହୁଳ ଅଟେ। ଗ୍ରାମାଞ୍ଚଳରେ ରହୁଥିବା ଲୋକମାନେ ଏବେ ବଡ଼ ହସ୍ପିଟାଲରେ ଚିକିତ୍ସା ପାଇପାରୁଛନ୍ତି ବିନା ଆର୍ଥିକ ଚାପରେ। ଏହା ଦାରିଦ୍ର୍ୟ ନିର୍ମୂଳନରେ ସହାୟକ ହୋଇଛି, କାରଣ ସ୍ୱାସ୍ଥ୍ୟ ଖର୍ଚ୍ଚ ହେଉଛି ଗରିବମାନଙ୍କର ପ୍ରମୁଖ ସମସ୍ୟା। ମହିଳା ଏବଂ ଶିଶୁମାନଙ୍କର ସ୍ୱାସ୍ଥ୍ୟରେ ଉନ୍ନତି ଘଟିଛି, ଯାହା ସମାଜର ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରୁଛି। ୨୦୨୧-୨୨ରୁ ୨୦୨୫-୨୬ ପର୍ଯ୍ୟନ୍ତ ରାଜ୍ୟମାନଙ୍କୁ ୩୩,୦୮୧.୮୨ କୋଟି ଟଙ୍କା ବଣ୍ଟନ କରାଯାଇଛି ସ୍ୱାସ୍ଥ୍ୟ ଅବସଂରଚନା ମଜବୁତ କରିବା ପାଇଁ। ଏହା କୋଭିଡ୍-୧୯ ମହାମାରୀ ସମୟରେ ମଧ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି।

ତଥାପି, ଆୟୁଷ୍ମାନ୍ ଭାରତର ଚ୍ୟାଲେଞ୍ଜଗୁଡ଼ିକୁ ଅଣଦେଖା କରାଯାଇ ପାରିବ ନାହିଁ। ଅନେକ ରାଜ୍ୟରେ କାର୍ଯ୍ୟାନ୍ୱୟନ ଧୀମା ରହିଛି, ଯେପରିକି ଦିଲ୍ଲୀରେ ବିଳମ୍ବ ହୋଇଥିଲା। ଅସ୍ପତାଳଗୁଡ଼ିକରେ ଦାବି ପ୍ରକ୍ରିୟାରେ ବିଳମ୍ବ, ଅଭାବଗ୍ରସ୍ତ ଅଞ୍ଚଳରେ ଅବସଂରଚନାର ଅଭାବ ଏବଂ ଜନସାଧାରଣର ଅଜ୍ଞତା ଏହି ଯୋଜନାର ପ୍ରଭାବକୁ ହ୍ରାସ କରୁଛି। କିଛି କ୍ଷେତ୍ରରେ ଦୁର୍ନୀତି ଏବଂ ଭୁଲ୍ ଉପକାରୀ ଚିହ୍ନଟ ସମସ୍ୟା ଉଠିଛି। ଡିଜିଟାଲ୍ ମିଶନ୍ ସତ୍ତ୍ୱେ, ଗ୍ରାମାଞ୍ଚଳରେ ଇଣ୍ଟରନେଟ୍ ଅଭାବ ଏହାର ଉପଯୋଗକୁ ପ୍ରଭାବିତ କରୁଛି। ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ସରକାରକୁ ଅଧିକ କଠୋର ପଦକ୍ଷେପ ନେବାକୁ ପଡ଼ିବ।

ଭବିଷ୍ୟତରେ ଆୟୁଷ୍ମାନ୍ ଭାରତକୁ ମଜବୁତ କରିବା ପାଇଁ କିଛି ସୁପାରିଶ ରହିଛି। ପ୍ରଥମେ, ଜନସଚେତନତା ଅଭିଯାନକୁ ବଢ଼ାଇବା ଦରକାର, ଯାହା ଦ୍ୱାରା ଅଧିକ ଲୋକ ଏହାର ଉପକାର ନେଇପାରିବେ। ଦ୍ୱିତୀୟତଃ, ଅସ୍ପତାଳଗୁଡ଼ିକରେ ଡିଜିଟାଲ୍ ପ୍ରକ୍ରିୟାକୁ ସରଳ କରିବା ଏବଂ ରାଜ୍ୟ ସରକାରମାନଙ୍କ ସହ ସହଯୋଗ ବଢ଼ାଇବା ଆବଶ୍ୟକ। ତୃତୀୟତଃ, ଯୋଜନାର କଭରେଜ୍କୁ ମଧମ ବର୍ଗକୁ ବିସ୍ତାର କରିବା ଦ୍ୱାରା ଏହାର ପ୍ରଭାବ ବଢ଼ିବ। ଏହା ଛଡ଼ା, ସ୍ୱାସ୍ଥ୍ୟ ଅବସଂରଚନାର ବିକାଶ ପାଇଁ ଅଧିକ ବଜେଟ୍ ବଣ୍ଟନ କରାଯିବା ଉଚିତ୍। ଆୟୁଷ୍ମାନ୍ ଭାରତ ଭାରତର ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ବିପ୍ଲବ ଆଣିଛି। ଏହାର ସଫଳତା ସତ୍ତ୍ୱେ, ଚ୍ୟାଲେଞ୍ଜଗୁଡ଼ିକର ସମାଧାନ କରି ଏହାକୁ ଅଧିକ ପ୍ରଭାବଶାଳୀ କରାଯାଇ ପାରିବ। ଯଦି ସଠିକ୍ କାର୍ଯ୍ୟାନ୍ୱୟନ ହୁଏ, ତେବେ ଏହା ଭାରତକୁ ଏକ ସୁସ୍ଥ ଏବଂ ସମୃଦ୍ଧ ରାଷ୍ଟ୍ରରେ ପରିଣତ କରିବ। ସରକାର, ସମାଜ ଏବଂ ନାଗରିକମାନଙ୍କର ମିଳିତ ପ୍ରୟାସ ଦ୍ୱାରା ଏହି ସ୍ୱପ୍ନ ସାକାର ହେବ।

# ମନର ପରିଭାଷା



**ଅନୀତା ପଟ୍ଟନାୟକ**

ଆଜି ପର୍ଯ୍ୟନ୍ତ ମୁଁ ତିନି ଚାରୋଟି ପିଲାମାନେ ଦେଇଥିବା ଉତ୍ତର ମୋ ପାଖରେ ରଖିଛି। ମୋ ପକ୍ଷେ ସେ ଉତ୍ତର ପତ୍ର ଗୁଡ଼ିକୁ ମୂଲ୍ୟାଙ୍କନ କରିବା ବା କାହାକୁ ପ୍ରଥମ, କାହାକୁ ଦ୍ୱିତୀୟ କାହାକୁ ତୃତୀୟ କରିବା ସମ୍ଭବପର ହୋଇପାରିନାହିଁ। ପାଠକମାନେ ଯଦି ଚାହିଁବେ ଓ ତାର ମୂଲ୍ୟାଙ୍କନ କରିଦେବ, ମୁଁ ଅତ୍ୟନ୍ତ ଆନନ୍ଦିତ ହେବି। ବିଷୟବସ୍ତୁ ଥିଲା 'ମନ' ଉପରେ କିଛି ଧାଡ଼ି ଲେଖିବା ପାଇଁ। ଦ୍ରୌପଦୀ ନାମ୍ନୀ ଗୋଟିଏ ଛାତ୍ରୀ ଏହିପରି ଲେଖିଥିଲା ମନରୁ କାମ ଜାତ ହୁଏ। ଏହା ଏକ ମାରାତ୍ମକ ରୋଗ। ମନରୁ ମୋହ ସୃଷ୍ଟି ହୁଏ ଏହାଏକ ଭୟଙ୍କର ଶତ୍ରୁ। ମନରୁ କ୍ରୋଧ ସୃଷ୍ଟି ହୁଏ ଏହା ଏକ ଜ୍ୱଳନଶୀଳ ଅଗ୍ନି। ମନରୁ ହିଁ ସୃଷ୍ଟି ହୁଏ ଷଡ଼ଯନ୍ତ୍ରକାରୀ ଚିନ୍ତାଧାରା, ମନ ଓ ଇନ୍ଦ୍ରିୟଲାଳସା ମିଶି ସୃଷ୍ଟି କରନ୍ତି ଦୁର୍ଦ୍ଦଶା। ମନ ସୁଖ ପ୍ରାପ୍ତି, ଦୁଃଖ ନିବୃତ୍ତି ମଣିଷ ଭିତରେ ସୃଷ୍ଟି କରେ। ମନ ମଣିଷକୁ ବିଭ୍ରାନ୍ତ କରେ। ଏଥିରୁ ମୁକ୍ତି ପାଇବାକୁ ହେଲେ ଜ୍ଞାନ ସହିତ ମିତ୍ରତା କରିବାକୁ ପଡ଼ିଥାଏ। ପଲ୍ଲବୀ ନାମ୍ନୀ ଏକ ଛାତ୍ରୀ ଏହିପରି ପ୍ରବନ୍ଧର କିଛି ଧାଡ଼ି ଲେଖିଥିଲା। ମନ ଜୀବନ ସାରା ମଣିଷକୁ ଆଗକୁ ଠେଲେ ଓ ପଛକୁ ଭିଡ଼ି ଟଣା ଓଟରା କରୁଥାଏ। ମନ ମଣିଷ ମଧରେ ଆନନ୍ଦର ଧାରଣା ଦିଏ। ମନ ବହୁଧ ସୁଖର ରୂପ ଦିଏ, ମନ ଧ୍ୱଂସ କରୁଥିବା ଦ୍ୱେଷକୁ ସୃଷ୍ଟି କରେ। ମନ ମଣିଷକୁ ଖୁସି କରୁଥିବା ବୋମାର ଆକାରକୁ ଦିଏ। ମନରୁ ସୃଷ୍ଟି ହୁଏ, ମନୋଭାବ, କାମନା ଓ ବାସନା। ମନ ଦିବ୍ୟ ବିଶ୍ୱର ଅଭିବ୍ୟକ୍ତି ଅଟେ। ମଣିଷ ଭୁଲି ଯାଇଛି ଯେ ଭଗବାନଙ୍କ ମନରୁ ଏହି ବିଶ୍ୱ ଜାତ। ଭଗବାନଙ୍କ ମନର କାମନା ହେଉଛି 'ଏକ ଅହଂ ବହୁସ୍ୟାମି' ତେଣୁ ମଣିଷର ମନ ଭଗବାନଙ୍କ କାମନାରୁ ଜାତ, ଅଙ୍କୁରିତ ବିସ୍ତାରିତ।

ମନ ନିର୍ମଳ ହେଲେ ଜଗତ ଅନୁଭୂଳ ହୁଏ। ମନ ଆବିଳ ହେଲେ ସଂଶୟର ସ୍ୱାଦ ସୃଷ୍ଟି ହୁଏ। ମନକୁ ସଂକ୍ରମଣ ମୁକ୍ତ କରିବାର ଉପାୟ ଭଗବାନଙ୍କ ଉପରେ ନିୟମିତ ଧାନ, ଆଧାତ୍ମିକ ସାଧନା, ଯଥା - ଭଜନ, ନଗର ସଂକୀର୍ତ୍ତନ ଜପ, ପରନିନ୍ଦା ପରଚର୍ଚ୍ଚାରୁ ନିବୃତ୍ତ ହେବା, ମଧୁର ସ୍ୱରରେ ବାକ୍ୟାଳାପ କରିବା ଇତ୍ୟାଦି। ଶ୍ରେଷ୍ଠା ନାମକ ଆଉ ଏକ ଛାତ୍ରୀ ଏହିପରି ଲେଖିଥିଲା - ମନ ବୁଦ୍ଧି ଅଭିସୁଖି ହେବା ଉଚିତ। ମନକୁ ତିକ୍ତତାରୁ ମୁକ୍ତ କରାଯିବା ଉଚିତ। ମନକୁ ବିଶ୍ୱପ୍ରେମ, ଅମୃତରେ ରୁଦ୍ଧିମନ୍ତ କରିବା ଉଚ୍ଛିତ, ମନ ଅସରନ୍ତି ଭାବ ସୃଷ୍ଟି କରୁଥିବା ଭାବନାକୁ ସମାପ୍ତ କରିପାରେନାହିଁ। ମନ ଭିତରେ ଅସରନ୍ତି ଭାବ ଅଙ୍କପରି ବଢ଼ିଚାଲେ। ମନ କାମର କୁଣ୍ଡଳୀ ସୃଷ୍ଟି କରେ ଏବଂ ରାମଙ୍କ ପାଖକୁ ଯିବାକୁ ଦିଏନାହିଁ। ମନ ଏକ ମୁହୂର୍ତ୍ତରେ ମଣିଷର ଅଧୟନ, ସେ ପାଇଥିବା ଉପଦେଶ ଓ ସତସଙ୍ଗକୁ ବୃଥା କରିଦିଏ। ମନ ଏପରି ସବୁ କରିପାରିଥାଏ କାରଣ ମଣିଷ ସେଗୁଡ଼ିକୁ ଚେତନା ଓ ଆନନ୍ଦରେ ପ୍ରବେଶ କରାଇ ପାରିନଥାଏ। ତେଣୁ ମଣିଷକୁ ଭଗବାନଙ୍କ ରୂପ, ଯଶ, ମହିମାରେ ମନକୁ ବାନ୍ଧି ପାରିଲେ ମନ ସୃଷ୍ଟି କରୁଥିବା ଶିଙ୍କୁଳି ଛିଣ୍ଡି ଯାଇଥାଏ।

ଶ୍ୱେତାନାମ୍ନୀ ଏକ ଛାତ୍ରୀ ମନ ଉପରେ ଏହିପରି ଲେଖିଥିଲା- ମନ କାମନା ଓ ବର ଚାହେଁ। ମନ ଅପବିତ୍ର ସୁଖ ଲାଭ କରିବା ପାଇଁ ଚେଷ୍ଟିତ ହେବାବେଳେ ମନ ସୃଷ୍ଟି କରୁଥିବା ଅହଂକାର ସବୁ ପ୍ରକାର ଚତୁରତା କରୁଥାଏ। ମନରେ ଦୁଇ ପ୍ରକାରର ଭାବନା ଅଛି। ପ୍ରଥମତଃ ଏକତ୍ୱକାରୀ, ଦ୍ୱିତୀୟତଃ ପୃଥକ। ମନ ଦେହ ବିଷୟରେ ବିଚାରଶୀଳ। ସ୍ୱାସ୍ଥ୍ୟଗତ ବିଷୟରେ ଚିନ୍ତାମଗ୍ନ ହୁଏ। ମନ ଭୌତିକ ଅଧିକାର ପାଇଁ ଉଦବିଗ୍ନ ହୁଏ। ଭଗବାନଙ୍କର ସହାୟତା ପାଇଁ ଚିନ୍ତାଶୀଳ ହୁଏ। ମନ ରୂପଥିବା ଛବିକୁ ସମ୍ମାନ କରିବା ପାଇଁ ପ୍ରବର୍ତ୍ତାଇଥାଏ। ମଣିଷ ଭୁଲିଯାଏ ଯେ ତାକୁ ଚିନ୍ତା କରିବାକୁ ପ୍ରବର୍ତ୍ତାଉଛି କିଏ? ଯଦି ସେ ଜାଣିଯିବ ସେ ମୁକ୍ତିଲାଭ କରିବ।


**ଅବସରପ୍ରାପ୍ତ ପ୍ରଧାପିକା, ସିଡ଼ିଏ, କଟକ**
**ମୋବାଇଲ୍: ୯୬୯୨୯୮୦୦୨୬**


# ବାସ୍ତବିକତା ବନାମ ପ୍ରବନ୍ଧନ କୃଶଳତା



**ଗୋପାଳ ମହାପାତ୍ର**

ରାଜନୀତିରେ ଅର୍ଦ୍ଧସତ୍ୟର ବ୍ୟବହାର କରାଯାଇ ଅନେକ ସଙ୍କଟର କୃଶଳତା ପୂର୍ବକ ପ୍ରବନ୍ଧନ କରାଯାଇପାରେ। ଏକତରଫା ତଥ୍ୟ/ ସଂଖ୍ୟା ଓ କାହାଣୀ ମାଧମରେ ପ୍ରବନ୍ଧନ ବିଶେଷଜ୍ଞ ମାନେ ରାଜନୈତିକ କ୍ଷତିକୁ ନ୍ୟୁନତମ କରିବାରେ ସକ୍ଷମ ହେଉଛନ୍ତି। କିନ୍ତୁ ଏମିତି ଏକ ସଙ୍କଟ ଅଛି ଯାହାର ପ୍ରଭାବ ଯେତେବି ପ୍ରବନ୍ଧନ କୃଶଳତା ସତ୍ୱେ କମିପାରୁ ନାହିଁ। ଏହା ହେଉଛି ଆର୍ଥୀକ ସଙ୍କଟ। ମୁଦ୍ରାସ୍ଫିତି ବାବଦରେ ତଥ୍ୟକୁ ଯେତେ କମ ଦେଖାଇଲେ ବି ଦରଦାମକୁ ନିୟନ୍ତ୍ରଣ କରାଯାଇ ପାରୁନାହିଁ ତେଣୁ ଅସନ୍ତୋଷ ବଢ଼ିବ ଓ ବଢୁଛି ମଧ। ବେରୋଜଗାର ବୃଦ୍ଧି କାରଣରୁ ଯୁବବର୍ଗ ଓ ଶିକ୍ଷିତ ମାନଙ୍କ ମଧରେ ଅସନ୍ତୋଷ ବୃଦ୍ଧି ପାଉଛି, କିନ୍ତୁ କୃଶଳ ପ୍ରବନ୍ଧନ ଏସବୁର ସଂଖ୍ୟାକୁ କମ୍ ବୋଲି ଦର୍ଶାଇବାରେ ଲାଗିଛି। ଦେଶର ଜିଡିପିକୁ ଆକର୍ଷକ ଭାବେ ଚିତ୍ରଣ କରାଯାଇପାରେ କିନ୍ତୁ ଏହାକୁ ଆଧାର କରି ଅର୍ଥବ୍ୟବସ୍ଥା ସୁଧାରିବା ଅସମ୍ଭବ। ମେକ୍ ଇନ ଇଣ୍ଡିଆର ସଫଳତାର କାହାଣୀ ଯେତେ ବଖାଣିଲେ ମଧ ବଜାରରେ ଚୀନ ଉତ୍ପାଦିତ ଜିନିଷ ଅଧିକ ବିକ୍ରୀ ହେଉଛି। ସରକାର ଏକଥା ମଧ ଜାଣିଛନ୍ତି ଯେ ପ୍ରତିବ୍ୟକ୍ତିର ଆୟ ପ୍ରସଙ୍ଗରେ ଆମ ଦେଶର ସ୍ଥିତି କ'ଣ? ଦେଶର ୧୦ ରୁ ୧୨ ପ୍ରତିଶତ ଲୋକଙ୍କୁ ଛାଡିଦେଲେ ବାକି ୮୮ରୁ ୯୦ ପ୍ରତିଶତ ଲୋକଙ୍କ ଆର୍ଥୀକ ସ୍ତର ସୁଧୁରି ପାରିନାହିଁ ଏସବୁ ସତ୍ୱେ ସରକାର କହୁଛନ୍ତି ଦେଶରୁ ଗରୀବଙ୍କ ସଂଖ୍ୟା କମିଛି ଏବଂ ଆର୍ଥୀକ ବିଷମତା କମିଛି। କିନ୍ତୁ ଏ ପ୍ରସଙ୍ଗରେ ତର୍ଜମା କଲେ ପ୍ରକୃତ ସତ କ'ଣ ସେକଥା ଜଣାପଡ଼େ।

୨୦୨୪ର ଲୋକସଭା ନିର୍ବାଚନ ପୁର୍ବରୁ ଦେଶର ନୀତି ଆୟୋଗ ଦେଶରୁ ଗରୀବଙ୍କ ସଂଖ୍ୟା କମିଛି ବୋଲି କହିଥିଲେ। ପ୍ରଧାନମନ୍ତ୍ରୀ ଅନେକବାର ତାଙ୍କ ଭାଷଣରେ ଏକଥା ମଧ କହିଛନ୍ତି। କିନ୍ତୁ ନୀତି ଆୟୋଗ ଯାହା କହିଥିଲେ ତାକୁ ନେଇ ଅନେକ ବିବାଦ ଏବେବି ଅସମାହିତ ରହିଛି। କିଛି ଦିନ ପୁର୍ବେ ବିଶ୍ୱବ୍ୟାଙ୍କ ଙ୍କ ତଥ୍ୟକୁ ଆଧାର କରି ସରକାରଙ୍କ ତରଫରୁ କୁହାଗଲା ଯେ ଭାରତ ଦୁନିଆର ସବୁଠାରୁ କମ୍ ବିଷମତା ଥିବା ୪ର୍ଥ ଦେଶରେ ପରିଣତ ହୋଇଛି। ବିଶ୍ୱବ୍ୟାଙ୍କ ହେଉ ବା ଆନ୍ତର୍ଯାତିକ ମୁଦ୍ରା ପାଣ୍ଠି ହେଉ ଏସବୁ ସଂଗଠନ କୌଣସି ଦେଶର ଅର୍ଥବ୍ୟବସ୍ଥା ବାବଦରେ ସ୍ୱତନ୍ତ୍ର ଭାବେ କୌଣସି ତଥ୍ୟ ସଂଗ୍ରହ କରିନଥାନ୍ତି। ସରକାର ଯେଉଁ ତଥ୍ୟ ପ୍ରଦାନ କରିଥାନ୍ତି ତାକୁ ଆଧାର କରି ସେମାନେ ରିପୋର୍ଟ ପ୍ରକାଶ କରିଥାନ୍ତି। ଏଇ ନିକଟରେ (ଜୁଲାଇମାସ) ବିଶ୍ୱବ୍ୟାଙ୍କର ପ୍ରପର୍ଟି ଆଣ୍ଡ ଇକ୍ୱିଟି ବ୍ରିଫରେ କୁହାଯାଇଛି ଯେ ଭାରତର ୨୦୧୧-୧୨ରେ ଉପଭୋକ୍ତା ଆଧାରରେ ସ୍ଥିର କରାଯାଇଥିବା ଇଣ୍ଡେକ୍ସ ୨୮.୮ ଥିଲା ୨୦୨୨-୨୩ରେ ଏହା ହ୍ରାସପାଇ ୨୫.୫ରେ ପହଞ୍ଚିଥିଲା। ବିଶ୍ୱବ୍ୟାଙ୍କର ଏହି ରିପୋର୍ଟକୁ ଦେଖି ସରକାର ଭାରତକୁ ବିଷମତା ହ୍ରାସ ପାଉଥିବା ଦୁନିଆର ୪ର୍ଥ



ଅର୍ଥବ୍ୟବସ୍ଥା ବୋଲି ଘୋଷଣା କରିଦେଲେ। ସରକାରଙ୍କ ପ୍ରବନ୍ଧାନ ବିଶେଷଜ୍ଞ ମାନେ ଏଠି ଟିକେ ଚାଲାକି ଦେଖାଇ ବିଶ୍ୱବ୍ୟାଙ୍କ ଦ୍ୱାରା କୁହାଯାଇଥିବା ସମ୍ପୁର୍ଣ୍ଣ କଥାକୁ ଚାପି ଦେଇଥିଲେ। ବିଶ୍ୱବ୍ୟାଙ୍କ ଙ୍କ ରିପୋର୍ଟରେ ଲେଖିଥିଲେ ଯେ ତାଙ୍କ ପାଖରେ ଥିବା ସିମୀତ ତଥ୍ୟରୁ ଜଣାପଡୁଛି ଯେ ସମ୍ଭବତଃ ଭାରତରେ ବିଷମତା କମିଛି। ରିପୋର୍ଟରେ ବିଶ୍ୱ ବ୍ୟାଙ୍କ ଲେଖିଥିଲା ଯେ ବିଶ୍ୱ- ବିଷମତା ଡାଟାବେସ ଅନୁସାରେ ଆୟ ସମ୍ବନ୍ଧୀୟ ବିଷମତାର ଇଣ୍ଡେକ୍ସ ୨୦୦୪ରେ ୫୨ଥିଲା ଓ ୨୦୨୩ ବେଳକୁ ଏହା ବୃଦ୍ଧି ପାଇ ୬୨ରେ ପହଞ୍ଚିଥିଲା। ଏଥିରୁ ସ୍ପଷ୍ଟ ଯେ ସରକାର ବିଶ୍ୱ ବ୍ୟାଙ୍କକୁ ଆୟସମ୍ପର୍କୀତ ପ୍ରକୃତ ସୂଚନା ଦେଇ ନାହାଁନ୍ତି ଅଥବା ଅର୍ଦ୍ଧସୂଚନା ଦେଇଛନ୍ତି। ଏଥିରୁ ସ୍ପଷ୍ଟ ଯେ ସରକାରଙ୍କ ପ୍ରବନ୍ଧନ ବିଶେଷଜ୍ଞ ମାନେ ରିପୋର୍ଟକୁ ସରକାରଙ୍କ ସପକ୍ଷରେ ଆଣିବା ପାଇଁ ଉଦ୍ୟମ କରିଥିଲେ।

ଅସଲ କଥା ହେଉଛି କିଛି ପ୍ରତିଶତ ଲୋକ ରେଷ୍ଟୁରାଣ୍ଟ ରେ ଖାଇବା-ପିଇବା, ବୁଲିଯିବା, ହୋଟେଲରେ ରହିବା, ଦାମୀ କପଡ଼ା କିଣିବା, ଦାମୀ, ଇଲେକ୍ଟ୍ରୋନିକ ଜିନିଷ କିଣିବାରେ ଅଧିକ ବ୍ୟୟ କରିଥାନ୍ତି। ଏସବୁ ତଥ୍ୟକୁ ଆଧାର କରି ଯେଉଁ ଇଣ୍ଡେକ୍ସ କରାଯାଏ ଏହା ଦେଶର ଲୋକଙ୍କ ଆର୍ଥୀକ ସ୍ଥିତି ବାବଦରେ ଠିକ୍ ତଥ୍ୟ ନୁହେଁ। ଆର୍ଥୀକ ବିଷମତା ବାବଦରେ ଚର୍ଚ୍ଚା କରିବାବେଳେ ଆମକୁ ଆୟ ଏବଂ ସମ୍ପତ୍ତି ସମ୍ବନ୍ଧୀୟ ସ୍ୱାମୀତ୍ୱ ବାବଦରେ ତଥ୍ୟକୁ ଗୁରୁତ୍ୱ ଦେବା ଉଚିତ୍। ଦେଶର ସମସ୍ତ ଆୟ (ସବୁ ଲୋକଙ୍କ ଆୟ) ର ୫୭ ପ୍ରତିଶତୀରୁ ଅଧିକ ଅଂଶ ୧୦ ପ୍ରତିଶତ ଲୋକଙ୍କର ଓ ସମସ୍ତ ଆୟର ୧୪ ପ୍ରତିଶତ ବା ତାଠାରୁ କିଛି ଅଧିକ ଅଂଶ ୫୦ ପ୍ରତିଶତ ଲୋକଙ୍କର। ସମ୍ପତ୍ତି ଅନୁସାରେ ଦେଶର ସମୁଦାୟ ସମ୍ପତ୍ତିର ୬୫ ପ୍ରତିଶତ ସମ୍ପତ୍ତି ୧୦ ପ୍ରତିଶତ ଲୋକଙ୍କ ପାଖରେ ରହିଛି। ୫୦ ପ୍ରତିଶତ ଲୋକଙ୍କ ପାଖରେ ଦେଶର ସମୁଦାୟ ସମ୍ପତ୍ତିର ୬ ପ୍ରତିଶତ ବା ତା ଠାରୁ କିଛି ଅଧିକ ରହିଛି। ଆର୍ଥାତ୍ ଆୟ ତୁଳନାରେ ଅଧିକ ବିଷମତା ସମ୍ପତ୍ତି ମାମଲାରେ ରହିଛି। ବଳକା ୩୦ପ୍ରତିଶତ ଲୋକ କେବଳ ତାଙ୍କ ଗୁଜୁରାଣ ମେଣ୍ଟାଇ ପାରନ୍ତି କିନ୍ତୁ ସେମାନଙ୍କର ଆୟ ଏତେ ସୀମିତ ଯେ ସେମାନଙ୍କ ପାଇଁ ଉପଭୋଗର ବସ୍ତୁ ସ୍ୱପ୍ନ। ଏଥିରୁ ସ୍ପଷ୍ଟ ଯେ ବାସ୍ତବୀକତା କ'ଣ?


**ରାମଚନ୍ଦ୍ରପୁର, ରଣପୁର, ମୋବାଇଲ୍: ୯୪୩୮୪୮୫୦୯୪**


# କନ୍ୟା ଭ୍ରୁଣ ହତ୍ୟା: ଡାକ୍ତରୀ ବୃତ୍ତିର ନୈତିକ ଭୂମିକା



**ଅସିତ ମହାନ୍ତି**

କନ୍ୟା ଭ୍ରୁଣ ହତ୍ୟା-ଏକ କନ୍ୟା ଭ୍ରୁଣର ଉଦ୍ଦେଶ୍ୟମୂଳକ ଭାବରେ ନଷ୍ଟ କରିବା - କେବଳ ଏକ ଅପରାଧିକ କାର୍ଯ୍ୟ ନୁହେଁ ବରଂ ଏକ ଗଭୀର ସାମାଜିକ କଳଙ୍କ ଯାହା ପିତୃସତ୍ତ୍ୱ, ସାଂସ୍କୃତିକ ପକ୍ଷପାତ ଏବଂ ପଦ୍ଧତିଗତ ବିଫଳତାର ସନ୍ଧିକୁ ପ୍ରତିଫଳିତ କରେ। ଲିଙ୍ଗ-ନିର୍ବାଚନୀ ଗର୍ଭପାତକୁ ନିଷିଦ୍ଧ କରୁଥିବା ଆଇନଗତ ଢାଞ୍ଚା ସତ୍ତ୍ୱେ, ଏହି ପ୍ରଥା ଗୁପ୍ତ ଭାବରେ ଜାରି ରହିଛି, ପ୍ରାୟତଃ ଜୀବନ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଲୋକଙ୍କ ଦ୍ୱାରା ସହଜ କରାଯାଇଥାଏ। ସ୍ୱାସ୍ଥ୍ୟ ଏବଂ ନୀତିର ରକ୍ଷକ ଭାବରେ, ଡାକ୍ତରମାନେ ଏହି ପ୍ରତିଗାମୀ ଘଟଣା ପ୍ରତିରୋଧ କରିବାରେ ଏବଂ ପରିବର୍ତ୍ତନକୁ ଉତ୍ତେଜିତ କରିବାରେ ଗୁରୁତ୍ୱପୂର୍ଣ୍ଣ।

**କଳଙ୍କକୁ ବୁଝିବା:** ମହିଳା ଭ୍ରୁଣ ହତ୍ୟା ଲିଙ୍ଗ ପକ୍ଷପାତ ଏବଂ ସାମାଜିକ ସାଂସ୍କୃତିକ ଧାରଣାର ଭିତ୍ତିଭୂମି ଉପରେ ବୃଦ୍ଧି ପାଏ ଯାହା ପୁରୁଷ ସନ୍ତାନକୁ ଆର୍ଥିକ ସୁରକ୍ଷା, ବଂଶ ଏବଂ ସାମାଜିକ ପ୍ରତିଷ୍ଠା ସହିତ ସମାନ କରିଥାଏ। ଅନେକ ସମ୍ପ୍ରଦାୟରେ, ଯୌତୁକ ଏବଂ ସୀମିତ ଉତ୍ତରାଧିକାର ଅଧିକାର ପରି ଅଭ୍ୟାସ ଯୋଗୁଁ କନ୍ୟାମାନଙ୍କୁ ଆର୍ଥିକ ବୋଝ ଭାବରେ ଦେଖାଯାଏ। 'ପରିବାର ଯୋଜନା' ଭାବରେ ପ୍ରସବପୂର୍ବ ଲିଙ୍ଗ ଚୟନକୁ ସାଧାରଣ କରୁଥିବା ସୂକ୍ଷ୍ମ ସାମାଜିକ ଚାପ ଦ୍ୱାରା ଏହି କଳଙ୍କ ଆହୁରି ବୃଦ୍ଧି ପାଏ। ବନ୍ଦ କ୍ଲିନିକ୍ ଦ୍ୱାର ପଛରେ, ପ୍ରଯୁକ୍ତିବିଦ୍ୟା ଜଟିଳ ହୋଇଯାଏ। ଗର୍ଭଧାରଣକୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ଅଲ୍ଟ୍ରାସାଉଣ୍ଡ ମେସିନ୍ ଭ୍ରୁଣର ଲିଙ୍ଗ ଚିହ୍ନଟ କରିବା ପାଇଁ ଅପବ୍ୟବହାର କରାଯାଏ ଏବଂ ଗର୍ଭପାତ ବାଛି ବାଛି କରାଯାଏ, ପ୍ରାୟତଃ ଡାକ୍ତରୀ ଆବଶ୍ୟକତାର ଆଳ ଦେଖାଇ। ଗର୍ଭବତୀ ଝିଅମାନଙ୍କ ବିରୁଦ୍ଧରେ ଏହି ନୀରବ ଯୁଦ୍ଧ କେବଳ ଲିଙ୍ଗ ଅନୁପାତକୁ ବିକୃତ କରେ ନାହିଁ ବରଂ ଭେଦଭାବ, ହିଂସା ଏବଂ ସୀମାନ୍ତୀକରଣର ଚକ୍ରକୁ ସ୍ଥାୟୀ କରିଥାଏ।ଆଇନଗତ ଏବଂ ନୈତିକ ଢାଞ୍ଚା: ଭାରତର ପୂର୍ବ-ଗର୍ଭଧାରଣ ଏବଂ ପୂର୍ବ-ପ୍ରସୂତି ରୋଗ ନିର୍ଣ୍ଣୟ କୌଶଳ ଆଇନ, ୧୯୯୪, ଲିଙ୍ଗ ନିର୍ଣ୍ଣୟ ଏବଂ କନ୍ୟା ଭ୍ରୁଣ ହତ୍ୟା ବିରୁଦ୍ଧରେ ଏକ ଆଇନଗତ ସୁରକ୍ଷା ଭାବରେ ଠିଆ ହୋଇଛି। ଏହା ଭ୍ରୁଣ ଲିଙ୍ଗ ନିର୍ଣ୍ଣୟ ପାଇଁ ରୋଗ ନିର୍ଣ୍ଣୟ କୌଶଳର ଅପବ୍ୟବହାରକୁ ନିଷିଦ୍ଧ କରେ ଏବଂ ଉଲ୍ଲଂଘନକାରୀଙ୍କ ପାଇଁ କଠୋର ଦଣ୍ଡ ନିର୍ଦ୍ଦେଶ ଦିଏ। ତଥାପି, ପ୍ରବର୍ତ୍ତନରେ ଥିବା ତ୍ରୁଟି, ଦୁର୍ନୀତି ଏବଂ ସଚେତନତାର ଅଭାବ ଏହାର ପ୍ରଭାବକୁ ଦୁର୍ବଳ କରେ। ନୀତିଗତ ଭାବରେ, ହିପୋକ୍ରାଟିକ୍ ଶପଥ ଏବଂ ଭାରତର ମେଡିକାଲ୍ କାଉନସିଲ୍ର ଆଚରଣ ସଂହିତା ଡାକ୍ତରମାନଙ୍କୁ ଜୀବନ ଏବଂ ମର୍ଯ୍ୟାଦା ବଜାୟ ରଖିବା ପାଇଁ ଆବଦ୍ଧ କରେ। ମହିଳା ଭ୍ରୁଣ ହତ୍ୟାରେ ଯେକୌଣସି ନିୟୋଜିତ ସିଧାସଳଖ ଏହି ମୂଳ ନୀତିଗୁଡ଼ିକୁ ଉଲ୍ଲଂଘନ କରେ।

**ଡାକ୍ତରଙ୍କ ଭୂମିକା:** ଜଟିଳତାରୁ ବିବେକ ପର୍ଯ୍ୟନ୍ତ: ଡାକ୍ତରମାନେ କନ୍ୟା ଭ୍ରୁଣ ହତ୍ୟା ଅଭ୍ୟାସରେ ସହଯୋଗୀ ଅଭିନେତା କିମ୍ବା ସଚେତନ ପ୍ରତିରୋଧକାରୀ ହୋଇପାରନ୍ତି। ଏହି ପସନ୍ଦ ସେମାନଙ୍କର ଐତିହ୍ୟକୁ ପରିଭାଷିତ କରେ - କେବଳ ଚିକିତ୍ସା ନୁହେଁ ବରଂ ସାମାଜିକ ଭାବରେ। ନୀତିଶାସ୍ତ୍ରର ଦ୍ୱାରପାଳ - ଡାକ୍ତରମାନଙ୍କୁ ନୀତିଶାସ୍ତ୍ରର ଦ୍ୱାରପାଳ ଭାବରେ କାର୍ଯ୍ୟ କରିବାକୁ ପଡ଼ିବ, ପ୍ରସବପୂର୍ବ ଲିଙ୍ଗ ନିର୍ଣ୍ଣୟ ପାଇଁ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିବା ଏବଂ ଲିଙ୍ଗ-ପକ୍ଷପାତପୂର୍ଣ୍ଣ ଗର୍ଭପାତକୁ ନିରୁତ୍ସାହିତ କରିବା ଉଚିତ। ଜୀବନର ପବିତ୍ରତାକୁ ବଜାୟ ରଖିବା ସାମାଜିକ ଚାପ ଏବଂ ଆର୍ଥିକ ପ୍ରଲୋଭନକୁ ଅତିକ୍ରମ କରିବା ଉଚିତ। ୨. ପରିବର୍ତ୍ତନର ସମର୍ଥକ - କ୍ଲିନିକ୍ ବ୍ୟତୀତ, ଡାକ୍ତରମାନେ ଶିକ୍ଷକ ଏବଂ ସମର୍ଥକ ଭାବରେ କାର୍ଯ୍ୟ କରିପାରିବେ - କନ୍ୟା ଭ୍ରୁଣ ହତ୍ୟାର ମନସ୍ତାତ୍ତ୍ୱିକ, ସାମାଜିକ ଏବଂ ଜନସଂଖ୍ୟାଗତ ପରିଣାମ ବିଷୟରେ ସଚେତନତା ବୃଦ୍ଧି କରିବା। ସେମାନଙ୍କର ସମ୍ମାନଜନକ ସାମାଜିକ ସ୍ଥିତି ସେମାନଙ୍କୁ ସମ୍ପ୍ରଦାୟ, ବିଦ୍ୟାଳୟ ଏବଂ ଗଣମାଧମ ପ୍ଲାଟଫର୍ମରେ କଥା କହିବା, ମିଥ୍ୟାକୁ ଭାଙ୍ଗିବା ଏବଂ କନ୍ୟା ସନ୍ତାନମାନଙ୍କ ପ୍ରତି ସମ୍ମାନ ବୃଦ୍ଧି କରିବା ପାଇଁ ସଶକ୍ତ କରିଥାଏ। ୩. ଅନୁଷ୍ଠାନିକ ଗୁପ୍ତଚର - ଡାକ୍ତରୀ ଅଭ୍ୟାସକାରୀମାନେ ସକ୍ରିୟ ଭାବରେ ବେଆଇନ କାର୍ଯ୍ୟକଳାପ ବିଷୟରେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ କରିବା ଉଚିତ, ଯେଉଁଥିରେ ଲିଙ୍ଗ-ନିର୍ବାଚନୀ ଗର୍ଭପାତ କରୁଥିବା କ୍ଲିନିକ୍ ଅନ୍ତର୍ଭୁକ୍ତ। ନିରୀକ୍ଷଣ ନେଟୱାର୍କରେ ଅଂଶଗ୍ରହଣ କରିବା, ଚଉଚଘଉଞ୍ଚ ଆଇନ ଅନୁଯାୟୀ ଅଡିଟ୍ ସମର୍ଥନ କରିବା ଏବଂ ଉତ୍ତମ ସ୍ୱଚ୍ଛତା ପାଇଁ ପ୍ରୋତ୍ସାହିତ କରିବା ପଦ୍ଧତିଗତ ଦାୟିତ୍ୱ ସୁନିଶ୍ଚିତ କରିପାରିବ। ୪. ସଶକ୍ତିକରଣର ସହଯୋଗୀ - ଡାକ୍ତରମାନେ ଜବରଦସ୍ତି ସମ୍ମୁଖୀନ ହେଉଥିବା ଗର୍ଭବତୀ ମହିଳାଙ୍କୁ ସମର୍ଥନ କରିବା ପାଇଁ ଘଏଙ୍ଗ, ଆଇନଗତ ବିଶେଷଜ୍ଞ ଏବଂ ମହିଳା ଅଧିକାର ସଂଗଠନ ସହିତ ସହଯୋଗ କରିପାରିବେ। ହସ୍ପିଟାଲ ମଧରେ ପରାମର୍ଶ ସେବା ଭାବପ୍ରବଣ ସମର୍ଥନ ଏବଂ ମାର୍ଗଦର୍ଶନ ପ୍ରଦାନ କରିପାରିବ, ପସନ୍ଦ ଏବଂ ମର୍ଯ୍ୟାଦାର ମୂଲ୍ୟକୁ ସୁଦୃଢ଼ କରିପାରିବ।

**ଭ୍ରୂଣ ହତ୍ୟାର ସାମାଜିକ ପ୍ରଭାବ:** ଜନସଂଖ୍ୟାଗତ ଅସନ୍ତୁଳନ: ବିକୃତ ଲିଙ୍ଗ ଅନୁପାତ: ହରିୟାଣା ଏବଂ ପଞ୍ଜାବ ଭଳି ଅଞ୍ଚଳରେ ମହିଳା-ପୁରୁଷ ଅନୁପାତ ଚିନ୍ତାଜନକ ଭାବରେ କମ୍ (ଯଥା, ହରିୟାଣାରେ ପ୍ରତି ୧୦୦୦ ପୁଅରେ ୮୩୪ ଝିଅ)। ବିବାହ ସଙ୍କୋଚନ: କମ ମହିଳା କନ୍ୟା ପାଇଁ ପ୍ରତିଯୋଗିତାକୁ ବଢ଼ାଉଛନ୍ତି, ଯାହା ପ୍ରାୟତଃ କିଛି ଅଞ୍ଚଳରେ ବଳପୂର୍ବକ ବିବାହ, ଚାଲାଣ ଏବଂ ବହୁପତ୍ନୀ ପ୍ରଥା ସୃଷ୍ଟି କରେ। ଲିଙ୍ଗ ଅସମାନତା ଏବଂ ପିତୃସତ୍ତ୍ୱ: ପୁଅ ପସନ୍ଦକୁ ସୁଦୃଢ଼ କରିବା: ଏହି ପ୍ରଥା ଏହି ବିଶ୍ୱାସକୁ ସ୍ଥାୟୀ କରେ ଯେ ଝିଅମାନେ ଦାୟିତ୍ୱ, ବିଶେଷକରି ଯୌତୁକ ଏବଂ ଉତ୍ତରାଧିକାର ମାନଦଣ୍ଡ ଯୋଗୁଁ ମହିଳାମାନଙ୍କର ଅବମୂଲ୍ୟାୟନ: ଏହା ସୂଚିତ କରେ ଯେ ମହିଳା ଜୀବନ କମ୍ ମୂଲ୍ୟବାନ, ଲିଙ୍ଗ ସମାନତା ଏବଂ ସଶକ୍ତିକରଣ ଦିଗରେ ପ୍ରୟାସକୁ ଦୁର୍ବଳ କରିଥାଏ। ମାନସିକ ଏବଂ ଭାବପ୍ରବଣ କ୍ଷତି: ମା'ମାନଙ୍କ ଉପରେ: ମହିଳାମାନଙ୍କୁ ଗର୍ଭପାତ କରିବାକୁ ବାଧ କରାଯାଇପାରେ, ଯାହା ଆଘାତ, ଦୋଷ ଏବଂ ଦୀର୍ଘକାଳୀନ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରେ। ପରିବାର ଉପରେ: ଏପରି କାର୍ଯ୍ୟରେ ଅଂଶଗ୍ରହଣ କରିବା କିମ୍ବା ଏଥିରେ ଜଡିତ ହେବାର ଭାବପ୍ରବଣ ବୋଝ ସମ୍ପର୍କ ଏବଂ ସମ୍ପ୍ରଦାୟ ବିଶ୍ୱାସକୁ ଭାଙ୍ଗିପାରେ। ପିଢ଼ିଗତ ପରିଣାମ: ଅସମର୍ଥନର ଚକ୍ର: କମ ମହିଳା ମାନେ କମ ମହିଳା ଆଦର୍ଶ, ନେତା ଏବଂ ଯତ୍ନ ନେଉଛନ୍ତି - ସାମାଜିକ ପ୍ରଗତିକୁ ସୀମିତ କରୁଛି। ପିଲାମାନଙ୍କ ଉପରେ ପ୍ରଭାବ: ବିକୃତ ପରିବେଶରେ ପାଳିତ ପୁଅମାନେ ଲିଙ୍ଗ ପକ୍ଷପାତକୁ ଆନ୍ତରିକ କରିପାରନ୍ତି, ଯାହା ଭେଦଭାବକୁ ସ୍ଥାୟୀ କରିପାରେ। ଦକ୍ଷିଣ କୋରିଆ ସରକାର ଏହି କ୍ଷେତ୍ରରେ ଏକ ପରମେଶ୍ୱରଙ୍କ ପଦକ୍ଷେପ ନେଇଛନ୍ତି ଯାହା ଅନ୍ୟ ଦେଶ ପାଇଁ ଏକ ଭଲ ଉଦାହରଣ ହୋଇପାରେ। ସରକାର ଲିଙ୍ଗ-ନିର୍ବାଚନୀ ଗର୍ଭପାତକୁ ରୋକିବା ପାଇଁ ନିର୍ଣ୍ଣାୟକ ପଦକ୍ଷେପ ନେଇଛନ୍ତି, ଯାହା ମଧରୁ ଅନେକ ଚିକିତ୍ସା ଅଭ୍ୟାସକୁ ନିୟନ୍ତ୍ରଣ କରିବା ଏବଂ ସାମାଜିକ ମନୋଭାବକୁ ପୁନଃଆକୃତି ଦେବା ସହିତ ଜଡିତ। ଦକ୍ଷିଣ କୋରିଆ ସରକାରଙ୍କ ଦ୍ୱାରା ନିଆଯାଇଥିବା ପ୍ରମୁଖ ପଦକ୍ଷେପ: ପ୍ରସବ ପୂର୍ବ ଲିଙ୍ଗ ପ୍ରକାଶନ ଉପରେ ଆଇନଗତ ପ୍ରତିବନ୍ଧକ: ୧୯୮୭ ମସିହାରେ, ଦକ୍ଷିଣ କୋରିଆ ଡାକ୍ତରମାନଙ୍କୁ ପ୍ରସବ ପୂର୍ବ ପରୀକ୍ଷା ସମୟରେ ଭ୍ରୁଣର ଲିଙ୍ଗ ପ୍ରକାଶ କରିବାରୁ ନିଷେଧ କରିଥିଲା। ଏହା ଲିଙ୍ଗ-ନିର୍ବାଚନୀ ଗର୍ଭପାତକୁ ରୋକିବା ପାଇଁ ଏକ ସିଧାସଳଖ ପ୍ରୟାସ ଥିଲା, ଯାହା ପ୍ରାୟତଃ ଅଲ୍ଟ୍ରାସାଉଣ୍ଡ-ଆଧାରିତ ଲିଙ୍ଗ ନିର୍ଣ୍ଣୟ ପରେ କରାଯାଉଥିଲା। କଠୋର ପ୍ରବର୍ତ୍ତନ ଏବଂ ଦଣ୍ଡ - ସରକାର ନିଷେଧ ଉଲ୍ଲଂଘନ କରିଥିବା ଡାକ୍ତରମାନଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଲାଗୁ କରିଥିଲେ, ଯେଉଁଥିରେ ଲାଇସେନ୍ସ ନିଲମ୍ବନ ଏବଂ ଆଇନଗତ ମାମଲା ଅନ୍ତର୍ଭୁକ୍ତ ଥିଲା। ହସ୍ପିଟାଲ ଏବଂ କ୍ଲିନିକ୍ଗୁଡ଼ିକୁ ଅଧିକ କଠୋର ଭାବରେ ତଦାରଖ କରାଯାଇଥିଲା, ଏବଂ ଉଲ୍ଲଂଘନକୁ ନୈତିକ ଉଲ୍ଲଂଘନ ଭାବରେ ବିବେଚନା କରାଯାଇଥିଲା। ଜନସଚେତନତା ଅଭିଯାନ: ସରକାର ଲିଙ୍ଗ ସମାନତାକୁ ପ୍ରୋତ୍ସାହିତ କରିବା ଏବଂ ପୁଅ ପସନ୍ଦକୁ ନିରୁତ୍ସାହିତ କରିବା ପାଇଁ ଦେଶବ୍ୟାପୀ ଅଭିଯାନ ଆରମ୍ଭ କରିଥିଲେ। ଏହି ପ୍ରୟାସଗୁଡ଼ିକରେ ସ୍କୁଲ ଶିକ୍ଷା, ଗଣମାଧମ ପ୍ରସାର ଏବଂ ସାଂସ୍କୃତିକ ମାନଦଣ୍ଡକୁ ପରିବର୍ତ୍ତନ କରିବା ପାଇଁ ନାଗରିକ ସମାଜ ସହିତ ସହଯୋଗ ଅନ୍ତର୍ଭୁକ୍ତ ଥିଲା।

**ଲିଙ୍ଗ ସମାନତା ପାଇଁ ପ୍ରୋତ୍ସାହନ:** ଝିଅ ଥିବା ପରିବାରକୁ ସମର୍ଥନ କରିବା ପାଇଁ ନୀତି ପ୍ରଚଳନ କରାଯାଇଥିଲା, ଯେଉଁଥିରେ ଆର୍ଥିକ ପ୍ରୋତ୍ସାହନ ଏବଂ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ପାଇଁ ବିସ୍ତାରିତ ପ୍ରବେଶ ଅନ୍ତର୍ଭୁକ୍ତ ଥିଲା। ଲକ୍ଷ୍ୟ ଥିଲା ଝିଅମାନଙ୍କୁ ପାଳନ କରିବାରେ ହେଉଥିବା ଆର୍ଥିକ ଅସୁବିଧାକୁ ହ୍ରାସ କରିବା। ନୀତି ଏକୀକରଣ ମାଧମରେ ସାଂସ୍କୃତିକ ପରିବର୍ତ୍ତନ: ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମ, ଶ୍ରମ ସଂସ୍କାର ଏବଂ ପରିବାର କଲ୍ୟାଣ ଯୋଜନା ସମେତ ବ୍ୟାପକ ଜାତୀୟ ବିକାଶ ରଣନୀତିରେ ଲିଙ୍ଗ ସମାନତାକୁ ସାମିଲ କରାଯାଇଥିଲା।ଏହି ମିଳିତ ପ୍ରୟାସ ୨୦୦୦ ଦଶକର ପ୍ରାରମ୍ଭ ସୁଦ୍ଧା ଲିଙ୍ଗ ଅନୁପାତର ଏକ ନାଟକୀୟ ସ୍ୱାଭାବିକୀକରଣକୁ ନେଇଥିଲା। ଦକ୍ଷିଣ କୋରିଆକୁ ବର୍ତ୍ତମାନ ଆଇନଗତ, ନୈତିକ ଏବଂ ସାଂସ୍କୃତିକ ହସ୍ତକ୍ଷେପ ମାଧମରେ ଲିଙ୍ଗ ଅସନ୍ତୁଳନକୁ ଫେରାଇ ଆଣିବାରେ ଏକ ସଫଳତାର କାହାଣୀ ଭାବରେ ଉଲ୍ଲିଖିତ କରାଯାଉଛି।

**କନ୍ୟା ଭ୍ରୁଣ ହତ୍ୟା ଏକ ଏକାକୀ ଅପରାଧ ନୁହେଁ:** ଏହା ବୃହତ ସାମାଜିକ ଅବକ୍ଷୟର ଏକ ଲକ୍ଷଣ। ଆଇନ ଦଣ୍ଡ ଦେଇପାରେ, କିନ୍ତୁ ବିବେକ ଏବଂ କରୁଣା ହିଁ ପ୍ରକୃତରେ ସୁସ୍ଥ କରେ। ଡାକ୍ତରମାନେ, ସେମାନଙ୍କର ବୃତ୍ତି ଏବଂ ଦୃଶ୍ୟମାନତା ଯୋଗୁଁ, ନିରପେକ୍ଷ ଭାବରେ ଜୀବନକୁ ସୁରକ୍ଷା ଦେବା ପାଇଁ ନୈତିକ ଦାୟିତ୍ୱ ବହନ କରନ୍ତି। ଜଟିଳତାକୁ ପ୍ରତ୍ୟାଖ୍ୟାନ କରି ଏବଂ ସକ୍ରିୟତାକୁ ଗ୍ରହଣ କରି, ସେମାନେ ସାମାଜିକ କାହାଣୀକୁ ପୁନଃଆକୃତି ଦେବାରେ ସାହାଯ୍ୟ କରିପାରିବେ - ଯେଉଁଠାରେ ଝିଅର ଜନ୍ମ ଦୁଃଖର କାରଣ ନୁହେଁ, ବରଂ ଉତ୍ସବ।


**ସୁଜନପୁର, ଯାଜପୁର, ମୋବାଇଲ୍: ୯୪୩୭୨୮୮୦୨୮**


# ମନର ପରିଭାଷା



**ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)**

ଭାରତର ଅର୍ଥନୈତିକ ଅଭିବୃଦ୍ଧି ପରିମାଣ କ୍ରୟ ଓ ବ୍ୟୟ ଉପରେ ନିର୍ଦ୍ଧାରଣ କରାଯାଇଥାଏ। ତେବେ ସାମ୍ପ୍ରତିକ ବ୍ୟୟ କରିବାର ଏକ ଉଦ୍‌ବେଗଜନକ ସଂକେତ ପ୍ରଦାନ କରେ। ଭାରତୀୟମାନେ ସେମାନଙ୍କର ଆୟର ପ୍ରାୟ ଏକ ତୃତୀୟାଂଶ ଋଣ ପରିଶୋଧରେ ବିନିଯୋଗ କରିଥାନ୍ତି। ଏହା ସେମାନଙ୍କର ଋଣ ଭାର ବୃଦ୍ଧି ପାଇବା ସହ ସେମାନଙ୍କ ଅର୍ଥନୈତିକ ସ୍ଥିରତା ଓ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ନିଯୁତ ନିଯୁତ ଭାରତୀୟ ଏଭଳି ଆର୍ଥୀକ ସ୍ଥିତିରେ ଜୀବନ ବିତାଉଥିବା ଏକ ଅନୁଧାନକାରୀ ରିପୋର୍ଟ କହେ। ବହୁ ସଂଖ୍ୟକ ବେତନଭୋଗୀ ସେମାନଙ୍କ ମାସିକ ବେତନର ୩୫ରୁ ୪୫ ପ୍ରତିଶତ ଋଣ ପରିଶୋଧରେ ବ୍ୟୟ କରିଥାନ୍ତି। ଆର୍ଥୀକ ଉଦାରତା ଏବେ ବାଧକତାରେ ପରିଣତ ହୋଇଛି। ଯାହାକି କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ନିସନ୍ଦେହ ଯେ, ଦିନ ଥିଲା ସଞ୍ଚୟ ଭାରତୀୟମାନଙ୍କର ସଂସ୍କୃତି ଥିବାବେଳେ ଏବେ ସହଜସାଧ ଋଣ ଏବଂ ଧାର, ଋଣ କରିବା ଜୀବନଶୈଳୀରେ ପରିଣତ ହୋଇଛି। କହିବା ବାହୁଲ୍ୟ ଯେ, ଉଚ୍ଚ ଆୟବର୍ଗକାରୀଙ୍କର ଭ୍ରମଣ ଓ ଆରାମ ଦାୟକ ତଥା ବିଳାସପୂର୍ଣ୍ଣ ସମାଗ୍ରୀ କ୍ରୟ ପାଇଁ ଋଣ କରିଥିବାବେଳେ ନିମ୍ନ ଆୟକାରୀ ବର୍ଗ ଅତ୍ୟାବଶ୍ୟକୀୟ ସାମଗ୍ରୀ କିଣିବାରେ ଚିକିତ୍ସା ସେବା ପାଇଁ ଔଷଧ କିଣିବା ପାଇଁ ଧାର, କରଜ କରିବା ପାଇଁ ବାଧ ହୋଇଥାନ୍ତି। ଅନ୍ୟପକ୍ଷରେ ପରିବାରର ସଞ୍ଚୟ ଗତ ପାଞ୍ଚ ବର୍ଷ ମଧରେ ଆଶାତୀତ ଭାବେ ନିମ୍ନଗାମୀ ହୋଇଛି। ଯାହାକି ଜିଡିପିର ୫.୧ ପ୍ରତିଶତ ଥିବା କୁହାଯାଇଛି। ଭାରତର ପରମ୍ପରାଗତ ସଞ୍ଚୟ ସଂସ୍କୃତି ଏବେ ବିପଦଜନକ ସ୍ଥିତିରେ ବୋଲି କୁହାଯାଏ। ଭାରତୀୟଙ୍କର ଆୟ ବଢୁଥିବା ସତ୍ୱେ ବ୍ୟକ୍ତିଗତ ଋଣ ବାର୍ଷିକ ୧୩.୭ ପ୍ରତିଶତରେ ପହଁଚିଛି। ବେତନ ବୃଦ୍ଧି ସତ୍ୱେ ସେମାନେ କିପରି ଆର୍ଥୀକ ଚାପରେ ଥିବା, ତାହା ବେଶ ସ୍ପଷ୍ଟ ଅନୁମେୟ। ଗତ ୬ମାସ ମଧରେ ହାରାହାରୀ ମାସିକ ବେତନ ଅଭିବୃଦ୍ଧି ୯.୧ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ବୃଦ୍ଧି ପାଉଥିବା ଋଣ ସ୍ତର ଦର୍ଶାଏ ଯେ, ଦୃତ ବେଗରେ ବ୍ୟୟ ମଧ ବଢ଼ିବାରେ ଲାଗିଛି। କେବଳ ଏତିକି ନୁହେଁ, ଭାରତୀୟମାନେ 'ଋଣ କରି ଘିଅ ଖାଇବା' ନୀତିକୁ ଆପଣାଇ ନେଇଥିବା ମନେହୁଏ। ଋଣରେ ଘରକରଣା ସାମଗ୍ରୀ କ୍ରୟ କରିବା ଏବେ ପ୍ରତି ଭାରତୀୟଙ୍କ ଅଭ୍ୟାସରେ ପରିଣତ ହୋଇଗଲାଣି, ବିଶେଷକରି ଗାଡି ଠାରୁ ଆରମ୍ଭ କରି ବିଭିନ୍ନ ଆରାମ ଦାୟକ ସାମଗ୍ରୀ କିଣିବା ପ୍ରତ୍ୟେକଙ୍କର ଆଭିମୁଖ୍ୟ ହୋଇଯାଇଛି ବୋଲି କହିଲେ ହୁଏତ ଅତିରଞ୍ଜିତ ହୋଇନପାରେ। ତେବେ କେବଳ ବ୍ୟକ୍ତିଗତ ସ୍ତରରେ ନୁହେଁ, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଋଣ ଭାର ମଧ ଗଡି ଚାଲିଛି। ଗତ ୧୦ବର୍ଷ ମଧରେ କେନ୍ଦ୍ର ସରକାରଙ୍କ ଋଣ ଭାର ୧୦୫ ଲକ୍ଷ କୋଟିକୁ ଅତିକ୍ରମ କରିଥିବା ସରକାରୀ ରିପୋର୍ଟ ପ୍ରକାଶ କରିଥିଲେ ମଧ ରାଜ୍ୟ ସରକାରମାନେ ମଧ ନିଜର ଆବଶ୍ୟକତା ପାଇଁ ଋଣ କରିଥାନ୍ତି। ଉଦାହରଣ ସ୍ୱରୁପ ଗତ ୨୪ବର୍ଷ ମଧରେ ବିଜେଡି ସରକାର ୯୧ ହଜାର ଟଙ୍କା ଋଣ କରିଥିବାବେଳେ ଗତ ୮ମାସ ମଧରେ ବିଜେପି ସରକାରଙ୍କ ଋଣ ପରିମାଣ ୯୬ହଜାର କୋଟି ହୋଇଥିବା କୁହାଯାଇଛି। ଏହା ନିସନ୍ଦେହ ଯେ, ବିଭିନ୍ନ ମାଗଣା ଯୋଜନା ଯୋଗୁଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଋଣ ଭାର ବଢ଼ିଚାଲିଛି। ଆମ ରାଜ୍ୟରେ ମୁଣ୍ଡପିଛା ଋଣ ଭାର ୨୦ହଜାର ଟଙ୍କାରେ ପହଁଚିଥିବା ସରକାରୀ ରିପୋର୍ଟ କହେ। ମାଗଣା ଯୋଜନା, ସରକାରଙ୍କ ଲଗାମଛଡା ବ୍ୟୟ ଏବଂ ଋଣ ଯୋଗୁଁ ଋଣ ଭାର ବଢ଼ିବା ସ୍ୱାଭାବିକ। ଏଥିରୁ ସରକାର କ୍ଷାନ୍ତ ହେବା ଜରୁରୀ। ଅନ୍ୟଥା ଶ୍ରୀଲଙ୍କା ପରିସ୍ଥିତି ଉପୁଜିବା କିଛି ଅସମ୍ଭବ ନୁହେଁ।


**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**
**ମୋବାଇଲ ନଂ-୭୯୭୮୬୬୬୪୦୩**

## ଏନଡିଏ ବୈଠକରେ କହିଲେ ପ୍ରଧାନମନ୍ତ୍ରୀ ମୋଦି

# ପାକିସ୍ତାନକୁ ୮୬ କୋଟି ଟଙ୍କା ଦେଇଥିଲେ ନେହରୁ

ନୂଆଦିଲ୍ଲୀ,୧୯।୮: ଉପରାଷ୍ଟ୍ରପତି ନିର୍ବାଚନ ନେଇ ଏନଡିଏ ବୈଠକରେ ଯୋଗ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଦିଲ୍ଲୀରେ ଏନଡିଏ ସଂସଦୀୟ ଦଳ ବୈଠକରେ ଉପରାଷ୍ଟ୍ରପତି ପ୍ରାର୍ଥୀ ସିପି ରାଧାକୃଷ୍ଣନଙ୍କୁ ଅଭିନନ୍ଦନ ଏବଂ ସମ୍ମାନିତ କରିଥିଲେ ପ୍ରଧାନମନ୍ତ୍ରୀ। ସଂସଦର ପାଠାଗାର ଭବନରେ ଅନୁଷ୍ଠିତ ଏହି ବୈଠକରେ ସାଂସଦମାନେ ସିପି ରାଧାକୃଷ୍ଣନଙ୍କୁ ମଧ ଭେଟିଥିଲେ। ବୈଠକରେ ସିନ୍ଧୁ



ଜଳ ଚୁକ୍ତିନାମାକୁ ଉଲ୍ଲେଖ କରି କଂଗ୍ରେସକୁ ଟାର୍ଗେଟ କରିଥିଲେ ପ୍ରଧାନମନ୍ତ୍ରୀ ମୋଦୀ। ଭାରତର ଜଳ ଅଂଶ ପାକିସ୍ତାନକୁ ଦିଆଯାଇଛି। କ୍ୟାବିନେଟ୍ ଅନୁମୋଦନ ବିନା ପାକିସ୍ତାନକୁ ୮୬ କୋଟି ଟଙ୍କା ଦିଆଯାଇଥିଲା। ଏଣିକି ଜମ୍ମୁ-କାଶ୍ମୀର, ହରିୟାଣା, ରାଜସ୍ଥାନ, ପଞ୍ଜାବ ଭଳି ରାଜ୍ୟ ଜଳର ଲାଭ ପାଇବେ। ସେ ବୈଠକରେ ଅର୍ଥନୀତି ବିଷୟରେ ମଧ କଥା ହୋଇଥିଲେ। ଜବାହରଲାଲ୍ ନେହରୁ କ୍ୟାବିନେଟ ଅନୁମୋଦନ ବିନା ଏବଂ ସଂସଦକୁ ସୂଚନା ନ ଦେଇ ପାକିସ୍ତାନକୁ ୮୬ କୋଟି ଟଙ୍କା ଦେଇଥିଲେ। ଆମର ୮୦ ପ୍ରତିଶତ ପାଣି ପାକିସ୍ତାନକୁ ଦିଆଯାଇଥିଲା। ଏଭଳି ବେପରୁଆ କାମକୁ ଯେତେ ନିନ୍ଦାକଲେ କମହେବ ବୋଲି ସେ କହିଥିଲେ।

## ଇଂଲଣ୍ଡରେ ୨ ଶିଖ୍‌ଙ୍କ ଉପରେ ଆକ୍ରମଣ

ଲଣ୍ଡନ,୧୯।୮: ଇଂଲଣ୍ଡରେ ହୋଇଛି ଜାତିବାଦ ଆକ୍ରମଣ। ଶୁକ୍ରବାର ୨ ଜଣ ଶିଖ୍‌ଙ୍କ ଉପରେ ଆକ୍ରମଣ ହୋଇଛି। ଭାରତର ସ୍ୱାଧୀନତା ଦିବସ ଅବସରରେ ଦୁଇଜଣ ଶିଖ ପୁରୁଷଙ୍କୁ ତିନିଜଣ ଆକ୍ରମଣ କରିଥିଲେ। ଏହାକୁ ନେଇ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା । ଘଟଣାଟି ୱୋଲଭର ହାମ୍ପଟନ ରେଳ ଷ୍ଟେସନ ବାହାରେ ଘଟିଛି। ଏନେଇ ଏକ ଭିଡିଓ ଭାଇରାଲ ହୋଇଛି। ଭିଡିଓରେ ପୀଡ଼ିତମାନେ ତଳେ ପଡ଼ିଥିବା ଦେଖିବାକୁ ମିଳିଛି। ଆକ୍ରମଣକାରୀମାନେ ବାରମ୍ବାର ଗୋଇଠା ମାରିବା ସହ ଟଣାଓଟରା କରୁଛନ୍ତି। ଏହି ସମୟରେ ଶିଖ୍ ଯୁବକଙ୍କ ପଗଡ଼ି ଖସିଯାଇଥିବା ଦେଖିବାକୁ ମିଳିଛି। ଘଟଣାରେ ସମ୍ପୃକ୍ତ ତିନି ଜଣଙ୍କୁ ଗିରଫ କରାଯାଇଛି।

## ଭାରତକୁ ଚୀନର ବଡ଼ ଉପହାର

# ସାର, ବୋରିଂ ମେସିନ ଉପରୁ ହଟିଲା ରପ୍ତାନୀ କଟକଣା



ନୂଆଦିଲ୍ଲୀ,୧୯।୮: ଭାରତକୁ ସାର, ବିରଳ ଖଣିଜ ଚୁମ୍ବକ ଏବଂ ସୁଡ଼ଙ୍ଗ ବୋରିଂ ମେସିନ୍ ରପ୍ତାନୀ ଉପରେ କଟକଣା ଉଠାଇଲା ଚୀନ। ଏନେଇ ଚୀନ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି ସୂଚନା ଦେଇଛନ୍ତି। ଗତ ମାସରେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟ ଶଙ୍କର ଚୀନ ଗସ୍ତ କରି ତାଙ୍କର ପ୍ରତିପକ୍ଷ ୱାଙ୍ଗ ୟିଙ୍କୁ ଭେଟି ଏନେଇ ଚିନ୍ତା ପ୍ରକଟ କରିଥିଲେ। ବର୍ତ୍ତମାନ ଭାରତ ଗସ୍ତରେ ଆସିଥିବା ଚୀନ ବୈଦେଶିକ ମନ୍ତ୍ରୀ ଏହି ଶୁଭ ଖବର ଦେଇଛନ୍ତି। ୱାଙ୍ଗ ୟି କହିଛନ୍ତି ଯେ, ଏହି ୩ ସାମଗ୍ରୀ ନେଇ ଭାରତର ଅନୁରୋଧ ଉପରେ ଚୀନ କାମ କରିବା ଆରମ୍ଭ କରିଦେଇଛି। ଏହାର ରପ୍ତାନୀ ମଧ ଆରମ୍ଭ ହୋଇଯାଇଥିବା ଜଣାପଡ଼ିଛି। ରବି ଋତୁରେ ଚୀନ ହଠାତ୍ ସାର ରପ୍ତାନୀ ଉପରେ କଟକଣା ଲଗାଇଥିବାରୁ ଦେଶରେ ଡାଇ-ଆମୋନିୟମ୍ ଫସଫେଟ୍ ଉପଲବ୍ଧତା ସିଧାସଳଖ ପ୍ରଭାବିତ ହୋଇଥିଲା। ସେହିପରି ଭାରତରେ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପ ପାଇଁ ଯାଉଥିବା ଟନେଲ୍ ବୋରିଂ ମେସିନ୍‌ଗୁଡ଼ିକର ରପ୍ତାନୀକୁ ମଧ ଚୀନ ସ୍ଥଗିତ ରଖିଥିଲା। ଏନେଇ ଭାରତ ଚୀନ ପାଖରେ ଦୃଢ଼ ଅଭିଯୋଗ ରଖିଥିଲା। ସେହିପରି ବିରଳ ଖଣିଜ ଚୁମ୍ବକ ରପ୍ତାନୀ ଉପରେ କଟକଣା ଲଗାଇଥିବାରୁ ଭାରତରେ ଇଭି ସେକ୍ଟରରେ ଏକ ପ୍ରକାର ଅଚଳାବସ୍ଥା ଦେଖାଦେଇଥିଲା। ବାଜାଜ ଭଳି କମ୍ପାନୀଗୁଡ଼ିକ ଇଭି ପ୍ରଡକ୍ସନ ବନ୍ଦ କରିବାକୁ ଚିନ୍ତା ବି କରିଥିଲେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇବା ପରେ ଭାରତ ନିଜର ରଣନୀତିରେ ପରିବର୍ତ୍ତନ କରିଛି। ପଡ଼ୋଶୀ ଚୀନ ସହ ଘନିଷ୍ଠ ସମ୍ପର୍କ ବଢ଼ାଇବାକୁ ଚେଷ୍ଟା ଜାରି ରଖିଛି। ଟ୍ରମ୍ପଙ୍କ ଶତ୍ରୁତା ଭାରତ-ଚୀନ ମଧରେ ବନ୍ଧୁତା ବଢ଼ାଉଛି। ଯାହା ଆମେରିକା ପାଇଁ ପରମୁହୂର୍ତ୍ତରେ ଚିନ୍ତାର କାରଣ ପାଲଟିପାରେ।

## ବଡ଼ ବୟାନ ଦେଲେ ତେଜସ୍ୱୀ ଯାଦବ

# ରାହୁଲ ହେବେ ଇଣ୍ଡିଆ ମେଣ୍ଟର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ



ପାଟନା,୧୯।୮: ଭୋଟର ତାଲିକାରେ ଜାଲିଆତି ଅଭିଯୋଗ ଆଣି ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଓ ବିହାର ବିଧାନସଭାର ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ମିଳିତ ଭାବେ ଭୋଟର ଅଧିକାର ରାଲି କରୁଛନ୍ତି। ବିହାରର ନାୱାଡାରେ ଏହି ରାଲି ଚାଲିଥିବା ବେଳେ ରାହୁଲ ଗାନ୍ଧିଙ୍କୁ ନେଇ ବଡ଼ ବୟାନ ଦେଇଛନ୍ତି ତେଜସ୍ୱୀ ଯାଦବ। ଆସନ୍ତା ଲୋକସଭା ନିର୍ବାଚନ ବେଳେ ବିରୋଧୀ ଦଳଗୁଡ଼ିକ ରାହୁଲ ଗାନ୍ଧିଙ୍କୁ ପ୍ରଧାନମନ୍ତ୍ରୀ କରିବା ପାଇଁ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି। ଏହାର ଅର୍ଥ ୨୦୨୯ ଲୋକସଭା ନିର୍ବାଚନରେ ଇଣ୍ଡିଆ ମେଣ୍ଟର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ରାହୁଲ ଗାନ୍ଧି ହେବେ ବୋଲି ତେଜସ୍ୱୀ ସଙ୍କେତ ଦେଇଛନ୍ତି।

ନାୱାଡାରେ ଚାଲିଥିବା ଭୋଟର ଅଧିକାର ରାଲି ସମୟରେ ତେଜସ୍ୱୀଙ୍କ ସହ ରାହୁଲ ଗାନ୍ଧି ମଧ ଉପସ୍ଥିତ ଥିଲେ। ଏହି ସମୟରେ ତେଜସ୍ୱୀ କହିଛନ୍ତି, "ଆସନ୍ତା ଥର ଆମେ ରାହୁଲ ଗାନ୍ଧିଙ୍କୁ ପ୍ରଧାନମନ୍ତ୍ରୀ କରିବୁ।" ୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ କଂଗ୍ରେସ ସମେତ ଏକାଧିକ ରାଜନୀତି ଦଳ ଏକାଠି ହୋଇଥିଲେ। ସେମାନେ ମିଳିତ ଭାବେ ନିର୍ବାଚନ ଲଢ଼ିଥିଲେ ହେଁ ମେଣ୍ଟ ପକ୍ଷରୁ କାହାକୁ ବି ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କରାଯାଇ ନଥିଲା। ପ୍ରଧାନମନ୍ତ୍ରୀ ପ୍ରାର୍ଥିତ୍ୱକୁ ନେଇ ମେଣ୍ଟରେ ମତ ପାର୍ଥକ୍ୟ ଦେଖିବାକୁ ମିଳିଥିଲା। ନିର୍ବାଚନ ପୂର୍ବରୁ ଟିଏମସି ମୁଖ୍ୟ ମମତା ବାନାର୍ଜୀ ଓ ଆପ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡଗେ ବିରୋଧୀ ମେଣ୍ଟର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହୁଅନ୍ତୁ ବୋଲି କହିଥିଲେ। ହେଲେ ସେମିତି କିଛି ବି ବିଧିବଦ୍ଧ ଭାବେ ବିରୋଧୀ ମେଣ୍ଟ ପକ୍ଷରୁ ନିଷ୍ପତ୍ତି ହୋଇ ନଥିଲା। ଏବେ କିନ୍ତୁ ତେଜସ୍ୱୀ ଖୋଲାଖୋଲି ଭାବେ ୨୦୨୯ରେ ରାହୁଲ ଗାନ୍ଧି ବିରୋଧୀ ମେଣ୍ଟର ପ୍ରଧାନମନ୍ତ୍ରୀ ଚେହେରା ହେବ ବୋଲି ସଙ୍କେତ ଦେଇଛନ୍ତି।



# ମିସ୍ ୟୁନିଭର୍ସ ଇଣ୍ଡିଆ ହେଲେ ମନିକା ବିଶ୍ୱକର୍ମା

ନୂଆଦିଲ୍ଲୀ,୧୯।୮: ମିସ୍ ୟୁନିଭର୍ସ ଇଣ୍ଡିଆ ହେଲେ ରାଜସ୍ଥାନର ମନିକା ବିଶ୍ୱକର୍ମା। ସେ ସୋମବାର ଏହି ସମ୍ମାନଜନକ ମୁକୁଟ ଜିତିଥିଲେ। ଏହି ଟାଇଟଲ ପାଇଁ ସାରା ଦେଶରୁ ୪୮ଜଣ ପ୍ରତିଯୋଗୀ ଫାଇନାଲରେ ପ୍ରବେଶ କରିଥିଲେ। ସେମାନଙ୍କ ମଧରେ କଡ଼ା ପ୍ରତିଯୋଗିତା ପରେ, ରାଜସ୍ଥାନର ମନିକା ବିଶ୍ୱକର୍ମା ବିଜୟୀ ହୋଇ ଭାରତ ପାଇଁ ଗର୍ବ ଆଣିଛନ୍ତି। ଏହା ସହ ଉତ୍ତରପ୍ରଦେଶର ତାନ୍ୟା ଶର୍ମା ପ୍ରଥମ ରନର୍ସ ଅପ୍, ହରିୟାଣାର ମେହକ ଢ଼ିଙ୍ଗରା ଦ୍ୱିତୀୟ ରନର୍ସ ଅପ୍ ଏବଂ ଅମିଶୀ କୌଶିକ ତୃତୀୟ ରନର୍ସ ଅପ୍ ହୋଇଥିବା ଜଣାଯାଇଛି। ରାଜସ୍ଥାନର ଜୟପୁରରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ମନିକା ବିଶ୍ୱକର୍ମାଙ୍କୁ ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୫ ମୁକୁଟ ପିନ୍ଧାଇଥିଲେ ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୪ର ବିଜୟିନୀ ରିଆ ସିଂହ। ସେ ତାଙ୍କୁ ମିଳିଥିବା ମୁକୁଟ ମନିକାଙ୍କୁ ପିନ୍ଧାଇଥିଲେ। ଜୁରି ସଦସ୍ୟମାନଙ୍କ ମଧରେ ମିସ୍ ୟୁନିଭର୍ସ ଇଣ୍ଡିଆର ମାଲିକ ନିଖିଲ ଆନନ୍ଦ, ବଲିଉଡ୍ ଅଭିନେତ୍ରୀ ଉର୍ବଶୀ ରାଉତେଲା, ପ୍ରସିଦ୍ଧ ବଲିଉଡ୍ ଷ୍ଟାଇଲିଷ୍ଟ ଅସଲେ ରୋବେଲୋ, ବଲିଉଡ୍‌ର ପ୍ରସିଦ୍ଧ ଲେଖକ-ନିର୍ଦ୍ଦେଶକ ଫରହାଦ ସାମଜୀଙ୍କ ଭଳି ଲୋକପ୍ରିୟ ନାମ ସାମିଲ ଥିଲେ। ମନିକା ରାଜସ୍ଥାନର ଶ୍ରୀଗଙ୍ଗାନଗରର ବାସିନ୍ଦା ଏବଂ ବର୍ତ୍ତମାନ ସେ ଦିଲ୍ଲୀରେ ରହୁଛନ୍ତି। ୨୩ ବର୍ଷୀୟା ମନିକା ୨୦୨୪ ମସିହାରେ ମିସ୍ ୟୁନିଭର୍ସ ରାଜସ୍ଥାନ ଟାଇଟଲ ଜିତି ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ଡେବ୍ୟୁ କରିଥିଲେ। ଜଣେ ତାଲିମପ୍ରାପ୍ତ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ। ମନିକା ଏବେ ମିସ୍ ୟୁନିଭର୍ସ ୨୦୨୫ ପ୍ରତିଯୋଗିତାରେ ଆନ୍ତର୍ଜାତୀୟ ସ୍ତରରେ ଭାରତକୁ ପ୍ରତିନିଧିତ୍ୱ କରିବେ, ଯାହା ନଭେମ୍ବର ୨୧, ୨୦୨୫ରେ ଥାଇଲ୍ୟାଣ୍ଡର ପାକ୍ କ୍ରେଟ୍‌ସ୍ଥିତ ଇମ୍ପ୍ୟାକ୍ଟ ଚ୍ୟାଲେଞ୍ଜର ହଲରେ ଅନୁଷ୍ଠିତ ହେବ।

## ପକ୍ଷୀମାଡ଼ ଯୋଗୁଁ ବିମାନରେ ନିଆଁ

# ବଞ୍ଚିଗଲା ୩୦୦ ଯାତ୍ରୀଙ୍କ ଜୀବନ

ରୋମ, ୧୯।୮: ପୁଣି ବର୍ତ୍ତିଗଲା ବଡ଼ ବିମାନ ଦୁର୍ଘଟଣା। ବଞ୍ଚିଗଲା ୩୦୦ ଯାତ୍ରୀଙ୍କ ଜୀବନ। ଉଡ଼ାଣ ଭରିବାର କିଛି ସମୟ ଭିତରେ ବିମାନରେ ଲାଗିଗଲା ନିଆଁ। ଏହି ଘଟଣାର ୧୮ ସେକେଣ୍ଡର ଭିଡିଓ ଭାଇରଲ ହେବାରେ ଲାଗିଛି। ଯାହାକୁ ଦେଖି ଲୋକ ଭୟଭୀତ ହୋଇଛନ୍ତି। ଖବର ମୁତାବକ, ଗ୍ରୀସରୁ କର୍ଫୁରୁ ଉଡ଼ାଣ ଭରିଥିବା କଣ୍ଡୋର ଏୟାରଲାଇନ୍ସର ବୋଇଂ ୭୫୭-୩୦୦ ବିମାନ ଇଂଜିନରେ ନିଆଁ ଲାଗିଯାଇଥିଲା। ବିମାନରେ ୨୭୩ ଯାତ୍ରୀଙ୍କ ସହିତ ୮ ଜଣ କ୍ରୁ ସଦସ୍ୟ ଥିଲେ। ବିମାନର ଗୋଟିଏ ଇଂଜିନିରେ ନିଆଁ ଲାଗିଯାଇଥିବା ବେଳେ ପାଇଲଟ କେବଳ ଗୋଟିଏ ଇଂଜିନରେ ବିମାନକୁ ଜରୁରୀ ଅବତରଣ କରିଥିଲେ। ବିମାନ ଉଡ଼ାଣ ଭରିବାର ୧ ଘଣ୍ଟା ଉଡ଼ାଣ ଭରିବା ପରେ ପାଇଲଟ ଇଟାଲୀର ବ୍ରିଡିଂସରେ ଜରୁରୀ ଅବତରଣ କରିଥିଲା। ଏହି ଘଟଣାରେ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରଲ ହେଉଛି। ୧୮ ସେକେଣ୍ଡର ଏହି ଭିଡିଓରେ ବିମାନର ଡାହାଣ ଇଂଜିନ ନିକଟରୁ ନିଆଁ ବାହାରୁଥିବା ଦେଖିବାକୁ ମିଳିଛି। ତେବେ ବିମାନରେ ଇଂଜିନ ପକ୍ଷୀମାଡ଼ ଯୋଗୁଁ ହୋଇଥିବା ଅନୁମାନ କୁହାଯାଉଛି। ବିମାନଟି ଶନିବାର ରାତି ୮.୧୯ ମିନିଟରେ କର୍ଫୁ ଏୟାରପୋର୍ଟରୁ ଉଡ଼ାଣ ଭରିଥିଲା। ପ୍ରାୟ ୪୩ ମିନିଟ ଉଡ଼ାଣ ଭରିବା ପରେ ବ୍ରିଡିଂସର କାସାଲେ ଏୟାରପୋର୍ଟରେ ଜରୁରୀ ଅବତରଣ କରିଥିଲା।

# ଯୁଦ୍ଧ ବନ୍ଦ ଲାଗି ପୁଟିନଙ୍କ ସହ ହେବ ତ୍ରିପାକ୍ଷିକ ଆଲୋଚନା

ୱାଶିଂଟନ,୧୯।୮: ସାଢ଼େ ୩ ବର୍ଷ ଧରି ଚାଲିଥିବା ରୁଷ-ୟୁକ୍ରେନ ଯୁଦ୍ଧର ପରିସମାପ୍ତି ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହ୍ୱାଇଟ୍ ହାଉସ୍‌ର ଓଭାଲ ଅଫିସ୍‌ରେ ୟୁକ୍ରେନ ରାଷ୍ଟ୍ରପତି ବୋଲଡିମିର ଜେଲେନସ୍କିଙ୍କ ସହ ଆଲୋଚନା କରିଛନ୍ତି। ଆଲାସ୍କାରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଭେଟି ପ୍ରାୟ ୩ ଘଣ୍ଟା ଆଲୋଚନା କରିବାର ୩ ଦିନ ପରେ ଜେଲେନସ୍କିଙ୍କ ସହ ସାକ୍ଷାତ୍ ଯୁଦ୍ଧ ବନ୍ଦ କରିବାର ଆଶାକୁ ବଢ଼ାଇ ଦେଇଛି। ଉଭୟ ନେତା ରୁଷ୍ ରାଷ୍ଟ୍ରପତି ପୁଟିନଙ୍କ ସହ ମିଶି ଏକ ତ୍ରିପାକ୍ଷିକ ଆଲୋଚନା କରିବା ପାଇଁ ସହମତି ଜଣାଇଛନ୍ତି। ସେ କହିଛନ୍ତି ରୁଷ-ୟୁକ୍ରେନ ଯୁଦ୍ଧ ବନ୍ଦ ପାଇଁ ତୁରନ୍ତ ଅସ୍ତ୍ରବିରତି ନିହାତି ଆବଶ୍ୟକ ନୁହେଁ। କିନ୍ତୁ ଯୁଦ୍ଧର ଅବସାନ ଶୀଘ୍ର ହେବା ଆବଶ୍ୟକ। ଭବିଷ୍ୟତରେ ୟୁକ୍ରେନର ସୁରକ୍ଷା ଗ୍ୟାରେଣ୍ଟି ଦେବା ପାଇଁ ଟ୍ରମ୍ପ ରାଜି ହୋଇଛନ୍ତି। ତାହା ଯୁଦ୍ଧ ବନ୍ଦ ପାଇଁ ହେବାକୁ ଥିବା ଶାନ୍ତି ରାଜିନାମାର ଏକ ଅଂଶ ହେବ। ଜେଲନସ୍କିଙ୍କ ଉପସ୍ଥିତିରେ ଟ୍ରମ୍ପ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ୟୁକ୍ରେନକୁ ପ୍ରଥମ ଧାଡ଼ିର ସୁରକ୍ଷା ୟୁରୋପୀୟ ଦେଶଗୁଡ଼ିକ ଯୋଗାଇ ଦେବେ। କାରଣ ସେମାନେ ସେଠାରେ ଅବସ୍ଥିତ। ଆମେ ମଧ ୟୁକ୍ରେନର ସୁରକ୍ଷାରେ ସାମିଲ ହେବୁ। ଷ୍ଟବ୍‌ଙ୍କ ସମେତ ୟୁରୋପୀୟ କମିସନ ସଭାପତି ଉର୍ସୁଲା ଭନ ଡେର୍ ଲେୟେନ, ନାଟୋ ମହାସଚିବ ମାର୍କ ରୁଟେ ପହଞ୍ଚିଛନ୍ତି। ଟ୍ରମ୍ପ ଓ ଜେଲେନସ୍କିଙ୍କ ସହ ସେମାନଙ୍କର ଆଲୋଚନା ହୋଇଛି। ଜେଲେନସ୍କିଙ୍କ ସହ ଆଲୋଚନା କରିବା ପରେ ଟ୍ରମ୍ପ ୟୁରୋପୀୟ ନେତାମାନଙ୍କ ସହିତ ଫଟୋ ଉଠାଇଥିଲେ।



# ଅନ୍‌ଲାଇନ୍ ଗେମିଂ ବିଲ୍‌କୁ କ୍ୟାବିନେଟ୍‌ର ଅନୁମୋଦନ

ନୂଆଦିଲ୍ଲୀ,୧୯।୮: ଆଗକୁ ବେଟିଂ ଆପ୍‌ଗୁଡ଼ିକୁ ନିୟନ୍ତ୍ରଣ ସହ ଅନ୍‌ଲାଇନ ଜୁଆ ଖେଳକୁ ଯାଞ୍ଚ କରିବେ ସରକାର। ଏଥିପାଇଁ କେନ୍ଦ୍ର କ୍ୟାବିନେଟ ମଙ୍ଗଳବାର ଅନଲାଇନ୍ ଗେମିଂ ବିଲ୍‌କୁ ମଞ୍ଜୁରୀ ଦେଇଛି। ଏହି ବିଲ୍ ଅନଲାଇନ୍ ଗେମିଂ ପ୍ଲାଟଫର୍ମଗୁଡ଼ିକୁ ଏକ ଆଇନଗତ ଢାଞ୍ଚାରେ ଅଧୀନରେ ଆଣିବା ସହିତ ଡିଜିଟାଲ୍ ଆପ୍ ମାଧମରେ ଜୁଆ ଖେଳ ଦଣ୍ଡ ବ୍ୟବସ୍ଥା କରିବ। ସମ୍ପ୍ରତି ବର୍ଷଗୁଡ଼ିକରେ କେନ୍ଦ୍ର ସରକାର ଏହି କ୍ଷେତ୍ରରେ ତଦାରଖକୁ କଡ଼ାକଡ଼ି କରିଆସୁଛନ୍ତି। ଅକ୍ଟୋବର ୨୦୨୩ ଠାରୁ, ଅନଲାଇନ୍ ଗେମିଂ ଉପରେ ୨୮% ଜିଏସ୍‌ଟି ଲାଗୁ କରାଯାଇଛି। ତେବେ ଖେଳରୁ ଜିତିଥିବା ରାଶି ଉପରେ ୨୦୨୪-୨୫ ଆର୍ଥିକ ବର୍ଷରୁ ୩୦% ଟିକସ ଲାଗୁ ହୋଇଛି। ଏପରିକି ଦେଶ ବାହାରେ ଗେମିଂ ପ୍ଲାଟଫର୍ମଗୁଡ଼ିକୁ ମଧ ଟିକସ ପରିସର ଅଧୀନକୁ ଅଣାଯାଇଛି। କେବଳ ସେତିକି ନୁହେଁ ବେଆଇନ ଓ ଅଣପଞ୍ଜିକୃତ ସାଇଟଗୁଡ଼ିକୁ ମଧ ବ୍ଲକ୍ କରିବାକୁ କ୍ଷମତା ଦିଆଯାଇଛି। ଗତ ବର୍ଷ, ଭାରତୀୟ ନ୍ୟାୟ ସଂହିତା ଅଧୀନରେ ନୂଆ ଅପରାଧିକ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥିଲା, ଯାହା ଦ୍ୱାରା ଅନଧିକୃତ ବାଜି ଲଗାଇଲେ ୭ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଏବଂ ଜରିମାନାର ଦଣ୍ଡବିଧାନ କରାଯାଇଥିଲା। ତଥାପି, ଯେହେତୁ ସମ୍ବିଧାନରେ ଜୁଆ ଓ ବାଜି ଲଗାଇବା ଭଳି କାମ ରାଜ୍ୟ ସରକାରଙ୍କ ଅଧୀନରେ ଅସୁଛି, ତେଣୁ ରାଜ୍ୟ ସରକାର ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନେବାର ମୁଖ୍ୟ ଅଧିକାରୀ ହୋଇଥାନ୍ତି। ଇଣ୍ଟରନେଟ୍ - ଏବଂ ବିଶେଷକରି ଅନଲାଇନ୍ ଗେମିଂକୁ - ସୁରକ୍ଷିତ, ଦାୟିତ୍ୱବାନ କରିବାକୁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ଅଧିକାରୀମାନେ କହିଛନ୍ତି।



# ୪୦ ମହଲା ବିଶିଷ୍ଟ ରକେଟ୍ ନିର୍ମାଣ କରୁଛି ଇସ୍ରୋ

ନୂଆଦିଲ୍ଲୀ,୧୯।୮: ଭାରତୀୟ ମହାକାଶ ଏଜେନ୍ସି ୪୦ ମହଲା ଉଚ୍ଚ ବିଶିଷ୍ଟ ରକେଟ୍ ନିର୍ମାଣ କରୁଛି। ଏହି ରକେଟ୍ ସାହାଯ୍ୟରେ ୭୫ ହଜାର କିଲୋଗ୍ରାମର ପେଲୋଡକୁ ପୃଥିବୀର ନିମ୍ନ କକ୍ଷକୁ ପଠାଯାଇପାରିବ। ଇସ୍ରୋ ମୁଖ୍ୟ ଭି ନାରାୟଣନ ଓସ୍ମାନିଆ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ସମାରୋହରେ ଏହା କହିଛନ୍ତି। ସେ କହିଛନ୍ତି, ଚଳିତ ବର୍ଷ ଇସ୍ରୋ ପାଖରେ ଏନ୍‌ଏଭିଆଇସି ଉପଗ୍ରହ, ଏନ୍୧ ରକେଟ୍ ଉପରେ ପରିଯୋଜନା ରହିଛି। ଏହା ବ୍ୟତୀତ ଆମେରିକାର ୬,୫୦୦ କିଲୋଗ୍ରାମର ସଂଚାର ଉପଗ୍ରହକୁ ଭାରତୀୟ ରକେଟ୍ ଜରିଆରେ ପୃଥିବୀ କକ୍ଷକୁ ପଠାଯିବା କାମ ମଧ ଏଜେନ୍ସି ପାଖରେ ରହିଛି। ନାରାୟଣନ କହିଛନ୍ତି, ଆପଣ ଜାଣନ୍ତି କି ପ୍ରଥମ ରକେଟର କ୍ଷମତା କେତେ ଥିଲା ? ଏପିଜେ ଅବଦୁଲ୍ କଲାମ ପ୍ରଥମେ ଯେଉଁ ଲଞ୍ଚର୍ ନିର୍ମାଣ କରିଥିଲେ, ତାର ଓଜନ ୧୭ ଟନ୍ ଥିଲା ଓ ତାହା ୩୫ କିଲୋଗ୍ରାମର ପେଲୋଡ୍ ପୃଥିବୀର ନିମ୍ନ କକ୍ଷକୁ ପଠାଇ ପାରୁଥିଲା। ଆଜି ଆମେ ୭୫ ହଜାର କିଲୋଗ୍ରାମର ପେଲୋଡ୍ ପଠାଇବା ପାଇଁ ସକ୍ଷମ ଥିବା ରକେଟ୍ ନିର୍ମାଣ କରୁଛି, ଯାହା ୪୦ ମହଲା ବିଶିଷ୍ଟ ବିଲ୍ଡିଂ ଉଚ୍ଚ ହେବ। ନାରାୟଣନ କହିଛନ୍ତି ଯେ ଇସ୍ରୋ ଚଳିତ ବର୍ଷ ଭାରତୀୟ ନୌସେନା ପାଇଁ ନିର୍ମିତ ଏକ ସାମରିକ ଯୋଗାଯୋଗ ଉପଗ୍ରହ ଜିସାଟ୍-୭ଆର ଉତ୍‌କ୍ଷେପଣ କରିବାକୁ ଯୋଜନା କରୁଛି, ଯାହା ପୂର୍ବରୁ ଥିବା ଉପଗ୍ରହର ସ୍ଥାନ ନେବ। ଏହା ବ୍ୟତୀତ ଏକ ପ୍ରଯୁକ୍ତିବିଦ୍ୟା ପ୍ରଦର୍ଶନ ଉପଗ୍ରହକୁ ମଧ ମହାକାଶକୁ ପଠାଯିବ। ବର୍ତ୍ତମାନ ପୃଥିବୀ କକ୍ଷରେ ଭାରତର ୫୫ ଉପଗ୍ରହ ରହିଛି, ଯାହା ଆଗାମୀ ତିନି-ଚାରି ବର୍ଷରେ ତିନି ଚାରି ଗୁଣ ବଢ଼ିବ। ସମାବର୍ତ୍ତନ ସମାରୋହରେ ତେଲଙ୍ଗାନା ରାଜ୍ୟପାଳ ଜିଷ୍ଣୁ ଦେବ ବର୍ମା ଭାରତୀୟ ମହାକାଶ କାର୍ଯ୍ୟକ୍ରମରେ ନାରାୟଣନଙ୍କ ଯୋଗଦାନ ପାଇଁ ପ୍ରଶଂସା କରିଛନ୍ତି।

## ମୁମ୍ବାଇରେ ବର୍ଷା ତାଣ୍ଡବ

# ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ



ମୁମ୍ବାଇ, ୧୯।୮: ବର୍ଷା ଯୋଗୁଁ ଆଜି ଠପ୍ ହୋଇଯାଇଛି ସ୍ୱପ୍ନର ସହର ମୁମ୍ବାଇର ଗତି। ପରିସ୍ଥିତି ଏପରି ଯେ, ରାସ୍ତାଘାଟ ସବୁକିଛି ଜଳମଗ୍ନ। ଯୁଆଡେ ଚାହିଁବ ଖାଲି ପାଣି ହିଁ ପାଣି। ବୁଡ଼ିଯାଇଛି ରାସ୍ତା ଘାଟ, ବିମାନବନ୍ଦର ଓ ସହରର ଅନେକ ପ୍ରମୁଖ ସ୍ଥାନ। ବର୍ଷାରେ ବେହାଲ ମାୟନଗରୀ। ଚଳିତ ବର୍ଷ ମୁମ୍ବାଇରେ ତାଣ୍ଡବ ରଚିଛି ବର୍ଷା ଆଉ ଏଥିରେ ଚାଲିଯାଇଛି ୧୨ ଜଣଙ୍କ ଜୀବନ। ଘର, ସ୍କୁଲ, ଅଫିସ୍ ଠାରୁ ଆରମ୍ଭ କରି ରାସ୍ତା ପର୍ଯ୍ୟନ୍ତ ସବୁଠି ପାଣି ଜମି ରହିଛି। ଅନେକ ଅଞ୍ଚଳରେ ଘରର ପ୍ରଥମ ମହଲା ପର୍ଯ୍ୟନ୍ତ ପାଣି ପହଞ୍ଚିଛି। ପରିସ୍ଥିତି ଏମିତି ଯେ ମୁମ୍ବାଇର ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଛି ଏବଂ ଘରୋଇ କମ୍ପାନୀଗୁଡ଼ିକ କର୍ମଚାରୀମାନଙ୍କୁ ୱାର୍କ ଫର୍ମ ହୋମ୍ କରିବାକୁ କହିଛନ୍ତି।

ସ୍ଥାନୀୟ ଟ୍ରେନ୍ ଯାତାୟାତ ମଧ ଗୁରୁତର ଭାବରେ ପ୍ରଭାବିତ ହୋଇଛି। ମୁମ୍ବାଇରେ ବର୍ଷା ଯୋଗୁଁ ୨୫୦ ରୁ ଅଧିକ ବିମାନ ବିଳମ୍ବରେ ଉଡ଼ାଣ କରୁଛି। ମୁମ୍ବାଇର ରାସ୍ତାଗୁଡ଼ିକ ୨ ରୁ ୪ ଫୁଟ ପାଣିରେ ବୁଡ଼ି ରହିଛି। ଜଳବନ୍ଦୀ ଯୋଗୁଁ ମୁମ୍ବାଇର ଅନ୍ଧେରୀ ସବୱେ ମଧ ବନ୍ଦ ରହିଛି। ମୁମ୍ବାଇ ଏବଂ ମହାରାଷ୍ଟ୍ରର ଅନେକ ଜିଲ୍ଲାରେ ନିରନ୍ତର ପ୍ରବଳ ବର୍ଷା ହେଉଛି। ଯାହା ବର୍ତ୍ତମାନ ସାଧାରଣ ଜୀବନଯାତ୍ରାକୁ ପ୍ରବାହିତ କରିଛି। ମୁମ୍ବାଇ, ଥାନେ, ପାଲଘର ଏବଂ ନଭି ମୁମ୍ବାଇର ଅନେକ ଅଞ୍ଚଳରେ ରାସ୍ତାରେ ପାଣି ଜମି ରହିବା ଯୋଗୁଁ ଯାତାୟାତ ଏକପ୍ରକାର ଠପ୍ ହୋଇଯାଇଛି। ଆଇଏମଡି ଥାନେ ଏବଂ ପାଲଘର ଜିଲ୍ଲାରେ ୧୮-୧୯ ଅଗଷ୍ଟ ପାଇଁ ରେଡ୍ ଆଲର୍ଟ ଜାରି କରାଯାଇଛି। ବିଏମସି କହିଛି ଯେ, ମୁମ୍ବାଇ ଏବଂ ଉପକଣ୍ଠରେ ଲଗାତାର ପ୍ରବଳ ବର୍ଷା ଯୋଗୁଁ ଅନେକ ଅଞ୍ଚଳ ଜଳମଗ୍ନ ହୋଇଛି। ବିପଦ ଏପର୍ଯ୍ୟନ୍ତ ଟଳି ନାହିଁ। ବର୍ଷା ସମ୍ପର୍କରେ ଆଇଏମଡି ରେଡ୍ ଆଲର୍ଟ ଜାରି କରିଛି। ସତର୍କତା ସ୍ୱରୂପ, ସମସ୍ତ ସରକାରୀ କାର୍ଯ୍ୟାଳୟ, ସ୍କୁଲ ଓ କଲେଜ ଗୁଡ଼ିକୁ ବନ୍ଦ ଘୋଷଣା କରାଯାଇଛି। ବିଏମସି ଏହା ମଧ କହିଛି ଯେ ଜରୁରୀକାଳୀନ ସେବା କାର୍ଯ୍ୟାଳୟ ବ୍ୟତୀତ ଅନ୍ୟ ସମସ୍ତ କାର୍ଯ୍ୟାଳୟରେ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ କରାଯାଇଛି।

# ପଞ୍ଚାୟତିରାଜ ବ୍ୟବସ୍ଥାରେ କ୍ରାନ୍ତି ଆଣିବ ଏଆଇ: ଲୋହାନୀ

ନୂଆଦିଲ୍ଲୀ,୧୯।୮: ତୃଣମୂଳ ସ୍ତରରେ ଶାସନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ପଞ୍ଚାୟତିରାଜ ମନ୍ତ୍ରଣାଳୟ 'ସଭାସାର' ଉନ୍ମୋଚନ କରିଛି, ଯାହା ଗ୍ରାମସଭା ବୈଠକର ଡକ୍ୟୁମେଣ୍ଟେସନ୍ ସ୍ୱୟଂଚାଳିତ କରିବା ପାଇଁ ଏକ ଏଆଇ-ଚାଳିତ ଉପକରଣ। ଦେଶବ୍ୟାପୀ ପଞ୍ଚାୟତଗୁଡ଼ିକୁ ସଶକ୍ତ କରିବା ପାଇଁ ଆରମ୍ଭ ହୋଇଥିବା ଏହି ପଦକ୍ଷେପ ସ୍ଥାନୀୟ ପ୍ରଶାସନରେ ସ୍ୱଚ୍ଛତା ଏବଂ ଦକ୍ଷତାର ଏକ ଯୁଗ ଆରମ୍ଭ କରିବାର ପ୍ରତିଶ୍ରୁତି ଦିଏ। ପଞ୍ଚାତିରାଜ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ସୁଶୀଲ କୁମାର ଲୋହାନି କହିଛନ୍ତି କିପରି 'ସଭାସାର' ଏକ ପାରମ୍ପାରିକ ଭାବରେ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା ପାଇଁ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରେ। 'ସଭାସାର'କୁ ଗ୍ରହଣ କରି, ପଞ୍ଚାୟତଗୁଡ଼ିକ ସ୍ୱଚ୍ଛ, ଉତ୍ତରଦାୟୀ ଏବଂ ପ୍ରଯୁକ୍ତିବିଦ୍ୟା-ସକ୍ଷମ ସ୍ଥାନୀୟ ଶାସନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଛନ୍ତି ବୋଲି ସେ କହିଛନ୍ତି। ଉନ୍ନତ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏବଂ ପ୍ରାକୃତିକ ଭାଷା ପ୍ରକ୍ରିୟାକରଣ (ଏନଏଲପି) ଦ୍ୱାରା ପରିଚାଳିତ ଏହି ଉପକରଣ ଗ୍ରାମସଭା ବୈଠକର ଅଡିଓ ଏବଂ ଭିଡିଓ ରେକର୍ଡିଂକୁ ସ୍ୱୟଂଚାଳିତ ଭାବରେ ପ୍ରତିଲିପି କରିଥାଏ। ଏହା ପରେ ପ୍ରମୁଖ ନିଷ୍ପତ୍ତି ଏବଂ କାର୍ଯ୍ୟ ବିନ୍ଦୁଗୁଡ଼ିକୁ ଚିହ୍ନଟ କରେ, ବୈଠକର ପ୍ରତ୍ୟେକ ବିବରଣୀକୁ ରେକର୍ଡ କରେ। ଏହି ପ୍ରକ୍ରିୟା ଡକ୍ୟୁମେଣ୍ଟେସନ୍ ପାଇଁ ପୂର୍ବର ଆବଶ୍ୟକ ମାନୁଆଲ୍ ଏବଂ ସମୟକୁ ନାଟକୀୟ ଭାବରେ ହ୍ରାସ କରେ, ଯାହା ପଞ୍ଚାୟତ



ଅଧିକାରୀମାନଙ୍କୁ ମୂଳ ଶାସନ ଏବଂ ସେବା ପ୍ରଦାନ ଉପରେ ଧ୍ୟାନ ଦେବାକୁ ଅନୁମତି ଦିଏ।

'ସଭାସାର'ର ଏକ ପ୍ରମୁଖ ବୈଶିଷ୍ଟ୍ୟ ହେଉଛି ଭାରତ ସରକାରଙ୍କ ଜାତୀୟ ଭାଷା ଅନୁବାଦ ମିଶନ, ଭାଷିନୀ ସହିତ ଏହାର ସମନ୍ୱୟ। ଏହି ସମନ୍ୱୟ ଭାରତର ବିବିଧ ଭାଷାଗତ ଭୂଦୃଶ୍ୟରେ ଉପକରଣର ଅନ୍ତର୍ଭୁକ୍ତିକୁ ସୁନିଶ୍ଚିତ କରେ। ଏହା ବର୍ତ୍ତମାନ ୧୩ଟି ଭାରତୀୟ ଭାଷାକୁ ସମର୍ଥନ କରେ, ଭବିଷ୍ୟତରେ ବିସ୍ତାର ପାଇଁ ଯୋଜନା ସହିତ, ଏହା ନିଶ୍ଚିତ କରେ ଯେ ବିଭିନ୍ନ ଅଞ୍ଚଳର ପଞ୍ଚାୟତ କାର୍ଯ୍ୟକର୍ତ୍ତାମାନେ ପ୍ରଭାବଶାଳୀ ଭାବରେ ଏବଂ ଭାଷା ପ୍ରତିବନ୍ଧକ ବିନା ଉପକରଣ ବ୍ୟବହାର କରିପାରିବେ। ଶ୍ରୀ ଲୋହାନି କହିଛନ୍ତି ଯେ, ଗ୍ରାମ୍ୟ ସ୍ତରରେ ଏହି ଡିଜିଟାଲ ପରିବର୍ତ୍ତନ ଏକ ନୂତନ ଭାରତ ଗଠନ ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଯେଉଁଠାରେ ପ୍ରଯୁକ୍ତିବିଦ୍ୟା ସୁଶାସନ ପାଇଁ ଏକ ଉତପ୍ରେରକ।

## ଦୁର୍ଘଟଣାରେ ଜଣେ ମୃତ

ବାରିପଦା, ୧୯।୮(ସଂଚାର ବ୍ୟୁରୋ)ଃ ବାରିପଦା-ଲୁଲୁଙ୍ଗ ରାସ୍ତାର ରଙ୍ଗାମାଟିଆ ନିକଟରେ ଏକ ଅଜଣା ଦ୍ରୁତଗାମୀ ଗାଡି ଦୁର୍ଘଟଣାରେ ଜଣକର ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ରୁହ୍ୟା ସିଂ। ସେ ବାଇକ ଯୋଗେ ରାତିରେ ଫେରୁଥିଲେ। ଏକ ଅଜଣା ବାଇକ ଦ୍ରୁତଗତିରେ ତାଙ୍କୁ ଧକ୍କା ଦେଇଥିଲା। ସେ ଭାରସାମ୍ୟ ହରାଇ ରାସ୍ତାରେ ପଡ଼ି ଯାଇଥିଲେ। ଯାହା ଫଳରେ ଜୋରରେ ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଗୁରୁତର ଅବସ୍ଥାରେ ପିଆରଏମ ହସ୍ପିଟାଲ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଏନେଇ ତାଙ୍କ ପରିବାର ଲୋକଙ୍କ ଅଭିଯୋଗ କ୍ରମେ ବାରିପଦା ସଦର ଥାନାରେ ମାମଲା ରୁଜୁ କରାଯାଇଛି।

## ଛାତ୍ରାବାସରୁ ଛାତ୍ର ନିରୁଦ୍ଦିଷ୍ଟ

ବାରିପଦା, ୧୯।୮(ସଂଚାର ବ୍ୟୁରୋ)ଃ ବାରିପଦା ପୌର ପରିଷଦର ତୁଳସୀଚୌରା ସ୍ଥିତ ବିଦ୍ୟା ବିକାଶ ଆବାସିକ ବିଦ୍ୟାଳୟ ଛାତ୍ରାବାସରୁ ଜଣେ ଛାତ୍ର ନିରୁଦ୍ଦିଷ୍ଟ ହୋଇଛନ୍ତି। ଛାତ୍ର ଜଣକ ହେଲେ ପ୍ରକାଶ ଚନ୍ଦ୍ର ମହାନ୍ତ। ସେ ଉକ୍ତ ବିଦ୍ୟାଳୟର ଛାତ୍ରାବାସରେ ରହୁଥିବା ବେଳେ ସନ୍ଧ୍ୟା ସମୟରେ କାହାକୁ କିଛି ନଜଣାଇ କୁଆଡେ ଚାଲି ଯାଇଛନ୍ତି। ଏନେଇ ପ୍ରଧାନ ଶିକ୍ଷକ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଅନେକ ଖୋଜାଖୋଜି କରିବା ପରେ କୌଣସି ସନ୍ଧାନ ନପାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଛାତ୍ରାବାସରୁ ଜଣେ ଛାତ୍ର ନିଖୋଜ ହେବାକୁ ନେଇ କର୍ତ୍ତୃପକ୍ଷଙ୍କ ପ୍ରତି ଆଙ୍ଗୁଳି ଉଠିଛି। କର୍ତ୍ତୃପକ୍ଷଙ୍କ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ପାଇଁ ଏହା ହୋଇଛି। ଅନ୍ୟପକ୍ଷରେ ଛାତ୍ରାବାସ ପରିସରରେ ସିସିଟିଭିର ବ୍ୟବସ୍ଥା ନଥିବା ପ୍ରିନ୍ସିପାଲ ନିଜେ ସ୍ୱୀକାର କରିଛନ୍ତି। ଆବାସିକ ଶିକ୍ଷାନୁଷ୍ଠାନ ଗୁଡ଼ିକରେ କର୍ତ୍ତୃପକ୍ଷଙ୍କ ଏହିପରି କାର୍ଯ୍ୟକଳାପ ପ୍ରତି ଜିଲ୍ଲା ପ୍ରଶାସନ ଯାଞ୍ଚ କରିବାର ନିହାତି ଆବଶ୍ୟକତା ରହିଛି ବୋଲି ଜନସାଧାରଣରେ ମତ ପ୍ରକାଶ ପାଇଛି।

## ନାବାଳିକାକୁ ଦୁଷ୍କର୍ମ ମାମଲାରେ ଜଣେ ଗିରଫ

ଜୟପୁର, ୧୯।୮(ସଂଚାର ବ୍ୟୁରୋ)ଃ ଜୟପୁର ସହରର ଜଣେ ନାବାଳିକାକୁ ବିବାହର ପ୍ରଲୋଭନ ଦେଖାଇବା ଅପହରଣ ସହ ଦୁଷ୍କର୍ମ କରିଥିବା ମାମଲାରେ ଜୟପୁର ଟାଉନ ପୁଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଗୋପବନ୍ଧୁ ନଗର ଅଞ୍ଚଳର ରାଜେନ୍ଦ୍ର ନାଗ(୨୧)। ନାବାଳିକାର ପରିବାର ଲୋକ ଗତ ଜୁଲାଇ ୧୨ ତାରିଖରେ ଟାଉନଥାନାରେ ଲିଖିତ ଅଭିଯୋଗ ଦେବା ପରେ ଟାଉନପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

ବାରିପଦା, ୧୯।୮(ସଂଚାର ବ୍ୟୁରୋ)ଃ ବାରିପଦା- ଲୁଲୁଙ୍ଗ ରାସ୍ତାର ରଙ୍ଗାମାଟିଆ ନିକଟରେ ଏକ ଅଜଣା ଦ୍ରୁତଗାମୀ ଗାଡି ଦୁର୍ଘଟଣାରେ ଜଣକର ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ରୁହ୍ୟା ସିଂ। ସେ ବାଇକ ଯୋଗେ ରାତିରେ ଫେରୁଥିଲେ। ଏକ ଅଜଣା ବାଇକ ଦ୍ରୁତଗତିରେ ତାଙ୍କୁ ଧକ୍କା ଦେଇଥିଲା। ସେ ଭାରସାମ୍ୟ ହରାଇ ରାସ୍ତାରେ ପଡ଼ି ଯାଇଥିଲେ। ଯାହା ଫଳରେ ଜୋରରେ ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଗୁରୁତର ଅବସ୍ଥାରେ ପିଆରଏମ ହସ୍ପିଟାଲ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଏନେଇ ତାଙ୍କ ପରିବାର ଲୋକଙ୍କ ଅଭିଯୋଗ କ୍ରମେ ବାରିପଦା ସଦର ଥାନାରେ ମାମଲା ରୁଜୁ କରାଯାଇଛି।

## ଗୋପ ଅମରେଶ୍ୱର ମହାଦେବ ରାସ୍ତା ଶୋଚନୀୟ

କେନ୍ଦ୍ରାପଡ଼ା, ୧୯।୮(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡ଼ା ପୌରାଞ୍ଚଳ ଅନ୍ତର୍ଗତ ଗୋପ ଠାରେ ଥିବା ଅମରେଶ୍ୱର ମହାଦେବ ମନ୍ଦିର ରାସ୍ତା ଶୋଚନୀୟ ହୋଇ ପଡ଼ିଥିବା ପୌର ଅଧକ୍ଷା ସରିତା ସାହୁଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଅମରେଶ୍ୱର ମହାଦେବ ମନ୍ଦିରକୁ ଯିବାପାଇଁ ରାସ୍ତାରେ କାଦୁଅ ଓ ପାଣି ଜମି ରହିବା ଫଳରେ ମନ୍ଦିରକୁ ଦର୍ଶନ କରିବାକୁ ଆସୁଥିବା ଭକ୍ତମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହି ରାସ୍ତା ନିର୍ମାଣ କରିବା ପାଇଁ ବିଜେପି ନଗର ଉପ ସଭାପତି ପଦ୍ମଲୋଚନ ମହାପାତ୍ର, ପ୍ରମୋଦ କୁମାର ନାୟକ, ରାଧାକାନ୍ତ ମାହୁନ୍ତ, ଆନନ୍ଦ ପ୍ରସାଦ ମହାନ୍ତି ପ୍ରମୁଖ ଦାବି କରିଛନ୍ତି।

# ଏସିଆ କପ୍ ପାଇଁ ଟିମ୍ ଇଣ୍ଡିଆ ଘୋଷିତ

## ଶୁବମନ ଗିଲଙ୍କୁ ଉପଅଧିନାୟକ ଦାୟିତ୍ୱ

## ବାଦ୍ ପଡ଼ିଲେ ଶ୍ରେୟସ, ପନ୍ତ, ରାହୁଲ, ଜୈସୱାଲ ଓ ସିରାଜ



ମୁମ୍ବାଇ, ୧୯।୮ଃ ଭାରତୀୟ ଟେଷ୍ଟ ଟିମର ଅଧିନାୟକ ଶୁବମନ ଗିଲଙ୍କୁ ମିଳିଛି ଆଉ ଗୋଟିଏ ବଡ଼ ଦାୟିତ୍ୱ। ତାଙ୍କୁ ଭାରତୀୟ ଟି-୨୦ ଟିମର ଉପ ଅଧିନାୟକ ଭାବେ ନିଯୁକ୍ତି ମିଳିଛି। ଆସନ୍ତା ମାସରୁ ଆରମ୍ଭ ହେବାକୁ ଥିବା ଏସିଆ କପ ପାଇଁ ଆଜି ବିସିସିଆଇ ସ୍କ୍ୱାଡ ଘୋଷଣା କରିଥିବା ବେଳେ ଗିଲଙ୍କୁ ଉପ ଅଧିନାୟକ କରାଯାଇଛି। ସୂର୍ଯ୍ୟ କୁମାର ଯାଦବଙ୍କ ନେତୃତ୍ୱାଧୀନ ଏସିଆ କପ ସ୍କ୍ୱାଡରେ ସ୍ପିଡଷ୍ଟାର ଯଶପ୍ରୀତ ବୁମ୍ରା ବି ରହିଛନ୍ତି। ଆହତ ସମସ୍ୟା ଓ ୱାର୍କଲୋଡ ମ୍ୟାନେଜମେଣ୍ଟ ଯୋଗୁ ୧୫ ଜଣିଆ ସ୍କ୍ୱାଡରୁ ବୁମ୍ରା ବାଦ ପଡ଼ିବେ ବୋଲି କୁହାଯାଉଥିଲା। ହେଲେ ତାଙ୍କୁ ଏସିଆ କପ ଦଳରେ ରଖାଯାଇଛି। ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ଓ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ମିଳିତ ଭାବେ ଆଜି ସ୍କ୍ୱାଡ ଘୋଷଣା କରିଥିବା ବେଳେ ଏଥିରୁ ବିସ୍ଫୋରକ ବ୍ୟାଟର ଋଷଭ ପନ୍ତ, ଅଭିଜ୍ଞ କେଏଲ ରାହୁଲ ଓ ଟେଷ୍ଟ ସିରିଜରେ କମାଲ କରିଥିବା ମହମ୍ମଦ ସିରାଜ ବାଦ ପଡ଼ିଛନ୍ତି। ସେହିପରି ଯଶସ୍ୱୀ ଜୈସୱାଲ ଓ ଶ୍ରେୟସ ଆୟରଙ୍କୁ ମଧ ଟି-୨୦ ଫର୍ମାଟରେ ଖେଳା ଯିବାକୁ ଥିବା ଏସିଆ କପରୁ ବାଦ ଦିଆଯାଇଛି। ଦଳରେ ସଞ୍ଜୁ ସାମସନ ଓ ଜିତେଶ ଶର୍ମାଙ୍କୁ ୱିକେଟ କିପର ଭାବେ ସ୍ଥାନ ପାଇଛନ୍ତି। ସେହିପରି ଅଲରାଉଣ୍ଡର ଭାବେ ହାର୍ଦ୍ଦିକ ପାଣ୍ଡ୍ୟା ଓ ଅକ୍ଷର ପଟେଲ ଦଳରେ ରହିଛନ୍ତି। ଅଭିଷେକ ଶର୍ମା, ଶିବମ ଦୁବେ, ତିଳକ ବର୍ମା ଓ ରିଙ୍କୁ ସିଂହ ନିଜ ସ୍ଥାନ ସୁରକ୍ଷିତ ରଖିପାରିଛନ୍ତି। ସ୍ପିଡ ବୋଲିଂର କମାଣ ବୁମ୍ରାଙ୍କ ସହ ଅର୍ଶଦୀପ ସିଂହ ସମ୍ଭାଳିବେ। ତୃତୀୟ ଦ୍ରୁତ ବୋଲର ଭାବେ ସ୍କ୍ୱାଡରେ ହର୍ଷିତ ରାଣାଙ୍କୁ ରଖାଯାଇଛି। ସ୍ପିନ ବୋଲର ଭାବେ ଅକ୍ଷରଙ୍କ ସହ କୁଲଦୀପ ଯାଦବ ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ଚୟନ କରାଯାଇଛି। ଏସିଆ କପ ସେପ୍ଟେମ୍ବର ୯ରୁ ଆରମ୍ଭ ହେଉଥିବା ବେଳେ ୧୪ ତାରିଖ(ରବିବାର)ରେ ଖେଳାଯିବ ଟୁର୍ଣ୍ଣାମେଣ୍ଟର ସବୁଠାରୁ ବଡ଼ ମୁକାବିଲା। ଏହି ମ୍ୟାଚ୍‌ରେ ଭାରତ ଓ ପାକିସ୍ତାନ ଲଢ଼େଇ ଦେଖିବାକୁ ମିଳିବ। ଆଇସିସି ଚାମ୍ପିୟନ୍ସ ଟ୍ରଫି ପରେ ଦୁଇ ଦେଶ ପରସ୍ପର ବିରୋଧରେ ମ୍ୟାଚ୍ ଖେଳିବାକୁ ଯାଉଛନ୍ତି। ସେହିପରି ପହଲଗାମ ନରସଂହାର ଓ ଅପରେସନ ସିନ୍ଦୂର ପରେ ଭାରତ-ପାକିସ୍ତାନ କୌଣସି କ୍ରିକେଟ ମ୍ୟାଚ୍ ଖେଳିବେ। ଏସିଆ କପ ସେପ୍ଟେମ୍ବର ୯ରୁ ଆରମ୍ଭ ହେଉଥିବା ବେଳେ ଫାଇନାଲ ସେପ୍ଟେମ୍ବର ୨୮ରେ ଖେଳାଯିବ। ପାକିସ୍ତାନକୁ ଭେଟିବା ପୂର୍ବରୁ ଭାରତ ନିଜର ପ୍ରଥମ ମ୍ୟାଚ୍ ୧୦ ତାରିଖରେ ୟୁଏଇ ବିରୋଧରେ ଖେଳି ନିଜର ଏସିଆ କପ ଅଭିଯାନ ଆରମ୍ଭ କରିବ। ସେହିପରି ୧୨ ତାରିଖରେ ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଭାରତ ଓ ପାକିସ୍ତାନ ଲଢ଼େଇ କରିବେ। ଭାରତ ତା'ର ଶେଷ ଗ୍ରୁପ ମ୍ୟାଚ୍ ୧୯ ତାରିଖରେ ଓମାନ ବିରୋଧରେ ଖେଳିବ। ଭାରତ, ପାକିସ୍ତାନ, ଓମାନ ଓ ୟୁଏଇ ଏସିଆ କପର ଗ୍ରୁପ ଏ'ରେ ରହିଛନ୍ତି। ଗ୍ରୁପ ବି'ରେ ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ ଓ ହଂକଂ ରହିଛନ୍ତି। ଗ୍ରୁପ ପର୍ଯ୍ୟାୟରେ ପ୍ରତିଟି ଦଳ ୩ଟି ଲେଖାଏ ମ୍ୟାଚ୍ ଖେଳିବେ। ଏହାପରେ ପ୍ରତିଟି ଗ୍ରୁପରୁ ଶ୍ରେଷ୍ଠ ୨ଟି ଲେଖାଏ ଦଳ ପରବର୍ତ୍ତୀ ରାଉଣ୍ଡକୁ ଯିବେ। ସେଠାରେ ରାଉଣ୍ଡ ରବିନ ଫର୍ମାଟରେ ପ୍ରତି ଦଳ ପରସ୍ପର ସହ ୨ଟି ଲେଖାଏ ମ୍ୟାଚ୍ ଖେଳିବେ। ଏହାପରେ ଟପ୍ ୨ଟି ଦଳ ମଧ୍ୟରେ ଟ୍ରଫି ଟକ୍କର ହେବ।

ଭାରତ ଏସିଆ କପ ଆୟୋଜନ କରୁଛି। କିନ୍ତୁ ଭାରତ ବଦଳରେ ଏସିଆ କପ ୨୦୨୫ ଟି-୨୦ ଫର୍ମାଟରେ ୟୁଏଇରେ ଖେଳାଯିବ। ଏସିଆ କପ ୨୦୨୫ର ସମସ୍ତ ମ୍ୟାଚ୍ ଦୁବାଇ ଓ ଅବୁଧାବିରେ ଖେଳାଯିବ। ଭାରତ ଯଦିଓ ଏସିଆ କପର ହୋଷ୍ଟ, କିନ୍ତୁ ମ୍ୟାଚ୍ ଗୁଡ଼ିକ ବିସିସିଆଇ ନିରପେକ୍ଷ ଭେନ୍ୟୁରେ ଆୟୋଜନ କରିବ।

**ଭାରତୀୟ ସ୍କ୍ୱାଡଃ** ସୂର୍ଯ୍ୟ କୁମାର ଯାଦବ(ଅଧିନାୟକ), ଶୁବମନ ଗିଲ(ଉପ ଅଧିନାୟକ), ଅଭିଷେକ ଶର୍ମା, ତିଳକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ଅକ୍ଷର ପଟେଲ, ଜିତେଶ ଶର୍ମା, ଯଶପ୍ରୀତ ବୁମ୍ରା, ଅର୍ଶଦୀପ ସିଂହ, ବରୁଣ ଚକ୍ରବର୍ତ୍ତୀ, କୁଲଦୀପ ଯାଦବ, ସଞ୍ଜୁ ସାମସନ, ହର୍ଷିତ ରାଣା ଓ ରିଙ୍କୁ ସିଂହ।

**ଷ୍ଟାଣ୍ଡ ବାଇଃ** ପ୍ରସିଦ୍ଧ କ୍ରିଷ୍ଣା, ୱାଶିଂଟନ ସୁନ୍ଦର, ରିୟାନ ପରାଗ, ଧ୍ରୁବ ଜୁରେଲ ଓ ଯଶସ୍ୱୀ ଜୈସୱାଲ।

## ରେଙ୍ଗାଲି ବ୍ଲକ କାର୍ଯ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ସମ୍ବଲପୁର, ୧୯।୮(ସଂଚାର ବ୍ୟୁରୋ)ଃ ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ କାର୍ଯ୍ୟାଳୟଠାରେ ସମ୍ବଲପୁର ଜିଲ୍ଲାପାଳ ଏବଂ ସମ୍ବଲପୁର ଆରକ୍ଷୀ ଅଧୀକ୍ଷକଙ୍କର ଏକ ମିଳିତ ଜନ ଅଭିଯୋଗ ଶୁଣାଣି ଆଜି ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅଭିଯୋଗ ଶୁଣାଣିରେ ମୋଟ ୪୬ଟି ଆବେଦନ ଗ୍ରହଣ କରାଯାଇ ଥିଲା। ଯେଉଁଥିରୁ ୩୮ଟି ଆବେଦନ ବ୍ୟକ୍ତିଗତ ସମ୍ବନ୍ଧୀୟ ଥିବା ବେଳେ, ୮ଟି ସମସ୍ୟା ଗ୍ରାମୀୟ ସମସ୍ୟା ସହିତ ଜଡିତ ଥିଲା। ହେଲେ ମାତ୍ର ୬ଟି ଅଭିଯୋଗ ଅନୁଷ୍ଠିତ ଅଭିଯୋଗ ଶୁଣାଣି ଠାରେ ସମାଧାନ କରାଯାଇଥିଲା। ଅଭିଯୋଗ ଶୁଣାଣୀ ପରେ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, କ୍ଷେତ୍ରୀୟ ପରିବହନ ଅଧିକାରୀ ସହିତ ସମ୍ବଲପୁର ଜିଲ୍ଲାରେ ଯାତାୟାତ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ସହିତ ସହରକୁ ସ୍ଥାୟୀ ଓ ପରିବେଶ-ଅନୁକୂଳ ଯାନବାହନ ଚଳାଚଳ କରିବା ପାଇଁ ପ୍ରସ୍ତାବିତ କ୍ରୁଟ୍ ( କ୍ୟାପିଟାଲ ରିଜିୟନ ଅର୍ବାନ୍ ଟ୍ରାନ୍ସପୋର୍ଟ) ବସ ଡିପୋ ସମ୍ପର୍କରେ ମଧ୍ୟ ସମୀକ୍ଷା କରିଥିଲେ।

## ଦେଶୀ ମଦ ଚାଲାଣ ବେଳେ ଚଢ଼ଉ, ୨ ଗିରଫ

ଜୟପୁର, ୧୯।୮(ସଂଚାର ବ୍ୟୁରୋ)ଃ ଦେଶି ମଦ ଚଲାଣ ବେଳେ ଜୟପୁର ଅବକାରି ଥାନା ଚଢଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ରାଣିପୁଟ କମଳା ପରଜା (୨୭) ଓ ବାର୍ଲାହାଣ୍ଡିର ଦୁଃଧନ ବିଷୋୟୀ (୨୯)। ଦେଶି ମଦ ଚାଲାଣ ହେଉଥିବା ଖବର ପାଇ ରାଣିପୁଟ ଓ ବାର୍ଲାହାଣ୍ଡିରେ ଜୟପୁର ଅବକାରି ଥାନା ପକ୍ଷରୁ ଚଢଉ ହୋଇଛି। ଚଢଉ କରି ୧୫ ଲିଟର ଦେଶି ମଦ ଜବତ ହୋଇଛି। ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ସୁବ୍ରତ କେଶରି ହରିନ ସୁଚନା ଦେଇଛନ୍ତି।

## ବିଦେଶରେ ବିନିକା ପାଇଁ ଗୌରବ ଆଣିଲେ ସୁନା ଝିଅ ଅନୁଷ୍କା

ସୁବର୍ଣ୍ଣପୁର, ୧୯।୮(ସଂଚାର ବ୍ୟୁରୋ)ଃ ବିଦେଶ ମାଟିରେ ଚମକାଇ ବିନିକା ପାଇଁ ଗୌରବ ଆଣିଲେ ଓଡିଆ ଝିଅ ଅନୁଷ୍କା। ସୂଚନା ଯୋଗ୍ୟ ଯେ ସୁବର୍ଣ୍ଣପୁର ଜିଲ୍ଲା ବିନିକାର ସୁନା ଝିଅ ଅନୁସ୍କା ଦାଶ ବିଦେଶ ମାଟିରେ କମାଲ ଦେଖାଇଛନ୍ତି। ଏହେସାସ ତାଇକଣ୍ଡୋ ଏକାଡେମୀ ଭୁବନେଶ୍ୱରରେ ରହି ତାଲିମ ନେଉଥିବା ବିନିକା ଝିଅ ଅନୁସ୍କା ମାଲେସିଆରେ ନିଲାଇ ଇଣ୍ଡୋର ଷ୍ଟାଡିଅମରେ ଅନୁଷ୍ଠିତ ଆନ୍ତର୍ଜାତୀୟ ତାଇକଣ୍ଡୋ ଚମ୍ପିଆନସିପରେ ଭାଗନେଇ ଏହି ସଫଳତା ପାଇଛନ୍ତି। ୧୫ ଅଗଷ୍ଟ ରୁ ୧୭ ଅଗଷ୍ଟ ପର୍ଯ୍ୟନ୍ତ ମାଲେସିଆରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଭାରତ ସମେତ ଚାଇନା, ତାଇପେଇ, ଇଣ୍ଡୋନେସିଆ, ଥାଇଲାଣ୍ଡ, ଫିଲପାଇନ୍ସ, ଅଷ୍ଟ୍ରେଲିଆ, ସିଙ୍ଗାପୁର, କୋରିଆ, ହଙ୍ଗକଙ୍ଗ, ନେପାଳ ଏବଂ ଅନ୍ୟାନ୍ୟ ଦେଶର ଖେଳାଳୀ ଅଂଶଗ୍ରହଣ କରିଥିଲେ। ଅନୁସ୍କାଙ୍କ ଏହି ବିଦେଶ ଗସ୍ତପାଇଁ ଏମସିଏଲ ପକ୍ଷରୁ ଆର୍‌ଠିକ ସହାୟତା ପ୍ରଦାନ କରାଯାଇଥିବା ବେଳେ କୋଚ ଏହେସାସ ହୋତାଙ୍କ ସହିତ ସେ ବିଦେଶ ଗସ୍ତ କରିଛନ୍ତି। ତେବେ ସେଠାରେ ଅନୁଷ୍ଠିତ ପ୍ରତିଯୋଗିତାର ପ୍ରତ୍ୟକେ ରାଉଣ୍ଡରେ ସଫଳତା ସହ ଶେଷରେ ଫାଇନାଲରେ ସ୍ୱର୍ଣ୍ଣ ପଦକ ଜିଣିଥିବା କୋଚ ଏହେସାସ ହୋତା ସୂଚନା ଦେଇଛନ୍ତି। ଅନୁଷ୍କାଙ୍କ ଏହି ସଫଳତା ପରେ ଏମସିଏଲ କତୃପକ୍ଷ, ରାଜ୍ୟ ତାଇକଣ୍ଡୋ ସଂଘର ସମ୍ପାଦକ ମନମୋହନ ଭଞ୍ଜ, ସୁବର୍ଣ୍ଣପୁର ଜିଲ୍ଲା କ୍ରୀଡା ଅଧିକାରୀ ଚିତରଞ୍ଜନ ମିଶ୍ର ଏବଂ ବିନିକା କ୍ରୀଡା ସଂଘ ସମେତ ଅନ୍ୟନ୍ୟ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷ ଅନୁଷ୍କାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ପୁଣି ଲେଉଟିଲେ ହାତୀପଲଃ ଆତଙ୍କିତ ଅଞ୍ଚଳବାସୀ

ଚମ୍ପୁଆ, ୧୯।୮(ସଂଚାର ବ୍ୟୁରୋ)ଃ ଗତ ମାସ ଚମ୍ପୁଆ ରେଞ୍ଜ ଛାଡି ମୟୁରଭଞ୍ଜର କରଞ୍ଜିଆ ରେଞ୍ଜକୁ ଚାଲି ଯାଇଥିବା ତିରିଶ ଟିକିଆ ହାତୀପଲ ଗତ ରାତିରେ ପୁଣି ଚମ୍ପୁଆ ରେଞ୍ଜକୁ ଲେଉଟି ଆସିଛନ୍ତି। ହାତୀପଲ ବୈତରଣୀ ନଦୀ ପାର ହୋଇ କେମୁଣ୍ଡିଆ ଗାଁ ମଧ ଦେଇ ଝାଲିଆ ବେଡା ଗାଁ ଜଗଂଲରେ ପ୍ରବେଶ କରିଛନ୍ତି। ହାତୀପଲରେ ୧୨ଟି ମାଈ ହାତୀ ଓ ୧୨ଟି ଦନ୍ତା ହାତୀ ଥିବା ବେଳେ ୬ ଟି ଛୁଆ ହାତୀଥିବା ଜଣାପଡ଼ିଛି। ଚମ୍ପୁଆ ରେଞ୍ଜରେ ଦୀର୍ଘଦିନଧରି ଉତ୍ପାତ କରିବା ପରେ ଗତ ଜୁଲାଇ ମାସରେ ଏହି ହାତୀ ପଲ ମୟୁରଭଞ୍ଜ ର କରଞ୍ଜିଆ ରେଞ୍ଜକୁ ଚାଲି ଯାଇଥିଲେ। ଏକମାସ ପରେ ପୁଣି ଲେଉଟି ଆସିଥିବାରୁ ହାତୀପଲକୁ ନେଇ ଆଖପାଖ ଗାଁ ଗୁଡିକରେ ଭୟର ବାତାବରଣ ଦେଖାଦେଇଛି।

ସୂଚନାଯୋଗ୍ୟ ଯେ, ଏହି ହାତୀ ପଲ ପୂର୍ବରୁ ଚମ୍ପୁଆ ରେଞ୍ଜର କାଟୁଳିକନା, ଝାଲିଆବେଡା, ପଦ୍ମପୁର, ଜାଲି, ପଡୁଆ, ନନ୍ଦପୁର, ଟିଆସିପଶି, ବରପଦା, ବର୍ଧନା, ଶସାଙ୍ଗ, ପତଳା, ଟୁଣଟୁଣା, ବରାବାଲିଆ ଆଦି ଗାଁ ରେ ଘର ଭାଙ୍ଗି ବ୍ୟାପକ କ୍ଷୟକ୍ଷତି କରିଥିଲେ। ହାତୀ ଘର ଭାଙ୍ଗି କ୍ଷୟକ୍ଷତି କରିବା ଦ୍ୱାରା କିଛି ଲୋକ ବାରମ୍ବାର ଶୁଣ୍ଢୀପିଣ୍ଡା ହେଉଥିବା ମଧ ଦେଖିବାକୁ ମିଳିଛି। ତେବେ ବନ କର୍ମଚାରୀଙ୍କ କାର୍ଯ୍ୟରେ ଅବହେଳା ପାଇଁ ସାଧାରଣ ଲୋକଙ୍କ ଜୀବନ ପ୍ରତି ବିପଦ ରହୁଥିବା ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ଲୋକେ। ହାତୀପଲ ଗାଁ ମୁହାଁ ହେଉଥିବା ବେଳେ ବନ କର୍ମଚାରୀ ମାନେ ଗ୍ରାମବାସୀଙ୍କୁ ହାତୀ ସମ୍ପର୍କିତ ଆଗୁଆ ସୂଚନା ଦେବାକଥା, କିନ୍ତୁ ହାତୀ ଗାଁ ରେ ପଶି କ୍ଷୟକ୍ଷତି କଲେ ମଧ କର୍ମଚାରୀଙ୍କ ଦେଖା ମିଳୁ ନ ଥିବା ବେଳେ ଗ୍ରାମବାସୀମାନେ ବନ କର୍ମଚାରୀଙ୍କୁ ହାତୀ ସମ୍ପର୍କିତ ଖବର ଦେଉଥିବା ଅଭିଯୋଗ ହେଉଛି। ଯାହାକୁ ନେଇ ସାଧାରଣରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏହା ଉପରେ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେଇ କାର୍ଯ୍ୟରେ ଅବହେଳା କରୁଥିବା କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ ହେଉଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କ୍ୟାପିଟାଲ୍...

କରିବ। ସେହିପରି ଭୁବନେଶ୍ୱର ଓ କଟକକୁ ସଂଯୋଗ କରୁଥିବା ଏକ ୬ ଲେନ ବିଶିଷ୍ଟ ପ୍ରବେଶ-ନିୟନ୍ତ୍ରିତ ରିଙ୍ଗ ରୋଡ ନିର୍ମାଣ କରାଯିବ। ଏହି ପ୍ରକଳ୍ପର ଆନୁମାନିକ ମୂଲ୍ୟ ୮,୩୦୭.୭୪ କୋଟି ଟଙ୍କା ରହିଥିବା ଜଣାପଡ଼ିଛି। ଏହି ରିଙ୍ଗ୍‌ରୋଡ୍ ହାଇବ୍ରିଡ୍ ଆନୁଇଟି ମୋଡ୍ ବା ଏଚଏଏମ ମାଧ୍ୟମରେ ନିର୍ମାଣ କରାଯିବ। ଏବେ ରାମେଶ୍ୱରରୁ ଟାଙ୍ଗୀ ପର୍ଯ୍ୟନ୍ତ ସଂଯୋଗ କରୁଥିବା ବର୍ତ୍ତମାନର ଜାତୀୟ ରାଜପଥ ୩ଟି ବଡ଼ ଜନବହୁଳ ସହର ଖୋର୍ଦ୍ଧା, ଭୁବନେଶ୍ୱର ଏବଂ କଟକ ଦେଇ ଯାଇଛି। ଅଧିକ ସଂଖ୍ୟାରେ ଯାନବାହନ ଚଳାଚଳ ଯୋଗୁଁ ଏହି ରାସ୍ତାରେ ପ୍ରବଳ ଭିଡ଼ ଏବଂ ଟ୍ରାଫିକ୍ ସମସ୍ୟା ଉପୁଜୁଛି। ଏହି ସମସ୍ୟାର ସମାଧାନ ଲାଗି ଏକ ୬ ଲେନ୍ ବିଶିଷ୍ଟ ପ୍ରବେଶ ନିୟନ୍ତ୍ରିତ ଗ୍ରୀନଫିଲ୍ଡ ରାଜପଥ ପ୍ରକଳ୍ପ ବିକଶିତ କରିବା ଲାଗି ପ୍ରସ୍ତାବ ରହିଛି। ଏହି ସଡ଼କ ପ୍ରକଳ୍ପ ନିର୍ମାଣ ହେଲେ ଭାରୀ ବାଣିଜ୍ୟିକ ବାହନଗୁଡ଼ିକ କଟକ, ଭୁବନେଶ୍ୱର ଏବଂ ଖୋର୍ଦ୍ଧା ସହର ମଧ୍ୟରେ ପ୍ରବେଶ ନକରି ବିକଳ୍ପ ମାର୍ଗ ଦେଇ ଯାତାୟାତ କରିବେ। ଫଳରେ ଓଡ଼ିଶା ସମେତ ଅନ୍ୟ ପୂର୍ବବର୍ତ୍ତୀ ରାଜ୍ୟଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ଲାଭ ମିଳିପାରିବ। ଏହାଦ୍ୱାରା ମାଲ ପରିବହନ କ୍ଷମତା ମଧ ବଢ଼ିବ, ପରିବହନ ଖର୍ଚ୍ଚ ହ୍ରାସ ପାଇବ ଏବଂ ସ୍ଥାନୀୟ ଅଞ୍ଚଳରେ ସାମାଜିକ-ଆର୍ଥିକ ପ୍ରଗତି ଲାଗି ମାର୍ଗ ପ୍ରଶସ୍ତ ହେବ।

କ୍ୟାବିନେଟ୍‌ରେ ହୋଇଥିବା ନିଷ୍ପତ୍ତି ସଂକ୍ରାନ୍ତରେ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ କ୍ୟାବିନେଟ ଓଡ଼ିଶାରେ ଏକ ୬ ଲେନ ବିଶିଷ୍ଟ ପ୍ରବେଶ-ନିୟନ୍ତ୍ରିତ ରାଜଧାନୀ କ୍ଷେତ୍ର ରିଙ୍ଗ ରୋଡ (ଭୁବନେଶ୍ୱର ବାଇପାସ–୧୧୦.୮୭୫ କିମି) ନିର୍ମାଣକୁ ମଞ୍ଜୁରୀ ଦେଇ ଦେଇଛି। ଏହି ପ୍ରକଳ୍ପକୁ ହାଇବ୍ରିଡ ବାର୍ଷିକ ମୋଡରେ ବିକଶିତ କରାଯିବ। ଏଥିରେ ୮,୩୦୭.୭୪ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ରିଙ୍ଗ ରୋଡ୍ ଏନ୍‌ଏଚ୍-୫୫, ଏନ୍‌ଏଚ୍-୬୫୫, ଏନ୍‌ଏଚ୍-୫୭ ସହ ରାଜ୍ୟ ରାଜପଥ-୬୫କୁ ବି ଯୋଡ଼ିବ। ଏହି ପ୍ରକଳ୍ପକୁ ୬ ଲେନ ବିଶିଷ୍ଟ ପ୍ରବେଶ-ନିୟନ୍ତ୍ରିତ ଗ୍ରୀନଫିଲ୍ଡ ହାଇୱେ ଭାବେ ବିକଶିତ କରାଯିବ। ଏହା ଓଡ଼ିଶା ଓ ଅନ୍ୟାନ୍ୟ ପୂର୍ବ ରାଜ୍ୟଗୁଡ଼ିକ ପାଇଁ ଯଥେଷ୍ଟ ଲାଭଦାୟକ ହେବ, କାରଣ ଏହି ବାଇପାସ୍ ଦ୍ୱାରା କଟକ, ଭୁବନେଶ୍ୱର, ଖୋର୍ଦ୍ଧା ଓ ଢେଙ୍କାନାଳ ସହରରୁ ଭାରୀ ବାଣିଜ୍ୟିକ ଯାତାୟାତ ହଟିଯିବ। ଏହା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଓ ଏହା ବାସ୍ତବରେ ପରିଣତ ହେବା ପରେ ଓଡ଼ିଶା ପ୍ରଧାନମନ୍ତ୍ରୀଙ୍କ 'ପୂର୍ବୋଦୟ' ଯୋଜନାର ଏକ ଚେହେରା ଭାବେ ଉଭା ହେବ। ବିଶେଷଜ୍ଞମାନଙ୍କ କହିବାନୁଯାୟୀ, ରିଙ୍ଗ ରୋଡ ନିର୍ମାଣ ଦ୍ୱାରା ଟ୍ରାଫିକ ସମସ୍ୟା ହ୍ରାସ ପାଇବ, ପରିବହନର ଗତି ବଢ଼ିବ ଏବଂ ଆର୍ଥିକ କାର୍ଯ୍ୟକଳାପ ମଧ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇବ। ଏହି ପ୍ରକଳ୍ପ ପୂର୍ବ ଭାରତରେ ଲଜିଷ୍ଟିକ୍ସ ଏବଂ ସଂଯୋଗୀକରଣକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ କୋଟା-ବୁନ୍ଦିରେ ଏକ ଗ୍ରୀନଫିଲ୍ଡ ବିମାନବନ୍ଦର ନିର୍ମାଣ କରାଯିବ। ନୂତନ ବିମାନବନ୍ଦରର ଟର୍ମିନାଲ କୋଠା ୨୦ ହଜାର ବର୍ଗ ମିଟରରେ ବିସ୍ତାରିତ ହେବ ଓ ରନୱେ ୩,୨୦୦ ମିଟର ଦୈର୍ଘ୍ୟବିଶିଷ୍ଟ ହେବ। ଏହି ବିମାନବନ୍ଦରର ବାର୍ଷିକ ୨୦ ଲକ୍ଷ ଯାତ୍ରୀ କ୍ଷମତା ରହିବ। ବିମାନବନ୍ଦର ଉକ୍ତ ଅଞ୍ଚଳର ବିମାନ ସଂଯୋଗକୁ ସୁଦୃଢ଼ କରିବା ସହ କୋଟା-ବୁନ୍ଦିରେ ବ୍ୟବସାୟ, ପର୍ଯ୍ୟଟନ ଓ ନିବେଶ ସୁଯୋଗକୁ ମଧ ବୃଦ୍ଧି କରିବ। ଏହା କେବଳ ଯାତ୍ରୀମାନଙ୍କୁ ଉତ୍ତମ ସୁବିଧା ପ୍ରଦାନ କରିବ ନାହିଁ, ବରଂ ସ୍ଥାନୀୟ ଅର୍ଥନୀତିକୁ ମଧ ସୁଦୃଢ଼ କରିବ। ଗ୍ରୀନଫିଲ୍ଡ ବିମାନବନ୍ଦର ନିର୍ମାଣ ଦ୍ୱାରା ରାଜସ୍ଥାନରେ ବିମାନ ଯାତାୟାତ ଓ ଲଜିଷ୍ଟିକ୍ସ କ୍ଷମତା ଆଦିରେ ମଧ ଉନ୍ନତି ଆସିବ। ଆଜିର କ୍ୟାବିନେଟ୍‌ରେ ହୋଇଥିବା ନିଷ୍ପତ୍ତିଗୁଡ଼ିକ ବିକାଶ ଏବଂ ସଂଯୋଗୀକରଣ ବୃଦ୍ଧି ପାଇଁ ମୋଦି ସରକାରଙ୍କ ରଣନୀତିର ଏକ ଅଂଶବିଶେଷ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି। ସେ କହିଛନ୍ତି ଯେ ନୂତନ ବିମାନବନ୍ଦର ଓ ରିଙ୍ଗ ରୋଡ ବ୍ୟବସାୟ, ପର୍ଯ୍ୟଟନ ଏବଂ ଶିଳ୍ପ ପାଇଁ ନୂତନ ସୁଯୋଗ ଆଣିଦେବ। ବିଶେଷଜ୍ଞମାନଙ୍କ ଅନୁସାରେ ଏହି ପଦକ୍ଷେପ ଆଞ୍ଚଳିକ ବିକାଶକୁ ପ୍ରୋତ୍ସାହିତ କରିବ ଏବଂ ଯାତ୍ରୀମାନଙ୍କୁ ଉତ୍ତମ ସୁବିଧା ପ୍ରଦାନ କରିବ। ଏହି ନିଷ୍ପତ୍ତିଗୁଡ଼ିକ କେବଳ ନିଯୁକ୍ତି ସୁଯୋଗ ବୃଦ୍ଧି କରିବ ନାହିଁ, ବରଂ ଦେଶର ଲଜିଷ୍ଟିକ୍ସ ଏବଂ ପରିବହନ ବ୍ୟବସ୍ଥାକୁ ମଧ ସୁଦୃଢ଼ କରିବ। ମୋଦି ସରକାରଙ୍କ ଏହି ଉପହାର ଉଭୟ ରାଜ୍ୟରେ ବିକାଶର ଗତିକୁ ଆହୁରି ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି।

## ଧନ୍ୟବାଦ...

ହୋଇପାରିବ। ଏହି ପ୍ରକଳ୍ପ ମଧ୍ୟ ସମ୍ପୃକ୍ତ ଅଞ୍ଚଳର ଅର୍ଥନୀତିକୁ ସୁଦୃଢ଼ କରିବ। ଏହାଦ୍ୱାରା ଲଜିଷ୍ଟିକ୍ ବ୍ୟବସ୍ଥା ସଶକ୍ତ ହେବ ଏବଂ ଓଡ଼ିଶା ସମେତ ପୂର୍ବାଞ୍ଚଳ ଭାରତର ଅର୍ଥନୈତିକ ବିକାଶ ମଧ୍ୟ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଶା ବ୍ୟକ୍ତ କରିଛନ୍ତି।

## ସଡ଼କ...

ଓଡ଼ିଶାର ସଡ଼କ ଯୋଗାଯୋଗ ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ଗେମ୍ ଚେଞ୍ଜର ସାବ୍ୟସ୍ତ ହେବ। ଏହା ହାଇବ୍ରିଡ୍ ଆନୁଇଟି ମୋଡ୍ ବା ଏଚଏଏମ ମାଧମରେ ନିର୍ମାଣ କରାଯିବ। ଖୋର୍ଦ୍ଧା, ଭୁବନେଶ୍ୱର, କଟକ ଓ ଢେଙ୍କାନାଳକୁ ସଂଯୋଗ କରିବାକୁ ଥିବା ଏହି ରାଜପଥ ରାମେଶ୍ୱରରୁ ବିଲିପଡା, ବିଲିପଡ଼ାରୁ ଗୋବିନ୍ଦପୁର ଏବଂ ଗୋବିନ୍ଦପୁରରୁ ଟାଙ୍ଗୀ ପର୍ଯ୍ୟନ୍ତ ୩ଟି ପ୍ୟାକେଜରେ ନିର୍ମାଣ ହେବ। ଦ୍ୱୈତ ସହରରେ ପ୍ରାୟ ୧୧୧ କିମି ବିଶିଷ୍ଟ ଏହି ଭୁବନେଶ୍ୱର ବାଇପାସ ପ୍ରକଳ୍ପ ଟ୍ରାଫିକ୍ ଗହଳିକୁ ନିୟନ୍ତ୍ରଣ କରିବ। ଏହି ଜାତୀୟ ରାଜପଥ ପ୍ରକଳ୍ପ ପ୍ରମୁଖ ଅର୍ଥନୈତିକ ହଟସ୍ପଟ୍ ମଧ୍ୟରେ ସଂଯୋଗୀକରଣକୁ ସୁଗମ କରିବ। ବାଣିଜ୍ୟ ଏବଂ ଶିଳ୍ପର ବିକାଶ ପାଇଁ ନୂତନ ରାସ୍ତା ଖୋଲିବ। ପରିବହନ ଓ ଯାତାୟାତ ସହଜ ହେବ। ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବା ସହ ରୋଜଗାରର ନୂଆ ସୁଯୋଗ ସୃଷ୍ଟି କରିବ। ଏହା ସ୍ଥାନୀୟ ଅଞ୍ଚଳର ଆର୍ଥିକ ସମ୍ଭାବନାକୁ ଉପଯୋଗ କରିବାର ମାର୍ଗ ପ୍ରଶସ୍ତ କରିବ। ସାମାଜିକ-ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଦିଗରେ ସହାୟକ ହେବ । ଭୁବନେଶ୍ୱର ବାଇପାସ୍ ସମୃଦ୍ଧିର ରାଜପଥ ଭାବରେ ଉଭା ହେବ। ପ୍ରଧାନମନ୍ତ୍ରୀଙ୍କ 'ପୂର୍ବୋଦୟ' ମିଶନରେ ଏହି ପ୍ରକଳ୍ପ ଓଡ଼ିଶାକୁ ଅଭିବୃଦ୍ଧିର ପ୍ରଥମ ସୋପାନରେ ପହଞ୍ଚାଇବ ବୋଲି ଶ୍ରୀ ପ୍ରଧାନ ଆଶା ପ୍ରକାଶ କରିଛନ୍ତି।

## ଭିସେରା...

ବେହେରା ଦାୟୀ ବୋଲି ଅଭିଯୋଗ ହେବା ପରେ ପୁଲିସ ତାଙ୍କୁ ଗିରଫ କରିଛି। ଅନ୍ୟ ଜଣେ ପୁରୁଷ ବନ୍ଧୁଙ୍କୁ କୋଲକାତାରୁ ହେପାଜତକୁ ନେଇ ପୁଲିସ୍ ପଚରାଉଚରା କରିଥିଲେ ହେଁ ପରେ ଛାଡ଼ିଦେଇଛି।

ତେବେ ଯଦି ଦ୍ୱିତୀୟ ପୁରୁଷ ବନ୍ଧୁଙ୍କର ଘଟଣା ସହ କିଛି ସମ୍ପୃକ୍ତି ନଥିଲା, ତା'ହେଲେ ତାଙ୍କୁ ଧରିବା ପାଇଁ ପୁଲିସ କାହିଁକି କୋଲ୍‌କାତା ଯାଇଥିଲା ବୋଲି ପ୍ରଶ୍ନ ଉଠିଛି। ଛାତ୍ରୀଙ୍କ ଆତ୍ମହତ୍ୟା ସମୟରେ ତାଙ୍କ ବାପା-ମା' ବାହାରକୁ ଯାଇଥିବା ସିସିଟିଭିରୁ ସ୍ପଷ୍ଟ ହୋଇଛି। ତେବେ ପ୍ରମୋଦଙ୍କ ପରିବାର ଲୋକେ ଏହାକୁ ଅନର୍ କିଲିଂ ବୋଲି ଅଭିଯୋଗ କରିଥିଲେ ମଧ ଏନେଇ କୌଣସି ପ୍ରମାଣ ମିଳିପାରିନାହିଁ। କିନ୍ତୁ ସମ୍ପୃକ୍ତ ଛାତ୍ରୀ ଜଣଙ୍କ କେଉଁଠୁ ପେଟ୍ରୋଲ ଆଣିଲେ, ଓ କେମିତି ନିଆଁ ଲଗାଇଲେ, ତାହା ଜାଣିବା ସକାଶେ ଏବେ ବି ପୁଲିସ୍ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ଯେ ଗତ ୬ ତାରିଖ ସକାଳେ ନିଜ ଘରୁ ଛାତ୍ରୀଙ୍କ ଦଗ୍ଧ ମୃତଦେହ ସନ୍ଦେହଜନକ ଅବସ୍ଥାରେ ଉଦ୍ଧାର କରାଯାଇଥିଲା ।

## ସୁଦର୍ଶନ...

ନିଯୁକ୍ତି ମିଳିଥିଲା। ଏହାପରେ ୨୦୦୫ରେ ସେ ଗୁଆହାଟୀ ହାଇକୋର୍ଟର ମୁଖ୍ୟ ବିଚାରପତି ହୋଇଥିଲେ।

୧୯୯୦ରେ ସେ ସଂକ୍ଷିପ୍ତ ସମୟ ପାଇଁ କେନ୍ଦ୍ର ସରକାରରେ ଅତିରିକ୍ତ ଷ୍ଟାଣ୍ଡିଂ ଓକିଲ ଦାୟିତ୍ୱ ନିର୍ବାହ କରିଥିଲେ। ନିଜର ଆଇନଗତ କ୍ୟାରିୟରରେ ସେ ଓସମାନିଆ ବିଶ୍ୱବିଦ୍ୟାଳୟର ଆଇନ ପରାମର୍ଶ ଭାବେ ମଧ କାର୍ଯ୍ୟ କରିଛନ୍ତି।

ବିଶିଷ୍ଟ ଆଇନଜ୍ଞ ଭାବେ ପରିଚିତ ଜଷ୍ଟିସ ରେଡ୍ଡୀ ୨୦୦୭ରେ ସୁପ୍ରିମକୋର୍ଟର ବିଚାରପତି ହେବା ସହ ୨୦୧୧ ଜୁଲାଇରେ ଅବସର ନେଇଥିଲେ। ଅବସର ନେବା ପରେ ସେ ଗୋଆର ପ୍ରଥମ ଲୋକାୟୁକ୍ତ ଭାବେ କାମ ଆରମ୍ଭ କରିଥିଲେ।

ଜଷ୍ଟିସ ସୁଦର୍ଶନଙ୍କୁ ବିରୋଧୀ ମେଣ୍ଟର ମିଳିତ ପ୍ରାର୍ଥୀ କରାଯାଇଥିବା ସମ୍ପର୍କରେ ଘୋଷଣା କରି କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି ଯେ, ଆସନ୍ତା ଉପରାଷ୍ଟ୍ରପତି ନିର୍ବାଚନ ଗୋଟିଏ ବିଚାରଧାରାର ଲଢ଼େଇ। ସମସ୍ତ ବିରୋଧୀ ଏକାଠି ରହିଛନ୍ତି। ସେ ସାମାଜିକ ଓ ରାଜନୀତିକ ନ୍ୟାୟର ଜଣେ ପ୍ରହରୀ ଭାବେ ଖ୍ୟାତି ଅର୍ଜନ କରି ସାରିଛନ୍ତି ବୋଲି ଖଡଗେ ସୂଚନା ଦେଇଛନ୍ତି।

## କେବେ...

ହେଉଛନ୍ତି, ତା'ହେଲେ ସାମ୍ବାଦିକଙ୍କୁ ଗୁଳି କରିଦେବାକୁ ଧମକ ଦେଉଥିବା ଛଦ୍ମବେଶୀ କୁଜି ନେତା କାହିଁକି ଗିରଫ ହେବେନି ବୋଲି ସେ ପ୍ରଶ୍ନ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ବୋଧହୁଏ ପୁଲିସ କେଉଁ ଅଜଣା ଶକ୍ତିର ଚାପରେ ମୁକ୍ତିକାନ୍ତଙ୍କୁ ଗିରଫ କରୁନି। ଯଦି ପୁଲିସ ମୁକ୍ତିକାନ୍ତଙ୍କ ଭଳି କୁଜି ନେତାଙ୍କୁ ଭୟ କରିବ, ତେବେ ସାମ୍ବାଦିକମାନେ ଆଉ ସୁରକ୍ଷିତ ଓ ସ୍ୱାଧୀନ ଭାବେ ମତ ବ୍ୟକ୍ତ କରିପାରିବେନି ବୋଲି ଶ୍ରୀ କାନୁନ୍‌ଗୋ କ୍ଷୋଭୋକ୍ତି ପ୍ରକାଶ କରିଛନ୍ତି।

## ଶିଶୁ...

ହଜାର ଟଙ୍କା ଲେଖାଏଁ ଯୋଗାଇଦେବା ସକାଶେ ଦାବି କରାଯାଇଛି। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଆର୍ଥିକ ଦୁର୍ବଳ ଛାତ୍ରଛାତ୍ରୀଙ୍କୁ ଅତ୍ୟାବଶ୍ୟକ ସ୍କୁଲ ସାମଗ୍ରୀ ଯୋଗାଇଦେବା।

## ବିଜେଡିକୁ...

ଆଶ୍ଚର୍ଯ୍ୟଚକିତ କରିଛି। ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ସେ ଚିକିତ୍ସିତ ହେଉଥିବା ସମ ଅଲ୍ଟିମେଟ୍ ପକ୍ଷରୁ ନିୟମିତ ବୁଲେଟିନ୍ ଜାରି ହେଉଥିବା ବେଳେ କିଛି ଗଣମାଧ୍ୟମରେ କିନ୍ତୁ ପୂର୍ବାପର ପ୍ରସଙ୍ଗକୁ ଯୋଡ଼ି ବିଭ୍ରାନ୍ତିକର ଖବର ପ୍ରକାଶ ପାଉଛି।

ମୀର୍ ଜାଫରମାନେ ପରଦା ପଛରେ ରହି ନିଆଁରେ ଘିଅ ଢାଳିବା କାମ ବି କରୁଛନ୍ତି। ଏହି ଖବର ସହ ଅତି ଚତୁର ଭାବେ ପାଣ୍ଡିଆନଙ୍କୁ ଯୋଡ଼ି ଦିଆଯାଉଛି। ତେବେ ଡାକ୍ତରଖାନାରେ ରୁଣ୍ଡ ହୋଇ ସୋସିଆଲ ମିଡିଆରେ ଫଟୋ ଛାଡୁଥିବା ବିଜେଡି ନେତାମାନେ ଏଭଳି ମିଛ ଖବରକୁ ଖଣ୍ଡନ ନ କରିବା ଓ ଗୁଜବକାରୀଙ୍କ ବିରୁଦ୍ଧରେ ପଦୁଟିଏ ବି ନ କହିବା ଏବେ ଅନେକଙ୍କୁ ସନ୍ଦେହ ଘେରରେ ପକାଇଛି। ଏନେଇ ବିଜେଡି କର୍ମୀଙ୍କ କହିବା କଥା ଯେ ମୁଖାପିନ୍ଧା ମାମଲତକାରମାନେ ନିଶ୍ଚିତ ଧରାପଡ଼ିବେ ଓ ନବୀନ ସୁସ୍ଥ ହୋଇ ଡାକ୍ତରଖାନାରୁ ଫେରିବା ପରେ ଅନେକଙ୍କ ଅସଲ ମୁଖା ଖୋଲିବ।

## ସୀମାରେ...

ଉପଦେଷ୍ଟା (ଏନଏସଏ) ଅଜିତ ଡୋଭାଲଙ୍କ ସହ-ଅଧକ୍ଷତାରେ ଆୟୋଜିତ ଚତୁର୍ବିଂଶତମ ସ୍ୱତନ୍ତ୍ର ପ୍ରତିନିଧି ବୈଠକର ସକାରାତ୍ମକ ଫଳାଫଳ ବିଷୟରେ ମଧ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ପ୍ରଧାନମନ୍ତ୍ରୀ ସୀମାରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବାର ଗୁରୁତ୍ୱ ଉପରେ ଜୋର୍ ଦେବା ସହ ସୀମା ବିବାଦର ଏକ ନିରପେକ୍ଷ, ଯୁକ୍ତିସଙ୍ଗତ ଏବଂ ଆପୋଷ ଭାବେ ଗ୍ରହଣୀୟ ସମାଧାନ ପାଇଁ ଭାରତର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ଗତ ବର୍ଷ କାଜାନରେ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହ ସାକ୍ଷାତ ପରଠାରୁ ଦ୍ୱିପାକ୍ଷିକ ସମ୍ପର୍କରେ ସ୍ଥିର ଓ ସକାରାତ୍ମକ ପ୍ରଗତିକୁ ପ୍ରଧାନମନ୍ତ୍ରୀ ସ୍ୱାଗତ କରିଛନ୍ତି। ଏହା ପାରସ୍ପରିକ ସମ୍ମାନ, ଆପୋସ ହିତ ଓ ପାରସ୍ପରିକ ସମ୍ବେଦନଶୀଳତା ଦ୍ୱାରା ପରିଚାଳିତ ଯେଉଁଥିରେ କୈଳାସ ମାନସରୋବର ଯାତ୍ରା ପୁନଃ ଆରମ୍ଭ ପ୍ରସଙ୍ଗ ମଧ ସାମିଲ ରହିଛି। ପ୍ରଧାନମନ୍ତ୍ରୀ ଏସସିଓ ଶିଖର ସମ୍ମିଳନୀକୁ ନିମନ୍ତ୍ରଣ ପାଇଁ ରାଷ୍ଟ୍ରପତି ଜିନପିଙ୍ଗଙ୍କୁ ଧନ୍ୟବାଦ ଜଣାଇବା ସହ ଏହାକୁ ସ୍ୱୀକାର କରିଥିଲେ। ସେ ଏସସିଓ ଶିଖର ସମ୍ମିଳନୀରେ ଚୀନର ଅଧକ୍ଷତାକୁ ସମର୍ଥନ ଜଣାଇବା ସହ ସେ ତିଆନଜିନରେ ରାଷ୍ଟ୍ରପତି ଜିନପିଙ୍ଗଙ୍କୁ ଭେଟିବା ଲାଗି ଆଗ୍ରହୀ। ଭାରତ ଓ ଚୀନ୍ ମଧ୍ୟରେ ସ୍ଥିର, ଆକଳନଯୋଗ୍ୟ ଓ ଗଠନମୂଳକ ସମ୍ପର୍କ ଆଞ୍ଚଳିକ ଏବଂ ବିଶ୍ୱ ଶାନ୍ତି ଓ ସମୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ ବୋଲି ପ୍ରଧାନମନ୍ତ୍ରୀ ମତ ଦେଇଛନ୍ତି।

## ରେଳବାଇ...

ନିୟମଗୁଡ଼ିକୁ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ କରିବା ପାଇଁ ମଧ ରେଳବାଇ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି। କାର୍ଯ୍ୟକାରୀ ହେବାକୁ ଥିବା ନିୟମ ଅନୁଯାୟୀ, ବିଭିନ୍ନ ବର୍ଗର ଯାତ୍ରା ପାଇଁ ଭିନ୍ନ ଭିନ୍ନ ସୀମା ବା ଲିମିଟ ରହିବ। ପ୍ରଥମ ଶ୍ରେଣୀ ଏସି କୋଚରେ ଯାତ୍ରା କରୁଥିବା ଯାତ୍ରୀଙ୍କୁ ୭୦ କିଗ୍ରା ପର୍ଯ୍ୟନ୍ତ ଲଗେଜ ନେବାକୁ ଅନୁମତି ମିଳିବ। ସେହିପରି ଏସି ଦ୍ୱିତୀୟ ଶ୍ରେଣୀ ଯାତ୍ରୀଙ୍କ ପାଇଁ ୫୦ କିଗ୍ରା ଓ ତୃତୀୟ ଏସି ଏବଂ ସ୍ଲିପର ଶ୍ରେଣୀ ଯାତ୍ରୀଙ୍କ ପାଇଁ ସୀମା ୪୦ କିଗ୍ରା ରହିବ। ଏହାଛଡ଼ା ସାଧାରଣ ଟିକେଟରେ ଯାତ୍ରା କରୁଥିବା ଯାତ୍ରୀମାନେ ସାଙ୍ଗରେ ୩୫ କିଗ୍ରା ପର୍ଯ୍ୟନ୍ତ ଲଗେଜ ନେଇପାରିବେ।

ପ୍ରାଥମିକ ପର୍ଯ୍ୟାୟରେ ନର୍ଥ ରେଲୱେ ଓ ନର୍ଥ ସେଣ୍ଟ୍ରାଲ ରେଲୱେ ଲକ୍ଷ୍ନୌ ଓ ପ୍ରୟାଗରାଜ ଡିଭିଜନର ପ୍ରମୁଖ ଷ୍ଟେସନଗୁଡ଼ିକରେ ଏହି ବ୍ୟବସ୍ଥା ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛି। ଚିହ୍ନଟ ହୋଇଥିବା ରେଳ ଷ୍ଟେସନଗୁଡ଼ିକରେ ପ୍ରୟାଗରାଜ, ମିର୍ଜାପୁର, କାନପୁର ଓ ଆଲିଗଡ଼ ଜଙ୍କସନ ଆଦି ଅନ୍ତର୍ଭୁକ୍ତ। ଏହାଛଡ଼ା ଲକ୍ଷ୍ନୌ ଚାରବାଗ, ବନାରସ, ପ୍ରୟାଗରାଜ ଛେଓକି, ସୁବେଦାରଗଞ୍ଜ, ମିର୍ଜାପୁର, ଟୁଣ୍ଡଲା, ଆଲିଗଡ଼, ଗୋବିନ୍ଦପୁରୀ ଓ ଇଟାୱା ମଧ ଏହି ତାଲିକାରେ ରହିଛି।

ଏପରି ନିୟମ ନେଇ ରେଳ ଅଧିକାରୀମାନେ କହିଛନ୍ତି ଯେ ରେଳ ଯାତ୍ରୀଙ୍କ ସୁରକ୍ଷା ଓ ସୁବିଧା ପାଇଁ ଏହି ନିୟମଗୁଡ଼ିକ ଆବଶ୍ୟକ। କାରଣ ଯାତ୍ରୀଙ୍କ ସହ ଅତିରିକ୍ତ ସାମଗ୍ରୀ ରହିବା କେଉଁଠି ନା କେଉଁଠି ସେମାନଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଥାଏ। ଏଥିସହ ନୂଆ ବ୍ୟବସ୍ଥାର ସୁପରିଚାଳନା ପାଇଁ ରେଳ ଷ୍ଟେସନରେ ଇଲେକ୍ଟ୍ରୋନିକ୍ ଲଗେଜ୍ ମେସିନ୍ ମଧ ସ୍ଥାପନ କରିବ। ରେଳ ପ୍ଲାଟଫର୍ମରେ ଯାତ୍ରୀମାନେ ପ୍ରବେଶ କରିବା ପୂର୍ବରୁ ସେମାନଙ୍କ ବ୍ୟାଗର ଓଜନ ଓ ଆକାର ଆଦି ଯାଞ୍ଚ କରାଯିବ।

## ଗାଡ଼ି ଧକ୍କାରେ ଜଣେ ମୃତ, ଜଣେ ଗୁରୁତର

**ଛତ୍ରପୁର,୧୯।୮ (ସଂଚାର ବ୍ୟୁରୋ):** ହୁମ୍ମା ୧୬ ନମ୍ବର ଜାତୀୟ ରାଜପଥ ହୁମ୍ମା ଫାଣ୍ଡି ସମୁଖରେ ଆଜି ସନ୍ଧ୍ୟାରେ ଏକ ବଡ଼ ଦୁର୍ଘଘଟଣା ଘଟିଛି । ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ମହିଳାଙ୍କ ଘଟଣାସ୍ଥଳରେ ଶୋଚନୀୟ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ମୃତ ମହିଳାଙ୍କ ନାମ କେ.ମାଳତୀ ପ୍ରଧାନ ଏବଂ ଅନ୍ୟ ଆହତ ମହିଳା କେ.ଯମୁନା ପ୍ରଧାନ ବୋଲି ହୁମ୍ମା ପୁଲିସ ପକ୍ଷରୁ ଚିହ୍ନଟ କରଯାଇଛି। ଉଭୟ ସ୍ଥାନୀୟ କେଉଟ ସାହିର ବୋଲି ଜଣାପଡିଛି। ଗୁରୁତର ମହିଳାଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ହୁମ୍ମା ପୁଲିସ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ମେଡ଼ିକାଲକୁ ପଠାଇବା ସହ ମୃତ ମହିଳାଙ୍କ ମୃତଦେହକୁ ବ୍ୟବଛେଦ ପାଇଁ ପଠାଇଛି। ଅଜଣା ଗାଡିକୁ ଚିହ୍ନଟ ପାଇଁ ତଦନ୍ତ ଆରମ୍ଭ କରିଛି ପୁଲିସ। ଉକ୍ତ ଦୁଇ ମହିଳା ଚାଷ କାମ ସାରି ଘରକୁ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି ।

## ଅସ୍ତରଙ୍ଗ ଥାନାଧିକାରୀ ଭାବେ ଯୋଗଦେବେ ଦୁର୍ଗାଚରଣ ମହାପାତ୍ର




**କାକଟପୁର/ଅସ୍ତରଙ୍ଗ,୧୯।୮ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନାରେ ଥାନାଧିକାରୀ ଭାବେ ଯୋଗଦେବେ ଦୁର୍ଗା ଚରଣ ମହାପାତ୍ର। ଖବର ମୁତାବକ ଗତ ଶୁକ୍ରବାର ଦିନ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନାରେ କାର୍ଯ୍ୟରତ ଥିବା ଥାନାଅଧିକାରୀ ରାଜେଶ ବଳିୟାର ସିଂ ପଦ ପଦବୀର ଅପବ୍ୟବହାର ପାଇଁ ଡିଜିପି ୱାଇ.ବି.ଖୁରାନିଆ ତାଙ୍କୁ ନିଲମ୍ବନ କରିଥିଲେ। ଯାହା ଫଳରେ କି ଅସ୍ତରଙ୍ଗ ଥାନାରେ ଥାନାଅଧିକାରୀ ପଦବୀ ଖାଲି ପଡ଼ିଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଭୌଗୋଳିକ ସ୍ଥିତି ଓ ଅପରାଧିକ ଭିତ୍ତିଭୂମିକୁ ଦୃଷ୍ଟିରେ ରଖି ପୁରୀ ଏସ୍ପି ଙ୍କ ଚିଠି ନମ୍ବର ୨୭୫୩/ଆର. ଓ ରେ ଅର୍ଡର ନମ୍ବର ୨୩୭୦ରେ ଜିଲ୍ଲା ମୁଖ୍ୟକାର୍ଯ୍ୟାଳୟ ଥିବା ଇନିସ୍ପେକ୍ଟର ଦୁର୍ଗା ଚରଣ ମହାପାତ୍ର ଙ୍କୁ ଅସ୍ତରଙ୍ଗ ଥାନା ଅଧିକାରୀ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହା ସହ ପରବର୍ତ୍ତୀ ଅର୍ଡର ପର୍ଯ୍ୟନ୍ତ ଅସ୍ଥାୟୀ ଭାବେ ଅସ୍ତରଙ୍ଗ ଥାନାର ଦାୟିତ୍ୱରେ ରହିବେ ବୋଲି ସୂଚନା ମିଳିଛି। ଯାହା ପ୍ରାପ୍ତ ସୂଚନା ମିଳିଛି ଖୁବ ଶୀଘ୍ର ଥାନାରେ ଯୋଗ ଦେବେ ନୂତନ ଥାନା ଅଧିକାରୀ।

## ନଳିନୀକାନ୍ତ ମହାନ୍ତି ପ୍ରଦେଶ କଂଗ୍ରେସ କମିଟି ରାଜ୍ୟ ଯୁବ ସମନ୍ୱୟ କମିଟିର ରାଜ୍ୟ ସଂଯୋଜକ



**ଭଦ୍ରକ,୧୯।୮ (ସଂଚାର ବ୍ୟୁରୋ):** ଭଦ୍ରକ ଜିଲ୍ଲା କଂଗ୍ରେସ କମିଟିର ପୂର୍ବତନ କାର୍ଯ୍ୟକାରୀ ସଭାପତି ତଥା ଯୁବନେତା ନଳିନୀକାନ୍ତ ମହାନ୍ତି ପ୍ରଦେଶ କଂଗ୍ରେସ କମିଟି ଦ୍ୱାରା ନିଯୁକ୍ତି ରାଜ୍ୟ ଯୁବ ସମନ୍ୱୟ କମିଟିର ରାଜ୍ୟ ସଂଯୋଜକ ଭାବେ ନିଯୁକ୍ତି ହୋଇଛନ୍ତି। ତାଙ୍କ ନିଯୁକ୍ତିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିବା ବେଳେ ଭଦ୍ରକ ଜିଲ୍ଲା କଂଗ୍ରେସ କର୍ମୀ ମହଲରେ ଖୁସିର ଲହରୀ ଖେଳିଯାଇଛି। ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପ୍ରକାଶିତ ଏକ ଆଠ ଜଣିଆ ରାଜ୍ୟ କମିଟିରେ ନଳିନୀ କାନ୍ତ ମହାନ୍ତିଙ୍କୁ ମୁଖ୍ୟ ସଂଯୋଜକ ଭାବେ ନିଯୁକ୍ତି ହୋଇଥିବାରୁ ଏଥି ନେଇ ଶ୍ରୀ ମହାନ୍ତି ଅଖିଳ ଭାରତ କଂଗ୍ରେସ କମିଟିର ସଭାପତି ମଲ୍ଲିକାର୍ଜୁନ ଖଡଗେ, ବିରୋଧି ଦଳର ନେତା ରାହୁଲ ଗାନ୍ଧି, ଅଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ କେ.ସି ବେନୁଗୋପାଳ, ଓଡିଶା ପ୍ରଦେଶ କଂଗ୍ରେସ କମିଟିର ରାଜ୍ୟ ସଭାପତି ଭକ୍ତ ଚରଣ ଦାସଙ୍କୁ ଶୁଭେଚ୍ଛା ଜଣାଇବା ସହ ଧନ୍ୟବାଦ ଦେଇଛନ୍ତି। ଆଗାମୀ ଦିନରେ ରାଜ୍ୟର ଯୁବ ଗୋଷ୍ଠୀ ମାନଙ୍କୁ କଂଗ୍ରେସ ଦଳର ନୀତି ଆଦର୍ଶ ପ୍ରତି ଆକୃଷ୍ଟ କରିବା ସହ ଦଳରେ ସାମିଲ କରି କଂଗ୍ରେସ ଦଳକୁ ରାଜ୍ୟର ଶକ୍ତିଶାଳୀ କରିବାକୁ ଶ୍ରୀ ମହାନ୍ତି ପ୍ରେସ ବିବୃତିରେ ଜଣାଇଛନ୍ତ।

## ଆଇନଗତ ସଫେଇ ସୁରକ୍ଷିତ ସଫେଇ ଅଭିଯାନ




**ବ୍ରହ୍ମପୁର,୧୯।୮ (ସଂଚାର ବ୍ୟୁରୋ):** ସ୍ଥାନୀୟ ଧାନମେରା ସାହି ଠାରେ ଆଇନଗତ ସଫେଇ ସୁରକ୍ଷିତ ସଫେଇ ସଚେତନତା ଅଭିଯାନ ଜରିଆରେ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟତଃ ପ୍ରମୁଖ ପରିମଳ କର୍ମଚାରୀ ବସବାସ କରୁଥିବା ଧାନମେରା ସାହିରେ ବ୍ରହ୍ମପୁର ମହାନଗର ନିଗମର କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଗରିମା ଯୋଜନା ଅନ୍ତର୍ଗତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପ୍ରମୁଖ ପରିମଳ କର୍ମୀଙ୍କ ସୁରକ୍ଷା ଏବଂ ସମ୍ମାନ ପାଇଁ ଏହି ଯୋଜନା କାମ କରୁଥିବା କଥା ସେ କହିଥିଲେ। ପାଇଖାନା ଟାଙ୍କି ସଫା ପାଇଁ କେବଳ ସ୍ୱୀକୃତିପ୍ରାପ୍ତ ସେସପୁଲ ଗାଡି ଏବଂ ତାଲିମ ପ୍ରାପ୍ତ ପରିମଳ କର୍ମଚାରୀ ନିୟୋଜିତ କରିବା ବାବଦରେ ଲୋକମାନଙ୍କୁ ବୁଝାଇଥିଲେ କମିଶନର। ଟୋଲ୍ ଫ୍ରି ନମ୍ବର ୧୪୪୨୦ର ବ୍ୟାପକ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରିବା ସହ ଅଣ ସ୍ୱୀକୃତିପ୍ରାପ୍ତ ସେସପୁଲ ଗାଡି କିମ୍ବା ଅଣ ତାଲିମପ୍ରାପ୍ତ ପରିମଳ କର୍ମଚାରୀଙ୍କୁ ନିୟୋଜିତ କରି ପାଇଖାନା ଟାଙ୍କି ସଫା କରାଇବା ଏକ ଦଣ୍ଡନୀୟ ଅପରାଧ ବୋଲି ସେ ସୂଚନା ଦେଇଥିଲେ। ଉକ୍ତ ସଚେତନତା କାର୍ଯ୍ୟକ୍ରମରେ କେତେକ ସେବାନିବୃତ୍ତ ପରିମଳ କର୍ମଚାରୀଙ୍କୁ ବନ୍ଦାପନା କରି ଏବଂ ଗୋଲାପ ଫୁଲ ଦେଇ କମିଶନର ସମ୍ମାନିତ କରିଥିଲେ।

# ବଢୁଛି ବିକ୍ରମଙ୍କ କ୍ରେଜ୍, ଚ୍ୟାଉଙ୍କୁ ଆଗରେ ରଖି ଚାଲିଛି କି ଖେଳ ?

**ସହିପାରୁନାହାଁନ୍ତି ଅସନ୍ତୁଷ୍ଟ ଗୋଷ୍ଠୀ!**
**ଦଳ ପାଇଁ କାଳ ଦୋମୁହାଁ ନେତା!**

**ବ୍ରହ୍ମପୁର,୧୯।୮ (ସଂଚାର ବ୍ୟୁରୋ):** ଦୀର୍ଘ ଦିନ ପରେ ଜିଲ୍ଲା ସଭାପତି ଘୋଷଣା କରି ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ନାଁରେ ମୋହର ମାରିଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ଏହା ପରେ ଦଳୀୟ ଶିବିର ଚଳଚଞ୍ଚଳ ହୋଇପଡ଼ିଛି। ଜଣେ ଯୁବ ନେତୃତ୍ୱ ସହ ସାଙ୍ଗଠନିକ ଦକ୍ଷତା ଦେଖି ଦଳର ଶୀର୍ଷ ନେତା ତାଙ୍କୁ ଜିଲ୍ଲା ବିଜେଡିର ମଙ୍ଗୁଆଳ କରିଛନ୍ତି। ଏହା ପରେ ସ୍ଥାନୀୟ ଶଙ୍ଖ କ୍ୟାମ୍ପ୍‌ରେ ଖୁସିର ଲହରୀ ଖେଳିଯାଇଛି। କହିବାକୁ ଗଲେ ଏବେ ବିକ୍ରମଙ୍କ ନେତୃତ୍ୱରେ ଦଳର ନେତା ଓ କର୍ମୀ ଖୁବ୍ ଆକ୍ଟିଭ୍ ମୁଡ୍‌କୁ ଆସିଛନ୍ତି। ନିକଟରେ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଜିଲ୍ଲା ସାରା ଦଳୀୟ ନେତା ଏକାଠି ହୋଇଥିଲେ, ଯାହା ଦଳୀୟ ସଂଗଠନକୁ ମଜବୁତ୍ କରୁଥିବା କୁହାଯାଉଛି। ବ୍ରହ୍ମପୁର ସମେତ ଜିଲ୍ଲା ଓ୍ୱାରି ବିକ୍ରମଙ୍କ ଖୁବ୍ ଦବଦବା ମଧ ରହିଛି। ତାଙ୍କ କ୍ରେଜ୍ ଶଙ୍ଖ ଦଳ ପାଇଁ ଇନ୍ଧନ ବୋଲି କୁହାଯାଉଛି।

ହେଲେ ଦଳର କିଛି ଅସନ୍ତୁଷ୍ଟ ଗୋଷ୍ଠୀ ତାଙ୍କୁ ବିରୋଧ କରିବା ଆଳରେ ଦଳକୁ କ୍ଷତି ପହଞ୍ଚାଇବାକୁ ଉଦ୍ୟମ ଆରମ୍ଭ କରିଥିବା ଆଲୋଚନା ହେଲାଣି। ଚର୍ଚ୍ଚା ହେଉଛି, ଦଳର ଏକ ନିର୍ଦ୍ଧିଷ୍ଟ ଗୋଷ୍ଠୀ ଏବେ ପଦ୍ମ ମୁହାଁ। ଯଦିଓ ବିଜେଡିରେ ଅଛନ୍ତି, କିନ୍ତୁ ବିଜେପି ସହ ହାତ ମିଳାଇ ଜିଲ୍ଲା ସଭାପତିଙ୍କ ନେତୃତ୍ୱକୁ ଚ୍ୟାଲେଞ୍ଜ କରୁଛନ୍ତି। ଏଥିପାଇଁ ଦଳର ବରିଷ୍ଠ ନେତା ତଥା ପାଞ୍ଚ ପାଞ୍ଚ ଥରର ବିଧାୟକ ରହିସାରିଥିବା ଡ. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ଆଗରେ ରଖି ଗୋଟି ଚଳାଇବା ଆରମ୍ଭ କରିଛନ୍ତି।

ସାଧାରଣରେ ହେଉଥିବା ଆଲୋଚନା ପ୍ରକାରେ, ଦଳ ଭିତରେ ଥାଇ ଜିଲ୍ଲା ସଭାପତିଙ୍କୁ ବିରୋଧ କରି ପଦ୍ମ ଶିବିର ମୁହାଁ ହେଉଥିବା ନେତାଙ୍କ ପ୍ରତି ଶୀର୍ଷ ନେତୃତ୍ୱ ନଜର୍ ଦେବାର ଆବଶ୍ୟକତା ରହିଛି। ଏହାସହ ଚ୍ୟାଉଙ୍କୁ ସାମ୍ନାରେ ରଖି ପଛରେ ଖେଳ ଖେଳୁଥିବା ନେତାଙ୍କୁ ସାବଡ଼ କରିବାର ସମୟ ବି ଆସିଛି। ଜିଲ୍ଲା ବିଜେଡିର ମଙ୍ଗ ଧରିବା ପରେ ଶ୍ରୀ ପଣ୍ଡାଙ୍କ ନେତୃତ୍ୱରେ ବିଜେଡି ବଢୁଥିବା ବେଳେ ସାଥ୍ ଦେଇ ସଂଗଠନ ସୁଦୃଢ଼ କରିବା ବଦଳରେ ଅସହ୍ୟ ହୋଇ ଅସନ୍ତୁଷ୍ଟ ଗୋଷ୍ଠୀର ଭିତିରିଆ ବିରୋଧ ପ୍ରଦର୍ଶନ ଓ ପଦ୍ମ ମୁହାଁ ନୀତି ଆଗାମୀ ଦିନରେ ଦଳ ପାଇଁ କାଳ ସାବ୍ୟସ୍ତ ହୋଇପାରେ।

## ଗଞ୍ଜାମ ଏନ୍‌ଏସି ପ୍ରତିନିଧି ଭାବେ ପ୍ରଶାନ୍ତ ବୈଠାରୁ ମନୋନୀତ



**ଛତ୍ରପୁର,୧୯।୮ (ସଂଚାର ବ୍ୟୁରୋ):** ଛତ୍ରପୁର ବିଧାନସଭା ମଣ୍ଡଳୀର ବିଜେପି ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଗଞ୍ଜାମ ଏନଏସି ପାଇଁ ପ୍ରଶାନ୍ତ କୁମାର ବୈଠାରୁ(ରାନୁ)ଙ୍କୁ ପାର୍ଟି ପକ୍ଷରୁ ଅଧିକୃତ ପ୍ରତିନିଧି ଭାବେ ମୋନାନୀତ କରିଛନ୍ତି।

ବିଧାୟକ ନାୟକ ଏକ ଆଧିକାରିକ ପତ୍ର ମାଧ୍ୟମରେ ଏନଏସି କାର୍ଯ୍ୟାଳୟକୁ ଏନେଇ ସୂଚନା ଦେଇଛନ୍ତି। ପ୍ରଶାନ୍ତ ବୈଠାରୁଙ୍କୁ ଦାୟିତ୍ୱଶୀଳ, ସମର୍ପିତ ଓ ସ୍ଥାନୀୟ ଶାସନ-ପ୍ରଶାସନ ସହିତ ସମାଜିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରଖିଥିବାରୁ ଦାୟିତ୍ୱ ମିଳିଥିବା ସ୍ପଷ୍ଟ କରିଛନ୍ତି। ସେମାନଙ୍କର ସକ୍ରିୟ ସହଭାଗୀତା ଗଞ୍ଜାମ ଏନଏସିର କାର୍ଯ୍ୟଦକ୍ଷତା ଓ ପ୍ରତିନିଧିତ୍ୱକୁ ସକାରାତ୍ମକ ପ୍ରଭାବ ପକାଇବ ବୋଲି ବିଧାୟକଙ୍କ ପତ୍ରରେ ଉଲ୍ଲେଖ କରାଯାଇଛି।ପ୍ରଶାନ୍ତ ବୈଠାରୁ ଏହି ନୂଆ ଦାୟିତ୍ୱ ଗ୍ରହଣ କରିୱା ପରେ , ସେ ସାମୂହିକ ସ୍ୱାର୍ଥକୁ ଗୁରୁତ୍ୱ ଦେୱା ସହ ଅଞ୍ଚଳର ସମସ୍ୟାକୁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ସଂଗଠନକୁ ଆହୁରି ସଦୃଢ଼ କରିବେ ବୋଲି କହିଛନ୍ତି।ଏହି ଅବସରରେ ସେ ବିଜେପି ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ସାଂସଦ ଡ଼. ପ୍ରଦୀପ ପାଣିଗ୍ରାହୀ, ଗଞ୍ଜାମ ଏନଏସି ଅଧ୍ୟକ୍ଷା ପ୍ରତିଭା ପାଢ଼ୀ ଓ ଯୁବ ଭାଜପା ନେତା ଆଦିତ୍ୟ ମହାପାତ୍ରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ବୃଦ୍ଧାଙ୍କ ବେକରୁ ଝାମ୍ପିନେଲେ ସୁନାଚେନ୍



**ନାଉଗାଁ,୧୯।୮ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ ଘୋଡାଂଶ ଗ୍ରାମରେ ଦୁଇ ଜଣ ଦୁର୍ବୃତ୍ତ ଏକ କଳା ପଲସର ବାଇକ୍‌ରେ ଆସି ଜନୈକା ୭୦ବର୍ଷର ମହିଳାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇ ଯାଇଥିବା ନେଇ ମଙ୍ଗଳବାର ଅଭିଯୋଗ ହୋଇଛି। ପୁଲିସ ସୂଚନା ମୁତାବକ ଘୋଡାଂଶ ଗ୍ରାମର ଖୁଲଣା ନାୟକ ନିଜ ଘର ସମ୍ମୁଖରେ ଥିବା ଚଉରାକୁ ପୂଜା କରୁଥିଲେ। ସେହି ସମୟରେ ଦୁଇ ଜଣ ଦୁର୍ବୃତ୍ତ ଏକ କଳା ପଲସର ବାଇକ୍‌ରେ ଆସି ଚଉରା ନିକଟରେ ରହି ନିତେଇ ସାରଙ୍କ ଘର କେଉଁଠି ବୋଲି ପଚାରିଥିଲେ। ଖୁଲଣା କିଛି କହିବା ପୂର୍ବରୁ ତାଙ୍କ ବେକରେ ଥିବା ସୁନା ଚେନକୁ ଦୁର୍ବୃତ୍ତମାନେ ଝାମ୍ପି ନେଇ ବାଇକ୍ ନେଇ ଚମ୍ପଟ ମାରିଥିଲେ। ଏହି ଘଟଣାକୁ ନେଇ ଖୁଲଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତିକରି ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭିକୁ ଯାଞ୍ଚ କରାଯାଉଥିବା ଥାନାଧିକାରୀ ପ୍ରଦିପ୍ତ କାନୁନଗୋ କହିଛନ୍ତି।

● **ମହଙ୍ଗା ପଡ଼ିଲା ସାମ୍ବାଦିକଙ୍କୁ ହତ୍ୟା ଧମକ**

## ପିଇଓଙ୍କୁ ଉଠାଇ ଆଣିଲା ପୁଲିସ



**ବିଞ୍ଝାରପୁର,୧୯।୮ (ସଂଚାର ବ୍ୟୁରୋ):** ଶେଷରେ ହତ୍ୟା ଧମକ ଦେଇଥିବା ବିତନା ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କୁ ଉଠାଇ ଆଣିଲା ବିଞ୍ଝାରପୁର ପୁଲିସ୍। ମଦକୁ ପାଖରେ ରଖି ଆବାସ ଭତ୍ତା ତଦନ୍ତ ଭଳି ସରକାରୀ କାର୍ଯ୍ୟ କରୁଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଲା ପରେ ସାମ୍ବାଦିକ ରାଣାପ୍ରତାପ ମହାପାତ୍ର ଏହି ଖବରକୁ ପ୍ରସାରଣ କରିଥିଲେ। ଯାହାକୁ ନେଇ ସଂପୃକ୍ତ ପିଇଓ ସାମ୍ବାଦିକ ରାଣାପ୍ରତାପଙ୍କୁ ଫୋନ ଯୋଗେ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ହତ୍ୟା କରିବାର ଧମକ ଦେଇଥିଲେ। ଯାହାକୁ ନେଇ ୧୮ ତାରିଖରେ ବିଂଝାରପୁର ଥାନାରେ ଲିଖିତ ଅଭିଯୋଗ କରିଥଲେ। ଏହାପରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିବାକୁ ଯାଇ ଜିଲ୍ଲାପାଳ ନଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱଙ୍କୁ ଭେଟି ଅଭିଯୋଗ କରିଥିଲେ। ଏହାପରେ ରାଜ୍ୟ ଗୃହମନ୍ତ୍ରାଳୟଙ୍କୁ ଟୁଇଟରରେ ଯୋଗେ ଅବଗତ କରାଇବା ପରେ ଜିଲ୍ଲା ଆରକ୍ଷୀ ଅଧିକାରୀଙ୍କୁ ଘଟଣାକୁ ଗୁରୁତର ସହ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ପିଇଓଙ୍କୁ ଗିରଫ କରାନଗଲେ ବିଞ୍ଝାରପୁର ଥାନାରେ ସାମ୍ବାଦିକମାନେ ଅନଶନରେ ବସିବା ପାଇଁ ଚେତାବନୀ ଦେଇଥିଲ। ଶେଷରେ ସୁଶାନ୍ତ ସାହୁଙ୍କୁ ରାସ୍ତାରୁ ଥାନାକୁ ଉଠାଇ ଆଣିଛି ପୁଲିସ। ବିଞ୍ଝାରପୁର ଥାନା କେସ ନମ୍ବର ୩୭୯/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଛି। ଅପରପକ୍ଷେରେ ସାମ୍ବାଦିକ ମାନଙ୍କ ଦାବୀକୁ ପୁଲିସ ସମ୍ମାନ ଦେଇଥିବାରୁ ସାମ୍ବାଦିକମାନେ ବିଞ୍ଝାରପୁର ପୁଲିସକୁ ଧନ୍ୟବାଦ ଜଣାଇଛନ୍ତି।

## ୧୦ ଲକ୍ଷ ଟଙ୍କାର ଧଳାଜହର ଜବତ, ଅଟୋ ଚାଳକ ଗିରଫ

**ବାଲିଅନ୍ତା,୧୯।୮ (ସଂଚାର ବ୍ୟୁରୋ):** ପାହାଳ ଥାନା ଅଧୀନ ଅଟଳାଗଡ଼ା ଛକ ନିକଟରେ ଆଜି ସକାଳେ ଭୁବନେଶ୍ୱର ଅବକାରୀ ବିଭାଗ ଚଢଉ କରି ୮୫ ଗ୍ରାମ ବ୍ରାଉନସୁଗାର ଜବତ କରିଛି । ଜବତ ବ୍ରାଉନ ସୁଗାରର ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଜଣାଯାଇଛି । ତେବେ ଘଟଣାସ୍ଥଳରୁ ମୁଖ୍ୟ ବ୍ରାଉନସୁଗାର ବେପାରୀ ଅବକାରୀ ବିଭାଗକୁ ଚକମା ଦେଖାଇ ଫେରାର ହୋଇଯାଇଥିଲା । ସୂଚନା ଅନୁସାରେ ଅଟୋରେ ମୁଖ୍ୟ ବେପାରୀ ଓ ପାହାଳ ଥାନା ଅଧୀନ ଅଟଳା ଅଞ୍ଚଳର ଅଟୋ ଚାଳକ ନିରଞ୍ଜନ ବ୍ରାଉନସୁଗାର ନେଇ ପାଇକାରୀ ବେପାରୀଙ୍କୁ ଅପେକ୍ଷା କରିଥିଲେ । ଖବର ପାଇ ବାଲିଅନ୍ତା ଅବକାରୀ ଟିମ ଏସ ଆଇ ପ୍ରଫୁଲ୍ଲ ଗୁରୁଙ୍କ ନେତୃତ୍ୱରେ ୫ ଜଣିଆ ଟିମ ଚଢ଼ଉ କରିଥିଲେ । ଏହା ସହିତ ନିରଞ୍ଜନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ତେବେ କୋର୍ଟରେ ଜାମିନ ଖାରଜ ହୋଇଯିବାରୁ ନିରଞ୍ଜନକୁ ଝାରପଡା ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।



## ଫେରାର ଶିକ୍ଷକ ଗିରଫ

**ବୈଶିଙ୍ଗା,୧୯।୮ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ପାଟଳିପୁରା ପ୍ରାଥମିକ ବିଦ୍ୟାଳୟରେ ଗେଲ କରିବା ବାହାନାରେ ଛାତ୍ରୀଙ୍କୁ ଅସଦାଚରଣ କରି ଦୀର୍ଘ ଦିନ ଧରି ଲୁଚିରହିଥିବା ଶିକ୍ଷକ ଶେଷରେ ଆଜି ମଙ୍ଗଳବାର ପୁଲିସ ହାତରେ ଧରାପଡ଼ି ଜେଲ୍ ଯାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ ଏହି ବିଦ୍ୟାଳୟର ଶିକ୍ଷକ ପ୍ରମୋଦ କୁମାର ମହାନ୍ତ ଷଷ୍ଠ ସପ୍ତମ ଶ୍ରେଣୀରେ ପଢୁଥିବା ନାବାଳିକା ଛାତ୍ରୀମାନଙ୍କୁ ଏକାନ୍ତରେ ପାଖକୁ ଡାକି କୋଳରେ ବସାଇ ଗେଲକରିବା ବାହାନାରେ ଅସଦାଚରଣ କରୁଥିବା ଅଭିଯୋଗ ହୋଇଥିଲା। ଏବାବଦରେ ପ୍ରଧାନଶିକ୍ଷକଙ୍କ ଠାରୁ ଅଭିଯୋଗ ପାଇ ବେତନଟୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୁଲାଇ ୨୧ ତାରିଖ ଦିନ ଶିକ୍ଷକଙ୍କୁ ନିଲମ୍ବନ କରିଥିଲେ।

**ଲଘୁଚାପ ପାଇଁ ସମୁଦ୍ର ଅଶାନ୍ତ**

## ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ନ ଯିବାକୁ ବାରଣ



**କାକଟପୁର/ଅସ୍ତରଙ୍ଗ,୧୯।୮ (ସଂଚାର ବ୍ୟୁରୋ):** ପଶ୍ଚିମ କେନ୍ଦ୍ରୀୟ ଓ ସଂଲଗ୍ନ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ଲଘୁଚାପ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଆସନ୍ତା ୨୧ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଜାରି ରହିବ। କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ସମୁଦ୍ର ଅଶାନ୍ତ ରହିବ। ପବନର ବେଗ ମଧ ଅଧିକ ରହିବ। ଏଥିପାଇଁ ମତ୍ସ୍ୟଜୀବୀମାନଙ୍କୁ ଆସନ୍ତା ୨୧ତାରିଖ ପର୍ଯ୍ୟନ୍ତ ସମୁଦ୍ର ଯିବାକୁ ବାରଣ କରାଯାଇଛି। ଏହା ସହ ଯେଉଁମାନେ ସମୁଦ୍ର ମଧକୁ ଯାଇଛନ୍ତି ସେମାନେ ତୁରନ୍ତ ଫେରି ଆସିବା ପାଇଁ ମଧ ସାଗର ମିତ୍ରମାନେ ସଚେତନତା କରିଛନ୍ତି।

ସମୁଦ୍ରକୁ ଯିବା ପାଇଁ ବାରଣ ରହିଥିବାରୁ ବିଶେଷ ପ୍ରଭାବ ପଡିଛି ମତ୍ସ୍ୟଜୀବୀ ମାନଙ୍କ ଜୀବିକା ଉପରେ। ସେମାନେ ସମୁଦ୍ର ଭିତରକୁ ମାଛ ମାରିବା ପାଇଁ ଯାଇପାରୁନାହାନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳରେ ୨୨ଖଣ୍ଡ ମତ୍ସ୍ୟଜୀବୀ ଗାଁ ରହିଛି। ଏ ନେଇ ନୂଆଗଡ ସମେତ ବିଭିନ୍ନ ଗାଁ ଓ ସମୁଦ୍ର କୂଳରେ ସାଗର ମିତ୍ରମାନେ ମତ୍ସ୍ୟଜୀବୀ ମାନଙ୍କୁ ସଚେତନ କରିଛନ୍ତି। ଅନ୍ୟପଟେ ଏହାର ପ୍ରଭାବ ସିଧାସଳଖ ମତ୍ସ୍ୟଜୀବୀମାନଙ୍କ ଉପରେ ପଡୁଛି, ମାଛ ଧରି ଆଣିଲେ ଏହାକୁ ବିକ୍ରି କରିଲେ ସେମାନଙ୍କ ପରିବାର ଚଳେ। ତେଣୁ ସେମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ସେମାନେ ସରକାରଙ୍କ ନିକଟରେ ନିବେଦନ କରିଛନ୍ତି।

## ଟିମ୍ କ୍ଲିନ୍ ସିଟିର କାର୍ଯ୍ୟକୁ ବିଇଏମ୍‌ସି କମିଶନରଙ୍କ ପ୍ରଶଂସା

**ବ୍ରହ୍ମପୁର,୧୯।୮ (ସଂଚାର ବ୍ୟୁରୋ):** ଦକ୍ଷିଣ ଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଟିମ୍ କ୍ଲିନ୍ ସିଟିର କାର୍ଯ୍ୟକୁ ଭୂରି ଭୂରି ପ୍ରଶଂସା କରିଛନ୍ତି ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ।

ଏକ ଚିଠି ମାଧମରେ ସେ ଜଣାଇଛନ୍ତି କି, ସହରରେ ଅନଧିକୃତ ଭାବେ କାନ୍ଥ ଗୁଡିକରେ ଲଗାଯାଉଥିବା ପୋଷ୍ଟର, ବ୍ୟାନର ଓ ଫ୍ଲେକ୍ସକୁ ହଟାଇବାରେ ଟିମ୍ ର କାର୍ଯ୍ୟ ଖୁବ୍ ପ୍ରଶଂସନୀୟ। ଏହା ପ୍ରକୃତ ନାଗରିକର କର୍ତ୍ତବ୍ୟ। ସହରକୁ ପରିଷ୍କାର, ପରିଛନ୍ନ ସହ ସୌନ୍ଦର୍ଯ୍ୟ ବୃଦ୍ଧି କରିବାରେ ଏହା ଗଭୀର ପ୍ରତିବଦ୍ଧତାକୁ ଦର୍ଶାଉଛି। ନାଗରିକ ମାନଙ୍କ ଏଭଳି ସକ୍ରିୟ ପ୍ରୟାସ କେବଳ ସାର୍ବଜନୀନ ସ୍ଥାନ ଗୁଡିକର ସୌନ୍ଦର୍ଯ୍ୟ ବଢାଇବା ନୁହେଁ ବରଂ ବ୍ୟାପକ ସମୁଦାୟକୁ ଆମ ଆଖପାଖର ବାତାବରଣକୁ ନେଇ ଗର୍ବ କରିବା ଏବଂ ଏହାର ରକ୍ଷଣାବେକ୍ଷଣ କରିବାରେ ଯୋଗଦେବାକୁ ପ୍ରେରିତ କରୁଛି। ସ୍ୱଚ୍ଛ ଭାରତ ମିଶନ ସହ ଏକ ସ୍ୱଚ୍ଛ ଓ ସବୁଜ ସହରାଞ୍ଚଳ ପରିବେଶର ଆଦର୍ଶକୁ ସମର୍ଥନ କରି ଏହି ଟିମ୍‌ର ସମର୍ପଣ ଭାବ, ଦଳଗତ କାର୍ଯ୍ୟ ଓ ସ୍ୱେଚ୍ଛାସେବୀର ମନୋବୃତ୍ତି ଅତ୍ୟନ୍ତ ଉତ୍ସାହଜନକ। ଏଭଳି କାର୍ଯ୍ୟକୁ ମହାନଗର ନିଗମ ସ୍ୱୀକାର କରୁଥିବା ବେଳେ ଭବିଷ୍ୟତରେ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ଜାରି ଚିଠିରେ ଉଲ୍ଲେଖ ରହିଛି।

ସୂଚନା ଅନୁଯାୟୀ, ଦୀର୍ଘ ବର୍ଷ ଧରି ରେଶମ ସହରର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ଉଦ୍ଦେଶ୍ୟରେ ପୋଷ୍ଟର ଚିରା ଅଭିଯାନ ଟିମ୍ ପକ୍ଷରୁ ଜାରି ରହିଛି।



**ବର୍ଷେ ତଳୁ ପୂରିଗଲାଣି କାର୍ଯ୍ୟକାଳ**

# ୬ରୁ ଊର୍ଦ୍ଧ୍ୱ କ୍ଲଷ୍ଟରରେ ନୂଆ ସିଆର୍‌ସିସି କେବେ ?

**କାକଟପୁର/ଅସ୍ତରଙ୍ଗ,୧୯।୮ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ୧୩ଟି କ୍ଲଷ୍ଟର ମଧ୍ୟରୁ ୬ଟିରେ ସିଆରସିସିଙ୍କ କାର୍ଯ୍ୟକାଳ ବର୍ଷକରୁ ଅଧିକ ସମୟ ହେବ ପୂରିଯାଇଛି। ଏଭଳି ସ୍ଥିତିରେ ସିଆରସିସି ପଦବୀ ପୂରଣ ପ୍ରକ୍ରିୟା ଆରମ୍ଭ ହେଉନଥିବାରୁ ବ୍ଲକରେ ଶିକ୍ଷା ବ୍ୟବସ୍ଥା ପ୍ରଭାବିତ ହେଉଥିବା ଅଭିଯୋଗ ହେଉଛି।

ପ୍ରକାଶ ଥାଉ କି, ସର୍ବଶିକ୍ଷା ଅଭିଯାନରୁ ସମଗ୍ର ଶିକ୍ଷା ଅଭିଯାନକୁ ପରିବର୍ତ୍ତିତ ହୋଇଥିବା ଶିକ୍ଷା ବ୍ୟବସ୍ଥାରେ ବ୍ଲକସ୍ତରରେ ସିଆରସିସି, ଏବିଇଓ, ବିଇଓ ପଦବୀ ରହିଥିଲା ବେଳେ ଜିଲ୍ଲାସ୍ତରରେ ଡିଇଓ ପଦ ରହିଛି। ତୃଣ ମୂଳସ୍ତରରୁ ସିଆରସିସିମାନେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ବିଇଓ କାର୍ଯ୍ୟାଳୟ ସହ ଯୋଗାଯୋଗ ରକ୍ଷା କରି ଶିକ୍ଷା ବ୍ୟବସ୍ଥାରେ ପ୍ରମୁଖ ଭୂମିକା ନେଉଛନ୍ତି। ବିଭିନ୍ନ ସମୟରେ ସରକାରଙ୍କ ନୂତନ ଶିକ୍ଷାନୀତି ସମ୍ପର୍କରେ ସେମାନେ ସୂଚନା ଦେବା ସହ ଏହାର କାର୍ଯ୍ୟକାରିତା ତଥା ଅଗ୍ରଗତି ସମ୍ପର୍କରେ ତଥ୍ୟ ପ୍ରଦାନ କରୁଛନ୍ତି। ବିଇଓ ଅଫିସ ଓ ସ୍କୁଲ ସହ ଯୋଗାଯୋଗର ସେତୁ ପରି କାର୍ଯ୍ୟକରୁଥିବା ସିଆରସିସି ମାନଙ୍କର କାର୍ଯ୍ୟକାଳ ୫ବର୍ଷ ରହିଛି। ହେଲେ ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ ୧୩କ୍ଲଷ୍ଟର ମଧ୍ୟରେ ପଢ଼ିୟାରୀ, ଡେରୁଣିଆ, ଅସନ, ବାଲିପତ୍ତାଳ, ଅସ୍ତରଙ୍ଗ, ଝାଡ଼ଲିଙ୍ଗ, ନାଗପୁର, ବଳଭଦ୍ରପୁର, ମାଣ୍ଡୁକି, ସରିପୁର, ଉଦୟପୁର, ଶିଶୁଅ ଓ ରାଇବେରୁଆଁ ରହିଥିବା ବେଳେ ସେଥି ମଧ୍ୟରୁ ୬ଜଣ ସିଆରସିସିଙ୍କ କାର୍ଯ୍ୟକାଳ ଦୀର୍ଘ ଦିନ ହେବ ସରିଯାଇଛି। ସେମାନଙ୍କ ସ୍ଥାନରେ ନୂଆ ସିଆର ସିସି ନିଯୁକ୍ତି ପାଇଁ ପ୍ରକ୍ରିୟା ଏ ଯାଏଁ ଆରମ୍ଭ ହୋଇ ପାରିନାହିଁ। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବୀ କରାଯାଇଛି।

ଉଲ୍ଲେଖ ଯୋଗ୍ୟ ଯେ ଅସ୍ତରଙ୍ଗ ବ୍ଲକରେ ଉଚ୍ଚ ବିଦ୍ୟାଳୟରୁ ପ୍ରାଥମିକ ବିଦ୍ୟାଳୟ ପର୍ଯ୍ୟନ୍ତ ୧୩୧ଟି ସ୍କୁଲ ରହିଛି। ପ୍ରତ୍ୟେକ ସିଆରସିସିଙ୍କ ଅଧୀନରେ ୮ରୁ ୧୦ଟି ବିଦ୍ୟାଳୟ ରହିଛି। ସିଆରସିସି ଭାବେ ନିଯୁକ୍ତି ପାଇଥିବା ଶିକ୍ଷକ ନିଜ ବିଦ୍ୟାଳୟ ସମେତ ତାଙ୍କ ଅଧୀନରେ ଥିବା ବିଦ୍ୟାଳୟରେ ଆବଶ୍ୟକ ସ୍ଥଳେ ଶିକ୍ଷାଦାନ କରିବାର ନିୟମ ରହିଛି। ମାତ୍ର କେତେକ ସିଆରସିସି ନିଜ ଦାୟିତ୍ୱ ନିର୍ବାହ କରୁ ନଥିବା ଅଭିଯୋଗ ହେଉଛି। ଏଥିପ୍ରତି ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବୀ କରିଛନ୍ତି।




## ଜଟଣୀ ପ୍ରସିଦ୍ଧ ଗଣେଶ ପୂଜା ପ୍ରସ୍ତୁତି ବୈଠକ



**ଖୋର୍ଦ୍ଧା,୧୯।୮ (ସଂଚାର ବ୍ୟୁରୋ):** ଓଡ଼ିଶାର ପ୍ରସିଦ୍ଧ ଗଣେଶ ପୂଜା ଓ ଭସାଣି ଉତ୍ସବକୁ ଶୃଙ୍ଖଳିତ କରିବା ପାଇଁ ଜଟଣୀ ଥାନାଧିକାରୀ ଷ୍ଟାଲୀନ ବିଶ୍ୱାଳଙ୍କ ସଂଯୋଜନାରେ କମିଶନରେଟ ପୁଲିସ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମୁଖ୍ୟଅତିଥି ରୂପେ ଏଡିସିପି ଭୁବନେଶ୍ୱର ସଞ୍ଜୟ ମହାପାତ୍ର, ଜୋନ୍ ୩ ଏସିପି ତାପସ ରଂଜନ ପ୍ରଧାନ ଯୋଗଦେଇଥିଲେ। ବୈଠକରେ ଜଟଣୀର ସମସ୍ତ ପ୍ରମୁଖ ପୂଜା କମିଟିର ସଭାପତି, ସମ୍ପାଦକଙ୍କ ସହ ତହସିଲଦାର, ବିଡିଓ, ମୁନିସିପାଲିଟି କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜଟଣୀ ପୌରାଧ୍ୟକ୍ଷ, କାଉନସିଲରଙ୍କ ସହ ଜିଲ୍ଲାର ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଚଳିତ ବର୍ଷ ପୂଜାକୁ ଯାକ ଜମକରେ କରିବାକୁ ସମସ୍ତ ପୂଜା ମଣ୍ଡପ ପ୍ରସ୍ତୁତ ଥିବା ନେଇ ପୂଜା କମିଟି ତରଫରୁ ଉପସ୍ଥିତ କର୍ମକର୍ତ୍ତା ପ୍ରକାଶ କରିଥିଲେ। ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ଅନୁଯାୟୀ ଚଳିତ ବର୍ଷ ପୂଜାକୁ ଶୃଙ୍ଖଳିତ ଭାବେ କରିବା ପାଇଁ ପ୍ରତ୍ୟେକ ପୂଜା ମଣ୍ଡପରେ ବାଧ୍ୟତାମୂଳକ ସିସି ଟିଭି ଲଗେଇବା ଓ ଗଣେଶ ଭଷାଣିରେ ଡିଜେ କିମ୍ବା କୌଣସି ବକ୍ସ ସାଉଣ୍ଡ ବ୍ୟବହାର ନ ହେବା, ବାଣ ନ ଫୁଟିବା ସହ ମଦ୍ୟପାନ ସମ୍ପୂର୍ଣ୍ଣ ବାରଣ କରାଯାଇଛି।

## ମନ୍ଦିର ନିର୍ମାଣ ପାଇଁ ସାହାଯ୍ୟର ହାତ ବଢାଇଲେ ଅଚ୍ୟୁତ ସାମନ୍ତ

**ବାଲିଅନ୍ତା,୧୯।୮ (ସଂଚାର ବ୍ୟୁରୋ):** ସୋମବାର ସକାଳ ସମୟରେ ଶ୍ରୀ ଶ୍ରୀ ପରଂବ୍ରହ୍ମ ଜଗନ୍ନାଥ ମନ୍ଦିର ଟ୍ରଷ୍ଟର କୋଷାଧକ୍ଷ ଚକ୍ରଧର ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ବିଶିଷ୍ଟ ଶିକ୍ଷାବିତ୍, କିଟ ଓ କିମିସର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ତାଙ୍କର ଭୁବନେଶ୍ୱର ସ୍ଥିତ ବାସଭବନରେ ସାକ୍ଷାତ କରିଥିଲେ। ଶ୍ରୀ ସୁଦର୍ଶନ ଦାରୁପୀଠରେ ନିର୍ମିତ ଜଗନ୍ନାଥ ମନ୍ଦିରର ପୂର୍ଣ୍ଣାଙ୍ଗ ଓ ତାର ପାରିପାର୍ଶିକ ବିକାଶ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଆଉ ମଧ ଦାରୁପୀଠକୁ ଆସିବା ପାଇଁ ନିମନ୍ତ୍ରଣ କରାଯାଇଥିଲା । ମନ୍ଦିର ନିର୍ମାଣ ପାଇଁ ଆର୍ଥିକ ସହଯୋଗ କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ସାକ୍ଷାତ ସମୟରେ ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ରଞ୍ଜନ ମହାପାତ୍ର, ପ୍ରକୃତୀବନ୍ଧୁ ଦୀନବନ୍ଧୁ ଭୋଇ, ଭାଗ୍ୟଧର ସାହୁ, ଲକ୍ଷ୍ମଣ ଜେନା ଓ ଚନ୍ଦନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ଚତୁର୍ଥ ସିଆଇଆଇ, ପୂର୍ବ ଭାରତ ସମ୍ମିଳନୀରେ ଯୋଗଦେଲେ ଉପମୁଖ୍ୟମନ୍ତ୍ରୀ

# ଓଡ଼ିଶାରେ ନିବେଶ ପାଇଁ ନିବେଶକଙ୍କୁ ଆମନ୍ତ୍ରଣ




ଭୁବନେଶ୍ୱର,୧୯।୮(ସଂଚାର ବ୍ୟୁରୋ): ମହାରାଷ୍ଟ୍ର ରାଜଧାନୀ ମୁମ୍ବାଇସ୍ଥିତ ହୋଟେଲ ତାଜମହଲ ପ୍ୟାଲେସରେ ଅନୁଷ୍ଠିତ ଚତୁର୍ଥ ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ), ପୂର୍ବ ଭାରତ ସମ୍ମିଳନୀରେ ଓଡ଼ିଶା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଅଂଶଗ୍ରହଣ କରିଥିଲେ। ସିଆଇଆଇର ପୂର୍ବ ଭାରତ ସମ୍ମିଳନୀ ପୂର୍ବ ଭାରତର ବିଶାଳ ଆର୍ଥିକ ସମ୍ଭାବନାକୁ ଉନ୍ମୁକ୍ତ କରିବା ଉପରେ କେନ୍ଦ୍ରିତ ଏକ ପ୍ରମୁଖ ପଦକ୍ଷେପ ହୋଇଥିବା ବେଳେ ସମ୍ମିଳନୀରେ ନିବେଶକ ଓ ସରକାରୀ ପ୍ରତିନିଧିଙ୍କ ମଧ୍ୟରେ ସ୍ୱତନ୍ତ୍ର ରାଜ୍ୟ ଅଧିବେଶନ, ଗୋଲଟେବୁଲ ନୀତି ନିର୍ଦ୍ଧାରଣ ଓ ଆଲୋଚନା ହୋଇଛି।

ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ତାଙ୍କ ଅଭିଭାଷଣରେ କହିଛନ୍ତି ଯେ ଓଡ଼ିଶା ଖଣିଜ ସମ୍ପତ୍ତି, ଗଭୀର ଜଳ ବନ୍ଦର, ଦୃଢ଼ ରେଳ ଓ ରାସ୍ତା ସଂଯୋଗୀକରଣ, ଜମି, ପ୍ରାକୃତିକ ସମ୍ପଦ ସହ ନିବେଶ ପାଇଁ ଏକ ପ୍ରକୃଷ୍ଟ ସ୍ଥାନ। ଏଥିସହ ଓଡ଼ିଶା ସମନ୍ୱିତ ଶିଳ୍ପ ଇକୋସିଷ୍ଟମ୍, ରପ୍ତାନି-ମୁଖୀ ଉତ୍ପାଦନ କରିଡର ନିର୍ମାଣ କରୁଛି, ଯାହା ଲଜିଷ୍ଟିକ୍ ଓ ବଜାର ପ୍ରବେଶକୁ ଆହୁରି ସୁଗମ ଓ ସହଜ କରିବ। ଉନ୍ନତ ପ୍ରଯୁକ୍ତିବିଦ୍ୟା, ଗ୍ରୀନ ଫିଲଡ ପ୍ରୋଜେକ୍ଟ, ବନ୍ଦର-ନେତୃତ୍ୱାଧୀନ ଶିଳ୍ପ ଅଭିବୃଦ୍ଧିରେ ଓଡ଼ିଶା ନିବେଶ ଗ୍ରହଣ ପାଇଁ ବି ପ୍ରସ୍ତୁତ। ପ୍ରଧାନମନ୍ତ୍ରୀଙ୍କ ଉକ୍ତିରେ ପୂର୍ବ ଭାରତରେ ନିବେଶ କରିବାର ଏହା ସଠିକ୍ ସମୟ, ତେଣୁ ଉପମୁଖ୍ୟମନ୍ତ୍ରୀ ଓଡ଼ିଶାରେ ନିବେଶ କରିବାକୁ ଶିଳ୍ପପତିମାନଙ୍କୁ ଆମନ୍ତ୍ରଣ କରିଛନ୍ତି। ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଆହୁରି ମଧ୍ୟ କହିଛନ୍ତି ଯେ ଆମ ସରକାର ରେକର୍ଡ ସଂଖ୍ୟକ ୫୬ଟି ପ୍ରକଳ୍ପର ଭିତ୍ତିଭୂମି ସ୍ଥାପନ କରିସାରିଛି, ଯାହା ମାଧ୍ୟମରେ ରାଜ୍ୟରେ ୧.୭୮ ଲକ୍ଷ କୋଟି ନିବେଶକୁ ସୁନିଶ୍ଚିତ କରିଛି। ଏହାଦ୍ୱାରା ରାଜ୍ୟରେ ୧.୧୧ ଲକ୍ଷ ନିଯୁକ୍ତି ସୃଷ୍ଟି ହୋଇଛି। ଏଥିସହ ଆଗାମୀ ଦିନରେ ନୂତନ ନିବେଶ ସହ ଆହୁରି ଏକ ଲକ୍ଷ ନୂତନ ନିଯୁକ୍ତି ସୃଷ୍ଟି କରିବା ପାଇଁ ମଧ୍ୟ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ଶ୍ରୀ ସିଂହଦେଓ କହିଛନ୍ତି।

ଏହି ସମ୍ମିଳନୀରେ ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ, ବିହାର ଶିଳ୍ପ ମନ୍ତ୍ରୀ ନୀତୀଶ ମିଶ୍ର, ଛତିଶଗଡ଼ ଅର୍ଥମନ୍ତ୍ରୀ ଓପି ଚୌଧୁରୀ, ସିଆଇଆଇ ପୂର୍ବ କ୍ଷେତ୍ରର ଅଧ୍ୟକ୍ଷ ଶାଶ୍ୱତ ଗୋଏଙ୍କା, ସିଆଇଆଇ ପଶ୍ଚିମ କ୍ଷେତ୍ରର ଅଧ୍ୟକ୍ଷ ଋଷି କୁମାର ବାଗଲା, ଏମ୍ଏସ୍ଏମ୍ଇ ଓଡ଼ିଶା କମିଶନର୍ ତଥା ସଚିବ ଡି. ପ୍ରଶାନ୍ତ କୁମାର ରେଡ୍ଡୀ ଏବଂ ବିହାର, ଛତିଶଗଡ଼ ଓ ପଶ୍ଚିମବଙ୍ଗର ପ୍ରଶାସନିକ ଅଧିକାରୀ, ନିବେଶକ, ଶିଳ୍ପପତି, ଉଦ୍ୟୋଗୀ ପ୍ରମୁଖ ଯୋଗଦେଇଥିଲେ।

## ଚନ୍ଦ୍ରଭାଗାରେ ମରିପଡ଼ିଛନ୍ତି ଲକ୍ଷାଧିକ ବ୍ଲୁ ବଟମ୍ ଜେଲିଫିସ୍

ପୁରୀ,୧୯।୮(ସଂଚାର ବ୍ୟୁରୋ): ଦିନକୁ ଦିନ ପରିବେଶ ସନ୍ତୁଳନ ବିଗୁଡ଼ୁଥିବା ବେଳେ ଏହା ପରିବେଶବିତ୍‌ମାନଙ୍କୁ ଚିନ୍ତାରେ ପକାଇଛି। ଏହି କ୍ରମରେ ସ୍ଥାନୀୟ ଚନ୍ଦ୍ରଭାଗା ସମୁଦ୍ର କୂଳରେ ଲକ୍ଷାଧିକ ସଂଖ୍ୟାରେ ବ୍ଲୁ ବଟମ୍ ଜେଲିଫିସ୍ ମରିପଡ଼ିଥିବା ଦେଖିବାକୁ ମିଳିଛି। ଜଳବାୟୁ ପରିବର୍ତ୍ତନର ପ୍ରଭାବ ତାପମାତ୍ରା କ୍ରମାଗତ ଭାବେ ବଢୁଥିବାରୁ ଏହା ଏହି ଜେଲିଫିସ୍‌ମାନଙ୍କ ପାଇଁ ବିପଜ୍ଜନକ ସାବ୍ୟସ୍ତ ହେଉଛି। ଅଲିଭ ରିଡଲେ ଓ ତିମି ଭଳି ଜଳଜୀବ ଏହି ଜେଲିଫିସ୍‌ଗୁଡ଼ିକୁ ସେମାନଙ୍କ ମୁଖ୍ୟ ଆହାର ଭାବେ ଗ୍ରହଣ କରିଥାନ୍ତି। ଅଲିଭ ରିଡଲେଙ୍କ ସଂଖ୍ୟା ହ୍ରାସ ପାଇଲେ କିମ୍ବା ସମୁଦ୍ରରେ ଖାଦ୍ୟ ଶୃଙ୍ଖଳ ବିଗିଡ଼ିଲେ, ଏହି ଜେଲିଫିସ୍‌ଗୁଡ଼ିକ ସମୁଦ୍ର ଲହଡ଼ିରେ ଭାସିଆସନ୍ତି। ଏହି ଜେଲିଫିସ୍‌ଗୁଡ଼ିକ ମଣିଷ ସଂସ୍ପର୍ଶରେ ଆସିଲେ ଚର୍ମ ରୋଗ ସଂକ୍ରମଣ ହୋଇଥାଏ। ଅନେକ ମାନବକୃତ କାରଣ ପାଇଁ ସାମୁଦ୍ରିକ ପରିବେଶ ପ୍ରଦୂଷିତ ହେବା ସହ ପ୍ରବଳ ଗରମ ଅନୁଭୂତ ହେବା ଫଳରେ ସମୁଦ୍ର ଜଳ ଉତ୍ତପ୍ତ ହେଉଥିବାରୁ ଏହି ବିରଳ ଜେଲିଫିସଗୁଡ଼ିକର ମୃତ୍ୟୁ ଘଟୁଥିବା ପରିବେଶବିତ୍‌ମାନେ କହିଛନ୍ତି।



## ବିପୁଳ ଗଞ୍ଜେଇ ସହ ମାକ୍ସ ପିକ୍‌ଅପ ଭ୍ୟାନ୍ ଜବତ



ସୁବର୍ଣ୍ଣପୁର,୧୯।୮(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ପୋଲିସ ଦ୍ୱାରା ବିପୁଳ ପରିମାଣ ଗଞ୍ଜେଇ ସହ ଆଜି ଏକ ମାକ୍ସ ପିକଅପ ଜବତ ହୋଇଛି। ତରଭା ଥାନା ଅନ୍ତର୍ଗତ କମସରା ନିକଟସ୍ଥ ଡଙ୍ଗତେଲ ଠାରୁ ୭ କୁଇଣ୍ଟାଲ ୭୨ କେଜି ୮୦୦ ଗ୍ରାମ ଗଞ୍ଜେଇ ସହ ପିକ୍ ଅପ୍ ଗାଡ଼ି ଜବତ କରିଥିବା ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସପି ନାରାୟଣ ନାଏକ। ସୂଚନା ଅନୁଯାୟୀ ରବିବାର ରାତି ସମୟରେ ବୌଦ୍ଧ ଜିଲ୍ଲା କନ୍ଧମାଳ ଅଞ୍ଚଳରୁ ତରଭା ଥାନା ଅନ୍ତର୍ଗତ ନର୍ଜା ଗ୍ରାମର ଅଶୋକ ସାହୁ ତାଙ୍କ ଡ୍ରାଇଭର ଏବଂ ଟିମ୍ ଏକ ବୋଲେରୋ ପିକଅପରେ ବିପୁଳ ପରିମାଣର ଗଞ୍ଜେଇ ତେଲେନଦୀ ବ୍ରିଜ ପଟୁ କମସରା-ତରଭା ରାସ୍ତାରେ ବାହାର ରାଜ୍ୟକୁ ଚାଲାଣ କରିବାକୁ ଯୋଜନା କରିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ଗାଡ଼ିକୁ ୨ ଗୋଟି ଚାରି ଚକିଆ ଏବଂ ୩ ଟି ବାଇକ୍ ସୁରକ୍ଷା ଦେଉଥିବା ଖବର ଥିବାରୁ ଖୋଦ୍ ଏସପି ଏବଂ ଏଡିସିନାଲ ଏସପିଙ୍କ ନେତୃତ୍ୱରେ ପୋଲିସ ଟିମ୍ ଗଠନ କରାଯାଇ କନ୍ଧମାଳ ଏବଂ ତରଭା ଉଭୟ ପଟରୁ ପିଛା କରିବା ପରେ କମସରା ଗାଁ ନିକଟସ୍ଥ ଡଙ୍ଗତେଲ ଠାରେ କନ୍ଧମାଳ ପଟରୁ ପିଛା କରୁଥିବା ପୋଲିସ ଟିମ ପିକ୍ ଅପ୍ କୁ ଅଟକାଇବାରେ ସଫଳ ହୋଇଥିଲେ। ବୋଲେରୋ ଗାଡ଼ି ନଂ ଆର୍‌୧୧ଜି-୯୦୧୧ ରେ ବିପୁଳ ପରିମାଣର ଗଞ୍ଜେଇ ଭର୍ତ୍ତି ଥିବା ଜଣାପଡ଼ିଥିଲା। ୨୪ ଟି ବଡ଼ ବସ୍ତାରେ ଗଞ୍ଜେଇ ଭର୍ତ୍ତି ଥିବା ଏବଂ ଗାଡ଼ିର ନମ୍ବର ଫର୍ଜି ଥିବା ଜଣାପଡ଼ିଥିଲା। ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କରାଯାଇଥିବା ବେଳେ ଜବତ ଗଞ୍ଜେଇର ପରିମାଣ ୭ କୁଇଣ୍ଟାଲ ୭୨ କେଜି ୮୦୦ ଗ୍ରାମ ହୋଇଥିଲା। ଏହାର ସରକାରୀ ଦର ୭ ଲକ୍ଷ ୩୦ ହଜାର ଟଙ୍କା ହୋଇଥିବା ବେଳେ ବଜାର ମୂଲ୍ୟ ଆନୁମାନିକ ମୂଲ୍ୟ ପ୍ରାୟ ୧.୫୦ କୋଟି ଟଙ୍କା ହେବ ବୋଲି ଜଣାପଡ଼ିଛି। ସୁବର୍ଣ୍ଣପୁର ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ଏବଂ ଅତିରକ୍ତ ଏସପି କେ. ହରି ପ୍ରସାଦ ପ୍ରମୁଖ ଘଟଣା ସ୍ଥଳରେ ତଦାରଖ କରିଥିଲେ।

● ବରଗଡ଼ ଛାତ୍ରୀଙ୍କ ଆତ୍ମାହୁତି ମାମଲା

## ପେଟ୍ରୋଲ ଦୋକାନୀ ଗିରଫ

ବରଗଡ଼,୧୯।୮(ସଂଚାର ବ୍ୟୁରୋ): ବରଗଡ଼ ଜିଲ୍ଲା ଗାଇସିଲେଟ ଥାନା ଫିରିଙ୍ଗିମାଲ ଗାଁରେ ଜଣୈକା ନାବାଳିକା ପେଟ୍ରୋଲ ଢାଳି ଆତ୍ମାହୁତି ଦେଇଥିବା ଘଟଣାରେ ଆଜି ଜଣେ ଦୋକାନୀଙ୍କୁ ଗିରଫ କରାଯାଇଛି। ଉକ୍ତ ରାସନ ଦୋକାନୀ ପ୍ରେମାନନ୍ଦ ତନସେନାଙ୍କୁ ଗାଇସିଲେଟ ପୁଲିସ ଗିରଫ କରିଥିବା ବେଳେ ପୂର୍ବରୁ ତାଙ୍କୁ ଥାନାକୁ ଡାକି ପଚରାଉଚରା କରାଯାଇଥିଲା। ଗତ ୧୧ ତାରିଖରେ ଫିରିଙ୍ଗିମାଲ ଗାଁ ଖେଳ ପଡ଼ିଆରୁ ଉକ୍ତ ନାବାଳିକାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ବୁର୍ଲା ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ପରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଥିଲା। ଉକ୍ତ ନାବାଳିକା ଜଣଙ୍କ ପ୍ରେମାନନ୍ଦଙ୍କ ରାସନ ଦୋକାନରୁ ପେଟ୍ରୋଲ କିଣିଥିଲେ। ଘଟଣାସ୍ଥଳରୁ ଉକ୍ତ ନାବାଳିକାଙ୍କ ଚପଲ, ଦିଆସିଲି ଓ ପ୍ଲାଷ୍ଟିକ ବୋତଲ ମଧ୍ୟ ଜବତ ହୋଇଥିଲା। ଉକ୍ତ ଛାତ୍ରୀଙ୍କ ବୟସ ୧୩ ବର୍ଷ ହୋଇଥିବା ବେଳେ ସେ ମାମୁଘରେ ରହି ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିଲେ।

## ନକଲି ପୁଲିସକୁ ବାନ୍ଧିଲା ଅସଲି ପୁଲିସ

● ଚାକିରି ଦେବାକୁ କହି ଠକିଥିଲେ ୨୪ ହଜାର

ଅନୁଗୁଳ,୧୯।୮(ସଂଚାର ବ୍ୟୁରୋ): ନକଲି ପୁଲିସକୁ ବାନ୍ଧିଛି ଅସଲି ପୁଲିସ। ନିଜକୁ ପୁଲିସ ବୋଲି ପରିଚୟ ଦେଇ ଠକେଇ କରିଥିବା ଅଭିଯୋଗରେ ଜଣୈକ ଯୁବକଙ୍କୁ ଅନୁଗୁଳ ସଦର ଥାନା ପୁଲିସ୍ ଗିରଫ କରିଛି। ଗିରଫ ଯୁବକ ଜଣଙ୍କ ହେଲେ ଖମାର ଥାନା ଅନ୍ତର୍ଗତ କୁଞ୍ଜାମ ଗାଁର ବିରଞ୍ଚି ନାରାୟଣ ନାଏକ। ଏଥିସହ ତାଙ୍କଠାରୁ ପୁଲିସ୍ ୫୦ ହଜାର ଟଙ୍କା, ଏକ ମୋଟର ସାଇକେଲ, ନକଲି ପୁଲିସ ପୋଷାକ, ଷ୍ଟାମ୍ପ୍ ଓ ନକଲି ଆଇ କାର୍ଡ ଆଦି ଜବତ କରିଛି। ମିଳିଥିବା ସୂଚନାନୁସାରେ, କଙ୍କରେଇ ଗାଁର ମଣ୍ଟୁ ସାହୁ ପଞ୍ଚମହଲାର ଜଣୈକ ଠିକାଦାରଙ୍କ ପାଖରେ କାମ କରୁଥିଲେ। ସେଠାରେ କାମ କରୁଥିବା ସମୟରେ ବିରଞ୍ଚିଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ବିରଞ୍ଚି ନିଜକୁ ପୁଲିସ ଏସଆଇ ବୋଲି ପରିଚୟ ଦେବା ସହ ପୁଲିସ ପୋଷାକରେ ଥିବା ସମୟର ଏକ ଫଟୋ ତାଙ୍କୁ ଦେଖାଇଥିଲେ। ଏଥିସହ ତାଙ୍କୁ କିଛି ଟଙ୍କା ଦେଲେ ସେ ମଣ୍ଟୁଙ୍କୁ ତାଳଚେର ଅଞ୍ଚଳର ଏକ ଖଣିରେ ଚାକିରି କରାଇ ଦେବାକୁ ବିରଞ୍ଚି ଲୋଭ ଦେଇଥିଲେ। ମଣ୍ଟୁ ବିରଞ୍ଚି କଥାରେ ଭଳିଯାଇ ୩ଟି କିସ୍ତିରେ ୨୪ ହଜାର ଟଙ୍କା ଦେଇଥିଲେ। କିନ୍ତୁ ଏହି ଟଙ୍କା ପାଇବା ପରେ ବିରଞ୍ଚି ଆଉ ମଣ୍ଟୁଙ୍କୁ ଧରାଛୁଆଁ ଦେଉନଥିଲେ। ତେଣୁ ବିରଞ୍ଚିଙ୍କ ବିରୋଧରେ ମଣ୍ଟୁ ସଦର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଭିତ୍ତିରେ ପୁଲିସ ତଦନ୍ତ କରି ବିରଞ୍ଚିଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ଘାଟରେ ବୁଲୁଛି କୁମ୍ଭୀର, ନଦୀକୁ ଯିବାକୁ ବାରଣ

ସୁବର୍ଣ୍ଣପୁର,୧୯।୮(ସଂଚାର ବ୍ୟୁରୋ): ମହାନଦୀର ଦୂରଦୁରା ଘାଟରେ କୁମ୍ଭୀର ବୁଲୁଥିବାରୁ ସ୍ଥାନୀୟ ଜନସାଧାରଣଙ୍କୁ ନଦୀକୁ ଯିବାକୁ ବାରଣ କରାଯାଇଛି। ସ୍ଥାନୀୟ ଲୋକଙ୍କୁ ବନ ବିଭାଗର କର୍ମଚାରୀମାନେ ସତର୍କ କରାଇଥିବା ବେଳେ ଏହାକୁ ନେଇ ଲୋକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ରେଞ୍ଜ ଅନ୍ତର୍ଗତ ପିତାମହୁଲ ପଞ୍ଚାୟତର ଦୂରଦୁରା ଗ୍ରାମ ନିକଟସ୍ଥ ମହାନଦୀ ଘାଟରେ କେତେକ ଲୋକ କୁମ୍ଭୀର ଦେଖିବା ପରେ ଏନେଇ ବନ ବିଭାଗକୁ ସୂଚନା ଦେଇଥିଲେ। ତେଣୁ ସ୍ଥାନୀୟ ଲୋକେ ନିଜର ନିତ୍ୟକର୍ମ ପାଇଁ ନଦୀକୁ ଯାଉନାହାନ୍ତି। ମିଳିଥିବା ସୂଚନାନୁସାରେ, ଗତକାଲି ପୂର୍ବାହ୍ନରେ କେତେକ ମତ୍ସ୍ୟଜୀବୀ ମହାନଦୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟର ସେମାନେ ନଦୀ ଘାଟରେ ଏକ କୁମ୍ଭୀର ଶୋଇଥିବା ଦେଖିବାକୁ ପାଇଥିଲେ। ସେମାନେ ଭୟଭୀତ ହୋଇ ନଦୀରୁ ଫେରି ଆସିଥିଲେ। ଏନେଇ ଖବର ପାଇବା ପରେ ବୀରମହାରାଜପୁର ଅତିରିକ୍ତ ବନ ସଂରକ୍ଷକ ତଥା ରେଞ୍ଜ ଦାୟିତ୍ୱରେ ଥିବା ରେଞ୍ଜର ଅବିନାଶ ବରିହା ଓ ଅନ୍ୟ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ।

ନ୍ୟୁଜ ୧୮ର 'ରାଇଜିଂ ଓଡ଼ିଶା' କନ୍‌କ୍ଲେଭ୍‌ରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

## 'ସୁଭଦ୍ରା' ଓ ଲକ୍ଷପତି ଦିଦି ସରକାରଙ୍କ ପ୍ରତିବଦ୍ଧତାର ପରିଚୟ

**ସବୁ କ୍ଷେତ୍ରରେ ଉତ୍କର୍ଷ ଓ ସାମଗ୍ରିକ ସଫଳତା ହିଁ ବର୍ତ୍ତମାନ ସମୟର ଆବଶ୍ୟକତା, ଏହା ହିଁ ଆମ ସମୃଦ୍ଧ ଓଡ଼ିଶାର ଲକ୍ଷ୍ୟ ପୂରଣ କରିବ: ମୁଖ୍ୟମନ୍ତ୍ରୀ**




ଭୁବନେଶ୍ୱର,୧୯।୮(ସଂଚାର ବ୍ୟୁରୋ): ଆଜି ପ୍ରମୁଖ ଗଣମାଧ୍ୟମ ନ୍ୟୁଜ ୧୮ର 'ରାଇଜିଂ ଓଡ଼ିଶା' କନ୍‌କ୍ଲେଭ୍ ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ମହିଳା ସଶକ୍ତିକରଣ ଦିଗରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସବୁଠାରୁ ଉତ୍କୃଷ୍ଟ ଓ ସୁଭଦ୍ରା ଭଳି ଯୋଜନାର ସଫଳ ରୂପାୟନ ହିଁ ଆମ ପ୍ରତିବଦ୍ଧତାର ପରିଚୟ ବୋଲି କହିଛନ୍ତି। ୧୭ ଲକ୍ଷ ଲକ୍ଷପତି ଦିଦି, ସମୃଦ୍ଧ କୃଷକ ଯୋଜନାରେ ଧାନ କ୍ୱିଣ୍ଟାଲ ପିଛା ଅତିରିକ୍ତ ୮୦୦ ଟଙ୍କା, ଆୟୁଷ୍ମାନ ଭାରତ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ କରି ୧୪ ମାସରେ ୧୪ଟି ଜନଶୁଣାଣି କରି ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ଅଭିଯୋଗର ସମାଧାନ କରିବା, ଜାତୀୟ ଶିକ୍ଷା ନୀତି ଲାଗୁ କରିବା, ପ୍ରି-ସ୍କୁଲ ପିଲାଙ୍କ ପାଇଁ ଶିଶୁ ବାଟିକା, ପିଏମଶ୍ରୀ ଓ ପିଏମ ଉଷା ଯୋଜନା କାର୍ଯ୍ୟକାରୀ କରିବା, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ବଳରେ ପ୍ରାଥମିକ ଶିକ୍ଷାର ସ୍ତରକୁ ଆହୁରି ମଜବୁତ କରିବା ଭଳି କାର୍ଯ୍ୟ କରି ଆମ ସରକାର ଗୋଟିଏ ବର୍ଷରେ ଜନତାଙ୍କର ଅତି ନିକଟତର ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟରେ କହିଥିଲେ।

ଶିଳ୍ପାୟନରେ ଉତ୍କର୍ଷ ଓଡିଶା-ମେକ୍ ଇନ୍ ଓଡିଶା କନ୍‌କ୍ଲେଭ, ଓଡିଶା ଟେକ୍ସଟାଇଲ କନ୍‌କ୍ଲେଭ୍, ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା, ବର୍ତ୍ତମାନ ସୁଦ୍ଧା ୨୮ ହଜାରରୁ ଅଧିକ ସରକାରୀ ନିଯୁକ୍ତି ଓ ପ୍ରଥମ ଦୁଇ ବର୍ଷ ମଧ୍ୟରେ ୮୫ ହଜାର ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ ଓ ଆହୁରି ଅନେକ ସଫଳ କାର୍ଯ୍ୟକ୍ରମ ଆମେ ଏହି ୧୪ ମାସରେ ହାସଲ କରିଛୁ। ଏଥିସହ ଭବିଷ୍ୟତରେ ବିକାଶର ଚରମ ସୀମାରେ ପହଞ୍ଚିବା ପାଇଁ ଏବେଠୁ ଆମେ ରଣନୀତି ପ୍ରସ୍ତୁତ କରୁଛୁ।

## ସୁନା ସଂସାରକୁ ଚୂନା କଲା ସାପ



କଟକ,୧୯।୮(ସଂଚାର ବ୍ୟୁରୋ): ସାପ କାମୁଡ଼ାରେ ଛାରଖାର ହୋଇଗଲା ସୁନାର ସଂସାର। ନିଶ୍ଚିନ୍ତକୋଇଲି ବ୍ଲକ୍ କଳମୀଶ୍ରୀ ପଞ୍ଚାୟତର ପୁରାଣପାରି ଗାଁର ମାନସ କୁମାର ବାରିକଙ୍କ ସୁଖର ସଂସାରରେ ଗ୍ରହଣ ଲାଗିଗଲା। ବିଷଧର ସାପରେ ମାନସ ଓ ପତ୍ନୀ ନମିତା କାଳସର୍ପ ଦଂଶନରେ ଆରପାରିକୁ ଚାଲିଗଲେ ଆଉ ଅନାଥ ହୋଇଗଲେ କୁନି ଭାଇଭଉଣୀ। ଗତ ୧୬ ତାରିଖ ରାତିରେ ଶୋଇଥିବା ସମୟରେ ଉଭୟ ମାନସ ଓ ନମିତାଙ୍କୁ ଏକ ବିଷାକ୍ତ ସାପ କାମୁଡ଼ିଦେଇଥିଲା। ପରଦିନ ସକାଳୁ ଉଭୟଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ପରେ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହେବାରୁ ଉଭୟଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତରଙ୍କ ଅକ୍ଳାନ୍ତ ପରିଶ୍ରମ ସତ୍ତ୍ୱେ ଘଣ୍ଟାକ ଭିତରେ ଆଗ ପଛ ହୋଇ ସ୍ୱାମୀ ଓ ସ୍ତ୍ରୀ ଆଖି ବୁଜିଥିଲେ। ଏପରି ଏକ ଅଭାବନୀୟ ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଥିବା ବେଳେ ଦୁଇ ଅନାଥ ଶିଶୁଙ୍କ ଭବିଷ୍ୟତ ଅନ୍ଧାର ଭିତରକୁ ଠେଲି ହୋଇଯାଇଛି। ମିଳିଥିବା ସୂଚନାନୁସାରେ, ମାନସ ଜଣେ ରାଜମିସ୍ତ୍ରି ଭାବେ କାମ କରି ନିଜ ପରିବାର ପେଟ ପୋଷୁଥିଲେ। ନିଜ ଛୋଟ ପରିବାରକୁ ନେଇ ସେ ଆଜବେଷ୍ଟସ୍ ଘରେ ରହୁଥିଲେ। ପକ୍କା ଘର ପାଇଁ ସ୍ଥାନୀୟ ପ୍ରଶାସନ ନିକଟରେ ଅନେକ ବାର ଗୁହାରି କରିଥିଲେ ମଧ୍ୟ ତାଙ୍କୁ ଏଥିରେ ସଫଳତା ମିଳିନଥିଲା। ତେବେ ସ୍ୱାମୀ-ସ୍ତ୍ରୀ ଉଭୟ ଚାଲିଯିବା ପରେ ଦୁଇ ଶିଶୁଙ୍କୁ ବଡ଼ଭାଇ ନିଜ ପାଖରେ ରଖିଥିବା ଜଣାପଡ଼ିଛି। ତେବେ ଉଭୟ ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ସେମାନଙ୍କ ଭରଣପୋଷଣଦିଗରେ କୌଣସି ସ୍ଥାୟୀ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏଥିସହ ପକ୍କା ଘର ଖଣ୍ଡେ ପ୍ରଶାସନ ଯୋଗାଇଦେଲେ, ପିଲା ଦୁଇଟି ମୁଣ୍ଡ ଗୁଞ୍ଜିବେ ବୋଲି ମଧ୍ୟ ଲୋକେ ମତ ଦେଇଛନ୍ତି। ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରାଯିବାରେ ସେ ତଦନ୍ତ କରି ବିହିତ ପଦକ୍ଷେପ ନେବେ ବୋଲି କହିଛନ୍ତି। ବିଶେଷକରି ଦୁଇ ପିଲାଙ୍କ ପାଠ ପଢ଼ିବା ଦିଗରେ ସ୍ଥାନୀୟ ପ୍ରଶାସନ ସମସ୍ତ ପ୍ରକାର ସହଯୋଗ କରିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

● ପ୍ରଶାସନକୁ ସହଯୋଗ ପାଇଁ ଗ୍ରାମବାସୀଙ୍କ ନିବେଦନ

## ଦୁର୍ବୃତ୍ତଙ୍କ ଛୁରାମାଡ଼ରେ କଲେଜ ଛାତ୍ରୀ ଗୁରୁତର



ମାହାଙ୍ଗା,୧୯।୮(ସଂଚାର ବ୍ୟୁରୋ): ସ୍ଥାନୀୟ ମୂଳବସନ୍ତ ଗ୍ରାମର ଜଣୈକା କଲେଜ ଛାତ୍ରୀଙ୍କୁ ସ୍ପଷ୍ଟ ଦିବାଲୋକରେ ମରଣାନ୍ତକ ଆକ୍ରମଣ ହୋଇଛି। ଆଜି ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଜେଏନ କଲେଜ କୁଆଁପାଳକୁ କ୍ଲାସ କରିବା ସକାଶେ ଯାଉଥିବା ସମୟରେ ଶୁଭସ୍ମିତା ସାହୁ ନାମ୍ନୀ ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀଙ୍କୁ ୨ ଜଣ ଯୁବକ ଅଟକାଇଥିଲେ। ସେମାନେ ପ୍ରଥମେ ଶୁଭସ୍ମିତାଙ୍କଠାରୁ ଲୁଟ୍‌ପାଟ ଉଦ୍ୟମ କରିଥିଲେ। ଏଥିରେ ବାଧା ଦେବାରୁ ସେମାନେ ଶୁଭସ୍ମିତାଙ୍କ ବେକକୁ ଏକ ଧାରୁଆ ଛୁରୀରେ କାଟିଦେବାକୁ ଉଦ୍ୟମ କରିଥିଲେ। ତେବେ ଶୁଭସ୍ମିତା ସାହସ ଦେଖାଇ ସେମାନଙ୍କୁ ପ୍ରତିରୋଧ କରିବା ଫଳରେ ଦୁର୍ବୃତ୍ତଙ୍କ ଛୁରୀ ତାଙ୍କ ବେକରେ ନ ବାଜି ଡାହାଣରେ ହାତରେ ବାଜିଥିଲା। ଫଳରେ ଉକ୍ତ ହାତରେ ସେ ଏକାଧିକ ସ୍ଥାନରେ ଆଘାତ ପାଇଛନ୍ତି। ଏହାପରେ ଆକ୍ରମଣକାରୀମାନେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। କୁହୁଣ୍ଡା ପଞ୍ଚାୟତ ବିରୂପା ସେତୁ ନିକଟ ମୂଳବସନ୍ତ ମାଇନର କେନାଲ ବନ୍ଧ ଉପରେ ଏହି ଅଭାବନୀୟ ଘଟଣା ଘଟିଛି। ସ୍ଥାନୀୟ ଲୋକେ ଆହତ ଶୁଭସ୍ମିତାଙ୍କୁ ମୂଳବସନ୍ତସ୍ଥିତ ଚିଦାନନ୍ଦ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ସେଠାରୁ ମାହାଙ୍ଗା ମୁଖ୍ୟ ସରକାରୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ବି ସ୍ଥିତିରେ ସୁଧାର ନ ଆସିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ନିଆଯାଇଛି। ଖବର ପାଇ ସ୍ଥାନୀୟ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଦୁର୍ବୃତ୍ତମାନଙ୍କୁ ଧରିବା ସକାଶେ ଉଦ୍ୟମ ଚଳାଇଥିବା ଜଣାପଡ଼ିଛି।

ମହିଳାଙ୍କୁ ହତ୍ୟା ଓ ଝିଅକୁ ଛୁରାମାଡ଼ ଘଟଣା

## କର୍ଣ୍ଣାଟକରୁ ଗିରଫ ହେଲା ଅଭିଯୁକ୍ତ

● ପୂର୍ବରୁ ଦୁଷ୍କର୍ମ ମାମଲାରେ ଫେରାର୍ ଥିଲା



ବ୍ରହ୍ମପୁର,୧୯।୮(ସଂଚାର ବ୍ୟୁରୋ): ବ୍ରହ୍ମପୁର ନିମଖଣ୍ଡି ଥାନା ଅନ୍ତର୍ଗତ ଶ୍ରୀମା ନଗରରେ ଜଣୈକା ମହିଳାଙ୍କୁ ଗଳା କାଟି ହତ୍ୟା କରିବା ସହ ତାଙ୍କ ନାବାଳିକା ଝିଅଙ୍କୁ ଛୁରାମାଡ଼ ଘଟଣାରେ ଆଜି ସମ୍ପୃକ୍ତ ଅଭିଯୁକ୍ତକୁ କର୍ଣ୍ଣାଟକର କଲବର୍ଗି ଜିଲ୍ଲା ୱାଡ଼ି ରେଳ ଷ୍ଟେସନରୁ ଗିରଫ କରିଛି ପୁଲିସ୍। ଗିରଫ ହୋଇଥିବା ଅଭିଯୁକ୍ତ ଜଣଙ୍କ ଶାନ୍ତନୁ କୁମାର ପାତ୍ର ଓ ତା'ର ଘର ବାଲେଶ୍ୱର ଖନ୍ତାପଡ଼ାରେ ବୋଲି ଜଣାପଡ଼ିଛି। ଶାନ୍ତନୁ ବ୍ରହ୍ମପୁରରେ ସୁନୀଲ ସ୍ୱାଇଁ ନାମରେ ନକଲି ଆଧାର କାର୍ଡ ସହ ବସବାସ କରିଆସୁଥିଲା। ପୂର୍ବରୁ ଶାନ୍ତନୁ ପତ୍ନୀ ସହ ଝଗଡ଼ା କରି ଅଲଗା ରହିଆସୁଥିଲା। ସେ ତା'ର ସମ୍ପର୍କୀୟା ଦୁଇ ଭଉଣୀଙ୍କୁ ଦୁଷ୍କର୍ମ କରି ଗତ ୨୦୧୯ରୁ ଖନ୍ତାପଡ଼ାରୁ ଫେରାର୍ ହୋଇ ବ୍ରହ୍ମପୁରରେ ରହିଆସୁଥିଲା। ବ୍ରହ୍ମପୁରରେ ସେ ବିବାହିତା ମହିଳା ଗାୟତ୍ରୀ ସ୍ୱାଇଁଙ୍କ ସହ ଫେସବୁକ୍ ମାଧ୍ୟମରେ ପ୍ରେମ ସମ୍ପର୍କ ସ୍ଥାପନ କରିଥିଲା। ଦୁଇ ବର୍ଷ ତଳେ ଅର୍ଥାତ୍ ଗତ ୨୦୨୩ରେ ତାଙ୍କୁ ବଡ଼ ବଜାର ଥାନା ଅନ୍ତର୍ଗତ ଓମ୍ ନଗର ନିବାସୀ ଗାୟତ୍ରୀ ତାଙ୍କୁ ଆଣି ନକଲି ଆଧାର କାର୍ଡ ମାଧ୍ୟମରେ ରଖାଇଦେଇଥିଲେ। ସେଠାରେ ରହିଥିବା ସମୟରେ ଶାନ୍ତନୁ ଗାୟତ୍ରୀଙ୍କୁ ନେଇ ମୁମ୍ବାଇ ପଳାଇଯାଇଥିଲା। ଏନେଇ ବଡ଼ ବଜାର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। କିନ୍ତୁ ମାମଲା ରୁଜୁ ହେବାର ୧୦ ଦିନ ପରେ ଗାୟତ୍ରୀ ଘରକୁ ଫେରିଆସିଥିଲେ। ପରେ ଗାୟତ୍ରୀ ତାଙ୍କ ସ୍ୱାମୀଙ୍କ ସହ ବୁଝାମଣା କରି ପୁଣିଥରେ ପରିବାର ସହ ରହିଥିଲେ। କିନ୍ତୁ ଗାୟତ୍ରୀ ଶାନ୍ତନୁ ସହ ବି ସମ୍ପର୍କ ରଖିଥିଲେ।

ଏହି ସମ୍ପର୍କକୁ ସ୍ୱାମୀ ନଜରରୁ ଲୁଚାଇ ରଖିବା ସକାଶେ ସେ ଶାନ୍ତନୁ ହାତରେ ରାକ୍ଷୀ ମଧ୍ୟ ବାନ୍ଧିଥିଲେ। କିନ୍ତୁ ଏଥିରେ ଶାନ୍ତନୁ ବ୍ୟସ୍ତବିବ୍ରତ ହୋଇପଡ଼ିବା ସହ କାଳେ ଗାୟତ୍ରୀ ତା' ପାଖରୁ ଦୂରେଇଯିବ ଭାବି ଚିନ୍ତାଗ୍ରସ୍ତ ହୋଇପଡ଼ିଥିଲା।

ତେଣୁ ଗାୟତ୍ରୀ ତା'ର ହେବ ନାହିଁ ତ ତାକୁ ଅନ୍ୟ କାହାର ହେବାକୁ ଦେବ ନାହିଁ ବୋଲି ନିଷ୍ପତ୍ତି ନେଇ ଶାନ୍ତନୁ ନିର୍ଦ୍ଦିଷ୍ଟ ଯୋଜନା ପ୍ରସ୍ତୁତ କରି ଗତ ୧୦ ତାରିଖ ରାତିରେ ଗାୟତ୍ରୀ ଘରକୁ ଯାଇଥିଲା। ସେଠାରେ ସେ ଗାୟତ୍ରୀଙ୍କୁ ଗଳାକାଟି ହତ୍ୟା କରିଥିଲା। କିନ୍ତୁ ଗାୟତ୍ରୀଙ୍କ ଝିଅ ଏହା ଦେଖିଦେବାରୁ ଶାନ୍ତନୁ ତାକୁ ମଧ୍ୟ ହତ୍ୟା କରିବା ଉଦ୍ଦେଶ୍ୟରେ ଛୁରି ଭୁଷିଦେଇଥିଲା। ଏଥିରେ ନାବାଳିକା ଜଣଙ୍କ ଗୁରୁତର ଭାବେ ଆହତ ହୋଇ ଏବେ ଜୀବନ ପାଇଁ ସଂଘର୍ଷ କରୁଛି। ଅନ୍ୟପକ୍ଷରେ ହତ୍ୟାକାଣ୍ଡ ଭିଆଇବା ପରେ ଘଟଣାଦିନ ଶାନ୍ତନୁ ରାତି ପ୍ରାୟ ୧୨ଟା ସମୟରେ ତା'ର ଭଡ଼ା ଘରକୁ ରାତି ପ୍ରାୟ ୧୨ଟା ସମୟରେ ଯାଇଥିଲା। ସେଠାରେ ଛୁରିକୁ ଲୁଚାଇ ଶାନ୍ତନୁ ବ୍ରହ୍ମପୁର ଷ୍ଟେସନ ଦେଇ କର୍ଣ୍ଣାଟକ ଫେରାର ହୋଇଯାଇଥିଲା ବୋଲି ଆଜି ବ୍ରହ୍ମପୁର ଏସପି ଡା ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି।

ଚାରିଦିନିଆ ଦକ୍ଷତା ବିକାଶ କର୍ମଶାଳା ଉଦ୍‌ଘାଟିତ

## ୱାର୍ଡେନ୍ ଆବାସିକ ବିଦ୍ୟାଳୟ ବ୍ୟବସ୍ଥାର ଆତ୍ମା



ଭୁବନେଶ୍ୱର,୧୯।୮(ସଂଚାର ବ୍ୟୁରୋ): ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଛାତ୍ରାବାସର ୱାର୍ଡେନଙ୍କ ନିମନ୍ତେ ଏଠାରେ ଆଜି ଏକ ଚାରିଦିନିଆ ଦକ୍ଷତା ବିକାଶ କର୍ମଶାଳା ଉଦ୍‌ଘାଟିତ ହୋଇଛି। କେନ୍ଦ୍ର ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଅଧୀନରେ ନ୍ୟାସନାଲ ଏଜୁକେସନ୍ ସୋସାଇଟି ଫର୍ ଟ୍ରାଇବାଲ୍ ଷ୍ଟୁଡେଣ୍ଟସ (ଏନ୍‌ଇଏସ୍‌ଟିଏସ୍) ଏବଂ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଅଧିନସ୍ଥ ଓଡ଼ିଶା ମଡେଲ୍ ଟ୍ରାଇବାଲ୍ ଏଜୁକେସନ୍ ସୋସାଇଟି (ଓଏମ୍‌ଟିଇଏସ୍)ର ମିଳିତ ସହଯୋଗରେ ରାଜ୍ୟରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ (ଇଏମ୍‌ଆର୍‌ଏସ୍)ର ଛାତ୍ରାବାସ ୱାର୍ଡେନଙ୍କ ପାଇଁ ଏହି କର୍ମଶାଳା ଆୟୋଜିତ ହେଉଛି। ସ୍ଥାନୀୟ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ (ଆର୍‌ଆଇଇ)ରେ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ କାର୍ଯ୍ୟରତ ୬୦ ଛାତ୍ରାବାସ ୱାର୍ଡେନ ଯୋଗ ଦେଇଛନ୍ତି। କର୍ମଶାଳାକୁ ଆର୍‌ଆଇଇ, ଭୁବନେଶ୍ୱରର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ମାନସୀ ଗୋସ୍ୱାମୀ ଉଦ୍‌ଘାଟନ କରିବା ସହ ଆବାସିକ ବିଦ୍ୟାଳୟ ବ୍ୟବସ୍ଥାରେ ୱାର୍ଡେନଙ୍କ ଭୂମିକାକୁ ଗୁରୁତ୍ୱ ଦେଇ ସେମାନଙ୍କୁ ଆବାସିକ ବିଦ୍ୟାଳୟ ବ୍ୟବସ୍ଥାର ଆତ୍ମା ଭାବେ ବର୍ଣ୍ଣନା କରିଛନ୍ତି। ଏଥିସହ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ପରିଚାଳନା, ଶୃଙ୍ଖଳା ଓ ସାମଗ୍ରିକ ମଙ୍ଗଳ ସୁନିଶ୍ଚିତ କରିବାରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ତଥା ଓଏମ୍‌ଟିଇଏସ୍‌ର ଭାରପ୍ରାପ୍ତ ଅଧିକାରୀ ପ୍ରଣତି ପାତ୍ର ଯୋଗଦେଇଥିବା ୱାର୍ଡେନ୍‌ମାନଙ୍କ ସହ ଆଲୋଚନା କରିବା ସହ ଛାତ୍ରାବାସରେ ପିଲାମାନଙ୍କ ଭାବପ୍ରବଣତା ଓ ମାନସିକ ସୁସ୍ଥତା ଉପରେ ଗୁରୁତ୍ୱାରୋପ କରିଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




## ଜିଓ ୟୁଜର୍ସଙ୍କୁ ବଡ଼ ଝଟ୍କା

# ବନ୍ଦ ହୋଇଗଲା ୨୪୯ ଟଙ୍କାର ପ୍ଲାନ

ନୂଆଦିଲ୍ଲୀ,୧୯।୮: ରିଲାଏନ୍ସ ଜିଓ ପ୍ରିପେଡ ଗ୍ରାହକମାନଙ୍କୁ ଏକ ବଡ଼ ଝଟକା ଦେଇଛି। ୨୪୯ ଟଙ୍କାର ପ୍ଲାନକୁ ବନ୍ଦ କରିଦେଇ କମ୍ପାନୀ। ମୁକେଶ ଅମ୍ବାନୀଙ୍କ ଟେଲିକମ କମ୍ପାନୀର ଏହି ନିଷ୍ପତ୍ତି ସେହି ଲୋକମାନଙ୍କୁ ପ୍ରଭାବିତ କରିବ, ଯେଉଁମାନଙ୍କର ଡାଟା ବ୍ୟବହାର କମ ଏବଂ ଯେଉଁମାନେ ଦୈନିକ ୧ ଜିବି ଡାଟା ପାଇଁ ୨୪୯ ଟଙ୍କାର ଏହି ସୁଲଭ ପ୍ଲାନ ଉପରେ ନିର୍ଭର କରୁଥିଲେ। ଜିଓ ୨୪୯ ପ୍ଲାନକୁ ଜିଓର ଅଫିସିଆଲ ସାଇଟ ଏବଂ ମାଇ ଜିଓ ଆପରୁ ହଟାଇ ଦିଆଯାଇଛି। କିଛି ସମୟ ଧରି, କମ୍ପାନୀ ଗ୍ରାହକମାନଙ୍କ ମଧ୍ୟରେ ଥିବା କିଛି ଲୋକପ୍ରିୟ ପ୍ଲାନକୁ ଧୀରେ ଧୀରେ ହଟାଇ ଦେଉଛି ଏବଂ କିଛି ପ୍ଲାନର ବଡ଼ ପରିବର୍ତ୍ତନ କରୁଛି, ଯାହା ଯୋଗୁ ୟୁଜର୍ସମାନଙ୍କୁ ଝଟକା ପରେ ଝଟ୍କା ମିଳୁଛି। ୨୪୯ ଟଙ୍କାର ପ୍ଲାନକୁ କମ୍ପାନୀର ଅଫିସିଆଲ ସାଇଟ ଏବଂ ମାଇ ଜିଓ ଆପରୁ ହଟାଇ ଦିଆଯାଇଥିଲେ ମଧ୍ୟ, ସୂତ୍ର ଅନୁସାରେ ଏହି ପ୍ଲାନକୁ କମ୍ପାନୀର ଷ୍ଟୋର ଏବଂ POS ରିଟେଲର ମାଧ୍ୟମରେ ଏବେ ବି ରିଚାର୍ଜ କରାଯାଇପାରିବ। ୨୪୯ ଟଙ୍କାର ଜିଓ ପ୍ରିପେଡ ପ୍ଲାନର ବୈଧତା ୨୮ ଦିନ ଥିଲା ଏବଂ




କମ୍ପାନୀ ପ୍ରତିଦିନ ୧ ଜିବି ହାଇ ସ୍ପିଡ ଡାଟା, ଅସୀମିତ କଲିଂ ଏବଂ ୧୦୦ SMS ର ସୁବିଧା ପ୍ରଦାନ କରୁଥିଲା। ରିଲାଏନ୍ସ ଜିଓ ପାଖରେ ବର୍ତ୍ତମାନ ୨୮ ଦିନର ବୈଧତା ଏବଂ ୧ ଜିବି ଦୈନିକ ଡାଟା ସହିତ କୌଣସି ପ୍ଲାନ ନାହିଁ। ଏବେ ୨୯ ଦିନର ବୈଧତା ସହିତ ୧୮୯ ଟଙ୍କାର ପ୍ଲାନ ଅଛି। କିନ୍ତୁ ଏହି ପ୍ଲାନ ମୋଟ ୨ ଜିବି ଡାଟା ପ୍ରଦାନ କରେ। ଅଧିକ ଡାଟା ଏବଂ ବୈଧତା ଚାହୁଁଥିଲେ ତେବେ ୨୪୯ ଟଙ୍କା ପରିବର୍ତ୍ତେ ୨୯୯ ଟଙ୍କାର ପ୍ଲାନ କିଣିହେବ। ଏହି ପ୍ଲାନ ପ୍ରତିଦିନ ୧.୫ ଜିବି ହାଇ ସ୍ପିଡ ଡାଟା, ଅସୀମିତ କଲିଂ ଏବଂ ଦୈନିକ ୧୦୦ SMS ପ୍ରଦାନ କରେ।

TRAI ତଥ୍ୟ ଅନୁଯାୟୀ, ଜୁନ ମାସରେ, Jio ନେଟୱାର୍କରେ ୧୯ ଲକ୍ଷ ନେଟ ୱାୟାରଲେସ ସବସ୍କ୍ରାଇବର ଯୋଡିଥିଲା। ୭୬୩,୪୮୨ ଉପଭୋକ୍ତା ଏୟାରଟେଲ ନେଟୱାର୍କ ବାଛିଥିଲେ। ଏହି ସମୟ ମଧ୍ୟରେ, VI ୨୧୭,୮୧୬ ଉପଭୋକ୍ତା ହରାଇଛି। BSNLର ଗ୍ରାହକ ସଂଖ୍ୟା ୩୦୫,୭୬୬ ହ୍ରାସ ପାଇଛି। ପ୍ରତି ମାସରେ, ହଜାର ହଜାର ଏବଂ ଲକ୍ଷ ନୂତନ ୟୁଜର୍ସ ରିଲାଏନ୍ସ ଜିଓ ନେଟୱାର୍କରେ ଯୋଡି ହେଉଛନ୍ତି।

## ଲକ୍ଷେ କୋଟି ରାଜସ୍ୱହାନି ଆଶଙ୍କା




ନୂଆଦିଲ୍ଲୀ, ୧୯।୮: ସାମଗ୍ରୀ ଓ ସେବା ଟିକସ (ଜିଏସ୍ଟି)ରେ ବଡ଼ ଧରଣର ସଂସ୍କାର ଆଣି ବର୍ତ୍ତମାନର ଚାରି ଥାକିଆ ସ୍ଲାବ୍‌କୁ ଦୁଇ ଥାକିଆ କରିବା ଘୋଷଣା କରାଯାଇଛି। କେନ୍ଦ୍ର ସରକାର ଦେଇଥିବା ଏହି ପ୍ରସ୍ତାବ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜ୍ୟମାନଙ୍କ ସହଯୋଗ ଲୋଡ଼ିଛନ୍ତି। ଅଣ ବିଜେପି ଶାସିତ ରାଜ୍ୟଗୁଡ଼ିକ ଜିଏସ୍ଟି ପରିଷଦରେ ଏହି ପ୍ରସ୍ତାବକୁ ବିରୋଧ କରିବେ ନାହିଁ ବୋଲି ସରକାରଙ୍କ ବିଶ୍ୱାସ ରହିଛି। ତେବେ

### ଜିଏସ୍ଟି ସଂସ୍କାର

ଏହି ସଂସ୍କାର କାର୍ଯ୍ୟକାରୀ ହେଲେ କେନ୍ଦ୍ର ସରକାର ୧.୧ ଲକ୍ଷ କୋଟି ଟଙ୍କାର ରାଜସ୍ୱ ହରାଇବେ ବୋଲି ୟୁବିଏସ୍ ଆକଳନ କରିଛି ଯାହା ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୦.୩ ପ୍ରତିଶତ। ପାର୍ବଣ ଋତୁ ପାଖେଇ ଆସୁଥିବା ବେଳେ କେନ୍ଦ୍ରର ଜିଏସ୍ଟି ହ୍ରାସ ପ୍ରସ୍ତାବ ଏକ ମାଷ୍ଟରଷ୍ଟ୍ରୋକ୍ ସଦୃଶ। ଏହା ସମ୍ଭବ ହେଲେ ଅନେକ ଜିନିଷର ମୂଲ୍ୟ ହ୍ରାସ ପାଇବ। ପୂଜା ସମୟରେ କର୍ମଚାରୀମାନେ ବୋନସ୍ ପାଇଥାନ୍ତି ଯାହାକୁ ଟିଭି, ଫ୍ରିଜ, ଗାଡ଼ି, ୱାସିଂ ମେସିନ, ପୋଷାକପତ୍ର କିଣାକିଣି କରିବା ସହିତ ଭ୍ରମଣ ଆଦିରେ ଖର୍ଚ୍ଚ କରିଥାନ୍ତି। ସେମାନେ

## ଆଜିର ସୁନା ଦର



ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର ।ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୦୧, ୭୫୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୨,୩୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୦,୭୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୯୨, ୩୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୦୦,୭୫୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୨ ହଜାର ୩୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୦୦,୯୦୦ ଟଙ୍କା ଓ ୨୨ କ୍ୟାରେଟ୍ ୯୨, ୫୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୦,୭୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୨ ହଜାର ୩୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୦୦,୭୫୦ ଓ ୯୨ ହଜାର ୩୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୧୬,୦୦୦ ଟଙ୍କା ହୋଇଛି।

## ‘କାଲ୍‌ଡେରିସ୍’ ବସାଉଛି ବିଶ୍ୱର ସର୍ବବୃହତ୍ ରିଫ୍ରାକ୍ଟରି

**ଭୁବନେଶ୍ୱର, ୧୯।୮(ସଂଚାର ବ୍ୟୁରୋ):** ବିଶ୍ୱର ଅଗ୍ରଣୀ ରିଫ୍ରାକ୍ଟରି ନିର୍ମାତା କାଲ୍‌ଡେରିସ୍ ଖୋର୍ଦ୍ଧାରେ ସ୍ଥାପନ କରୁଛି ବିଶ୍ୱର ସର୍ବବୃହତ୍ କାରଖାନା। କମ୍ପାନିର ବରିଷ୍ଠ ଉପସଭାପତି (ଏପିଏସି ଅଞ୍ଚଳ) ଇଶ୍ ମୋହନ ଗର୍ଗ ଏହି ସୂଚନା ଦେଇଛନ୍ତି। ଇଟି ଅନ୍‌ଲାଇନ୍ ସହ କଥାବାର୍ତ୍ତା ବେଳେ ସେ ଜଣାଇଛନ୍ତି ଯେ ୨୦୨୫ରେ ଏହି କାରଖାନା କାର୍ଯ୍ୟକ୍ଷମ ହେବ। ତାହା ହେଉଛି ଗୋଟିଏ ସ୍ଥାନରେ ସ୍ଥାପନ କରାଯାଇଥିବା ବିଶ୍ୱର ସର୍ବବୃହତ୍ ରିଫ୍ରାକ୍ଟରି ଓ ଫ୍ଲକ୍ସ କାରଖାନା। ଏହି କାରଖାନା ପୂର୍ବ ଓ ଦକ୍ଷିଣ ଭାରତ ସହିତ ଦକ୍ଷିଣ ପୂର୍ବ ଏସିଆ ବଜାରର ଆବଶ୍ୟକତା ମଧ୍ୟ ପୂରଣ କରିବ। କାଲ୍‌ଡେରିସ୍ କାରଖାନାରେ ପାଞ୍ଚଟି ପ୍ରଡକ୍ସନ୍ ଲାଇନ୍ ରହିଛି ଯେଉଁଥିରେ ଏସିଡିକ୍ ଓ ମୌଳିକ ଇଟା, ମୋନୋଲିଥିକ୍, ରେଡି ସେପ୍ ଓ ଷ୍ଟିଲ୍ କାଷ୍ଟିଂ ଫ୍ଲକ୍ସ ଉତ୍ପାଦନ କରାଯିବ। ସ୍ଥାୟିତ୍ୱକୁ ଦୃଷ୍ଟିରେ ରଖି କମ୍ପାନି ଏହି କାରଖାନା ବସାଉଛି। ଏଥିରେ ଜିରୋ ଏଫ୍ଲୁଏଣ୍ଟ୍ ଡିସ୍‌ଚାର୍ଜ ବ୍ୟବସ୍ଥା, ବର୍ଷା ଜଳ ଅମଳ ବ୍ୟବସ୍ଥା ଏବଂ ବାୟୁ ମାନ ନିୟନ୍ତ୍ରଣ ଲାଗି ବ୍ୟବସ୍ଥା ରହିଛି। କାରଖାନାରେ ୩୩ ପ୍ରତିଶତ ସବୁଜ ବଳୟ ରହିବ। ୪୦ ଏକର ଜମିରେ ଏହି କାରଖାନା ସ୍ଥାପନ କରାଯାଉଛି। ୨୦୨୬ ସୁଦ୍ଧା ଏହି ପ୍ରକଳ୍ପରେ ୩୫୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ପ୍ରକଳ୍ପରେ କମ୍ପାନି ୬୯୮.୭୧ କୋଟି ଟଙ୍କା ନିବେଶ କରୁଛି। ଗତବର୍ଷ ସେପ୍ଟେମ୍ବରରେ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କର୍ତ୍ତୃପକ୍ଷ ଏହି ପ୍ରକଳ୍ପକୁ ମଞ୍ଜୁରି ଦେଇଥିଲେ।



## ବେକାରି ହାର ୫.୨%କୁ ହ୍ରାସ

ନୂଆଦିଲ୍ଲୀ, ୧୯।୮: ଚଳିତ ବର୍ଷ ଜୁଲାଇ ସୁଦ୍ଧା ଦେଶର ବେକାରୀ ହାର ୫.୨ ପ୍ରତିଶତକୁ ହ୍ରାସ ପାଇଛି। ଗତ ଜୁନ୍‌ରେ ତାହା ୫.୬ ପ୍ରତିଶତ ଥିଲା। କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ତଥ୍ୟ ଅନୁସାରେ ୧୫ ବର୍ଷରୁ ଅଧିକ ବୟସ ବର୍ଗରେ ଶ୍ରମଶକ୍ତିରେ ଅଂଶଗ୍ରହଣ ହାର (ଏଲ୍‌ଏଫ୍‌ପିଆର୍) ୫୪.୯ ପ୍ରତିଶତକୁ ବୃଦ୍ଧି ପାଇଛି। ଗ୍ରାମାଞ୍ଚଳରେ ଏହି ହାର ୫୬.୯ ପ୍ରତିଶତ ଥିବା ବେଳେ ସହରାଞ୍ଚଳରେ ୫୦.୭ ପ୍ରତିଶତ ରହିଛି। ଗ୍ରାମାଞ୍ଚଳରେ ୧୫ ବର୍ଷରୁ ଅଧିକ ବୟସ ବର୍ଗରେ ପୁରୁଷଙ୍କ କ୍ଷେତ୍ରରେ ଶ୍ରମଶକ୍ତିରେ ଅଂଶଗ୍ରହଣ ହାର ୭୮.୧ ପ୍ରତିଶତ ରହିଥିବା ବେଳେ ସହରାଞ୍ଚଳରେ ତାହା ୭୮.୧ ପ୍ରତିଶତ ରହିଛି। ଗ୍ରାମାଞ୍ଚଳରେ ମହିଳାଙ୍କ କ୍ଷେତ୍ରରେ ସେହି ହାର ୩୬.୯ ପ୍ରତିଶତ ରହିଛି।

## ନିସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜ୍‌ନେସ୍ ଆଡ୍‌ମିନିଷ୍ଟ୍ରେସନ୍‌ରେ ନବାଗତଙ୍କୁ ସ୍ୱାଗତ




ଭୁବନେଶ୍ୱର, ୧୯।୮: ମଦନପୁରସ୍ଥିତ ନିସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଡ୍‌ମିନଷ୍ଟ୍ରେସନ୍‌ର ନୂତନ ଶିକ୍ଷାବର୍ଷ ପାଇଁ ନବାଗତ ଏମବିଏ ଓ ଏମ୍‌ସିଏର ଛାତ୍ରଛାତ୍ରୀମାନଙ୍କ ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାଲ୍‌କୋର ପୂର୍ବତନ ସିଏମ୍‌ଡି ଡ. ତପନ କୁମାର ଚାନ୍ଦ ମୁଖ୍ୟ ଅତିଥି, ତତ୍ତ୍ୱ ଟେକ୍ନୋଲୋଜିର ଏମ୍‌ଡି ଅୟସ୍‌କାନ୍ତ ମହାନ୍ତି, ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ବିଶୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଡ. ସୁଭାଷ ଚନ୍ଦ୍ର ନାୟକ ଶିକ୍ଷା ଗ୍ରହଣ କରି କିପରି ଉଜ୍ଜଳ ଭବିଷ୍ୟତ ଗଠନ କରିପାରିବ ତାହା କହିଥିଲେ। ଅନୁଷ୍ଠାନର ସହ ପ୍ରତିଷ୍ଠାତ୍ରୀ ପ୍ରଫେସର ସ୍ମୃତିସୁଧା ନାୟକ, ଡେପୁଟି ଡାଇରେକ୍ଟର ଡକ୍ଟର ଦୁଷ୍ମନ୍ତ କୁମାର ପଟ୍ଟନାୟକ, ଅଧ୍ୟକ୍ଷ ଡକ୍ଟର ରାଜେଶ ସ୍ୱାଇଁ, ଏମ୍‌ବିଏ ବିଭାଗୀୟ ମୁଖ୍ୟ ପ୍ରଫେସର ସ୍ଥିତପ୍ରଜ୍ଞ ଦେବଦତ୍ତ ସାମଲ ଓ ପ୍ରଶାସନିକ ଅଧିକାରୀ ପିତାମ୍ବର ଚୟନୀ ପ୍ରମୁଖ ଉପସ୍ଥିତ ଥିଲେ। ଏମ୍‌ସିଏ ବିଭାଗୀୟ ମୁଖ୍ୟ ପ୍ରଫେସର ପ୍ରଭାକର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଏସ୍‌ବିଆଇ ବଢ଼ାଇଲା ହୋମ୍ ଲୋନ୍ ସୁଧହାର

ନୂଆଦିଲ୍ଲୀ, ୧୯।୮: ଦେଶର ସବୁଠାରୁ ବଡ ସରକାରୀ ବ୍ୟାଙ୍କ SBI ଗ୍ରାହକଙ୍କୁ ଦେଇଛି ହୋମଲୋନର ଝଟକା। ଗୃହ ଋଣ ଉପରେ ସୁଧ ହାର ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ। ବ୍ୟାଙ୍କ ସୁଧ ହାରର ଉପର ବ୍ୟାଣ୍ଡକୁ ୨୫ ବେସିସ୍ ପଏଣ୍ଟ ବୃଦ୍ଧି କରିଛି। ଏସ୍‌ବିଆଇର ନୂତନ ନିୟମ ଅନୁଯାଇ ବର୍ତ୍ତମାନ ଗୃହ ଋଣ ସୁଧ ୭.୫% ରୁ ୮.୭% ମଧ୍ୟରେ ବୃଦ୍ଧି ପାଇଛି। ଏହି ଅଭିବୃଦ୍ଧି ପରେ ଏବେ ସ୍ୱପ୍ନର ଘର ତିଆରି କରିବା ସାଧାରଣ ଜନତାଙ୍କୁ ମହଙ୍ଗା ପଡ଼ିବ। ଜୁଲାଇରେ ଏସ୍‌ବିଆଇର ସୁଧ ହାର ପରିସର ୭.୫%ରୁ ୮.୪୫% ଥିଲା। ଏହି ନୂତନ ପରିବର୍ତ୍ତନ ପରେ, ଏବେ ନୂତନ ଗ୍ରାହକମାନଙ୍କୁ ୭.୫% ରୁ ୮.୭% ସୁଧ ଦେବାକୁ ପଡିବ। ଅର୍ଥାତ୍, ନିମ୍ନ ସୀମାକୁ ସମାନ ରଖାଯାଇଛି, ଯେତେବେଳେ ଉପର ସୀମାକୁ ବୃଦ୍ଧି କରାଯାଇଛି। SBIର ଏହି ପଦକ୍ଷେପ ବିଶେଷ ଭାବରେ ସେହି ଗ୍ରାହକମାନଙ୍କୁ ପ୍ରଭାବିତ କରିବ ଯାହାର କ୍ରେଡିଟ୍ ସ୍କୋର କମ୍, କାରଣ ଉପର ସୁଧ ହାର ସୀମା ବୃଦ୍ଧି କରାଯାଇଛି। ଏହି ପରିବର୍ତ୍ତନ ବର୍ତ୍ତମାନ ପାଇଁ କେବଳ ନୂତନ ଗୃହ ଋଣ ଗ୍ରାହକଙ୍କ ପାଇଁ ପ୍ରଯୁଜ୍ୟ ହେବ। ଜୁଲାଇ ଶେଷରେ, ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ମଧ୍ୟ ସୁଧ ହାର ୭.୩୫% ରୁ ୭.୪୫% ବୃଦ୍ଧି କରିଛି। ଅନ୍ୟପକ୍ଷରେ, ଘରୋଇ ବ୍ୟାଙ୍କଗୁଡ଼ିକ ମଧ୍ୟରେ, ଆଇସିଆଇସିଆଇ ୮%, ଏଚଡିଏଫସି ୭.୯% ଏବଂ ଆକ୍ସିସ ବ୍ୟାଙ୍କ ୮.୩୫% ସର୍ବନିମ୍ନ ସୁଧ ହାରରେ ଗୃହ ଋଣ ପ୍ରଦାନ କରୁଛନ୍ତି। ବ୍ୟାଙ୍କ ଦ୍ୱାରା ଏହି ବୃଦ୍ଧି ଏପରି ସମୟରେ କରାଯାଇଛି ଯେତେବେଳେ ଆରବିଆଇ ରେପୋ ହାରକୁ କ୍ରମାଗତ ଭାବରେ ହ୍ରାସ କରି ଲୋକଙ୍କୁ ଆଶ୍ୱସ୍ତି ଦେବାକୁ ଚେଷ୍ଟା କରୁଛି। ଏହା ବିଶ୍ୱାସ କରାଯାଉଛି ଯେ SBI ପରେ, ଅନ୍ୟ ସରକାରୀ କ୍ଷେତ୍ରର ବ୍ୟାଙ୍କଗୁଡ଼ିକ ମଧ୍ୟ ଖୁବ୍ ଶୀଘ୍ର ଏପରି ପଦକ୍ଷେପ ନେଇପାରନ୍ତି।




## ଆଜିର ପେଟ୍ରୋଲ, ଡିଜେଲ୍ ଦର

ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଉ ସେହି ଅନୁଯାୟୀ ଦେଶ ତଥା ରାଜ୍ୟମାନଙ୍କରେ ତୈଳ ଦର ନିର୍ଦ୍ଧାରଣ କରାଯାଇଥାଏ ।ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୫୨ ପଇସା ରହିଛି।



## ୱାର୍କ ଫ୍ରମ୍ ହୋମ୍ ନିୟମରେ ବଡ଼ ପରିବର୍ତ୍ତନ କଲା ମାଇକ୍ରୋସଫ୍ଟ

# କର୍ମଚାରୀ ତିନି ଦିନ ଅଫିସ ଆସିବାକୁ ବାଧ୍ୟ

**ନୂଆଦିଲ୍ଲୀକ, ୧୯।୮:** ମାଇକ୍ରୋସଫ୍ଟର ନୂଆ ନିୟମ। କର୍ମଚାରୀଙ୍କୁ ଅତିକମ୍‌ରେ ତିନି ଦିନ ଅଫିସ ଆସି କାମ କରିବାକୁ ପଡ଼ିବ। ଆଉ ଏହା ବାଧ୍ୟତାମୂଳକ। ତେବେ କମ୍ପାନିର ଏହି ନୂଆ ପଦକ୍ଷେପ ହୁଏତ ଅନେକ କର୍ମଚାରୀଙ୍କୁ ପସନ୍ଦ ନଆସିପାରେ। ବିଶେଷ କରି ଓ୍ୱାର୍କ ଫ୍ରମ ହୋମ ପସନ୍ଦ କରୁଥିବା କର୍ମଚାରୀଙ୍କ ଇସ୍ତଫା ଦେଇପାରନ୍ତି ବୋଲି ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି।

ନୂଆ ନୀତି ମାଇକ୍ରୋସଫ୍ଟର ରେଡମଣ୍ଡ ମୁଖ୍ୟାଳୟର ୫୦ ମାଇଲ ମଧ୍ୟରେ ରହୁଥିବା କର୍ମଚାରୀମାନଙ୍କୁ ପ୍ରଭାବିତ କରିବ। କାରଣ ଏଠାରେ କମ୍ପାନିର ବିଶ୍ୱରେ ଥିବା ୨,୨୮,୦୦୦ କର୍ମଚାରୀଙ୍କୁ ମଧ୍ୟରୁ ଅଧିକାଂଶ ରହୁଛନ୍ତି। ତେବେ ବିଜନେସ ଇନସାଇଡରର ଏକ ରିପୋର୍ଟ ଅନୁସାରେ କମ୍ପାନିର କିଛି ଟିମ୍‌ଙ୍କ ଉପରେ ଏହି ନିୟମ ଭିନ୍ନ ଢଙ୍ଗରେ ଲାଗୁ ହୋଇପାରେ। ଅର୍ଥାତ ତିନି ଦିନ ତୁଳନାରେ ସେମାନଙ୍କୁ ୪ରୁ ୫ ଦିନ ଅଫିସ ଆସି କାମ କରିବାକୁ ପଡ଼ିପାରେ। କମ୍ପାନି ଆସନ୍ତା ମାସରୁ ଏହି ନିୟମକୁ ପରୀକ୍ଷାମୂଳକ ଭାବରେ କାର୍ଯ୍ୟକାରୀ କରିବାକୁ ଯାଉଛି। ଯାହା ଦ୍ୱାରା କର୍ମଚାରୀମାନଙ୍କୁ ନୂଆ ନୀତି ସହ ଖାପ ଖୁଆଇବାକୁ ସମୟ ମିଳିବ।

ତେବେ କମ୍ପାନି କୋଭିଡ ସମୟରେ ଆଣିଥିବା ନିୟମର ପରିବର୍ତ୍ତନକୁ ଦର୍ଶାଉଛି। ଏକ ରିପୋର୍ଟ ଅନୁସାରେ କୋଭିଡ ସମୟରେ କମ୍ପାନିର ନୀତି ଅନୁସାରେ ଅନେକ କର୍ମଚାରୀ ଘରୁ କାମ କରୁଥିଲେ। ପୂର୍ବରୁ ଗତ ସେପ୍ଟେମ୍ବରରେ କ୍ଲାଉଡ୍ ଏକ୍ସିକ୍ୟୁଟିଭ ସ୍କଟ୍ ଗୁଥ୍ରି କର୍ମଚାରୀମାନଙ୍କୁ କହିଥିଲେ ଯେ, ଉତ୍ପାଦକତା ଉଲ୍ଲେଖନୀୟ ଭାବରେ ହ୍ରାସ ନହେଲେ ମାଇକ୍ରୋସଫ୍ଟ ଏହାର ପୂର୍ବ ନିୟମ ବଜାୟ ରଖିବ। ଅର୍ଥାତ କର୍ମଚାରୀ ଓ୍ୱାର୍କ ଫ୍ରମ୍ ହୋମ କରିପାରିବେ। ହେଲେ ଏବେ ନିୟମରେ ପରିବର୍ତ୍ତନର ସ୍ପଷ୍ଟତା ମିଳିନଥିଲେବି କମ୍ପାନିର ଲାଭ ଜାରି ରହିଛି। କମ୍ପାନିର ୪ ଟ୍ରିଲିୟନ ଡଲାର ମାର୍କେଟ କ୍ୟାପ୍ ଦିଗରେ ଅଗ୍ରସର ହେଉଛି। ସେପଟେ ଆମାଜନ ମଧ୍ୟ ଅଫିସରେ ପାଞ୍ଚ ଦିନ କାମ କରିବା ଉପରେ ଫୋକସ କରୁଥିବାବେଳେ ଗୁଗଲ୍ ଏବଂ ମେଟା ତିନି ଦିନ ଅଫିସ୍‌ରେ କାମ ବାଧ୍ୟତାମୂଳକ କରିଛନ୍ତି। ‘ଦି ଭର୍ଜ’ର ରିପୋର୍ଟ ଅନୁସାରେ ଏହା ଖବର ଏଭଳି ସମୟରେ ଆସିଛି ଯେତେବେଳେ ମାଇକ୍ରୋସଫ୍ଟର ତ୍ରୈମାସିକ ଲାଭ ୨୭ ବିଲିୟନ ଡଲାର ହୋଇଛି। ଅବଶ୍ୟ କମ୍ପାନି ୧୫ ହଜାର କର୍ମଚାରୀଙ୍କୁ ଛଟେଇ ଘୋଷଣା କରିଛି।




## ୪ ଦିନରେ ୫ ଲକ୍ଷ ଫାସ୍‌ଟ୍ୟାଗ୍ ପାସ୍ ଜାରି

ନୂଆଦିଲ୍ଲୀ, ୧୯।୮: ଚଳିତ ମାସ ୧୫ରେ ଆରମ୍ଭ କରାଯାଇଥିବା ବର୍ଷିକିଆ ଫାସ୍‌ଟ୍ୟାଗ୍ ପାସ୍ ବେଶ୍ ଗ୍ରହଣୀୟ ହୋଇଛି। ମାତ୍ର ଚାରି ଦିନରେ ୫ ଲକ୍ଷ ପାସ୍ ଜାରି କରାଯାଇଛି। ତାମିଲନାଡୁରେ ସର୍ବାଧିକ ପାସ୍ ଜାରି କରାଯାଇଥିବା ବେଳେ ତା’ପଛକୁ ରହିଛନ୍ତି କର୍ଣ୍ଣାଟକ ଓ ହରିୟାଣା। ତାମିଲନାଡୁ, କର୍ଣ୍ଣାଟକ ଓ ଆନ୍ଧ୍ରପ୍ରଦେଶରେ ପାସ୍‌କୁ ସର୍ବାଧିକ ବ୍ୟବହାର କରାଯାଇଥିବା କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଗୁଗଲ୍ ପ୍ଲେ ଷ୍ଟୋର୍‌ରେ ରାଜମାର୍ଗ ଆପ୍ ଭ୍ରମଣ ବର୍ଗରେ ଦ୍ୱିତୀୟ ସ୍ଥାନରେ ରହିଛି ଏବଂ ଏହାକୁ ୧୫ ଲକ୍ଷରୁ ଅଧିକ ଥର ଡାଉନ୍‌ଲୋଡ୍ କରାଯାଇଛି। ଫାସ୍‌ଟ୍ୟାଗ୍ ବର୍ଷିକିଆ ପାସ୍ ଉନ୍ମୋଚିତ ହେବାର ମାତ୍ର ଚାରିଦିନ ଭିତରେ ଏହା ଶୀର୍ଷ ସରକାରୀ ଆପ୍ ଭାବେ ଉଭା ହୋଇଛି। ଗାଡ଼ି ମାଲିକମାନେ ୩୦୦୦ ଟଙ୍କା ଦେଇ ବାର୍ଷିକ ଫାସ୍‌ଟ୍ୟାଗ୍ ନେଇପାରିବେ। ତାହା ଜରିଆରେ ସେମାନେ ଏକ ବର୍ଷ ପର୍ଯ୍ୟନ୍ତ କିମ୍ବା ୨୦୦ ଥର ଟୋଲ୍ ପ୍ଲାଜା ଅତିକ୍ରମ କରିପାରିବେ। କେବଳ ଘରୋଇ ଗାଡ଼ି ଲାଗି ଏହି ପାସ୍ ଜାରି କରାଯାଉଛି। ଏକକାଳୀନ ଫି’ ଦେଇ ପାସ୍ କିଣିବା ପରେ ମାତ୍ର ଦୁଇ ଘଣ୍ଟାରେ ତାହା ସକ୍ରିୟ କରାଯାଉଛି।

# ନିଟ୍ ପରୀକ୍ଷାରେ ପାର୍ଥସାରଥୀଙ୍କ ସଫଳତା



**ବାଲିଆପାଳ,୧୯।୮ (ସଂଚାର ବ୍ୟୁରୋ):** ନିଟ ପରୀକ୍ଷାରେ ବାଲିଆପାଳ ବ୍ଲକ ଚୌମୁଖ ଗ୍ରାମର ପାର୍ଥସାରଥୀ ବିଶ୍ୱାଳ ସଫଳତା ଅର୍ଜନ କରିଛନ୍ତି ସେ ୧୮୭୫ ର୍‍ୟାଙ୍କରେ ଥିବା ବେଳେ କାଉନସିଲିଙ୍ଗ ପରେ ବାରିପଦା ପଣ୍ଡିଦ ରଘୁନାଥ ମୁର୍ମୁ ମଡେିକାଲ କଲେହରେ ପଢିବା ପାଇଁ ମନୋନୀତ ହୋଇଛନ୍ତି। ପାର୍ଥ ରାଣିଖୁଣ୍ଡି ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଭୁବନ ମୋହନ ବିଶ୍ୱାଳ ଏବଂ ମାତା ରଶ୍ମିତା ବିଶ୍ୱାଳ ଙ୍କ ପୁଅ। ପାର୍ଥ ରାମପ୍ରସାଦ ହାଇସ୍କୁଲ ଏବଂ ଭୋଗରାଇ ଆରଏଚଏସ କଲେଜରେ ପାଠ ପଢିବା ପରେ କଟକରେ କୋଚିଙ୍ଗ ନେଉଥିଲେ।ପାର୍ଥଙ୍କ ଏହି ସଫଳତା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

# ସାରଙ୍ଗଗଡ଼ରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

**କନ୍ଧମାଳ,୧୯।୮ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ସାରଙ୍ଗଗଡ଼ ଅଞ୍ଚଳରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାର ସମାଧାନ ଦାବିରେ ଅଞ୍ଚଳବାସୀ ଏକାଠି ହୋଇଛନ୍ତି। ଏନେଇ ପୁରୁଣା ସାହିରେ ଥିବା କୁଇ ଉପଶାଖା କାର୍ଯ୍ୟାଳୟରେ ଏକ ବୈଠକ କରି ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାର ସମାଧାନ ଦାବିକୁ ଜୋରଦାର କରିବାକୁ ନିଷ୍ପତ୍ତି ନେଇଛନ୍ତି। ସମାଜସେବୀ ଆମନ ଚନ୍ଦ୍ର ନାୟକ ଓ ସସ୍ମିତା ମଲିକ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ୩ ଗୋଟି ପଞ୍ଚାୟତର ବୃଦ୍ଧିଜିବୀ ଉପସ୍ଥିତ ହୋଇଥିଲେ। ନିରାକାର ପ୍ରଧାନଙ୍କ ସଭାପତିତ୍ୱରେ ସାରଙ୍ଗଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଦୂରାବସ୍ଥା, ପୁରୁଣା କୋଠାର ମରାମତି ଓ ନୂତନ କୋଠା ନିର୍ମାଣ ବିଷୟକୁ




ନେଇ ଆଲୋଚନା ହୋଇଥିଲା। ପ୍ରଥମେ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ପାତ୍ରଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରାଯିବ । ଯଦି ୧୫ ଦିନ ମଧରେ କୌଣସି ଉତ୍ତର ନ ମିଳେ ତେବେ ଆଗାମୀ ଦିନରେ ଅଞ୍ଚଳବାସୀଙ୍କ ତରଫରୁ ଦୃଢ଼ ପଦକ୍ଷେପ ନିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା।

ସୁଚନା ପ୍ରକାରେ ସାମାନ୍ୟ ବର୍ଷା ହେଲେ ଛାତରୁ ପାଣି ଗଳୁ ଥିବାରୁ ରୋଗୀସେବା ଗୁରୁତର ପ୍ରଭାବିତ ହେଉଛି। ଡ଼ାକ୍ତର ଓ ରୋଗୀ ଦୁହେଁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଭଗ୍ନ ଅବସ୍ଥାରେ ବିପଦସଙ୍କୁଳ ପରିସ୍ଥିତିରେ ସ୍ୱାସ୍ଥ୍ୟ ସେବା ଚାଲି ଥିବାରୁ ତୁରନ୍ତ ପୁରାତନ କୋଠାର ମରାମତି ସହିତ ଅନ୍ୟ ଜାଗାରେ ନୂତନ କୋଠା ନିର୍ମାଣ କରିବା ନିମନ୍ତେ ଲାମ୍ବୁରା ପ୍ରଧାନ, ନିରାକାର ପ୍ରଧାନ, ରମେଶ ଚନ୍ଦ୍ର ପ୍ରଧାନ, ଯୁବରାଜ ମଲିକ, ଜୟସନ୍ ପୂଜାରୀ, ଗୋପିନାଥ ଦଳବେହେରା , ବିଶ୍ୱାମିତ୍ର ମଲିକ, ବିକ୍ରମ ପ୍ରଧାନ, ସନ୍ତୋଷ ପ୍ରଧାନ, ଠାକୁର ବିଷୋୟୀ, ପ୍ରକାଶ ଚନ୍ଦ୍ର ମୁଖି ସହିତ ଅଞ୍ଚଳବାସୀ ଦାବି କରିଛନ୍ତି।

# ଯୁବ ସ୍ୱାଭିମାନ ଦିବସରେ ରକଷ୍ଟାର କ୍ଲବ ପକ୍ଷରୁ ରକ୍ତଦାନ ଶିବିର

**ବାଲିଆପାଳ,୧୯।୮ (ସଂଚାର ବ୍ୟୁରୋ):** ଯୁବ ସ୍ୱାଭିମାନ ଦିବସ ଉପଲକ୍ଷେ ବାଲିଆପାଳ ରକଷ୍ଟାର କ୍ଲବ ଆନୁକୁଲ୍ୟରେ ସ୍ଥାନୀୟ ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ



ଅଶ୍ୱିନୀ ସ୍ମାରକୀ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରରେ ମୁଖ୍ୟଅତିଥି ଭାବରେ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ର ଇନଚାର୍ଜ ଡା ପ୍ରିତମ କୁମାର ସାହୁ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ ଏହିଭଳି ରକ୍ତଦାନ ଶିବିର ଆୟୋଜନ କରାଯାଇ ରାଜ୍ୟରେ ରକ୍ତ ସଙ୍କଟକୁ ଦୂର କରିବାର ସଂକଳ୍ପକୁ ଭୂୟସୀ ପ୍ରଶଂସା କରିବା ସହିତ ରକ୍ତ ଦାତାକୁ ଉତ୍ସାହିତ କରିଥିଠଲେ। ବାଲେଶ୍ୱର ରକ୍ତ ଭଣ୍ଡାରର ଟେକ୍ନିସିଆନ ଅକ୍ଷୟ କୁମାର ଜେନା, ମାନିନୀ ମଲ୍ଲିକ, ବିଦ୍ୟାଧର ସାହୁ, ବିଜୟ ପଟ୍ଟନାୟକ, ପ୍ରମୁଖ ରକ୍ତ ସଂଗ୍ରହରେ ସହ ଯୋଗ କରିଥିଲେ। ଏହି ଅବସରରେ ୩୭ ଜଣ ରକ୍ତଦାତା ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଆଜିର ଏହି ରକ୍ତଦାନ ଶିବିରକୁ ବ୍ୟୋମକେଶ ସାହୁ, କ୍ଲବର ସଭାପତି ସୁଜିତ କୁମାର ସାହୁ, ସୁବ୍ରତ ସେନାପତି, ଅସୀତ କୁମାର ଜେନା, ଦେବବ୍ରତ ସାହୁ, ରାଧାକୃଷ୍ଣ ଦାସମହାପାତ୍ର, ମିଳନ ତ୍ରିପାଠୀ, ତ୍ରୀବିକ୍ରମ ଗିରି, ଜ ନ୍ମେଜୟ ବିଶ୍ୱାଳ.ସଞ୍ଜୟ ସାହୁ, ରମେଶ ଜେନା, ରାକେଶ ସାହୁ ସାମ୍ବାଦିକ ଉମାକାନ୍ତ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

ଖଜୁରୀପଡାରେ କାମକରୁନି ଇଣ୍ଟରନେଟ ସେବା

# ରାଜରାସ୍ତାକୁ ଓହ୍ଲାଇବେ ଅଞ୍ଚଳବାସୀ

**କନ୍ଧମାଳ,୧୯।୮ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ଠାରେ ଥିବା ନେଟୱର୍କ ଲୁଚକାଳି ଖେଳୁଥିବାରୁ ଇଣ୍ଟରନେଟ ସେବାରେ ବ୍ୟାଘାତ ସୃଷ୍ଟି ହେଉଛି। ଏହାକୁ ନେଇ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି ଅଞ୍ଚଳବାସୀ । ସୂଚନା ପ୍ରକାରେ ଖଜୁରୀପଡ଼ା ନିକଟରେ ଥିବା ବିଏସଏନଏଲ ନେଟୱର୍କଟି



ସଦାବେଳେ ଲୁଚକାଳି ଖେଳୁଚି ଓ ସେଥିରେ ଜିଓ ନେଟୱର୍କ ମଧ ମିଶ୍ରିତ ଭାବେ ସ୍ଥାପନ ହୋଇଥିବାରୁ ଉଭୟ ନେଟ କାମ କରୁନାହିଁ । ଏହି ବିଷୟରେ ବାରମ୍ବାର ବିଭାଗକୁ ଦୃଷ୍ଟି ଆକର୍ଷଣ କଲେ ମଧ ନିରବଦ୍ରଷ୍ଟା ସାଜୁଛି ବିଭାଗ ଅଧିକାରୀ । ଯାହା ଫଳରେ ଖଜୁରୀପଡ଼ାର ବିଭିନ୍ନ ଅଫିସ୍ ଯଥା ବ୍ଲକ, ଶିକ୍ଷା, ତହସିଲ, ଥାନା, ମେଡିକାଲ ଓ ବ୍ୟାଙ୍କ, ଜନସେବା କେନ୍ଦ୍ର ଗୁଡିକରେ ଅନଲାଇନ ସେବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି କର୍ମଚାରୀ ଏବଂ ଜନସାଧାରଣ । ଏହି ବିଷୟରେ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଛି କିନ୍ତୁ କିଛି ସଫଳତା ମିଳି ପାରିନାହିଁ । ତେଣୁ ଅଞ୍ଚଳରେ ଜନ ଅସନ୍ତୋଷ ଦେଖାଦେଇଛି । ଯଦି ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ନ ଦିଅନ୍ତି ତେବେ ଅଞ୍ଚଳବାସୀ ରାଜ ରାସ୍ତାକୁ ଓହ୍ଲାଇବାକୁ ବାଧ ହେବୁ ବୋଲି କହିଛନ୍ତି ।

# ବିଜ୍ଞାପିତ ଅଞ୍ଚଳ ପରିଷଦ ତାଲିକାରୁ ବୋରିଗୁମ୍ମା ବାଦ୍

## ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ

**ବୋରିଗୁମ୍ମା,୧୯।୮ (ସଂଚାର ବ୍ୟୁରୋ):** ରାଜ୍ୟରେ ୧୨ ବ୍ଲକକୁ ମହାବିଜ୍ଞାପିତ ଅଞ୍ଚଳ ପରିଷଦ ଭାବରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞାପିତ ପ୍ରକାଶ ପାଇଛି। ଏହି ୧୨ ବ୍ଲକ ମଧ୍ୟରୁ ପୂର୍ବରୁ ଏନଏସି ଭାବରେ ଘୋଷଣା ହୋଇଥିବା ବୋରିଗୁମ୍ମା ବ୍ଲକ ଏଥିରୁ ବାଦ ପଡ଼ିଛି । ଯାହାକୁ ନେଇ ଏବେ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।



ବୋରିଗୁମ୍ମା ଅଞ୍ଚଳ କୋରାପୁଟ ଜିଲ୍ଲାର ବହୁ ପୁରାତନ ସହର ତଥା ରାଜ୍ୟର ବୃହତମ ବ୍ଲକ ଭାବେ ପରିଚିତ। ଏହି ସହରକୁ ଏନଏସି ମାନ୍ୟତା ପ୍ରଦାନ ପାଇଁ ବିଧାନସଭା ନିର୍ବାଚନ ପୂର୍ବରୁ ଦୀର୍ଘ ବର୍ଷ ଧରି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ବିଧାନସଭାରେ ଦାବି ଉପସ୍ଥାପନ କରିଆସୁଥିଲେ। ଯଦ୍ୱାରା ବିଧାନସଭା ନିର୍ବାଚନ ପୂର୍ବରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜୟପୁର ନିର୍ବାଚନ ମଣ୍ଡଳୀର ବୋରିଗୁମ୍ମା ସହରକୁ ଏନଏସିର ମାନ୍ୟତା ଘୋଷଣା କରିଥିଲେ। ଏନଏସି ଘୋଷଣାର ଶ୍ରେୟ ନେଇ ରାଜନୈତିକ ଦଳ ସମେତ କିଛି ସଂଗଠନ ଶୋଭାଯାତ୍ରା କରିଥିବା ଦେଖିବାକୁ ମିଳିଥିଲା। ଏଥର କିନ୍ତୁ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରକାଶିତ ବିଜ୍ଞପ୍ତିରେ ବୋରିଗୁମ୍ମା ଅଞ୍ଚଳକୁ ଏନଏସି ମାନ୍ୟତା ପ୍ରଦାନ କରାଯାଇ ନାହିଁ। ସମସ୍ତ ଭିତ୍ତିଭୂମି ଥାଇ ମଧ ରାଜନୈତିକ ଇଚ୍ଛାଶକ୍ତି ଅଭାବ ଓ ବୋରିଗୁମ୍ମା ପ୍ରତି ବୈମାତୃକ ମନୋଭାବ ଯୋଗୁ ବର୍ତ୍ତମାନ ସରକାର ଅଦ୍ୟାବଧି ବୋରିଗୁମ୍ମା ଅଞ୍ଚଳକୁ ଏନଏସି ମାନ୍ୟତା ପ୍ରଦାନ କରିନାହାଁନ୍ତି। ଏହା ନେଇ ବୋରିଗୁମ୍ମା ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏହାର ପୁନଃ ବିଚାର କରା ନ ଗଲେ ବିରାଟ ଜନ ଆନ୍ଦୋଳନ ହେବ ବୋଲି ବହୁ ସଂଗଠନ ଚେତାବନୀ ଦେଇଛି।

# ବୋହୂକୁ ନିର୍ଯାତନା ଦେଇ ଘରୁ ତଡିଦେଲେ ଶାଶୂଘର ଲୋକେ

**ବୈଶିଙ୍ଗା,୧୯।୮ (ସଂଚାର ବ୍ୟୁରୋ):**ବୈଶିଙ୍ଗା ଥାନା ଅର୍ନ୍ତଗତ ବଡଗୋପାଳପୁର ଗ୍ରାମରେ ଜନୈକା ମହିଳାଙ୍କୁ ତାଙ୍କ ଶାଶୁ ଘର ଲୋକ ନିର୍ଯାତନା ଦେଇ ଘରୁ ବାହାର କରିଦେଇଥିବା ନେଇ ପୁଲିସ ନିକଟରେ ମଙ୍ଗଳବାର ଅଭିଯୋଗ ହୋଇଛି।

ମିଳିଥିବା ସୂଚନା ମୁତାବକ ଲିଲି ମଣି ଦାସ ଓ ତାଙ୍କ ୯ ବର୍ଷର ଝିଅକୁ ଶଶୁର କୃପାସିନ୍ଧୁ ଦାସ ଓ ଶାଶୁ ପବିତ୍ରାମଣି ଘରେ ରହିବାକୁ ଦେଉନାହାନ୍ତି କିମ୍ବା ତାଙ୍କ ସ୍ୱାମୀ ଯୋଗେନ୍ଦ୍ରଙ୍କ ସହିତ ମିଶିବାକୁ ମଧ ଦେଉନାହାନ୍ତି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଅନ୍ୟ ପକ୍ଷରେ ଶଶୁର କୃପାସିନ୍ଧୁ ମଧ ବହୁ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବାର ଅଭିଯୋଗ କରିଛନ୍ତି ଏବଂ ବାରିପଦା ପରିବାର ଅଦାଲତରେ ତାଙ୍କ ପୁଅ ଯୋଗେନ୍ଦ୍ର ଛାଡ଼ପତ୍ର ପାଇଁ ଆବେଦନ କରିଥିବା ପ୍ରକାଶ କରିଛନ୍ତି। ଲିଲିମଣିଙ୍କ ଅଭିଯୋଗ ମୂଳେ ପୁଲିସ ପକ୍ଷରୁ ୩୨୦ ନଂ ରେ ମାମଲା ରୁଜୁ କରାଯାଇଥିବା ବେଳେ କୃପାସିନ୍ଧୁଙ୍କ ଅଭିଯୋଗ ଆଧାରରେ ୩୨୧ ନଂ ରେ ଏକ ମାମଲା ରୁଜୁ କରାଯାଇଛି।

# ବିଦ୍ୟୁତ ତାର ଚୋରି ଘଟଣାରେ ୪ ଅଭିଯୁକ୍ତ କୋର୍ଟ ଚାଲାଣ

**ନୀଳଗିରି,୧୯।୮ (ସଂଚାର ବ୍ୟୁରୋ):** ନିଳଗିରି ପୁଲିସ ଏକ ବିଦ୍ୟୁତ ତାର ଚୋରି ଠକଙ୍କୁ ସାବାଡ କରିବା ସହ ୪ ଠକ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ନିଳଗିରି ଥାନା ଅନ୍ତର୍ଗତ ଦକ୍ଷିଣ ନରସିଂହପୁର ଗ୍ରାମର ଏକ ନୂତନ ଏଲ୍.ଆଇ ପଏଣ୍ଟକୁ ଠିକାଦାର ଜଣକ ବିଦ୍ୟୁତ୍ ସଂଯୋଗ କରିଥିଲେ। ଗତ ୧୬/୮/୨୫ରିଖି ରାତିରେ ରେମୁଣା ଥାନା ଅନ୍ତର୍ଗତ ମୁଖୁରା ଗ୍ରାମର ଶ୍ରୀକାନ୍ତ ସାହୁ ଓ ରେମୁଣା ରସୁଲପୁର ଗ୍ରାମର ସଞ୍ଜୟ କୁମାର ଜେନା ଏକ ବୋଲେରୋ ଗାଡ଼ି (ଓଡ଼ି ଜିରୋ ୱାୟନ୍ ଏନ୍-୩୫୦୦) ରେ ଦକ୍ଷିଣ ନରସିଂହପୁର କଲେଜ ନିକଟରେ ଥିବା ନୂତନ ପଏଣ୍ଟ ହାଉସ କୁ ଯାଇଥିବା ବିଦ୍ୟୁତ୍ ତାର କୁ କାଟି ନେଇଥିଲେ। ସକାଳେ ଠିକାଦାର କିସାନ ପ୍ରକାଶ ଦାସ ତାର ଚୋରି ହୋଇଥିବାର ଦେଖିବାକୁ ପାଇଥିଲେ। ଚୋରି ବାବଦରେ ସେଦିନ ସୁରାକ୍ ପାଇ ନଥିଲେ। ତା ପର ଦିନ ଠିକାଦାର ଜଣକ ରାତିରେ ଚୋରଙ୍କୁ ଧରିବା ପାଇଁ ଜଗି ବସିଥିଲା। ପୁଣି ଶ୍ରୀକାନ୍ତ ଓ ସଞ୍ଜୟ ଉକ୍ତ ବୋଲେରୋ ଗାଡ଼ିରେ ତାର ଚୋରି ପାଇଁ ଯାଇଥିଲେ। ଜଣେ ଖୁଣ୍ଟିକୁ ଚଢୁଥିବା ବେଳେ ଠିକାଦାର କିସାନ୍ କାବୁ କରି ସ୍ଥାନୀୟ ଲୋକଙ୍କୁ ଡାକି ଦୁଇ ଜଣକୁ ଅଟକ ରଖି ପୁଲିସକୁ ଖବର ଦେବା ପରେ ପୁଲିସ ଦୁଇ ଜଣଙ୍କୁ ଥାନାକୁ ଆଣିବା ସହ ବୋଲେରୋ ଗାଡ଼ିକୁ ଜବତ କରିଛି।

# ପତିତପାବନ ମହାବିଦ୍ୟାଳୟରେ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଆନନ୍ଦପୁର,୧୯।୮ (ସଂଚାର ବ୍ୟୁରୋ):** ଓଡିଶା ରାଜ୍ୟ ବେସରକାରୀ ଅଧାପକ ଓ କର୍ମଚାରୀ ସଂଘ ( ଓସ୍ନେଲିଆ)ର ଡ଼ାକରାରେ ଅଗଷ୍ଟ ୧୮ ତାରିଖ ଠାରୁ ପତିତପାବନ ମହାବିଦ୍ୟାଳୟର ୨୦୦୮ରୁ ୨୦୧୮ ମସିହା ମଧରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ସମସ୍ତ ଅଧାପକ ଓ କର୍ମଚାରୀ ବୃନ୍ଦଙ୍କୁ ପୂର୍ଣ୍ଣ ଅନୁଦାନ ପ୍ରଦାନ ଦାବିରେ ଅନିର୍ଦ୍ଧିଷ୍ଟ ସମୟ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ କରି ମହାବିଦ୍ୟାଳୟର ଗେଟ୍ ସାମ୍ନାରେ ଧାରଣାରେ ବସିଥିବା ଦେଖିବାକୁ ମିଳିଛି। ଯାହାର ଫଳସ୍ୱରୂପ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନଙ୍କର ପାଠପଢା ପ୍ରଭାବିତ ହୋଇଛି।



ଓଡିଶା ରାଜ୍ୟ ବେସରକାରୀ ଅଧାପକ ଓ କର୍ମଚାରୀ ସଂଘର ସଭାପତି ବିଶ୍ୱରଞ୍ଜନ ଦାସ ସଂଘର ପତ୍ର ସଂଖ୍ୟା ୯୫୮ ପ୍ରକାରେ ୦୮/୦୮/୨୦୨୫ ତାରିଖ ଦିନ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟକୁ ପତ୍ର ଲେଖିବା ସହ ତାହାର କପି ଉଚ୍ଚ ଶିକ୍ଷା ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଓ ବିଭାଗର ସଚିବ ଓ ନିର୍ଦ୍ଦେଶକ ବୃନ୍ଦଙ୍କୁ ପଠାଇ ସରକାରଙ୍କ ସହ ବିଭିନ୍ନ ସମୟରେ ଆଲୋଚନା ହୋଇଥିଲେ ମଧ ସରକାର ଅନୁଦାନ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ନୀତିଗତ ନିଷ୍ପତ୍ତି ନେଇ ନଥିବାର ଜଣାପଡିଛି। ତେଣୁ ୨୦୨୫ ଅଗଷ୍ଟ ୧୬ ତାରିଖ ଦିନ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିବାକୁ ସଂଘର ନେତୃମଣ୍ଡଳୀଙ୍କ ସହ ୨୦୦୦ରୁ ଉର୍ଦ୍ଧ ଅଧାପକ ଓ କର୍ମଚାରୀ ଭୁବନେଶ୍ୱରର ଗାନ୍ଧିମାର୍ଗରେ ଆନ୍ଦୋଳନ କରିଥିଲେ ମଧ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ହୋଇପାରି ନାହିଁ। ଯାହା ଫଳରେ ଅଗଷ୍ଟ ୧୮ ତାରିଖ ଠାରୁ ପୂର୍ବ ଚେତାବନୀ ଅନୁସାରେ ୪୮୮ ଓ ୬୬୨ ବର୍ଗର +୨ ଓ +୩ ମହାବିଦ୍ୟାଳୟ ଗୁଡିକରେ କାର୍ଯ୍ୟରତ ସମସ୍ତ ଅଧାପକ ଓ କର୍ମଚାରୀ ବୃନ୍ଦ ସମଗ୍ର ରାଜ୍ୟରେ କାର୍ଯ୍ୟବନ୍ଦ ଆନ୍ଦୋଳନରେ ଯୋଗ ଦେଇଛନ୍ତି। ତେଣୁ, ସରକାର ଯେପର୍ଯ୍ୟନ୍ତ ନୂତନ ଅନୁଦାନ ନୀତି ପାଇଁ କୌଣସି ନୀତିଗତ ନିଷ୍ପତି ନନେଇଛନ୍ତି ସେ ପର୍ଯ୍ୟନ୍ତ ପତିତପାବନ ମହାବିଦ୍ୟାଳୟରେ ମଧ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ସମସ୍ତ ଅଧାପକ ଓ କର୍ମଚାରୀ ମତବ୍ୟକ୍ତ କରିଛନ୍ତି ।

# ଏନ୍ଏସି ଘୋଷଣା ଦାବିରେ କଂଗ୍ରେସର ଆନ୍ଦୋଳନ ଚେତାବନୀ



**ବାଲିଆପାଳ,୧୯।୮ (ସଂଚାର ବ୍ୟୁରୋ):** ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ରାଜ୍ୟରେ ୧୨ଟି ବ୍ଲକକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଭାବରେ ଘୋଷଣା କରାଯାଇଛି। ମାତ୍ର ପୂର୍ବରୁ ଏନ ଏସି ଭାବରେ ଘୋଷଣା ହୋଇଥିବା ବାଲିଆପାଳ ବ୍ଲକ ଏଥିରୁ ବାଦ ପଡ଼ିଛି।ଯାହାକୁ ନେଇ ବାଲିଆପାଳ ବ୍ଲକ ଯୁବ କଂଗ୍ରେସ ପକ୍ଷରୁ ବ୍ଲକ ଛକ ସ୍ଥିତ ଶୁଭମ୍ ଗେଷ୍ଟ ହାଉସ ପରିସରରେ ମଙ୍ଗଳବାର ପୂର୍ବାହ୍ନରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଯୁବ କଂଗ୍ରେସ ସଭାପତି ସୁବାଷ ନାୟକଙ୍କ ଅଧକ୍ଷତାରେ ଏହି ଖବରଦାତା ସମ୍ମିଳନୀରେ ଜିଲ୍ଲା ପରିଷଦ ବାବାଜୀ ଦେହୁରୀ, ତୀର୍ଥ ନାଗ, ସମିତି ସଭ୍ୟ ଶାନ୍ତନୁ ମହାପାତ୍ର, ସରୋଜ ପିଳା, ହୃଷିକେଶ ପଣ୍ଡା ପ୍ରମୁଖ ଯୋଗଦେଇ ଥିଲେ। ବିଧାନସଭା ନିର୍ବାଚନ ପୂର୍ବରୁ ପୂର୍ବତନ ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକ ବାଲିଆପାଳକୁ ଏନ୍ ଏସି ଘୋଷଣା କରିଥିଲେ। ବାଲିଆପାଳ ତହସିଲ ପକ୍ଷରୁ ଏନେଇ ସର୍ଭେ କରାଯିବା ସହ ଏନ୍ ଏସି ଅଞ୍ଚଳରେ ଥିବା ପଞ୍ଚାୟତରେ ମଧ ଜନଶୁଣାଣୀ କରାଯାଇଥିଲା। ସରକାର କାହିଁକି ତାହା ପୂରଣ ନକରି ବାଲିଆପାଳକୁ ଅଣଦେଖା କରୁଛନ୍ତି ବୋଲି ସାମ୍ବାଦିକ ସମ୍ମିଳନୀରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା।ଆଗାମୀ ୨୫ ତାରିଖ ସୁଦ୍ଧା ବାଲିଆପାଳ ବ୍ଲକକୁ ଏନ୍ ଏସି ଘୋଷଣା କରାନଯାଏ ଯୁବ କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି ସଭାପତି ଶ୍ରୀ ନାୟକ।

# ଲିଜଧାରୀଙ୍କ ଅଜାଣତରେ ହେଉଛି ବାଲି ଚାଲାଣ, ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ



**ଆନନ୍ଦପୁର,୧୯।୮ (ସଂଚାର ବ୍ୟୁରୋ):** ଆନନ୍ଦପୁର ଉପଖଣ୍ଡରେ ଚୋରା ବାଲିଚାଲାଣ ଏବେ ଚରମ ସୀମାରେ ପହଞ୍ଚିଛି। ଖଣିବିଭାଗର ଅପାରଗତା ଯୋଗୁ ପ୍ରତିଦିନ ରାତିରେ ମାଫିଆ ମାନେ ଟ୍ରିପ ଟ୍ରିପ୍ ବାଲି ହାଇୱା ଯୋଗେ ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଛି। ଏହାକୁ ନେଇ ଜନ ଅସନ୍ତୋଷ ପ୍ରକାଶ ପାଇଛି। ମୌସୁମୀକୁ ଦୃଷ୍ଟିରେ ରଖି ଜୁନ୍ ୫ତାରିଖରୁ ଅକ୍ଟୋବର ୧୫ତାରିଖ ପର୍ଯ୍ୟନ୍ତ ବାଲି ଉଠାଣ ଉପରେ ସରକାରଙ୍କ ପକ୍ଷରୁ ରୋକ୍ ଲଗାଯାଇଥିବାବେଳେ ମାଫିଆ କିନ୍ତୁ ଏହାକୁ ମାନୁ ନାହାଁନ୍ତି। ସବୁଠାରୁ ବଡ଼କଥା ଲିଜଧାରୀଙ୍କ ଦ୍ୱାରା ଘାଟ ବନ୍ଦ କରାଯାଇଥିବାବେଳେ ବାହାର ମାଫିଆମାନେ ସ୍ଥାନୀୟ ଲୋକମାନଙ୍କୁ ହାତ କରି ବାଲି ଚୋରାଚାଲାଣ କରୁଥିବା ଅଭିଯୋଗ ହୋଇଛି। କେନ୍ଦୁଝର ଜିଲ୍ଲା ହାଟଡିହି ତହସିଲ ଗିରିଗାଁ ଘାଟର ଲିଜଧାରୀ ତପନ ନନ୍ଦ କହିଛନ୍ତି ସେ ବାଲି ଉତ୍ତୋଳନ ବନ୍ଦ କରିଥିବା ବେଳେ କିଏ ରାତିରେ ଉଠାଉଛି ତାଙ୍କ ପାଖରେ ଖବର ନାହିଁ। ସେ ଏନେଇ କେନ୍ଦୁଝର ଜିଲ୍ଲାପାଳ, ଏସପି ଓ ଖଣିବିଭାଗକୁ ମଧ ଅବଗତ କରିଛନ୍ତି। ତେବେ ମାଫିଆମାନେ କାହା ଛତ୍ରଛାୟା ତଳେ ରହି ଏଭଳି ବେଆଇନ୍ କାମ କରୁଛନ୍ତି ବୋଲି ଆନନ୍ଦପୁର ଦୁର୍ନୀତି ବିରୋଧୀ ପ୍ରଗତିଶିଳ ମଞ୍ଚର ଆବାହକ ଯଜ୍ଞପ୍ରସାଦ ସାହୁ ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରଶ୍ନ କରିଛନ୍ତି।

# କୁମଖାଳ ଛକରୁ ସିନ୍ଧିବାହାଳୀ ରାସ୍ତା ଶୋଚନୀୟ

**■ ବାରମ୍ବାର ଅଭିଯୋଗ ପରେ ବି ମିଳୁନି ସୁଫଳ ■ ରାସ୍ତାରୋକ ଚେତାବନୀ**



**ଲାଞ୍ଜିଗଡ଼,୧୯।୮ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ କୁମଖାଳ ଛକ ଠାରୁ ସିନ୍ଧିବାହାଳୀ ଗାଁକୁ ସଂଯୋଗ କରୁଥିବା ରାସ୍ତାର ଅତି ଶୋଚନୀୟ ଅବସ୍ଥା। ଉକ୍ତ ରାସ୍ତା ଲୋକଙ୍କ ପାଇଁ ଏକ ପ୍ରକାର ମୁଣ୍ଡ ବିନ୍ଧାର କାରଣ ପାଲଟିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ରାସ୍ତାରେ କୁମଖାଳ ପଞ୍ଚାୟତର ପୁନିଗୁଡ଼ା ଓ ବେଡ଼ାଗାଁ ପଞ୍ଚାୟତର ସିନ୍ଧିବାହାଳୀ, ବେଲଗୁଡ଼ାଙ୍ଗ, ବେଲଭଟ୍ଟା, ଗାରେଶ, ଦେହେଡ଼ା, ତାଡ଼ିଝୋଲା, ସଲପାଙ୍ଗ, ସର୍ଗିଲେପା, ମନସ୍ତରା ଏପରି ୧୦ରୁ ଉର୍ଦ୍ଧ୍ୱ ଗାଁର ୩ହଜାରରୁ ଅଧିକ ଲୋକ ନିତି ଦିନିଆ ଯାତାୟାତ କରିଥାଆନ୍ତି। ଏପରିକି ପଞ୍ଚାୟତ କାର୍ଯ୍ୟାଳୟରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ, ଡାକ୍ତରଖାନା ଓ ହାଟବଜାର ସହ ଅନେକ ଛାତ୍ରଛାତ୍ରୀ ମାନେ ସ୍କୁଲ କଲେଜକୁ ମଧ ଯିବା ଆସିବା କରିଥାଆନ୍ତି। ଯାହାକୁ ନେଇ ଛାତ୍ରଛାତ୍ରୀଙ୍କ ଅଭିଭାବକ ଓ ଅଞ୍ଚଳର ଲୋକେ ଏବେ ଚିନ୍ତାରେ।

ସିନ୍ଧିବାହାଳୀକୁ ସଂଯୋଗ କରୁଥିବା ରାସ୍ତା ଆରମ୍ଭରୁ ଛୋଟ ବଡ଼ ଖାଲଖମା ହେବା ସହ ଏପରି କାଦୁଅ ହୋଇଛି ଯେ'ଟିକିଏ ଅସାବଧାନତା ହେଲେ ଦୁର୍ଘଟଣାର ଶିକାର ହୋଇ ଖଣ୍ଡିଆ ଖାବରା ହେବାର ମଧ ବହୁତ ସମ୍ଭବନା ରହିଛି। ଉକ୍ତ ରାସ୍ତା ଯୋଗୁଁ ଆମ୍ବୁଲାନ୍ସ ମଧ କୌଣସି ଗାଁକୁ ପହଞ୍ଚିବା ଅସମ୍ଭବ ହୋଇଛି।ଏହାକୁ ନେଇ ଅଞ୍ଚଳବାସୀ ବହୁବାର ଅଭିଯୋଗ ଏବଂ ବିଭିନ୍ନ ଖବର କାଗଜରେ ଖବର ପ୍ରକାଶ ପାଇଥିଲେ ମଧ ଗ୍ରାମ୍ୟ ଉନ୍ନୟନ ବିଭାଗ ତଥା ପ୍ରଶାସନ ପକ୍ଷରୁ କୌଣସି ସୁଫଳ ମିଳିପାରୁନାହିଁ। ତେଣୁ ଆଗାମୀ ଅଳ୍ପ ଦିନ ମଧ୍ୟରେ ବିଶ୍ୱନାଥପୁର ଠାରୁ ବିଜେପୁରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ରୋକ କରିବା ପାଇଁ ଅଞ୍ଚଳବାସୀ ନିଷ୍ପତି ନେଇଥିବା ସୂଚନା ଦେଇଛନ୍ତି ରାଜୀବଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ଆବାହକ ମୁଲୁ ମାଝୀ।

# ଶିଶୁ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ



**ସୁବର୍ଣ୍ଣପୁର,୧୯।୮ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାରେ ଜିଲ୍ଲା ପ୍ରକଳ୍ପ ସଂଯୋଜକ ସୁଜିତ୍ କୁମାର ମିଶ୍ରଙ୍କ ନେତୃତ୍ୱରେ ବୀରମହାରାଜପୁର ଆଇସିଡ଼ିସ , ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରଥପୁର୍ ବିଦ୍ୟାଳୟ ଏବଂ ବାଳିକା ଉଚ୍ଚ ବିଦ୍ୟାଳୟ ବୀରମହାରାଜପୁରରେ ୧୦୯୮ ଏବଂ ଶିଶୁ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ୩୦ ଅଙ୍ଗନୱାଡ଼ି କର୍ମକର୍ତ୍ତା ଏବଂ ବିଦ୍ୟାଳୟ ମାନଙ୍କର ୨୦୦ ରୁ ଉର୍ଦ୍ଧ୍ୱ ଶିଶୁ ମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇ ଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରକଳ୍ପ ସଂଯୋଜକ ସୁଜିତ୍ କୁମାର ମିଶ୍ର ଚାଇଲ୍ଡ ହେଲ୍ପ ଲାଇନ ର କାଉନସିଲର୍ ସୁଧୀର କୁମାର ଦାସ , ସୁପରଭାଇଜର୍ ଧର୍ମେନ୍ଦ୍ର ଦାସ ଏବଂ ରୋଜୀ ଶା, ପ୍ରଶାନ୍ତ ମହାକୁଡ କାଉନସିଲର୍ ଗୌତମ ମହାପାତ୍ର ପି ଓ ଏନ ଆଇ ସି, ଡି ସି ପି ୟୁ ଏବଂ ଲେବର ବିଭାଗ ଦୁଇଜଣ ଏ ଏଲ୍ ଓ ଉପସ୍ଥିତ ରହି ୧୦୯୮ ଟୋଲ ଫ୍ରି ନମ୍ବର କାର୍ଯ୍ୟକାରିତା ଏବଂ ଶିଶୁ ଶ୍ରମିକ ଆଇନ ବିଷୟରେ, ଶିଶୁ ମାନଙ୍କ ପୃଷ୍ଟପୋଷକତା ବିଷୟରେ, ଶିଶୁମାନଙ୍କ ସମଗ୍ର ବେଆଇନର କାର୍ଯ୍ୟକାରିତା ବିଷୟରେ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ ।

**ପୁଣି ଦୁର୍ଗମ ଅଞ୍ଚଳରେ ଜନନୀ ଯନ୍ତ୍ରଣା**

# ରାସ୍ତା ନଥିବାରୁ ଗାଁକୁ ଗଲାନି ଆମ୍ବୁଲାନ୍ସ, ଏକ କିଲୋମିଟର ଚାଲିଲେ ଗର୍ଭବତୀ

**ଲାଞ୍ଜିଗଡ଼,୧୯।୮ (ସଂଚାର ବ୍ୟୁରୋ):** ଉପାନ୍ତ ଅଞ୍ଚଳରେ ପୁଣି ସାମ୍ନାକୁ ଆସିଛି ଯନନୀ ଯନ୍ତ୍ରଣାର ଚିତ୍ର। ଗାଁକୁ ଆମ୍ବୁଲାନ୍ସ ଯାଇ ନ ପାରିବାରୁ ୧ କିଲୋମିଟର ଚାଲି ଚାଲି ଯାଇଛନ୍ତି ଜଣେ ଗର୍ଭବତୀ ମହିଳା । କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ପଞ୍ଚାୟତ ଅନ୍ତର୍ଗତ ମେଲବାହାଲି ବଣ୍ଡେଲ ପଡ଼ାର ଏହି ଘଟଣା ବିକାଶର ବାସ୍ତବ ଚିତ୍ରକୁ ସାମ୍ନାକୁ ଆଣିଛି।

ଗାଁର ମିଶ୍ର ମାଝୀଙ୍କ ପତ୍ନୀ କାଞ୍ଚ ମାଝୀଙ୍କ ଗର୍ଭ ଯନ୍ତ୍ରଣା ହେବାରୁ ଆମ୍ବୁଲାନ୍ସ ଡକାଇଥିଲେ ଗ୍ରାମବାସୀ। କିନ୍ତୁ ରାସ୍ତା ନଥିବାରୁ ଗାଁଠାରୁ ୧ କିଲୋମିଟର ଦୂରରେ ଅଟକି ରହିଥିଲା ଆମ୍ବୁଲାନ୍ସ। ତେବେ ବିଳମ୍ବିତ ରାତିରେ ଝିପିଝିପି ବର୍ଷାରେ ୧ କି.ମି କାଦୁଅ ପଚପଚ ରାସ୍ତାରେ ଚାଲିକି ଆସିଲା ପରେ ଆମ୍ବୁଲାନ୍ସ ସେବା ମିଳିଥିଲା। ଏପରି ଦୃଶ୍ୟ ପୂର୍ବରୁ ସୀମାନ୍ତ ସଦର ବ୍ଲକ ଯୁଗସାଇପାଟଣା ପଞ୍ଚାୟତର କଡ଼ରୁସୋରୁ ଗାଁ ଓ ଲାଞ୍ଜିଗଡ଼ ବ୍ଲକର ପାହାଡ଼ପଦର ପଞ୍ଚାୟତ ତଇଁପଦର, ଲାଞ୍ଜି ପଞ୍ଚାୟତ ତୁର୍କା ଗାଁରେ ମଧ ଗର୍ଭବତୀ ମହିଳା ମାନଙ୍କୁ ଏଭଳି ଭାରରେ ବୋହି ଆଣିବା ପରେ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ଅଣାଯାଇଥିଲା। ବାରମ୍ବାର ଉପାନ୍ତ ଦୁର୍ଗମ ଅଞ୍ଚଳରେ ଏଭଳି ଘଟଣା ସାମ୍ନାକୁ ଆସୁଥିବାରୁ ଏହି ଅଞ୍ଚଳରେ ଜନନୀ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁସାରେ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ୫ କି.ମି ଦୂର ହେଉଥିବା ବେଳେ ବ୍ଲକ କାର୍ଯାଳୟ ଠାରୁ ୩୫କି.ମି ଦୂରରେ ଗାଁ ରହିଥିବା ବେଳେ ଏହି ଗାଁକୁ ଆଜି ବି ଭଲ ରାସ୍ତା ଖଣ୍ଡିଏ ନାହିଁ। ଫଳରେ ଏଭଳି ଘଟଣା ବାରାମ୍ବାର ଘଟୁଛି ଏବଂ ସ୍ୱାସ୍ଥ୍ୟସେବା ଏମାନଙ୍କ ପାଇଁ ଅପହଞ୍ଚ ହୋଇ ରହିଛି। ଆଜି ବି ୩୦ରୁ ଉର୍ଦ୍ଧ୍ୱ ଗାଁକୁ ଭଲ ରାସ୍ତା ନ'ଥିବା ଯୋଗୁଁ ନିରୀହ ଆଦିବାସୀ ଉତ୍ତମ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ରହୁଛନ୍ତି। ଏଣୁ ବ୍ଲକ ଏବଂ ଜିଲ୍ଲା ପ୍ରଶାସନ ଏଦିଗରେ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



# ସ୍ୱାର୍ଥପର ସମାଜର ନକ୍ସା



## ଜୟଶ୍ରୀ ପଟ୍ଟନାୟକ

ସମାଜସେବୀ ଭାବରେ ସୀତାଂଶୁଙ୍କ ନାମ ସବୁବେଳେ ଆଗ ଧାଡିରେ ଥାଏ। ଅନେକ ପୁରସ୍କାର ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କ ଠାରୁ ପାଇଛନ୍ତି। କଲେଜରେ ପଢିବା ଦିନଠାରୁ କାହାକୁ ରକ୍ତ ଦରକାର, କାହାକୁ ମେଡିକାଲ ନେଇ ଚିକିତ୍ସା କରାଇବା, କୋଉଠି ଗଛ ଲଗାଇବା, ରାସ୍ତାରେ ଦୁର୍ଘଟଣା ରେ ଛଟପଟ ହେଉଥିବା ଆହତ ବ୍ୟକ୍ତିକୁ ହସ୍ପିଟାଲ ରେ ପହଂଚାଇବା ଇତ୍ୟାଦି ଇତ୍ୟାଦି ଅନେକ ସମାଜସେବା ଅନ୍ତର୍ଗତ କାମ କରି ଖୁବ ପ୍ରଶଂସିତ ହୋଇଛନ୍ତି। ଅନେକ ପଇସା ସେ ଖର୍ଚ୍ଚ କରିଛନ୍ତି ଏବଂ ସମୟ ମଧ ଦେଇଛନ୍ତି। ଦିନେ ଗୋଟେ ଦୁର୍ଘଟଣା ପରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ହେତୁ ରାସ୍ତାରେ ପଡ଼ିଥିଲେ,ହୋସ ନ ଥିଲା। କିଛି ସ୍ୱେଚ୍ଛାସେବୀ ଯୁବକ ମାନଙ୍କ ଦ୍ୱାରା ଡାକ୍ତରଖାନା ରେ ଭର୍ତ୍ତି କରାଯାଇ ପରିବାରକୁ ଖବର ଦିଆଗଲା। ସବୁ ପରୀକ୍ଷା ନିରୀକ୍ଷା ପରେ ଡାକ୍ତର ମାନେ କହିଲେ ଅପେରସନ ପାଇଁ ଅନେକ ଟଙ୍କାର ଆବଶ୍ୟକତା ରହିଛି। ଏହା ଶୁଣି କିଛି ଟଙ୍କା ରୋଜଗାର ହେଲା ହେଲେ ଅପେରସନ ପାଇଁ ଯେତିକି ଟଙ୍କା ଆବଶ୍ୟକ ତାହା ଯୋଗାଡ଼ ହୋଇ ପାରିଲା ନାହିଁ। ପରିବାର ଲୋକଙ୍କ ମଧରେ ଭାଳେଣି ପଡିଲା କୋଉଠୁ ଆସିବ ଏତେ ଟଙ୍କା ? ଜୀବନ ସାରା ପରକୁ ସାହାଯ୍ୟ କରି ନିଜ ପାଇଁ କିଛି ସଞ୍ଚି ନ ଥିଲେ। ଏବେ କେହିବି ସାହାଯ୍ୟ କରିବାର ହାତ ଆଗେଇ ଆସିଲେ ନାହିଁ। ଏହାଦେଖି ସାଙ୍ଗ ମାନେ କହିଲେ ଆରେ ଶୀତୁ ଏଇଟା ହେଉଛି ଆମ ସମାଜ ଲୋକଙ୍କର କାମ। ଯିଏ ଅସୁବିଧା ରେ ପଡିଥାଏ ତୋ ପାଖକୁ ଫୋନ କଲେ ତୁ ସେ ସମୟରେ ହଜାରେ ଲୋକଙ୍କର ସେବା କରିଛୁ ସାହାଯ୍ୟ ସହଯୋଗ ବି କରିଛୁ। ହେଲେ ଏବେ ସେମାନେ ତୋତେ ଏ ଅବସ୍ଥାରେ ଦେଖିକି ମୁହଁ ଫେରାଇ ଚାଲି ଯାଉଛନ୍ତି.। ସୀତାଂଶୁ କହିଲା- ସେ ଆଶା ତ ମୁଁ କେବେ କରିନି। ଯାହାର ଇଚ୍ଛା ହେବ କି ଭାବିବେ ମୁଁ କିଛି କରିଛି ସେମାନଙ୍କ ପାଇଁ ତେବେ ସେମାନେ ସାହାଯ୍ୟ କରିବେ। ନଚେତ ଭୁଲିଗଲେ ମୁଁ ଆଉ ବଞ୍ଚି ପାରିବି ନାହିଁ। ତୁମେ ସବୁ ଚାନ୍ଦା କରି ମୋ ଶବକୁ ଉଠାଇଦେବ ଏତିକି ଅନୁରୋଧ କରିଥିଲା ସୀତାଂଶୁ। ତାପରେ କେଇ ମିନିଟ ଭିତରେ ତାର ପ୍ରାଣ ବାୟୁ ଶରୀର ଛାଡ଼ି ଚାଲିଗଲା। ହସ୍ପିଟାଲ ବାହାରେ ଶୁଭୁଥିଲା ରାମ ନାମ ସତ୍ୟ ହେ। କୋଣ ଅନୁକୋଣ ରୁ ସବୁ ସାଙ୍ଗ ଆସି ପହଞ୍ଚିଲେ। କିଏ କ ହୁ ଥି ଲ। ମୋତେ ମାଗିଥିଲେ ଦେଇଥାନ୍ତି ଟଙ୍କା। କିଏ କହୁଥିଲା ମୋତେ ଟିକେ ଜଣାଇଲାନି। ସରକାର ଙ୍କୁ ଲେଖିଥିଲେ ସାହାଯ୍ୟ କିଛି ମିଳିଥାନ୍ତା। ଆହା.. ଚୁ.. ଚୁ.. ବିଚରାଟା। ଏମିତି ଅନେକ କଥାର ଲଗାଣ ବର୍ଷାରେ ଧୋଇ ହୋଇ ଯାଉଥିଲା ତାର ଦୁଃଖ। ପଛରେ ରହି ଯାଉଥିଲା ଗୋଟେ ସ୍ୱାର୍ଥପର ସମାଜର ନକ୍ସା।



**ଗଙ୍ଗନଗର, ଭୁବନେଶ୍ୱର**



# ପାଠକ ଟିଏ ମୁଁ ହେବି

## ଡଃ ନାରାୟଣ ଚନ୍ଦ୍ର ସେନାପତି

କାହା ଭାବନାର ଚିତ୍ରିତ ଲେଖାକୁ
ଶରଧାରେ ଯେବେ ପଢି ମୁଁ ଦିଏ
ଛପି ଛପି ମୋର ଅଜାଣତେ ଆସି
ଜ୍ଞାନ ତତ୍ତ୍ୱ ମୋତେ ନିଦ୍ରୁ ଉଠାଏ।

କାହାର ଲେଖାରୁ ନୀତି ରୀତି ଟିକେ
ଖୋଲି ଆଦରରେ କଲେ ପ୍ରଶଂସା
ହେଉ ସେ ଅଚିହ୍ନା ଅପରିଚିତ ଟେ
ବନ୍ଧୁ ବାନ୍ଧିବାକୁ କରଇ ଆଶା।

କାହା କାବ୍ୟ ଲେଖା ଆଗ୍ରହରେ ପଢି
ବୁଝି ପାରିଲେ ତା ଦିବ୍ୟ ନିର୍ଯ୍ୟାସ
ନେପଥ୍ୟେ କେ କହେ କରିଯା ରଚନା
ମନେ ହୃଦେ ବାଢ଼ି ସଜ ବିଶ୍ୱାସ ।

ପାଠକ ସାଜିଲେ ଆମ ଭାବ ସହ
ଜାଣିବା କାହାର ଅଛି ସାମ୍ୟତା
ଭିନ୍ନ ବିଚାରରେ କିଏ କ'ଣ ତୋଳେ
କେଉଁଠି କାହାର ଅଛି ଦକ୍ଷତା।

ଗାଡିଏ ପଢ଼ିଲେ ଧାଡିଏ ଲେଖିବା
ସଭିଏଁ ସେ ଲେଖା ନେବେ ଆଦରି
ଲେଖାର ସୁବାସ ସଭିଙ୍କୁ ମୋହିବ
ପିଇବେ ଆଦରେ ପୀୟୂଷ ପରି।

କବି ପାଇଁ ଯଦି ଅଟେ କେ ଈଶ୍ୱର
ସେ ପରା ନିର୍ମଳ ପାଠକ ଟିଏ
ଯାହାର ଟୋପାଏ ମଧୁ ମତ ପାଇ
ଜିତିବା ପାଇଁ ସେ ଦିଗ ଦେଖାଏ।

ଉତ୍ସାହ ଘାଟର ନାଉରିଆ ସିଏ
ପ୍ରେରଣା ଉଦ୍ୟାନେ କୁଶଳୀ ମାଳି
ତା ପ୍ରୀତି ପରଶ କୁହୁକ ପରାଏ
ଓଦା ଜାଳେଣିକୁ ଦିଅଇ ଜାଳି।

ସ୍ୱଚ୍ଛ ହୃଦୟରେ ଅସୂୟା ବରଜି
ସାଜେ ଯେ ଅହିଂସ ପାଠକଟିଏ
ସାହିତ୍ୟ ମାଆର ଗେହ୍ଲା ପୁଅ ସାଜି
ଜାବୁଡେ ସଭିଙ୍କ ପ୍ରେମ ମାଠିଏ।

ଆଶା ମୁଁ ବାନ୍ଧିଛି ଭରସା ଖୁଆରେ
ପାଠକ ଟିଏ ମୁଁ ନିଶ୍ଚୟ ହେବି
ସଭିଙ୍କ ହୃଦୟୁ ପ୍ରେମାଶିଷ ଧରି
ସାହିତ୍ୟ ପାଇଁ ମୁଁ କାମ କରିବି।

ଭାଇ ଭଉଣୀଙ୍କୁ ଏତିକି ବିନତି
କବି ହେବା ପାଇଁ ଯଦି ଇଚ୍ଛୁକ
ଭଲ ପାଠକଟେ ହୋଇ ଲେଖିଯାନ୍ତୁ
ସାହିତ୍ୟ ପାଇବ ବଡ ସାଧକ।

**ଜମ୍ବ୍ରା,କେନ୍ଦୁଝର**





# ସ୍ୱପ୍ନ ତୁମେ ଫେରିଆସ

## ଡଃ ତାନଶ୍ରୀ ପାଣିଗ୍ରାହୀ

ଇନ୍ଦ୍ରଧନୁର ସପ୍ତରଙ୍ଗେ ତୁମେ
ମଧୁଯାମିନୀରେ ଆସ
ନିଦ୍ରା ବଳୟେ ଅପରୂପା ତୁମେ
ଏରାଗ ଚନ୍ଦନ ବାସ...

ତୁମର ଶୀତଳ ପରଶ ପାଇଁ କି
ଏ ମନ ହୁଏ ଅଧୀର
ଭସା ବାଦଲର ଶୂନ୍ୟ ଛାତିରେ
ବହଇ ମନ୍ଦ ସମୀର...

ଗାଇଯାଅ କେତେ ପ୍ରୀତିର ଗୀତିକା
ମୋ ମନର ମଧୁକୁଞ୍ଜେ
ସୁଖ ସରାଗର ରଙ୍ଗ ବୋଳିଦିଅ
ଭାବନା ରାଇଜେ ହଜେ...

ନବ ଉନ୍ମାଦନା ଦେଇ ଥାଅ ଭରି
ଲାଗେ ସବୁ ସତ ପରି
ଦରଦୀ ମନ ମୋ ଖୋଜି ବସେ ଯେବେ
କାହିଁ ଯାଅ ଅପସରି...

ହେ ସ୍ୱପ୍ନ ତୁମେ ଫେରିଆସ ମନେ
ନୀରବରେ ଯାଅ ନାହିଁ
ତୁମ ବିନା ଏଇ ସବୁଜ ଜୀବନ
ଲାଗେ ଅବା ମରୁଭୂଇଁ...

ତୁମେ ରଚିଥାଅ ଆଶା ଆକାଂକ୍ଷାର
ସୃଜନର ଫୁଲବନ
ଜୀବନର ପଥେ ଶିଖାଇଛ ତୁମେ
ବଞ୍ଚିବାର ସ୍ୱାଭିମାନ ।।

**ବାଲେଶ୍ୱର**
**ମୋବାଇଲ୍: ୯୩୩୭୩୦୪୨୯୫**



# ତୋତେ ହେବାକୁ ହେବ ବୀରଙ୍ଗନା

## ଜୟଶ୍ରୀ ପଟ୍ଟନାୟକ

କେତେ ଆଉ ନାରୀ ହୋଇ ଜାଳିବୁ ନିଜକୁ
କେତେ କରୁଥିବୁ ଆତ୍ମ ଦାହ
ସହିବୁ କେତେ ଅହଲ୍ୟା ପରି କଷଣ
ଅବା ମଲ୍ଲିକା ବା କାହା ନଗ୍ନ ପ୍ରେୟସୀ ସାଜି
କ୍ରୀଡ଼ନକ ସାଜିବୁ କୋଉ ଲମ୍ପଟ ର ?

ଥରେ ସମ୍ଭାବନାର ପାହାଚ ଚଢ଼ି
ଦେଖ ସ୍ୱପ୍ନ ଆଗାମୀ କାଲିର
ମନରେ ଦୃଢ଼ ଆତ୍ମ ବିଶ୍ୱାସ ଥିଲେ
ମନେରଖ ପଙ୍ଗୁ ବି ଲଙ୍ଘି ଥାଏ ଗିରି
ନୀଳ ଗଗନରେ ଉଡାଣ ଭରିବାକୁ
ଆଉ ନ ଥାଏ ଡର।

ଦେଖ ତୋ ଆଗରେ ସ୍ୱାଧୀନତା ର ଫର୍ଚ୍ଚା ଆକାଶ
ଏବେ ଆଉ ନାହିଁ ଅତୀତର ସେହି ବନ୍ଦୀ ଜୀବନ
ଅସୂର୍ଯ୍ୟପଶା ପରି ଘର କୋଣେ ବିତୁନାହିଁ ଜୀବନ
ନିଜେ ଅସ୍ତ୍ର ଧର ଦ୍ରୌପଦୀ, ଆଉ ଆସିବେନି ମାୟାଧର
ତୋତେ ବସ୍ତ୍ର ଦେଇ ଲଜ୍ଜା ଢାଙ୍କିବାକୁ
କି ବଂଶୀରେ ମଧୁର ମୁର୍ଚ୍ଛନା ତୋଳି
କରିବାକୁ ପ୍ରେମ ନିବେଦନ।

ତୋତେ ଯୁଝିବାକୁ ହେବ ଅସହାୟତାର ଶବ୍ଦ ସହ
ମାୟାର ଅଳନ୍ଧୁରେ ଛନ୍ଦି ନ ହୋଇ
ନୀଳବର୍ଣ୍ଣ ଶୃଗାଳ ମାନଙ୍କ ଭିତରେ ହଜି ନ ଯାଇ
ଲଢ଼ିବାକୁ ହେବ ନିଜ ଅଧିକାରର ଭାଗେ ସ୍ୱପ୍ନ ପାଇଁ
ତୋତେ ଆଉ ଦେବାକୁ ପଡ଼ିବନି ସୀତା ପରି ଅଗ୍ନି ପରୀକ୍ଷା
କରିବାକୁ ପଡ଼ିବନି ଉର୍ମିଳା ପରି ଅପେକ୍ଷା
ହେବାକୁ ପଡ଼ିବନି ରାଧା ପରି ବିରହିଣୀ
ଅହଲ୍ୟା ପରି ପଥର କି ପାଞ୍ଚାଳୀ ପରି ସହିବାକୁ ଅପମାନ।

ତୋତେ ହେବାକୁ ହେବ ଝାନ୍ସୀ ରାଣୀ ପରି ବୀରଙ୍ଗନା
ରଣ ଭୂମିରେ ମର ଅବା ମାର ନୀତିରେ ଯୁଝିବା ଶିଖ
ଫୁଲ ପରି କୋମଳ ନ ହୋଇ କଠିନ ହେବାକୁ ଶିଖ
ସଂଖୋଳିନେ ନିଜ ଇଚ୍ଛାର ଫୁଲ ଫୁଟା ବୟସର ସଞ୍ଜକୁ
ଯେଉଁଠି ଥିବ ଆତ୍ମ ପ୍ରତ୍ୟୟ, ମାନବିକତା ର ସ୍ୱର
ପୂର୍ବାଶାର ସୂର୍ଯ୍ୟ ଉଇଁଥିବ ତୋ ପ୍ରତି ଶ୍ରଦ୍ଧା ଆଉ ସମ୍ମାନର
ଶୁଭୁଥିବ ପଞ୍ଚଜନ୍ୟର ମଧୁର ନିନାଦ ତୋର ଜୟଗୀତିରେ
ହେଲେ ନ ଥିବ ସେଇଠି ଅସହାୟ
ଦୁର୍ବଳା, ଅବଳା ର ଶବ୍ଦ
ଥିବ ସେଠି ଅମା ରାତିର ତମସା ଚିରି
ଧାପେ ଆଲୁଅର ଆକାଶ
ଯୋଉ ଆକାଶରେ ଥିବ
ଆତ୍ମ ବିଶ୍ୱାସର ଅଫୁରନ୍ତ ହସ।



# ନାଆଁଟି ମୋହର ଘଡ଼ି

## ଧୀରେନ୍ଦ୍ର ମଲ୍ଲିକ

ଟିକ୍ ଟିକ୍ ଟିକ୍ ଶବଦ କରେ ମୁଁ
ନାଆଁଟି ମୋହର ଘଡ଼ି,
ଢଙ୍ଗ ଢଙ୍ଗ ଢଙ୍ଗ ବାଜଇ ଯେବେ ମୁଁ
ସମୟ ଯାଆଇ ବଢ଼ି।
କାହାକୁ ଯେ କେବେ ଅପେକ୍ଷା କରିନି
ଜୀବନରେ ପରା ମୋର,
ସଭିଙ୍କ ସାଥିରେ ବଡ଼ ଶରଧାରେ
ବାନ୍ଧିଛି ସେନେହ ଡୋର।
ରଙ୍ଗ ବେରଙ୍ଗର ଗଢ଼ା ମୋ ଶରୀର
ଦିଶଇ ସୁନ୍ଦର ଭାରି,
ବଳ ଥିବାଯାଏ ଚାଲେ ଅବିରତ
ଯାଏନାହିଁ କେବେ ହାରି।
ମୋ ପାଇଁ ସଭିଏଁ ଜାଣନ୍ତି ସମୟ
କରନ୍ତି ନିଜର କାମ,
ନେତା ଅଫିସର ଛାତ୍ରଛାତ୍ରୀ ଗଣ
ଆଗ ନିଅନ୍ତି ମୋ ନାମ।
ପୁରୁବ ଅପେକ୍ଷା ଚାହିଦା ମୋହର
ଯାଇଛି ଅବଶ୍ୟ କମି,
ତଥାପି ମୋ ପ୍ରତି କିଛିଲୋକ ମନେ
ଆଦର ରହିଛି ଜମି।
ଅନୁରୋଧ କରେ ସମସ୍ତଙ୍କୁ ମୁହିଁ
ବ୍ୟବହାର କର ମୋତେ,
କ୍ଷତି କିଛି କେବେ ହେବନି କାହାର
ବନ୍ଧୁଭଳି ଥିବି ସତେ।

**ନୀଳକଣ୍ଠପୁର,ମଙ୍ଗଳପୁର,ଯାଜପୁର**
**ଫୋନ-୭୯୦୪୩୯୨୬୮୬**



# ସଭିଙ୍କ ଅଧରେ ଫୁଟାଅ ହସ

## କବି ଭାରତୀ ବାସନ୍ତୀ ଲତା ଜେନା

ସଭିଙ୍କ ଅଧରେ ଫୁଟାଇଲେ ହସ
ଈଶ୍ୱର ହୁଅନ୍ତି ଖୁସି
ଆଶିଷର ବାରି ଝରାଇ ଦିଅନ୍ତି
ବ୍ୟଥା ମନୁ ଯାଏ ଖସି ।୧।
ମଧୁର ବଚନ ଅବା ମିଠା କଥା
ଦୁଃଖ ଦୂର କରି ଦିଏ
ପରକୁ ଆପଣ କ୍ଷଣେ କରି ନିଏ
ସଭାବନା ବଢ଼ି ଯାଏ ।୨।
ସେନେହ ଶରଧା ଆଦର ସମ୍ମାନ
ଅଧରେ ହସ ଫୁଟାଏ
ଉତ୍ତମ ବେଭାର କରିଲେ କାହାକୁ
ମନ ଆନନ୍ଦିତ ହୁଏ ।୩।
ହିଂସା ଈର୍ଷା ଦ୍ୱେଷ ପରଶ୍ରୀ କାତର
ଅନ୍ତରରେ ବ୍ୟଥା ଭରେ
ନିଜେ ଦୁଃଖୀ ହୁଏ ଅନ୍ୟେ ଦୁଃଖ ଦିଏ
ଶାନ୍ତି ଚାଲି ଯାଏ ଦୂରେ ।୪।
ଅଳିକ ସଂସାରେ କ୍ଷଣିକ ଜୀବନ
ଆଜି ଅଛି କାଲି ନାହିଁ
ନିଃସ୍ୱାର୍ଥ ଭାବନା ହୃଦୟରେ ରଖି
କାର୍ଯ୍ୟ କରି ଯିବା ଭାଇ ।୫।
ଦୁଃଖୀର ଆଖିରୁ ଲୁହ ପୋଛି ଦେବା
ଉଦରକୁ ମୁଠେ ଅନ୍ନ
କାହାର ଅନିଷ୍ଟ ଚିନ୍ତା ନ କରିବା
କରି ଜଗତ କଲ୍ୟାଣ ।୬।
ସେବା ତ୍ୟାଗ ନିଷ୍ଠା ମାନବୀୟ ଧର୍ମ
ତାକୁ ଭୁଲି ଯିବା ନାହିଁ
ସମାଜ ହିତରେ ନିଜର ଉନ୍ନତି
ମନେ ରଖି ଥାଅ ଭାଇ ।୭।
ବିପଦ ସମୟେ ସହଯୋଗ ହାତ
ବଢ଼ାଇଲେ ମେଣ୍ଟେ ଶୋଷ
କାହାରି ମନରେ ଦୁଃଖ ଦେବା ନାହିଁ
ନ ରହିବ ଅବଶୋଷ ।୮।
ମନ ପ୍ରଫୁଲ୍ଲିତ ସଭିଙ୍କରହେଉ
ଓଠେ ଫୁଟୁ ଥାଉ ହସ
ସଭିଙ୍କ ହସରେ ମୁଁ ଯେ ହସୁ ଥିବି
ପାଇବି ସୁଖ ସନ୍ତୋଷ ।୯।

**ଗାନ୍ଧୀନଗର, ନବରଙ୍ଗପୁର**



# ଶେଷରେ ତୁମେ ବଦଳି ଗଲ

## ସ୍ୱାଗତିକା ସାହୁ

ଏ ଯାଏଁ ଏ ଖରସ୍ରୋତା ମନ
ଆଜିବି ଅଚାନକ ଖୋଜି ବସେ...
ସ୍ୱୟଂ ଆକଳନ କରି ପାରୁନଥିବା
ସମୁଦ୍ରେ ପ୍ରଣୟର ଅଭୁଲା ସ୍ମୃତି...!
ଅକ୍ଳେଶରେ ଜୁଡୁବୁଡୁ ଆମେ ଦୁହେଁ
ନିୟତି,ସ୍ରଷ୍ଟାଙ୍କ ଅକୁହା ନିର୍ଣ୍ଣୟରେ
ତୁମ ଅନ୍ତରଙ୍ଗତାର ମହକ ଖୁବ୍ ମନେପଡ଼େ
ନିଷ୍କପଟ,ଅମାୟିକ,ସରଳ ବ୍ୟବହାର
ତୁମ ଥରିଲା ଥରିଲା ଓଠର ଚଳ ଚଞ୍ଚଳ....
କିଛି ନ କହିବି ଅନେକ କୁହ...!
ଆଉ ଜାଣିଥିଲ ଭଲ ଭାବେ,
ଏ ପ୍ରେମ ପେପରରେ ମୋ ବ୍ୟାକ୍ ଲାଗେ
ମୋତେ ଯିଏ ଭଲ ପାଏ ତା ପାଇଁ
ପ୍ରେମ ଗୋଟେ ମଲ୍ଟିପୁଲ ଚଏସ୍ କୋଶ୍ଚିନ୍
ଯାହାର ଅନ୍ସର୍ ରେ ମୁଁ ନାହିଁ....!

ଯୁଲୋଜି ଡିପାର୍ଟମେଣ୍ଟ ଆଗରେ
ନୀଳ ମେଘର ମୁକ୍ତ କବରୀ ପବନ ସାଥେ
ମୋତେ ଅନାଇ ଅନାଇ ଝୁଣ୍ଟି ପଡ଼ିଲ
ଆଉ ମୁଁ ହସିଦେଇ ତୁମ ଉଷ୍ମ ଆବେଗ
ଦେଖି କହିଥିଲି...
ତୁମ ଆଖିରେ ଗୋଟିଏ
ଅଣୁବୀକ୍ଷଣ ଯନ୍ତ୍ର ଲଗାଅ....!
ଆଉ ତୁମେ କହିଲ ତୁମ ଆଖିରେ
କ୍ଷେପଣାସ୍ତ୍ର ମାରିବା ବନ୍ଦ କର....

ଗୋଲାପକୁ ଅଣନିଶ୍ୱାସୀ କରିବା
ଗୋଟେ ଜିଦ୍ ଥିଲା ତୁମର ବୋଧେ...
ଆଉ ଆଜି ବଦଳି ଯାଇଛି ସମୟ
ଆଜିବି ହସି ହସି କୁହ ଦେଖ
ଶେଷରେ ତୁମେ ବଦଳି ଗଲ ନାଁ...!
ତୁମ ଦୁର୍ବାସା ପଣ କୁ ବନ୍ଧା ପକେଇ
ନିଶ୍ଚିନ୍ତରେ ସ୍ୱତଃ ପ୍ରବୃତ୍ତ ଭାବେ
ସମର୍ପି ଦେଲ ନିଜକୁ....!
ଆଜି କପାଳରେ ଫୁଟିଛି ମୋ ସିନ୍ଦୂରର
ସୂକ୍ଷ୍ମ ରେଖା ଓ ବିନ୍ଦୁ !!

ସେଇ ଅଡୁଆ କଥା,
ତୁମ ଚାହାଣୀ ରେ କେତେ କପ୍
ଚିନି ପକେଇଛ କୁହ...
ଦେଖିଦେଲେ ତୁମ ଆଖି ଦୁଇଟି
ସେ ମିଠା ମିଠା ମୁହଁ....
ଛୁଆ ଙ୍କ ଭିଡ଼ଟାରେ ବି ତୁମେ
ଧିରେ ଧିରେ ବ୍ଲୋର୍ ହୋଇ
ଖୁବ୍ ବାରି ହୋଇ ପଡ଼....!
ବିଦ୍ୟାଳୟ ଫାଟକ ପାଖେ ତୁମ ଅପେକ୍ଷା ରେ
ଅଥୟ ହୃଦୟ ସ୍ପନ୍ଦନ ଗଣି ବସେ
ମୋ ଅନ୍ତିମ ନିଶ୍ୱାସ ବି ଦେଇ ଦେବାକୁ ଚାହେଁ
ବାସ୍ ଥରେ ମାଗି ଦେଖ ନା...!

**ଉମରକୋଟ, ନବରଙ୍ଗପୁର**



# ସନ୍ଧ୍ୟା

## ଡ.ଶୁଭେନ୍ଦୁ ମେହେର

ସନ୍ଧ୍ୟା ଗୋ ତୁମେ
ଫେରିଯାଅ ଦୂରେ
ତୁମକୁ କରୁଛି ମନା ।
ତୁମରି ଆଗମେ
ଆମ ଗାଈ ଗୋଠ
ଲାଗେ ଭାରି ଛିନା ଛିନା ।।

ଆମ ଗାଁ ଆକାଶେ
ଶୁଭୁନାହିଁ ଆଉ
କିଚିରି ମିଚିରି ଶବ୍ଦ ।
ତୁମେ ଆସିଲେ ତ
ଗାଁ ବିଲ ବଣେ
ଶୁଭେ ଝିଙ୍କାରୀର ଶବ୍ଦ ।।

ତୁମେ ଯେବେ ଆସ
ନଈ କୂଳ ଦେଇ
ସୁରୁଜ ଯାଆନ୍ତି ଲୁଚି ।
ତୁମେ ଆସୁ ଆସୁ
ଅନ୍ଧାର ଘୋଟଇ
ଜନଶୂନ୍ୟ ହୁଏ ବିଚି ।।

ତୁମେ ଆସିଲେ ତ
ଚାଷୀଭାଇ ଫେରେ
ଅବସ ଅଧିର ହୋଇ ।
ତୁମେ ଆସ ଯେବେ
ଆମ ନଈକୂଳେ
ନାଆ ବାନ୍ଧେ ନାଆସାଇଁ ।।

ତୁମ ଆଗମନେ
କୁଆଁରୀ ଜହ୍ନ
ଲାଜେ ଲାଜେ ଧିରେ ଆସେ ।
ତୁମ ରୂପ ଶୋଭା
ଅନୁପମ ଆଭା
ପ୍ରେମିକା ପ୍ରେମିକା ବାସେ ।।

**ଯାଲୋଏ, ସୁବର୍ଣ୍ଣପୁର-୧୮**

# ସାରଙ୍ଗଗଡ଼ ପଶୁ ଚିକିତ୍ସାଳୟ ଭୂତକୋଠି ପରିଣତ

● ଗ୍ରାମବାସୀଙ୍କ ଦାବି ତୁରନ୍ତ ଡାକ୍ତର ଓ କର୍ମଚାରୀ ନିଯୁକ୍ତି କରାଯାଉ



**କନ୍ଧମାଳ,୧୯।୮(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକର ସାରଙ୍ଗଗଡ଼ ଅଞ୍ଚଳର ପଶୁଚିକିତ୍ସାଳୟ ଦୀର୍ଘଦିନ ଧରି ବନ୍ଦ ରହି ଏବେ ଭୂତୋ ବଙ୍ଗଳା ପାଲଟିଛି। ସ୍ଥାନୀୟ ଲୋକମାନଙ୍କ କହିବା ଅନୁସାରେ, ଏହି ଅଞ୍ଚଳର ୩ଟି ପଞ୍ଚାୟତରେ ୫୦ ହଜାରରୁ ଅଧିକ ଲୋକ ବସବାସ କରୁଛନ୍ତି। ସେମାନଙ୍କ ପାଇଁ ମୌଳିକ ସୁବିଧା ସହ ପଶୁଚିକିତ୍ସା ସେବା ମଧ୍ୟ ଅତ୍ୟାବଶ୍ୟକ। କିନ୍ତୁ, ବର୍ଷକୁ ବର୍ଷ ବିତିଗଲାଣି, ଏହି କେନ୍ଦ୍ରରେ ନା ପଶୁ ଡାକ୍ତର ଅଛନ୍ତି, ନାହିଁ କୌଣସି ଷ୍ଟକ୍ ମ୍ୟାନ? ଲୋକମାନେ ଅଭିଯୋଗ କରିଛନ୍ତି ଯେ, ପଶୁ ରୋଗରେ ପଡ଼ିଲେ ଏଠାକାର ଜଣେ ପିଅନଙ୍କୁ ଚିକିତ୍ସା କରିବାକୁ ବାଧ୍ୟ ହେବାକୁ ପଡୁଛି। ଏହିପରି ଅବ୍ୟବସ୍ଥାରେ ପଶୁ ସମ୍ପଦର ଭାରୀ କ୍ଷତି ହେଉଛି। ଏହା ସହିତ, ବନ୍ଦ ଥିବା ଚିକିତ୍ସାଳୟ ପ୍ରାଙ୍ଗଣ ଚତୁର୍ଦ୍ଦିଗରେ ଜଙ୍ଗଲୀ ଘାସ-ଗଛ ସୃଷ୍ଟି ହୋଇ, ସମ୍ପୂର୍ଣ୍ଣ ପରିସରଟି ଭୟଙ୍କର ଅବସ୍ଥାରେ ପରିଣତ ହୋଇଛି। ଗ୍ରାମବାସୀମାନେ କହୁଛନ୍ତି - ସରକାର ସାରଙ୍ଗଡ଼ ଅଞ୍ଚଳକୁ ପୂରାପୁରି ଅଣଦେଖା କରୁଛନ୍ତି। ଗ୍ରାମବାସୀଙ୍କ ଦାବି, ତୁରନ୍ତ ଏହି ପଶୁଚିକିତ୍ସାଳୟକୁ କାର୍ଯ୍ୟକ୍ଷମ କରାଯାଉ, ପଶୁ ଡାକ୍ତର ଓ ଆବଶ୍ୟକ କର୍ମଚାରୀଙ୍କୁ ନିଯୁକ୍ତ କରାଯାଉ, ଯାହା ଦ୍ୱାରା ସାରଙ୍ଗଡ଼ ଓ ପାଖପାଖି ଅଞ୍ଚଳର ହଜାର-ହଜାର ପଶୁପାଳକ ପରିବାର ଉପକୃତ ହେବେ।ଏହା ଆମର ନ୍ୟାର୍ଯ୍ୟ ଦାବି, ସରକାର ତୁମେ ମାନି ନିଅ। ଆଦି ମାନିବେ ନାହି ତେବେ ଅଞ୍ଚଳବାସୀ ରାଜରାସ୍ତାକୁ ଉଲ୍ଲାଇ ଦାବି ପାଇଁ ଲଢ଼େଇ କରିବେ।

ବର୍ଷାରେ ବେହାଲ ଗଜପତି ଜିଲ୍ଲା

# ୮ ମାଛ ଧରାଳିଙ୍କ ମଧ୍ୟରୁ ଜଣେ ନିଖୋଜ

**ଗଜପତି,୧୯।୮(ସଂଚାର ବ୍ୟୁରୋ):** ଲଗାଣ ବର୍ଷାରେ ବେହାଲ ଗଜପତି ଜିଲ୍ଲାର ତଳିଆ ଅଞ୍ଚଳ। ବାତ୍ୟା ଆଶ୍ରୟସ୍ଥଳୀ ସମେତ ବିଭିନ୍ନ ସ୍ଥାନ ବୁଲି ଦେଖିଲେ ଜିଲ୍ଲାପାଳ। ଦୁଇ ଦିନ ଧରି ଲଗାଣ ବର୍ଷା ଫଳରେ ତଳି ଅଞ୍ଚଳରେ ବର୍ଷାଜଳ ଜମିବା ସହ ବଂଶଧାରା ଓ ମହେନ୍ଦ୍ର ତନୟା ନଦୀରେ ଜଳସ୍ତର ବୃଦ୍ଧି ପାଇଛି । ଆହୁରି ବର୍ଷା ହେବା ନେଇ ପାଣିପାଗ ବିଭାଗ ଆକଳନ କରିଥିବା ବେଳେ କାଶୀନଗର ନିକଟସ୍ଥ ବଂଶଧାରା ନଦୀ ଉପକୂଳବର୍ତ୍ତୀ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରିଛନ୍ତି ଜିଲ୍ଲାପାଳ। ସେପଟେ ଡ୍ୟାମକୁ ମାଛ ଧରିବାକୁ ଯାଇ ଯୁବକ ନିଖୋଜ।

୮ ଘଣ୍ଟାର ସର୍ଚ୍ଚ ଅପରେସନ ପରେ ବି ମିଳୁନି ପତ୍ତା । ଗଜପତି ମୋହନା ଅଡ଼ବାରୁ ଏଭଳି ଘଟଣା ସାମ୍ନାକୁ ଆସିଛି। ଅଡ଼ବା ଗାଁର ଯୁବକ ସୁବ୍ରତ ନାୟକ ସମେତ ୮ ଜଣ ମାଛ ଧରିବାକୁ ଡ୍ୟାମକୁ ଯାଇଥିଲେ। ଅନ୍ୟ ୭ ଜଣ ଘରକୁ ଫେରିଥିବା ବେଳେ ସୁବ୍ରତ ଆଉ ଘରକୁ ଫେରିନଥିଲେ। ପରିବାର ଲୋକେ ବିଭିନ୍ନ ଜାଗାରେ ଖୋଜାଖୋଜି ପରେ ମଧ୍ୟ ପୁଅର ପତ୍ତା ମିଳିନାହିଁ । ଥାନାରେ ଅଭିଯୋଗ କରିଥିଲେ ଅଡ଼ବା ଥାନା ପୁଲିସ ଓ ଅଗ୍ନିଶମ ବାହିନୀ । ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଚଳାଇଥିଲେ ମଧ୍ୟ ସୁବ୍ରତଙ୍କ ପତ୍ତା ମିଳୁନାହିଁ। ସୁବ୍ରତଙ୍କ ସହ ମାଛ ଧରିବାକୁ ଯାଇଥିବା ୭ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି ପୁଲିସ ।



# ପାନୀୟ ଜଳ ସମସ୍ୟାକୁ ନେଇ ରାସ୍ତାରେ ଶତାଧିକ ମହିଳା

**କଲ୍ୟାଣସିଂହପୁର, ୧୯।୮ (ସଂଚାର ବ୍ୟୁରୋ):** ପାନୀୟ ଜଳ ସମସ୍ୟାକୁ ନେଇ ହାଣ୍ଡି, ଗରା ଆଦି ଧରି ରାଜ ରାସ୍ତାରେ ଶତାଧିକ ମହିଳା। ଏଭଳି ଦେଖିବାକୁ ମିଳିଛି ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକ ଶିକାରପାଇ ସାହି ନିକଟରେ। ପିଇବା ପାଣିର ସୁବିଧା ନ ହେବା ଯାଏଁ ରାସ୍ତାରୁ ଉଠିବେନି ବୋଲି ଦୁଇ ସାହିର ଶତାଧିକ ମହିଳା କହିଛନ୍ତି। ଫଳରେ କଲ୍ୟାଣ ସିଂହପୁର ଠାରୁ କାଶୀପୁର, ରାୟଗଡ଼ା ଆଦି ଯାତାୟାତ ବାଧାପ୍ରାପ୍ତ ହୋଇଛି। ଖବର ଲେଖାଯିବା ପର୍ଯ୍ୟନ୍ତ କୌଣସି ପ୍ରଶାସନିକ ଅଧିକାରୀ ପହଞ୍ଚି ନଥିବା ଜଣାପଡ଼ିଛି। ପ୍ରକାଶ ଥାଉକି, ଗତ ୪ ଦିନ ଧରି ଶିକରପାଇ ଗ୍ରାମରେ ପାନୀୟ ଜଳ ଯୋଗାଣ ବନ୍ଦ ରହିଛି। ଲୋକେ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଏନେଇ କୌଣସି ପଦକ୍ଷେପ ନିଆନଯିବାରୁ ଶେଷରେ ଉତ୍ତେଜିତ ହୋଇ ରାସ୍ତାରୋକୋ କରିଛନ୍ତି ଗ୍ରାମବାସୀ।



● ରାଜସ୍ୱ ଅମଲା ସଂଘର ବିଶାଳ ସମାବେଶ

# ଆନ୍ଦୋଳନକୁ ଜୋରଦାର କରିବାକୁ ପ୍ରସ୍ତୁତି

ଦମନ ଲୀଳା ର ପ୍ରତିବାଦ ପାଇଁ ପ୍ରସ୍ତୁତ ଅଛୁ: ରାଜ୍ୟ ସଭାପତି



**ସୁବର୍ଣ୍ଣପୁର,୧୯।୮(ସଂଚାର ବ୍ୟୁରୋ):** ରାଜସ୍ୱ ଅମଲା ସଂଘ ସୁବର୍ଣ୍ଣପୁର ଜିଲ୍ଲା ଶାଖା ପକ୍ଷରୁ ସ୍ଥାନୀୟ ଏନ୍ ଜି ଓ ସି ସି ହଲ୍ ଠାରେ ଆନ୍ଦୋଳନ ର ଆଗମୀ କାର୍ଯ୍ୟ ପନ୍ଥା ଓ ରୂପ ରେଖ ଉପରେ ଅମଲା ସଂଘ ର ଏକ ଜିଲ୍ଲା ସମାବେଶ ଅନୁଷ୍ଠିତ ହୋଇ ଯାଇଛି। ରାଜ୍ୟ ସଭାପତି ଶ୍ରୀଯୁକ୍ତ ତ୍ରିପତି ବାଲାଜୀ ସାହୁ ଓ ରାଜ୍ୟ ଏକ୍ସନ କମିଟି ଅଧ୍ୟକ୍ଷ ପ୍ରସନ୍ନ କୁମାର ନାଏକ ଯୋଗ ଦେଇ ଆମ କାର୍ଯ୍ୟ ବନ୍ଦ ଆନ୍ଦୋଳନ ରେ ସାଧାରଣ ଜନତା ଯେଉଁ ହଇରାଣ ହରକତ ହେଉଛନ୍ତି, ସେଥିପାଇଁ ଆମେ ଦୁଃଖିତ କହି ଏଥିପାଇଁ ସରକାର ହିଁ ଦାୟୀ ବୋଲି କହିଥିଲେ। ସରକାର ଙ୍କ ଯୋଜନା ସବୁ କୁ ଯେଉଁ ଅମଲା ତୃଣ ମୂଳ ଯାଏ ପହଞ୍ଚାଇବାରେ ସର୍ବଦା ପ୍ରମୁଖ ଭୂମିକା ନେଇଛି, ସରକାର ଚାହିଁଲେ ତୁରନ୍ତ ସମାଧାନ କରି ପାରିବ ବୋଲି କହି ଥିଲେ। କିନ୍ତୁ ଧମକ ପୂର୍ଣ୍ଣ ଭାବେ ନୁହେଁ ଆଲୋଚନା ମାଧ୍ୟମରେ ସମାଧାନ ହେଉ ବୋଲି ରାଜ୍ୟ କର୍ମ କର୍ତ୍ତା ପ୍ରକାଶ କରିଛନ୍ତି। ଓ ସରକାର ଚାହିଁଲେ ଆମେ ମଧ୍ୟ ଦିନେ ଦୁଇ ଦିନ ଭିତରେ ଯୁଦ୍ଧ କାଳୀନ ଭିତ୍ତିରେ ଏହାର ସମାଧାନ ପାଇଁ ଚେଷ୍ଟିତ ଅଛୁ ବୋଲି ଶ୍ରୀ ସାହୁ ଓ ଶ୍ରୀ ନାଏକ୍ ଆଜି ସାମ୍ବାଦିକ ସମ୍ମିଳନୀରେ ରେ କହିଛନ୍ତି। ଆଜିର ର ଏ ସମାବେଶ ରେ ରାଜସ୍ୱ ଅମଲା ସଂଘ ର ରାଜ୍ୟ ମୁଖ୍ୟ ପରାମର୍ଶଦାତା ସୁଧାକର ମହାପାତ୍ର, ରାଜ୍ୟ ଉପସଭାପତି ସୁରେନ୍ଦ୍ର ବାବୁ, ରାଜ୍ୟ ଯୁଗ୍ମ ସମ୍ପାଦକ ତଥା ସୁବର୍ଣ୍ଣପୁର ରାଜସ୍ୱ ଅମଲା ସଂଘ ଅଧ୍ୟକ୍ଷ ନିଳାମ୍ବର ଶତପଥୀ, ବଲାଙ୍ଗିର ସମ୍ପାଦକ ରତିକାନ୍ତ ପୁରୋହିତ, ନବରଙ୍ଗପୂର୍ ସଭାପତି କୈଳାଶ ଚନ୍ଦ୍ର ଦାଶ, କୋରାପୁଟ ଅମଲା ସଂଘ ର ସଂପାଦକ ମୋନୋଜ ବାରିକ, ପ୍ରମୁଖ ରାଜ୍ୟର ବିଭିନ୍ନ ଜିଲ୍ଲା ରୁ ସୁବର୍ଣ୍ଣପୁରର ଜିଲ୍ଲା ର ଏହି ବିଶାଳ ସମାବେଶରେ ଧାରଣା ସ୍ଥଳ ପହଞ୍ଚି ନିଜ ନିଜ ର ମତ ରଖି ସମସ୍ତେ ଏକାଠି ହୋଇ ଲଢ଼ିବାକୁ ଆହ୍ୱାନ କରି ଥିଲେ ।

# ୧୧୨ନଂକୁ ବାରମ୍ବାର ମିଛ କଲ ଆସୁଥିବା ନେଉ ଥାନାର ଦ୍ୱାରସ୍ଥ ଅଗ୍ନିଶମ ବିଭାଗ



**ବୋରିଗୁମ୍ମା,୧୯।୮ (ସଂଚାର ବ୍ୟୁରୋ):** ଜରୁରୀକାଳୀନ ପରିସ୍ଥିତି ରେ ପୋଲିସ ହେଉ କିମ୍ବା ଅଗ୍ନିଶମ ବିଭାଗ ର ସାହାଯ୍ୟ ପାଇଁ ସରକାର ଙ୍କ ପକ୍ଷରୁ ନୀଶୁଳ୍କ ୧୧୨ ନମ୍ବର ଜାରି କରିଛନ୍ତି। ହେଲେ କୋରାପୁଟ ଜିଲ୍ଲା ବୋରିଗୁମ୍ମା ଅଞ୍ଚଳରେ ଗତ ଦୁଇ ଦିନ ଧରି ଅଜଣା ବ୍ୟକ୍ତି ଠିକ ରାତି ୧୨ ଘଣ୍ଟା ସମୟରେ ୮୪୫୬୦୧୩୧୫୨ ନମ୍ବର ରୁ ଅଜଣା ବ୍ୟକ୍ତି ୧୧୨କୁ କଲ କରି ବୋରିଗୁମ୍ମା ଅଞ୍ଚଳରେ ନିଆଁ ଲାଗିଗଲା କହୁଛି ପରେ ତୁରନ୍ତ ଅଗ୍ନିଶମ ବିଭାଗ ସେହି ସ୍ଥାନରେ ପହଁଚିବା ବେଳକୁ କୌଣସି ସ୍ଥାନରେ ନିଆଁ ଲାଗି ନଥାଏ।ଅଗ୍ନିଶମ ବିଭାଗ ସେହି ମୋବାଇଲ ନମ୍ବର କୁ କଲ କଲେ ସଙ୍ଗେ ସଙ୍ଗେ ସୁଇଚ ଅଫ ହେଉଛି। ତେଣୁ ଆଜି ବୋରିଗୁମ୍ମା ଅଗ୍ନିଶମ ଅଧିକାରୀ ଅତିଷ୍ଟ ହୋଇ ବୋରିଗୁମ୍ମା ଥାନାରେ ପହଁଚି ଲିଖିତ ଅଭିଯୋଗ କରିଛନ୍ତି।

# ଗଞ୍ଜେଇ ଭର୍ତ୍ତି କାର ଜବତ ; ଦୁଇ ମାଫିଆ ଗିରଫ

**ଫୁଲବାଣୀ,୧୯।୮(ସଂଚାର ବ୍ୟୁରୋ):** କିଛିଦିନର ନୀରବତା ପରେ ପୁଣି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ପୋଲିସ ଏକ ଦାମୀ କାର ସହ ୪୦କିଲୋ ଗଞ୍ଜେଇ କୁ ଜବତ କାର ସଫଳ ହେବା ସହ ଦୁଇଜଣ ଗଞ୍ଜେଇ ଚାଲାଣ କାରି ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ସୂଚନା ଅନୁସାରେ ଗୋଛାପଡା ଅଞ୍ଚଳରୁ ଭାୟା ମାଝୀ ପଡ଼ା ଦେଇ ରାଜଧାନୀ ଭୁବନେଶର କୁ ଏକ କାର ରେ ଗଞ୍ଜେଇ ଚାଲାଣ ହେଉଥିବା କୌଣସି ଏକ ବିଶେଷ ସୂତ୍ର ରୁ ଫିରିଙ୍ଗିଆ ପୋଲିସ କୁ ଖବର ମିଳିଥିଲା ମିଳିବା ପରେ ଥାନା ଅଧିକାରୀ ଗୋପୀନାଥ ପ୍ରଧାନ ଙ୍କ ନିର୍ଦ୍ଦେଶ କ୍ରମେ ଥାନାରେ କାର୍ଯ୍ୟରତ ଏସଆଇ ଦିପକ କୁମାର ରାଉତ ଙ୍କ ସହ ଏକ ଟିମ ଫିରିଙ୍ଗିଆ



ଠାରୁ ଗୋଛାପଡା ଯାଇଥିବା ମୁଖ୍ୟ ରାସ୍ତାର ମାଝୀ ପଡ଼ା ଘାଟି ନିକଟରେ ପେଟ୍ରୋଲିଙ୍ଗ ଆରମ୍ଭ କରିଥିଲେ ଓ ପେଟ୍ରୋଲିଙ୍ଗ କରୁଥିବା ସମୟରେ ଉକ୍ତ ଗାଡିଟି ଦ୍ରୁତ ଗତିରେ ଆସିଥିଲା ପରେ ଗାଡିକୁ ଅଟକାଇ ଯାଞ୍ଚ କରିବା ସମୟରେ ଗାଡ଼ିରୁ ଦୁଇଟି ଗଞ୍ଜେଇ ଭର୍ତ୍ତି ବସ୍ତା ବାହାରିଥିଲା ଓ ପରେ ମାଜିଷ୍ଟ୍ରେଟ ଦାୟିତ୍ୱ ରେ ଥିବା ଅତିରିକ୍ତ ତହସିଲଦାର ପୃଥ୍ୱୀରାଜ ମହାନନ୍ଦିଆ ଉପସ୍ଥିତି ରେ ଜବତ ଗଞ୍ଜେଇ କୁ ଓଜନ କରାଯାଇଥିଲା ସେପଟେ ଏହି ଘଟଣାରେ ଦୁଇଜଣ ଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟ୍ୟରେ ଜଣେ ଫୁଲବାଣୀ ସଦର ଥାନା ଅଧୀନରେ ଥିବା ବିସିପଡା ପଞ୍ଚାୟତ ର ଡୁମୁରୀଗୁଡା ଗାଁ ର ପଙ୍କଜ ପ୍ରଧାନ ବୋଲି ଜଣାପଡ଼ିଥିବା ବେଳେ ଅନ୍ୟଜଣେ ସେହି ସଦର ଥାନା ଅଧୀନରେ ଥିବା ଭଟାଲପଦର ଗାଁ ର ବିକ୍ରମ ମହାକୁଡ଼ ବୋଲି ଜଣାପଡ଼ିଛି ସେପଟେ ଏହି ଘଟଣା ସଂକ୍ରାନ୍ତରେ ଫିରିଙ୍ଗିଆ ଥାନାରେ ୧୯୬/୨୦୨୫ ରେ ଏକ ମାମଲା ରୁଜୁ କରାଯାଇ ଗିରଫ ଗଞ୍ଜେଇ ଚାଲାଣ କାରି ମାନଙ୍କୁ ଫୁଲବାଣୀ ରେ ଥିବା ବିଚାର ବିଭାଗୀୟ ହାଜତ କୁ ପଠେଇ ଦିଆଯାଇଥିବା ସୂଚନା ଦେଇଛନ୍ତି ଥାନାଧିକାରୀ ଡ଼ିଏସପି ଗୋପୀନାଥ ବେହେରା ।

# ସଡ଼କ ଦୁର୍ଘଟଣାରେ ଜଣେ ମୃତ, ଦୁଇ ଗୁରୁତର

**ଫୁଲବାଣୀ,୧୯।୮(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପାଙ୍ଗା ଉପର ସାହି ପଞ୍ଚାୟତ ମାଲା ପୋଲ ନିକଟରେ ବାଇକ ଦୁର୍ଘଟଣା ରେ ଜଣେ ୫୦ ବର୍ଷୀୟ ବ୍ୟକ୍ତି ଙ୍କର ମୃତ୍ୟୁ ଘଟିଥିବା ବେଳେ ଦୁଇ ଜଣ ଗୁରୁତର ହୋଇଥିବା ସୂଚନା ମିଳିଛି। ସୂଚନା ଅନୁସାରେ ଗତକାଲି ରବିବାର ଦିନ ପଲାବୃଢ଼ି ପଞ୍ଚାୟତ ଶ୍ରାଡିମୁଣ୍ଡା ଗାଁର ଅଶୋକ ବିନ୍ଧାଣି ଙ୍କ ସହ ସ୍ତ୍ରୀ ପିକୁଲି ବିନ୍ଧାଣି ଏବଂ ପୁଅ ସିପୁନ ବିନ୍ଧାଣି ମିଶି ବାଇକ ରେ ପାଙ୍ଗା ଉପରସାହି ପଞ୍ଚାୟତ ର ବାଲିଗଟା ଗାଁକୁ ଏକ ଏକୋଇଶିଆ ଭୋଜିରେ ଯୋଗ ଦେବାକୁ ଯାଉଥିଲେ। ଯିବା ସମୟରେ ମାଲା ପୋଲ ନିକଟରେ ବାଇକ ଭାରସାମ୍ୟ ହରାଇ ବାରୁ ଅଶୋକ ବିନ୍ଧାଣି ବାଇକ ରୁ ଖସି ପଡ଼ିଥିଲେ ଓ ବାଇକ ମଧ୍ୟ ରାସ୍ତା କଡରେ ପଡ଼ି ଯାଇଥିଲା। ଘଟଣା



ସ୍ଥଳରେ ଅଶୋକ ବିନ୍ଧାଣି ଓ ପୁଅ ସିପୁନ ବିନ୍ଧାଣି ଗୁରୁତର ହୋଇ ପଡ଼ିରହିଥିବା ବେଳେ ଘଟଣା ସ୍ଥଳରୁ କିଛି ଲୋକେ ଦେଖିବା ପରେ ଆମ୍ବୁଲାନ୍ସ କୁ ଯୋଗାଯୋଗ କରିବା ପରେ ଆମ୍ବୁଲାନ୍ସ ଯୋଗେ ଗୁରୁତର ୩ ଜଣକୁ ପ୍ରଥମେ ବାଲିଗୁଡା ମେଡିକାଲ ନିକଟ ହେଇଥିବାରୁ ବାଲିଗୁଡା ମେଡିକାଲ କୁ ପଠାଇଥିଲେ। ରାତିରେ ୩ ଜଣକ ଅବସ୍ଥା ଅତି ଗୁରୁତର ହେବାରୁ ବାଲିଗୁଡା ମେଡିକାଲ ରୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ଆମ୍ବୁଲାନ୍ସ ଯୋଗେ ସ୍ଥାନାନ୍ତର କରାଯାଇଥିଲା। ଫୁଲବାଣୀ ମେଡିକାଲ ପହଞ୍ଚିବା ପରେ ମେଡିକାଲ ରେ ଅଶୋକ ବିନ୍ଧାଣି ଙ୍କର ରାତିରେ ହିଁ ମୃତ୍ୟୁ ଘଟିଥିବା ବେଳେ ପୁଅ ସିପୁନ କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ମେଡିକାଲ କୁ ସ୍ଥାନାନ୍ତର କରା ଯାଇଛି ଓ ମା ପିକୁଲି ବିନ୍ଧାଣି ଫୁଲବାଣୀ ମେଡିକାଲ ରେ ଚିକିତ୍ସାଧୀନ ଥିବା ଜଣା ପଡ଼ିଛି। ଏହି ଘଟଣା ରେ ଅଞ୍ଚଳ ରେ ଶୋକର ଛାୟା ଖେଳି ଯାଇଥିବା ବେଳେ ଫୁଲବାଣୀ ମେଡିକାଲ ରେ ଫିରିଙ୍ଗିଆ ପୋଲିସ ପହଞ୍ଚି ଶବ ଜବତ କରିବା ସହ ବ୍ୟବଛେଦ ପାଇଁ ପଠାଇଥିବା ଜଣା ପଡ଼ିଛି ।

# ଏନ୍‌ଟିପିସି ଦର୍ଲିପାଲି ସିଆଇଏସ୍‌ଏଫ୍ ଯବାନଙ୍କ ଦାଦାଗିରି

● କେତେକ ଯୁବକଙ୍କୁ ନିର୍ଦ୍ଧୁମ ମାଡ଼ ମାରିବା ଘଟଣାକୁ କେନ୍ଦ୍ର କରି ସ୍ଥାନୀୟ ଲୋକେ ଏନଟିପିସି ସମ୍ମୁଖ ରାସ୍ତା ଅବରୋଧ, ବିକ୍ଷୋଭ ଜାରି



**ସୁନ୍ଦରଗଡ଼,୧୯।୮(ସଂଚାର ବ୍ୟୁରୋ):** ଅଗଷ୍ଟ ୧୯ ତାରିଖ ମଧ୍ୟାହ୍ନ ୧୨:୪୫ ପାଖାପାଖି କେତେକ ଯୁବକଙ୍କୁ ଏନଟିପିସି ଦର୍ଲିପାଲି ସିଆଇଏସଏଫ ଯବାନ ମାନେ ନିର୍ଦ୍ଧୁମ ମାଡ଼ ମାରିଛନ୍ତି। ଏନଟିପିସି ମଧ୍ୟରୁ କେହି ଜଣେ ଚୋରି କରୁଥିଲା ବେଳେ ଧରା ପଡ଼ିଛି। ହେଲେ ଚୋରକୁ ଏନଟିପିସି ଦର୍ଲିପାଲି ସିଆଇଏସଏଫ ଯବାନ ମାନେ ମାଡ଼ ମାରିବା ପରେ ୬ ରୁ ୭ ଜଣ ସାଧାରଣ ଯୁବକଙ୍କୁ ସନ୍ଦେହରେ ନିର୍ଦ୍ଧୁମ ମାଡ଼ ମାରିଛନ୍ତି। ଗୁରୁତର ଅବସ୍ଥାରେ ଯୁବକ ମାନଙ୍କୁ କେତେକ ଉଦ୍ଧାର କରି ସ୍ଥାନୀୟ ଚିକିତ୍ସାଳୟକୁ ପଠାଇଛନ୍ତି। ତେବେ ଏହି ଘଟଣା ପ୍ରଚାରିତ ହେବା ମାତ୍ରେ ମଧ୍ୟାହ୍ନ ୧ ଟା ଠାରୁ ଆରମ୍ଭ ହୋଇଛି ଉତ୍ୟକ୍ତ ଲୋକଙ୍କ ଦ୍ୱାରା ରାସ୍ତା ଅବରୋଧ। ଘଟଣାକୁ କେନ୍ଦ୍ର କରି ସ୍ଥାନୀୟ ଲୋକ ଓ ମା ଚନ୍ଦଳୀ ୱେଲଫେୟାର ଆସୋସିଏସନ୍ ସଦସ୍ୟଙ୍କ ଦ୍ୱାରା ଏନଟିପିସି ସମ୍ମୁଖ ରାସ୍ତା ଅବରୋଧ କରିଛନ୍ତି। ବିକ୍ଷୋଭ ଜାରି ରହିଥିବା ବେଳେ ମାଡ଼ ଖାଇଥିବା ଯୁବକଙ୍କୁ ସିଆଇଏସଏଫ ଯବାନ ମାନେ କ୍ଷମା ନ ମାଗିବା ଯାଏଁ ଅବରୋଧ ଚାଲୁ ରହିବ ବୋଲି କେତେକ ଗଣ ମାଧ୍ୟମକୁ ସୂଚନା ଦେଇଛନ୍ତି। ଘଟଣା ସ୍ଥଳରେ ଭସ୍ମା ପୋଲିସ ଓ ଦର୍ଲିପାଲି ଫାଣ୍ଡି ପୋଲିସ ଉପସ୍ଥିତ ରହିଛନ୍ତି ।

# ବ୍ୟାସନଗର ପୌରପରିଷଦ ସ୍ୱଚ୍ଛତା କ୍ଷେତ୍ରରେ ଏକ ନମ୍ବର

**ଯାଜପୁର ରୋଡ଼, ୧୯।୮(ସଂଚାର ବ୍ୟୁରୋ):** ବ୍ୟାସନଗର ପୌର ପରିଷଦରେ ୨୬ ଗୋଟି ୱାର୍ଡ଼ ରହିଛି। ଏହି ପୌର ସହରର ୱାର୍ଡ ନମ୍ବର -୧୬ ର ଶ୍ରୀ ବିହାର ଅଞ୍ଚଳରେ ସାପ କାମୁଡାରେ ଏକ ଗୋମାତାଙ୍କର ରାସ୍ତା ଉପରେ ମୃତ୍ୟୁ ଘଟିଯାଇଥିଲା। ଉକ୍ତ ମୃତ୍ ଗୋମାତାଙ୍କ ପାଇଁ ଆଖପାଖ ପରିବେଶ ଦୃର୍ଗନ୍ଧମୟ ହେବାପୂର୍ବରୁ ପରିମଳ ବିଭାଗର କାର୍ଯ୍ୟାରତ କର୍ମଚାରୀ ମାନେ ଅଧିକାରୀ ଶ୍ରୀ ମାଣିକ ରଞ୍ଜନ ନାୟକ’ଙ୍କ ଠାରୁ ସୁଚନା ପାଇ ଉକ୍ତ ଅଞ୍ଚଳରେ ପହଂଚି ସେଠାକାର ସୁନ୍ଦର ପରିବେଶର ସ୍ୱଚ୍ଛତା ନଷ୍ଟ ହେବା ପୂର୍ବରୁ ଗୋମାତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଗାଡିରେ ଉଠାଇ, ସେଠାକାର ସ୍ୱଚ୍ଛତାର ପରିବେଶକୁ ବଜାୟ ରଖିଥାନ୍ତି। ତେଣୁ ବ୍ୟାସନଗର ପୌରପରିଷଦ ସ୍ୱଚ୍ଛତା କ୍ଷେତ୍ରରେ ଏକ ନମ୍ବର ବୋଲି ଯାହାର ଜ୍ୱଳନ୍ତ ଉଦାହରଣ ଏହି ୱାର୍ଡରେ ଗତକାଲି ଦେଖିବାକୁ ମିଳିଛି। ସେଥିପାଇଁ ପୌର ପ୍ରଶାସନିକ କଳର ନିର୍ବାହୀ ଅଧିକାରୀ ଶ୍ରୀ ପ୍ରଦୀପ କୁମାର ପାଢ଼ୀ ଓ ପ୍ରତେକ ୱାର୍ଡ ଗୁଡ଼ିକର ରାସ୍ତା ଘାଟ ସ୍ୱଚ୍ଛତାକୁ ଗୁରୁତ୍ୱ ଦେଉଥିବା ପରିମଳ ବ୍ୟବସ୍ଥାର ଦାଇତ୍ୱ ବହନ କରୁଥିବା ଅଧିକାରୀ ଶ୍ରୀ ମାଣିକ ରଞ୍ଜନ ନାୟକ’ଙ୍କୁ ଏବେ ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଛି।



# ଗଞ୍ଜେଇ ସହ ମହିନ୍ଦ୍ରା ଏକ୍ସୟୁଭି ଜବତ; ୨ ଗିରଫ



**ସୁବର୍ଣ୍ଣପୁର,୧୯।୮(ସଂଚାର ବ୍ୟୁରୋ):** ସୋନପୁର ଅବକାରୀ ବିଭାଗ କୁ ସୋମବାର ଦିନ ମିଳିଛି ଏକ ବଡ଼ ସଫଳତା। କୌଣସି ସୂତ୍ରରୁ ଖବର ପାଇ ସକାଳ ପ୍ରାୟ ୮ ଟା ବେଳେ ସୋନପୁର ବୁଢାରଜା ଛକ ନିକଟରେ ଗାଡି ମୋଟର ଯାଞ୍ଚ ଆରମ୍ଭ କରିଥିଲେ। ଏହି ସମୟରେ ଆସୁଥିବା ଏକ ମହିନ୍ଦ୍ରା ଏକ୍ସୟୁଭି -୭୦୦ ନଂ ଓଡ଼ି୧୫ ଜେଡ-୯୦୧୩ କୁ ଅଟକାଇ ଯାଞ୍ଚ କରାଯିବାରୁ ଗାଡ଼ିରୁ ୧୮୪ କିଲୋଗ୍ରାମ ଗଞ୍ଜେଇ ବାହାରିଥିଲା। ଗାଡିରେ ଥିବା ଦୁଇ ଅଭିଯୁକ୍ତ ଙ୍କୁ ଅବକାରୀ ବିଭାଗ ପକ୍ଷରୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ରୁଣ୍ଡିମହୁଲ ଗ୍ରାମର ଅଭିମନ୍ୟୁ ସାହୁ (୪୨) ଓ କଣ୍ଟାମାଳ ଥାନା ଠେଲକୋବେଡା ଗ୍ରାମର ବିଶ୍ୱାମିତ୍ର ବାଘ (୩୮) ବୋଲି ଜଣାପଡ଼ିଛି। ଏମାନଙ୍କ ଠାରୁ ଦୁଇଟି ମୋବାଇଲ ଫୋନ ମଧ୍ୟ ଜବତ କରାଯାଇଥିବା ସୂଚନା ମିଳିଛି। ଏ ନେଇ ସୋନପୁର ଅବକାରୀ ବିଭାଗ କେସ ନମ୍ବର ପିଆର ନଂ. ୮୬/୨୦୨୫ -୨୬ /୧୮/୮/୨୫ ରେ ଏକ ମାମଲା ରୁଜୁ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ବିଭାଗ ର ଇନ୍ସପେକ୍ଟର ପ୍ରକାଶ କୁମାର ସା, ଏସଆଇ ଶାନ୍ତନୁ ପଟ୍ଟନାୟକ, ଇନ୍ସପେକ୍ଟର ହରପ୍ରସାଦ ରଣା, ଏସ ଆଇ ବିଶ୍ୱନାଥ ଭୋଇ, ଏଏସଆଇ ସନ୍ତୋଷ କୁମାର ସ୍ୱାଇଁ ଓ ଏଏସଆଇ ଲୋକନାଥ ବେହେରା ପ୍ରମୁଖ ସାମିଲ ଥିଲେ ।

# ବ୍ୟବସାୟୀଙ୍କ ଠାରୁ ୩୩ ଲକ୍ଷ ଠକିନେଇ ବ୍ୟାଙ୍କ କର୍ମଚାରି ଗିରଫ

**ରାଇଘର,୧୯।୮(ସଂଚାର ବ୍ୟୁରୋ):** ୩ଜଣଙ୍କ ବ୍ୟାବସାୟୀ ଙ୍କ ଠାରୁ ୩୩ ଲକ୍ଷ ଟଙ୍କା ଠକି ନେଇ ଜେଲ ଗଲେ ବ୍ୟାଙ୍କ କର୍ମଚାରି। ଏଭଳି ଘଟଣା ଘଟିଛି ନବରଙ୍ଗପୁର ଜିଲ୍ଲା ରାଇଘର ସ୍ଥିତ ଆଇ.ସି.ଆଇ.ସି.ଆଇ ବ୍ୟାଙ୍କ ଶାଖାର ରିଲେସନ ମ୍ୟାନେଜର।

ସୂଚନାଥାଉ କି ସ୍ଥାନୀୟ ବ୍ଲକର ଜୋଡଜୋଙ୍ଗା ଡିଏନକେ ଗ୍ରାମ ର ସଞ୍ଜୟ ସାହା ଙ୍କ ର ୧୫ଲକ୍ଷ, ରାଇଘର କୋଦଭଟା ର ମନୀଷ କାନ୍ତି ହଲଦାର ଙ୍କ ର ୧୧ଲକ୍ଷ ୪୫ହଜାର



ଓ ଭାରସୁଣ୍ଡି ଗ୍ରାମର ଲଳିତ ମଣ୍ଡଳ ର ୭ଲକ୍ଷ ଟଙ୍କା ବ୍ୟାଙ୍କ କର୍ମଚାରୀ ପ୍ରଲୋଭନ ଦେଖେଇ ପଇସା ଦୁଇଗୁଣ ହେବ କହି ସ୍ଥାନୀୟ ଆଇସି. ଆଇ. ସିଆଇ ବ୍ୟାଙ୍କର ରିଲେସନ ମ୍ୟାନେଜର ହଳଧର ନାୟକ ଟଙ୍କା ଠକି ନେଇଥିବା ନେଇ ୧୬ତାରିଖ ଦିନ ରାଇଘର ଥାନାରେ ଅଭିଯୋଗ ହୋଇଛି। ଉକ୍ତ ବ୍ୟବସାୟୀ ଙ୍କ ଅଭିଯୋଗ କୁ ଭିତ୍ତି କରି ରାଇଘର ଥାନା ଅଧିକାରୀ ରଘୁନାଥ ମାଝୀ ବ୍ୟାଙ୍କ କୁ ଯାଇ ତଦନ୍ତ ଆରମ୍ଭ କରିଥିଲେ। ଶେଷରେ କେସ ନମ୍ବର ୧୭୮ /୨୫ ରେ ମାମଲା ରୁଜୁ କରି ସେକ୍ସନ ୩୧୮ (୨ ), ୩୧୮(୩ ), ୩୧୮ (୪) ଅନୁଯାଇ ଆଜି ବ୍ୟାଙ୍କ କର୍ମଚାରି ହଳଧର ନାୟକ ଙ୍କୁ କୋର୍ଟ ଚଲାଣ କରିଥିବାର ରାଇଘର ପୋଲିସ ପ୍ରକାଶ କରିଛି ।

# ଓଡ଼ିଆ ଭାଷାର ବହୁଳ ପ୍ରଚାର ଲାଗି ପଦକ୍ଷେପ

**ବୌଶିଙ୍ଗା,୧୯।୮(ସଂଚାର ବ୍ୟୁରୋ):** ଚଳିତ ଅଗଷ୍ଟ ମାସ ୬ ତାରିଖ ଦିନ ଶାସନ ସଚିବ ଉଷା ପାଢି ରାଜ୍ୟରେ ଓଡିଆ ଭାଷାର ବହୁଳ ପ୍ରଚଳନ ନିମନ୍ତେ ନିର୍ଦ୍ଦେଶନାମା ପ୍ରକାଶନ ପରେ ସେଥି ପାଇଁ ଅଣ୍ଟାଭିଡିଛି, ବେତନଟୀର ସିଭିଲ ସୋସାଇଟି।ଏକ ପ୍ରଚାର ପତ୍ର କରି ଏହାର ସଦସ୍ୟଗଣ ଦୋକାନ କୁ ଦୋକାନ ଅଫିସ ମାନଙ୍କୁ ଯାଇ ଏହା ବଣ୍ଟନ କରି ଓଡିଆରେ ନିଶ୍ଚିତ ଧାଡି ଟିଏ ନାମ ଫଳକରେ ଲେଖିବାକୁ ଅନୁରୋଧ କରୁଛନ୍ତି। ସରକାରୀ କାଗଜପତ୍ରରେ, ବିବାହ ନିମନ୍ତ୍ରଣ ପତ୍ରରେ, କଥାବାର୍ତ୍ତାରେ ଯଥାସମ୍ଭବ କମ୍ ଇଂରାଜୀ ଓ ହିନ୍ଦୀ ଭାଷାର ପ୍ରଚଳନ ଇତ୍ୟାଦି ଉପରେ ଗୁରୁତ୍ୱ ଦେବାକୁ ଅନୁରୋଧ କରାଯାଇଛି।

ତା୧।୪।୨୦୧୮ରୁ ଓଡ଼ିଆ ଭାଷାର ବହୁଳ ପ୍ରଚଳନ ନିମନ୍ତେ ରାଜ୍ୟ ସରକାରଙ୍କ ବିଧିବଦ୍ଧ ନିଷ୍ପତ୍ତି ସହ ଏଥିପୂର୍ବରୁ ଓଡିଆ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ପ୍ରଦାନ ଭଳି ତଥ୍ୟ ସମ୍ବନ୍ଧରେ ସମସ୍ତଙ୍କୁ ଜଣାଇବା ସହ ବହୁ ବର୍ଷ ଆଗରୁ ଏଭଳି ନିଷ୍ପତିକୁ ଶୀତଳ ଭଣ୍ଡାରରେ ପକାଇ ରଖାଯାଇଥିବାରୁ ସୋସାଇଟି କ୍ଷୋଭ ପ୍ରକାଶ କରିଛି। ଆଗାମୀ ଦିନରେ ଓଡିଆ ଭାଷା ଓ ସଂସ୍କୃତିର ସୁରକ୍ଷା ନିମନ୍ତେ କାର୍ଯ୍ୟ ଚାଲୁ ରଖିବାର ସଗଠନର ନିଷ୍ପତ୍ତି ବୋଲି ସଂପାଦକ ସଚ୍ଚିଦାନନ୍ଦ ମହାନ୍ତିଙ୍କ ଠାରୁ ପ୍ରକାଶ।

# ଦୁଇଦିନିଆ ଗସ୍ତରେ ସଚିବ, ଉନ୍ନୟନମୂଳକ କାର୍ଯ୍ୟର କଲେ ସମୀକ୍ଷା

**କଳିଙ୍ଗନଗର,୧୯।୮(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାକୁ ଦୁଇ ଦିନିଆ ଗସ୍ତରେ ଅଛନ୍ତି ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ମୁଖ୍ୟ ସଚିବ ଶ୍ରୀ ବିଶାଲ କୁମାର ଦେବ। ମଙ୍ଗଳବାର ଦିନ ପୂର୍ବାହ୍ନ ସମୟରେ ଦାନଗଦି ବ୍ଲକର ପ୍ରଥମେ ଟାଟା ଦକ୍ଷତା ବିକାଶ ତାଲିମ କେନ୍ଦ୍ର ଓ ପରେ ଦାନଗଦି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରିଦର୍ଶନ କରିଛନ୍ତି। ଦାନଗଦି ମେଡ଼ିକାଲରେ ଆସିଥିବା ରୋଗୀ, ଲୋକଙ୍କ ସହ ଆଲୋଚନା କରିବା ସହ ତାଙ୍କ ଅଭିଯୋଗ



ଶୁଣିଥିଲେ।ସେଠାରେ ବିଭିନ୍ନ ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।ଏହି ଦୁଇ ଦିନିଆ ଗସ୍ତ ରେ ଜିଲ୍ଲାର ମୁଖ୍ୟତଃ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି କ୍ଷେତ୍ରରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ଓ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ସଚିବ ଙ୍କର ରହିଛି। ଏହି ଗସ୍ତ ସମୟରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ଜିଲ୍ଲାର ପ୍ରମୁଖ ଅଧିକାରୀ, ଦାନଗଦି ବିଡ଼ିଓ ଓ ତହସିଲଦାରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ସାମିଲ ରହିଥିଲେ।ପରେ ଦାନଗଦି ବ୍ଲକର ଫୁଲଝର ଆଶ୍ରମ ବିଦ୍ୟାଳୟ ବୁଲିବାକୁ ଯାଇ ଥିଲେ।ଶେଷରେ ସୁକିନ୍ଦା ବ୍ଲକକୁ ସଚିବ ଯାଇଥିଲେ।